# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩୦/୨୦୨୩ (୧୬ ପୃଷ୍ଠା) Bhubaneswar, Monday, October 30/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୩୩୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 334 ମୂଲ୍ୟ₹୭/-







FORTIFIED WITH 7 AIRBAGS


GESTURE CONTROLLED POWERED TAILGATE


ADVANCED DRIVER ASSISTANCE SYSTEM WITH 11 KEY FUNCTIONS

12.3" (31.24CM) HARMAN™ TOUCHSCREEN INFOTAINMENT

VENTILATED FRONT AND SECOND ROW SEATS**

LED DRLs WITH WELCOME AND GOODBYE ANIMATION

10 SPEAKER JBL™ MUSIC SYSTEM WITH AUDIOWORX

NEW
# SAFARI
RECLAIM YOUR LIFE

**SECOND ROW FOR 6-SEATER ONLY

To know more, call 1800 209 8282 | cars.tatamotors.com/suv/safari | @officialtatamotorscars | @tatasafariofficial | @TataMotors_Cars | @TataMotorsCars

Images shown are for representative purposes and may not depict real life situations. Features shown are not part of the standard fitment and varies from variant to variant.

**LANKESWARI MOTORS:**
Sambalpur: 7506019381, Jharsuguda: 8291148982, Balangir: 8879235536, Bargarh: 8879235640, Sonepur: 8291176048

**S.S STEELLOY:**
Rourkela: 7506019367, Sundargarh: 8291150983

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩୦/୨୦୨୩ | Bhubaneswar, Monday, October 30/2023



DSPL-317




ରାୟଗଡ଼ ଜିଲ୍ଲା

**୯୧ କୋଟି ଟଙ୍କା**
ବ୍ୟୟରେ
**୨ ହଜାର ୬୧୩ଟି**
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଝାରସୁଗୁଡା ଜିଲ୍ଲା

**୩୯ କୋଟି ଟଙ୍କା**
ବ୍ୟୟରେ
**୯୫୭ଟି**
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭାରମ୍ଭ**

୩୦ ଅକ୍ଟୋବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0040/2324

**ଆଜିର ମନ୍ତବ୍ୟ**

ସ୍ଥାନୀୟ ସାମଗ୍ରୀଗୁଡ଼ିକୁ ଆପଣାଇଲେ ମେକ୍ ଇନ୍ ଇଣ୍ଡିଆ ଏବଂ ଲୋକାଲ୍ ଫର୍ ଭୋକାଲ୍‌କୁ ପ୍ରୋତ୍ସାହନ ମିଳିବ। ଏହାଦ୍ୱାରା ଆଗାମୀ ଦୀପାବଳି ଉତ୍ସବ କାରିଗରମାନଙ୍କ ଜୀବନରେ ଉଜ୍ଜ୍ୱଳତା ଭରିଦେବ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତିନି ଓଲୁ ବନ୍ଧ ତୁଠରେ ଯେ ବସି ରହେ,**
**ତିନି ଓଲୁ ଶୁଣିବା କଥା ଯେ କହେ,**
**ତିନି ଓଲୁ ଜୁଆ ଖେଳ ଯେ ଦେଖି ରହେ।**

ବନ୍ଧ ଉପରେ ଅଯଥାରେ ଯିଏ ବସି ରହେ, ଶୁଣିବା କଥା ଯିଏ କହେ ଓ ସମୟ ଅପଚୟ କରି ଜୁଆ ଖେଳ ଯିଏ ଦେଖେ, ଏହିପରି ତିନିଜଣ ବ୍ୟକ୍ତି ଅଯୋଗ୍ୟ ବା ଅପଦାର୍ଥ ବୋଲାଇଥାନ୍ତି। ଏପରି ବ୍ୟକ୍ତି ଓଲାଙ୍କ ସଙ୍ଗେ ସମାନ ଅଟନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଡାଟିଆ ପାଖରେ କୁଡ଼ିକି**
**ବୁଢ଼ା ଛାଡୁନାହିଁ ବୁଢ଼ୀକି।**

ସାଧାରଣତଃ ମଣିଷ ବୁଢ଼ା ବୁଢ଼ୀ ହୋଇଗଲେ ଉଭୟଙ୍କ ମଧ୍ୟରେ ଆକର୍ଷଣ ପ୍ରଗାଢ଼ ହୁଏ ବୋଲି ଜଣାଯାଇଥାଏ। ଏହା ବହୁ ମନସ୍ତତ୍ତ୍ୱବିତ୍‌ଙ୍କର ମତ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# କାର୍ତ୍ତିକ ବ୍ରତର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୦(ସୁନିତ୍ ମିଶ୍ର)



କାର୍ତ୍ତିକ ମାସ ରବିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ପୁରୀରେ ହବିଷିଆଳିମାନଙ୍କ ପାଇଁ କାର୍ତ୍ତିକ ବ୍ରତର ଶୁଭାରମ୍ଭ କରିଛନ୍ତି। ସାରା ରାଜ୍ୟରୁ ଏହି ଅବସରରେ କାର୍ତ୍ତିକ ବ୍ରତ କରିବା ପାଇଁ ହବିଷିଆଳି ମାନେ ଏକତ୍ରିତ ହୋଇଛନ୍ତି। ବ୍ରତ ପାଇଁ ହବିଷିଆଳିମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ ଭଲରେ ଏବଂ ଶାନ୍ତିରେ ବ୍ରତ କରିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ। ଆପଣମାନେ ଆଶୀର୍ବାଦ ପାଇଲେ ସାରା ଓଡ଼ିଶାକୁ ଆଶୀର୍ବାଦ ମିଳିବ। କାର୍ତ୍ତିକ ମାସ ଧର୍ମ ମାସ, ବହୁତ ପବିତ୍ର ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ମାସରେ ମା'ମାନେ ଆନନ୍ଦରେ ବ୍ରତ ପାଳନ କରିବେ ବୋଲି ତାଙ୍କର ପୂରା ବିଶ୍ୱାସ। ମା'ମାନଙ୍କ ସୁବିଧା ପାଇଁ ସବୁ ବ୍ୟବସ୍ଥା କରାଯାଇଛି। ୩୦୦୦ରୁ ଅଧିକ ମା'ଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ରହିବାଠାରୁ ଆରମ୍ଭକରି ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ- ସବୁ ବ୍ୟବସ୍ଥା ହୋଇଛି। ଆପଣମାନଙ୍କ ସେବା ପାଇଁ ଜିଲା ପ୍ରଶାସନ ପୂରା ପ୍ରସ୍ତୁତ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ମା'ମାନଙ୍କ ପାଇଁ ସବୁ ସୁବିଧା ହୋଇପାରିଛି। ଜିଲା ପ୍ରଶାସନ, ମନ୍ଦିର ପ୍ରଶାସନ, ସେବାୟତ, ସ୍ୱେଚ୍ଛାସେବୀ ସମସ୍ତେ ସହଯୋଗ ଯୋଗାଇ ଦେଉଛନ୍ତି। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ, ମହିଳା କଲ୍ୟାଣକାରୀ ଯୋଜନାରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଇଁ ଆଦର୍ଶ। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ନାରୀ ଶକ୍ତିର ବିକାଶରେ ଅଗ୍ରଣୀ। ଏହି କାର୍ଯ୍ୟକ୍ରମରେ କଟକର ଅହଲ୍ୟା ଆଚାର୍ଯ୍ୟ, ନବରଙ୍ଗପୁରର ପାର୍ବତୀ ହରିଜନ ଓ ଗଞ୍ଜାମର ରାଧା ଦେବୀ ପଣ୍ଡା ପ୍ରମୁଖ ହବିଷିଆଳିମାନେ ନିଜର ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି ଯେ, ପୂର୍ବରୁ କାର୍ତ୍ତିକ ବ୍ରତ ପାଇଁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ସବୁ ସୁବିଧା କରିଛନ୍ତି। ରହିବା, ଖାଇବା, ଯିବା ଆସିବା, ଭଜନ କୀର୍ତ୍ତନ ସବୁ ସୁବିଧା କରିଛନ୍ତି। ମହାପ୍ରଭୁ ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘାୟୁ କରନ୍ତୁ ବୋଲି ସେମାନେ କାମନା କରିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

ସୂଚନାଯୋଗ୍ୟ ଯେ, ପୁରୀରେ କାର୍ତ୍ତିକ ମାସରେ ସାରା ରାଜ୍ୟରୁ ଏହି ଅବସରରେ କାର୍ତ୍ତିକ ବ୍ରତ କରିବା ପାଇଁ ହବିଷିଆଳିମାନେ ଆସିଥାଆନ୍ତି। ସେମାନଙ୍କ ଅସୁବିଧାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ୨୦୧୬ରୁ ହବିଷିଆଳି ଯୋଜନା ଆରମ୍ଭ କରିଛନ୍ତି। ଗତବର୍ଷଠାରୁ ସେମାନଙ୍କ ରହିବାର ସୁବିଧା ପାଇଁ ସାତ ମହଲା ବିଶିଷ୍ଟ ଏକ ଭବନ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଓ ଅତିରିକ୍ତ ଜିଲାପାଳ ଧନ୍ୟବାଦ୍ ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷ ସ୍ୱପ୍ନାରାଣୀ ସ୍ୱାଇଁ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।

# ୩୧ରେ ଶପଥ ନେବେ ନୂଆ ରାଜ୍ୟପାଳ ରଘୁବର ଦାସ

ଭୁବନେଶ୍ୱର, ୨୯।୧୦(ଅସମାପିକା ସାହୁ)



ଓଡ଼ିଶାର ନୂଆ ରାଜ୍ୟପାଳ ରଘୁବର ଦାସ ଆଗାମୀ ୩୧ ତାରିଖରେ ଶପଥ ଗ୍ରହଣ କରିବେ। ସୂଚନାନୁସାରେ, ନୂଆ ରାଜ୍ୟପାଳ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭୁବନେଶ୍ୱରରେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିବା ପରେ ରାଜ୍ୟପାଳ ଭାବେ ଶପଥ ନେବେ। ରବିବାର ନୂଆ ରାଜ୍ୟପାଳ ଝାଡ଼ଖଣ୍ଡରୁ ଓଡ଼ିଶା ଅଭିମୁଖେ ବାହାରିବେ। ସେ ରବିବାର ସନ୍ଧ୍ୟା ୭ଟା ୪୦ରେ ତାଙ୍କ ଜାମସେଦପୁରସ୍ଥିତ ବାସଭବନରୁ କାର୍ ଯୋଗେ ଟାଟାନଗର ଜଙ୍କସନ୍ ଅଭିମୁଖେ ଆସିବେ। ସେଠାରୁ ରାତି ୮ଟା ୫ରେ ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ପୁରୀ ଅଭିମୁଖେ ବାହାରିବେ। ସୋମବାର ଭୋର୍ ୫ଟା ୨୫ରେ ପୁରୀ ରେଳ ଷ୍ଟେଶନରେ ପହଞ୍ଚିବେ। ଏହାପରେ ପୁରୀ ରାଜଭବନକୁ ଯିବେ। ସେଠାରୁ ପୂର୍ବାହ୍ନ ୧୦ଟାରେ ଜଗନ୍ନାଥ ଦର୍ଶନ ପାଇଁ ଶ୍ରୀମନ୍ଦିର ଯିବେ। ମନ୍ଦିରରେ ପ୍ରାୟ ୧ଘଣ୍ଟା ପୂଜାର୍ଚ୍ଚନା କରି ପୁଣି ପୁରୀ ରାଜଭବନକୁ ଫେରିବେ। ସେଠାରୁ ଅପରାହ୍ନ ୧୨ଟା ୧୫ରେ ଭୁବନେଶ୍ୱରସ୍ଥିତ ରାଜଭବନ ଅଭିମୁଖେ ଆସିବେ। ଏଠାରେ ସୋମବାର ରାତ୍ରିଯାପନ କରିବେ। ମଙ୍ଗଳବାର ସକାଳ ୮ଟା ୪୫ରେ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଯିବେ। ସେଠାରେ ବି ପ୍ରାୟ ୧ଘଣ୍ଟା କାଳ ପୂଜାର୍ଚ୍ଚନା କରିବା ପରେ ରାଜଭବନ ଅଭିମୁଖେ ଫେରିବେ। ଏହାପରେ ପୂର୍ବାହ୍ନ ୧୧ଟା ୪୫ରେ ରାଜଭବନର ନୂଆ ହଲ୍‌ରେ ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ।

# ସ୍ୱାମୀଙ୍କ ଯୌନାଙ୍ଗ କାଟିଦେଲେ ସ୍ତ୍ରୀ

ଅନୁଗୋଳ, ୨୯।୧୦(ଅମିତ କୁମାର ସାମଲ)

ଦାମ୍ପତ୍ୟ କଳହ ବେଳେ ସ୍ୱାମୀଙ୍କ ଯୌନାଙ୍ଗ କାଟିଦେଇଛନ୍ତି ସ୍ତ୍ରୀ। ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ଗୁରୁତର ସ୍ୱାମୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ସହ ସ୍ତ୍ରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ନାଲ୍‌କୋ ଥାନା ଅଞ୍ଚଳର ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରେ ଶନିବାର ରାତିରେ ଜୋର୍‌ଦାର କଳହ ଲାଗିଥିଲା। ଝଗଡ଼ା ବେଳେ ସ୍ତ୍ରୀ ଏତେ ଉତ୍‌କ୍ଷିପ୍ତ ହୋଇଉଠିଥିଲେ ଯେ ଏକ ଧାରୁଆ ଅସ୍ତ୍ର ଆଣି ସ୍ୱାମୀଙ୍କ ଯୌନାଙ୍ଗ କାଟି ଦେଇଥିଲେ। ସ୍ଥାନୀୟ ଲୋକେ ସ୍ୱାମୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଏସ୍‌ଡିପିଓ ରମାକାନ୍ତ ମହାଲିକ କହିଛନ୍ତି, ଲିଖିତ ଅଭିଯୋଗ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗର୍ଭବତୀ ଝିଅ ପେଟକୁ ଗୋଇଠା ମାରି ହତ୍ୟା

ଉଦଳା, ୨୯।୧୦(ସନ୍ତୋଷ କୁମାର ବାଛିନୀ)

- **ଚରିତ୍ରକୁ ସନ୍ଦେହ କରି ବାପାଙ୍କ ନାରକୀୟ କାଣ୍ଡ**
- **ବର୍ଷକ ପୂର୍ବେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା**
- **ଘଟଣା ଚପାଇଦେବାକୁ ଉଦ୍ୟମ କରୁଥିଲେ**



ଅଭିଯୁକ୍ତ ବାପା ଜିତୁ ଟୁଡୁ।

ବର୍ଷକ ପୂର୍ବରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ଝିଅ ଆସି ଘରେ ରହୁଥିଲେ। ମାତ୍ର ଝିଅ ଏବେ ୫ ମାସର ଗର୍ଭବତୀ ଥିବା ଶୁଣିବା ପରେ ଲୋକଲଜ୍ଜା ଭୟରେ ବାପା ନାରକୀୟ କାଣ୍ଡ ଘଟାଇଛନ୍ତି। ଗର୍ଭବତୀ ଝିଅଙ୍କ ପେଟକୁ ଗୋଇଠା ମାରିବା ସହ ମାଡ଼ ମାରି ହତ୍ୟା କରିଛନ୍ତି। ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଜାଣିପାରି ମୃତଦେହ ଜବତ କରିଛି। ଅଭିଯୁକ୍ତ ବାପାଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପଥରଖଣି ଗ୍ରାମରେ ଘଟିଛି। ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ପୋଲିସ ସୂଚନା ଅନୁଯାୟୀ, ପଥରଖଣି ଗ୍ରାମର ଜିତୁ ଟୁଡୁଙ୍କ ଝିଅ ସାକର କପ୍ତିପଦା ଥାନା ଅଧୀନ ଲକ୍ଷ୍ମଣସାହିର ମଙ୍ଗଳ ମୁର୍ମୁଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୩ ବର୍ଷର ଝିଅ ମଧ୍ୟ ରହିଛି। ଗତ ବର୍ଷ ମଙ୍ଗଳ ମୃତ୍ୟୁବରଣ କରିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ସାକର ଆସି ବାପଘର ପଥରଖଣିରେ ରହୁଥିଲେ। ଶୁକ୍ରବାର ଜିତୁ ଜାଣିବାକୁ ପାଇଥିଲେ ତାଙ୍କ ବିଧବା ଝିଅ ୫ ମାସର ଗର୍ଭବତୀ ଅଛନ୍ତି। ପରେ ଏ ବାବଦରେ ଝିଅକୁ ପଚାରିଥିଲେ। ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜିତୁ ଏକ ବାଡ଼ିରେ ସାକରଙ୍କୁ ମାଡ଼ ମାରିବା ସହିତ ତାଙ୍କ ପେଟକୁ ଗୋଇଠା ମାରିଥିଲେ। ପରେ ପରିବାରର ଅନ୍ୟ ସଦସ୍ୟ ରାତିରେ ଖାଇ ଘରେ ଶୋଇଥିଲେ। ମାତ୍ର ସାକର ଖାଦ୍ୟ ଖାଇ ନ ଥିଲେ। ଶନିବାର ସକାଳୁ ଜିତୁ ତାଙ୍କୁ ଉଠାଇ ଥିବା ବେଳେ ନ ଉଠିବାରୁ ମାଡ଼ରେ ସାକରଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ପରେ ଜିତୁ କାହାକୁ ନ ଜଣାଇ ମୃତଦେହ ଘରେ ଲୁଚାଇ ରଖି ସତ୍କାର କରିଦେବାକୁ ଯୋଜନା କରୁଥିଲେ। ଗ୍ରାମବାସୀଙ୍କଠାରୁ ସୂଚନାପାଇ କପ୍ତିପଦା ପୋଲିସ୍ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିବା ବେଳେ ସାକରଙ୍କ ଦେହରେ ଅନେକ ମାଡ଼ ଚିହ୍ନ ରହିଥିବା ପୋଲିସ୍ ତଦନ୍ତ ସମୟରେ ଦେଖିବାକୁ ପାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୩୧/୨୩)ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ମୃତାଙ୍କ ଭାଇ ଦୁର୍ଗା ଟୁଡୁ କହିଛନ୍ତି, ସାକର ବିଧବା ହୋଇ ମଧ୍ୟ ଗର୍ଭବତୀ ଥିବା ବାପା ଜାଣି ଲୋକଲଜ୍ଜା ଓ ଚରିତ୍ରକୁ ସନ୍ଦେହ କରି ମାଡ଼ ମାରିଥିଲେ। ମାଡ଼ ଯନ୍ତ୍ରଣା ସହ୍ୟ କରି ନ ପାରି ସାକରଙ୍କ ମୃତ୍ୟୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କର କୌଣସି କାମ ସକାଶେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଏବଂ ଆମଦାନୀ କାରବାରରେ ଲାଭବାନ ହେବେ। ଅଟକି ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**ବୃଷ** ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ବାରମ୍ବାର ଭୁଲ୍ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ ଏବଂ ଧାରକରଜ କରିବାକୁ ପଡ଼ିବ।

**ମିଥୁନ** ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ରଚନାତ୍ମକ କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍ କରିପାରନ୍ତି। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ ଏବଂ ବନ୍ଧୁଙ୍କ ସାହାଯ୍ୟରୁ ଉପକୃତ ହେବେ।

**କର୍କଟ** କୌଣସି ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଅଫିସ୍‌ରେ ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ସିଂହ** ସ୍ଥଗିତ କାମଗୁଡ଼ିକ ଶୀଘ୍ର ଶେଷ କରିବାକୁ ଆଶାକରି ବ୍ୟସ୍ତ ହୋଇପଡ଼ିବେ। ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ ଏବଂ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଆଜି ଅପରାହ୍ନରେ ଖୋଜୁଥିବା ଜିନିଷ ପାଇବେ। କନ୍ୟାଙ୍କ ବିବାହ ପ୍ରସ୍ତାବ ନେଇ ଜଣେ ବ୍ୟକ୍ତି ହଠାତ୍ ଆସିପାରନ୍ତି।

**କନ୍ୟା** କ୍ରମଶଃ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କଥା କହି ବିରୋଧୀ ହୋଇପାରନ୍ତି। ପିଲାଙ୍କ ସଫଳତାରେ ଉତ୍‌ଫୁଲ୍ଲିତ ହେବେ। କୌଣସି ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ତୁଳା** ବନ୍ଧୁଙ୍କ ସମ୍ମୁଖରେ ମନକଥା ପ୍ରକାଶ କରିପାରିବେ ନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଅଫିସ୍‌ରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆଜିର ପ୍ରାତଃ ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ। ହଠାତ୍ କୌଣସି ବନ୍ଧୁଙ୍କ ଡାକରା ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** ସ୍ଥଗିତ ରହିଥିବା କାମର ସରଳ ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**ଧନୁ** ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତିତ ରହିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମକର** ମାନସିକ ଦ୍ୱନ୍ଦ୍ୱ, ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ମିତ୍ରମାନେ ସହଯୋଗର ହାତ ବଢାଇବେ ଏବଂ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ପାରିବାରିକ ସ୍ଥିତି ଓ ପରିବହନ ପ୍ରଭୃତିରେ ଅଶା ପୂରଣ ହେବ।

**କୁମ୍ଭ** ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଆପଣଙ୍କୁ ସାକ୍ଷାତ କରିବା ସକାଶେ ଘରକୁ ବନ୍ଧୁ କେହି ଆସିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ପରିସ୍ଥିତିବଶତଃ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଗୁରୁପାକ ଦ୍ରବ୍ୟ ଭୋଜନ, ଗଠନମୂଳକ କାର୍ଯ୍ୟ ପ୍ରତି ମନ ବଳିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

ଆଜି କାର୍ତ୍ତିକ କୃଷ୍ଣ ଦ୍ୱିତୀୟା ସୋମବାର, ଅକ୍ଟୋବର ୩୦ ତାରିଖ, ବିଶ୍ୱ ମିତବ୍ୟୟିତା ଦିବସ, ସତର୍କତା ସଚେତନତା ସପ୍ତାହ ଆରମ୍ଭ, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ.୧୦।୨୯ ଗତେ ବୃଷ ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୦ ଗତେ, ଘ.୦୭।୧୫ ମଧ୍ୟେ, ଘ.୦୮।୫୧ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ.୦୭।୧୫ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

**ସମ୍ବଲପୁରରେ ରାମ୍ ଫିଲ୍ମକୁ ବିରୋଧ ପ୍ରସଙ୍ଗ**

# ଥମୁନି ଓଲିଉଡ୍ ବିବାଦ: ବଢୁଛି ବୟାନବାଜି

ଭୁବନେଶ୍ୱର, ୨୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଲିଉଡ୍ ବିବାଦ ଥମିବାର ନାଁ ନେଉନାହିଁ। ଜଣଙ୍କ ପରେ ଜଣଙ୍କ ମନ୍ତବ୍ୟରୁ ବିବାଦ ଆହୁରି ତେଜିବାରେ ଲାଗିଛି। ଏ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ବିଭିନ୍ନ ପୋଷ୍ଟ ଦେଖିବାକୁ ମିଳୁଛି। ସିନେପ୍ରେମୀଙ୍କଠାରୁ ଆରମ୍ଭକରି କଳାକାର, ସିନେ ସମୀକ୍ଷକ ସମସ୍ତେ ଏହି ବିବାଦ ଆଉ ଆଗକୁ ନ ବଢୁ ବୋଲି ମତ ଦେଉଛନ୍ତି। ସମ୍ବଲପୁରରେ ଅଭିନେତା ମନୋଜ ମିଶ୍ରଙ୍କ ସମର୍ଥକମାନେ 'ରାମ୍' ଚଳଚ୍ଚିତ୍ର ରିଲିଜ୍‌କୁ ବିରୋଧ କରୁଥିବା ନେଇ ଗତ ୨୪ ତାରିଖରେ ଅଭିନେତା ଅରିନ୍ଦମ ରାୟ ଅଭିଯୋଗ ଆଣିଥିଲେ। ଏହି ଅଭିଯୋଗ ଭିତ୍ତିରେ ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ (ୟୁସିସିସି) ପକ୍ଷରୁ ମନୋଜଙ୍କୁ ୨ବର୍ଷ ପାଇଁ ବାସନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାପରଠୁ ବିବାଦ ବଢ଼ିଚାଲିଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ମନ୍ତବ୍ୟ ଘଟଣାକୁ ବଡ଼ ରୂପ ଦେଇଥିଲା। ମନୋଜଙ୍କ ଉପରୁ ବାସନ୍ଦ ପ୍ରତ୍ୟାହାର ନ ହେଲେ ଓଡ଼ିଶା ଦୁଇଭାଗ ହେବ ବୋଲି ସେ କହିଥିଲେ। ଏହି ମନ୍ତବ୍ୟକୁ ପ୍ରଯୋଜକ ଟୁଟୁ ନାୟକ ଏବଂ ଅଭିନେତା ଲୁନା ତ୍ରିପାଠୀ ପ୍ରମୁଖ ସମାଲୋଚନା କରିଥିଲେ। ବିବାଦର ସମାଧାନ ପାଇଁ ଲୁନା ପ୍ରସ୍ତାବ ଦେଇଥିବାବେଳେ ଶ୍ରୀତମ ଦାସ, ବାବୁସାନ୍‌ଙ୍କ ସମେତ ବହୁ କଳାକାର ଓ ସିନେ ସମୀକ୍ଷକ ଘର ଝଗଡ଼ା ଭିତରେ ରାଜନୀତି ନ ପଶୁ ବୋଲି କହି ଆପୋଷ ବୁଝାମଣା ଲାଗି ଅଣ୍ଟା ଭିଡ଼ିଛନ୍ତି। ଅନ୍ୟପକ୍ଷରେ ରବିବାର ମନୋଜଙ୍କ ସପକ୍ଷରେ ଭାଜପା ବିଧାୟକ ନାଉରି ନାଏକ ବାହାରିଥିବାବେଳେ କଂଗ୍ରେସ ନେତା ବିଜୟ ପଟ୍ଟନାୟକ ମଧ୍ୟ ଅନୁରୂପ ମନ୍ତବ୍ୟ ରଖିଛନ୍ତି। ଏସବୁ ଭିତରେ ବିବାଦ କେବେ ସମାଧାନ ହେବ ତାହାକୁ ସମସ୍ତଙ୍କ ଅପେକ୍ଷା।

### 'ଆସନ୍ତୁ ଘରେ ବସି ବିବାଦର ସମାଧାନ କରିବା'

ଅରିନ୍ଦମ ରବିବାର ଏକ ଖବରଦାତା ସମ୍ମିଳନୀ ଡାକି ବିବାଦର ସମାଧାନ ପାଇଁ ମନୋଜ ମିଶ୍ରଙ୍କୁ ଅନୁରୋଧ କରିଛନ୍ତି। ସେ ମନୋଜଙ୍କ ଉଦ୍ଦେଶ୍ୟରେ କହିଛନ୍ତି, 'ଆସନ୍ତୁ ବସିକି ଘର ଭିତରେ ଥିବା ବିବାଦର ସମାଧାନ କରିବା। ଆମ ଘର କଥାରେ ରାଜନୀତିର କୌଣସି ସ୍ଥାନ ନାହିଁ। ସାମାନ୍ୟ କଳିକୁ ନେଇ ବିଚ୍ଛିନ୍ନ ହେବା ଆରୋପ ଠିକ୍ ନୁହେଁ। ସାନ ଭାଇ ଭାବେ ଅନୁରୋଧ କରୁଛି, ଆସନ୍ତୁ ବସି ସମାଧାନ କରିବା। ଆପଣ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆଗକୁ ନେବାକୁ ଚାହାଁନ୍ତି। ମୁଁ ମଧ୍ୟ ଚାହୁଁଛି। ଇଣ୍ଡଷ୍ଟ୍ରି ପାଇଁ ଭଲ ସମୟ ଆସିଛି। ଭଲ ନିର୍ମାତା ଆସିଛନ୍ତି, ଆଗକୁ ନେବା। ଟିଭି ଖୋଲିଲେ ଏହି ବିବାଦ ଶୁଭୁଛି, ଭଲ ଲାଗୁନି, କଷ୍ଟ ଲାଗୁଛି ବୋଲି ଅରିନ୍ଦମ ପ୍ରକାଶ କରିଛନ୍ତି।

### 'ଯଦି ମୋର ଭୁଲ୍ ଥିବ, ରାଜ୍ୟବାସୀଙ୍କୁ କ୍ଷମା ମାଗିବି'

ପଶ୍ଚିମ ଓଡ଼ିଶାର କଳାକାରଙ୍କୁ ନେଇ ଆମେ ସବୁବେଳେ ଗର୍ବିତ। ପଶ୍ଚିମ ଓଡ଼ିଶାକୁ ନେଇ କେବେ ମୁଁ କିଛି ଖରାପ କହିନାହିଁ। ଯଦି କିଏ ପ୍ରମାଣ ଦେବ ଆଉ ମୋର ଭୁଲ୍ ଥିବ, ତା'ହେଲେ ସାରା ଓଡ଼ିଶାବାସୀଙ୍କୁ କ୍ଷମା ମାଗିବାକୁ ମୁଁ ରାଜି ଅଛି ବୋଲି ଅଭିନେତା ଜିତୁ ମଙ୍ଗରାଜ କହିଛନ୍ତି। ଏଥିସହ ଓଡ଼ିଶାକୁ ବିଭାଜିତ କରନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି।

### ବସିଲା ବୈଠକ, ସମାଧାନ ନେଇ ଆଲୋଚନା ନାହିଁ

ପୁଣି ଥରେ ୟୁସିସିସି ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ୟୁସିସିସିର ସାଧାରଣ ସମ୍ପାଦକ ଗଙ୍ଗାଧର ରେଡ୍ଡୀ କହିଛନ୍ତି, ବିବାଦ ଆଉ ବିବାଦ ହୋଇନାହିଁ। ତାହା ଅନ୍ୟ ଆଡ଼େ ଗଲାଣି। ଚଳଚ୍ଚିତ୍ର ଶିଳ୍ପ ଭିତରୁ ବିବାଦ ବାହାରି ରାଜ୍ୟ ସ୍ତରକୁ ଗଲାଣି। ଜଣେ ଆସି ଦାୟିତ୍ୱହୀନ ମନ୍ତବ୍ୟ ଦେଇଦେଲେ ଓଡ଼ିଶା କ'ଣ ଦି' ଭାଗ ହୋଇଯିବ କି। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଓଡ଼ିଆ ସିନେମା କିଭଳି ବାହାର ରାଜ୍ୟରେ ରିଲିଜ ହୋଇପାରିବ, ଭଲ ଡିଷ୍ଟ୍ରିବ୍ୟୁଶନ ହେବ, ରାଜ୍ୟରେ ଥିବା ୭୦ଟି ସିନେମା ହଲ୍‌ରେ କିପରି ମିଳିତ ଭାବେ ଚଳଚ୍ଚିତ୍ର ରିଲିଜ ହୋଇପାରିବ, ଗୋଟିଏ ସିନେମାର ବିଜନେସ ଯେପରି ଅନ୍ୟ ସିନେମାର ବିଜନେସ୍‌କୁ ପ୍ରଭାବିତ ନ କରିବ ସେନେଇ ଆଲୋଚନା ହୋଇଛି ବୋଲି ରେଡ୍ଡୀ କହିଛନ୍ତି। ସିନେମା ହଲର ସମସ୍ୟା ରହିଛି। ଚଳଚ୍ଚିତ୍ର ଶିଳ୍ପ କେଉଁ ବିଭାଗ ଅଧୀନରେ ଆସୁଛି, ତାହାର ଏଯାଏ କ୍ଲାରିଟି ନାହିଁ। ସରକାର ଏଥିପାଇଁ ସହଯୋଗ କଲେ ଭଲ ହୁଅନ୍ତା। ବାହାର ଲୋକ ଫିଲ୍ମ କରି ସବ୍‌ସିଡି ନେଉଛନ୍ତି, କିନ୍ତୁ ଆମ ପାଇଁ ନାହିଁ। ଆଜିର ବୈଠକ ସିନେମାକୁ ନେଇ ଥିବା ବିବାଦକୁ ନେଇନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଅଭିନେତା ଅଖିଳ ପଟ୍ଟନାୟକ କହିଛନ୍ତି, କୌଣସି ଅସୁବିଧା ଥିଲେ, ପ୍ରଥମେ ଘରେ ଆଲୋଚନା କରିବାର ଥିଲା। ବାହାରକୁ ବିଶେଷକରି ମିଡିଆକୁ ଯିବା ଆଗରୁ ଆସୋସିଏଶନ ଭିତରେ ଆଲୋଚନା ହୋଇଥିଲେ ଭଲ ହୋଇଥାନ୍ତା। ଏବେ ମଧ୍ୟ ସମୟ ଅଛି, ପରସ୍ପର ସହ ଆଲୋଚନା କରି ସମାଧାନ କରିବା ଦରକାର।

### 'ସମାଧାନ ହେଲା ଭଳି କିଛିନାହିଁ'

ଅରିନ୍ଦମଙ୍କ ସମାଧାନ ପ୍ରସ୍ତାବରେ ମନୋଜ ମିଶ୍ର ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ସମାଧାନ କ'ଣ ହେବ। ସମାଧାନ ହେବା ଭଳି ତ କିଛି ନାହିଁ। ମୋତେ କ'ଣ ପାଇଁ ବ୍ୟାନ୍ କରାଯାଇଥିଲା ତାହା ବି ମୁଁ ଜାଣିନି। ମୁଁ କେବେ କେଉଁଠି କହିନି ଯେ, ରାମ୍ ସିନେମା ଦେଖିନି କି ମୁଁ ତୁମ ଫିଲ୍ମର ବିରୋଧୀ ମଧ୍ୟ ନୁହେଁ। ଯଦି ତୁମ କଥା ହିସାବରେ ସମାଧାନ କରିବାକୁ ଚାହୁଁଛ, ତାହେଲେ ଟୁଟୁ ନାୟକ ସାରା ଓଡ଼ିଶା ଆଗରେ ମୋତେ ବ୍ୟାନ୍ କରିବାର କାରଣ କୁହନ୍ତୁ। ଏଥିସହିତ ତାଙ୍କର ତ ଏତେ ହାତ ଅଛି, ରାଜ୍ୟରେ ସବୁ ହଲ୍‌ରେ ମାଇଣ୍ଡ ଗେମ୍ ପୁଣି ଚାଲୁ। ତା'ପରେ ଯାଇ ଆମେ ବସିବା, କଥା ହେବା।

### ରାଜନେତା ସବୁ ବିଷୟରେ କହିପାରିବେ: ନରସିଂହ



କଂଗ୍ରେସ ବିଧାୟକ ନରସିଂହ ମିଶ୍ର ପୁଣି ରବିବାର ଗଣମାଧ୍ୟମରେ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଆମ ଅଞ୍ଚଳର ଜଣଙ୍କୁ ଅପମାନିତ କରାଗଲେ କ'ଣ ଚୁପ୍ ବସିବୁ। ରାଜନେତା ସବୁ ବିଷୟରେ କହିପାରିବେ। ସମସ୍ତଙ୍କର ଓ ସବୁ ସଙ୍ଗଠନର ସମସ୍ୟା ବିଷୟରେ ଆମେ କହିପାରିବୁ। ରାଜ୍ୟ ସରକାର ଯେତେବେଳେ କେନ୍ଦ୍ର ଅବହେଳା କଥା କହୁଛନ୍ତି ତାହା କ'ଣ। ମୁଁ ଯାହା କହିଛି, ସରକାର ଏବଂ ଅନ୍ୟ ଦଳ ତାହାକୁ ଭୁଲ୍ କହିଛନ୍ତି କି। ପଶ୍ଚିମ ଓଡ଼ିଶାର ଭାବାବେଗକୁ ନିଶ୍ଚିତ ଭାବେ ସମ୍ମାନ ଦେବାକୁ ହେବ। ଓଡ଼ିଶା ଭାଗ ଭାଗ ହେବାକୁ ମୁଁ ବିରୋଧ କରୁଛି, ଆଗରୁ ବି କରୁଥିଲି, ଏବେ ବି କରୁଛି। ସରକାର ଆପେ ଆପେ ଫସୁଛି। ଯଦି ସବୁ ଅଞ୍ଚଳ ପ୍ରତି ଧ୍ୟାନ ଦେବେ ନାହିଁ, ତାହେଲେ ବିଦ୍ରୋହ ସ୍ୱାଭାବିକ।

### ଜଣେ ଦାୟିତ୍ୱବାନ ନେତା ଏଭଳି କହିବା ଉଚିତ୍ ହୋଇନି: ମନମୋହନ



ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏ ପ୍ରସଙ୍ଗରେ କହିଛନ୍ତି, ନରସିଂହ ମିଶ୍ରଙ୍କ ବକ୍ତବ୍ୟ ଉପରେ ଟିପ୍ପଣୀ ରଖିବିନି। ତାଙ୍କ ଭଳି ଜଣେ ଦାୟିତ୍ୱବାନ ନେତା ଏଭଳି କହିବା ଉଚିତ୍ ହୋଇନି। ଏହି କାରଣରୁ ଓଡ଼ିଶା ୨ ଭାଗ ହୋଇଯିବ କହିବା ଉଚିତ୍ ହୋଇନି। ମନୋଜଙ୍କୁ ବାସନ୍ଦ କରାଯିବା ନ ଯିବା ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାର। ତାଙ୍କ ପ୍ରତି ଯଦି ଅନ୍ୟାୟ ହୋଇଛି ତେବେ ନ୍ୟାୟ ମିଳିବା ଉଚିତ୍।

### କଳାତ୍ମକ କୃତିକୁ ବାସନ୍ଦ କରାଯାଇପାରିବନି: ବିଜୟ



କଳାତ୍ମକ କୃତି ପ୍ରତି ସମସ୍ତଙ୍କର ସମ୍ମାନ ରହିବା ଉଚିତ୍। କଳାତ୍ମକ କୃତିକୁ ଏମିତି ବାସନ୍ଦ କରାଯାଇପାରିବ ନାହିଁ। ରାଜ୍ୟ ସରକାର ସବୁ ଅଞ୍ଚଳର ବିକାଶ କରିବା ଉଚିତ୍। ପଶ୍ଚିମ ଓଡ଼ିଶାକୁ ଯେ ସରକାର ଗୁରୁତ୍ୱ ଦେଉନାହାନ୍ତି, ତାହା ଯେପରି କହିବାକୁ ପଡ଼ିବନି। ତେଣୁ କୌଣସି ପ୍ରକାର ବିଦ୍ୱେଷ ମନୋଭାବ ରଖାଯିବା ଉଚିତ୍ ନୁହେଁ ବୋଲି କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩୦/୨୦୨୩ | Bhubaneswar, Monday, October 30/2023 | ପୃଷ୍ଠା-୧




**ପ୍ରଣତି ନାୟକ ସମ୍ବର୍ଦ୍ଧିତ**
ଜାତୀୟ କ୍ରୀଡାରେ ସ୍ୱର୍ଣ୍ଣ ବିଜେତା ଜିମ୍ନାଷ୍ଟ ପ୍ରଣତି ନାୟକଙ୍କୁ ୨୩ ଲକ୍ଷ ଟଙ୍କା ଅର୍ଥ ପୁରସ୍କାରରେ ସମ୍ମାନିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୨

୦୬ **‘ହୀରାମଣ୍ଡି’ରେ ଅଦିତି**
ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ୱେବ୍ ସିରିଜ୍ ‘ହୀରାମଣ୍ଡି’ରେ ବଲିଉଡ୍ ଅଭିନେତ୍ରୀ ଅଦିତି ରାଓ ହାଇଦରୀଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ।



# ଆନ୍ଧ୍ରରେ ଟ୍ରେନ୍ ଦୁର୍ଘଟଣା, ୬ ମୃତ

## ରାୟଗଡ଼ା ଆସୁଥିବା ଟ୍ରେନ୍‌କୁ ଧକ୍କା ଦେଲା ପଲାସା ପାସେଞ୍ଜର

**ରାୟଗଡ଼ା/ମାଲକାନଗିରି,୨୯।୧୦ (ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର/ଦୁର୍ଯ୍ୟୋଧନ ପାତ୍ର)**

ଆନ୍ଧ୍ରପ୍ରଦେଶର ଆଲମଣ୍ଡା ଷ୍ଟେଶନ ନିକଟସ୍ଥ କାଣ୍ଟକାପଲ୍ଲୀଠାରେ ରବିବାର ରାତିରେ ଏକ ପାସେଞ୍ଜର ଟ୍ରେନ୍‌କୁ ଅନ୍ୟ ଏକ ପାସେଞ୍ଜର ଟ୍ରେନ୍ ଧକ୍କା ଦେଇଛି। ବିଶାଖାପାଟଣା-ପଲାସା ପାସେଞ୍ଜର ଟ୍ରେନ୍ ଠିଆ ହୋଇଥିବାବେଳେ ପଛରୁ ବିଶାଖାପାଟଣା-ରାୟଗଡ଼ା ପାସେଞ୍ଜର ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ୩ଟି ବଗି ଲାଇନ୍‌ଚ୍ୟୁତ୍ ହୋଇଥିଲା। ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୮ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବିଶାଖାପାଟଣା-ରାୟଗଡ଼ା ପାସେଞ୍ଜର ଟ୍ରେନ୍‌ର ଲୋକୋ ପାଇଲଟ୍ ଏବଂ ବିଶାଖାପାଟଣା-ପଲାସା ଏକ୍ସପ୍ରେସ୍ ଟ୍ରେନ୍‌ର ଗାର୍ଡ କେ.କୁମାରଙ୍କ ମୃତ୍ୟୁ ହୋଇଛି।



କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ଖବର ଅନୁଯାୟୀ ବିଶାଖାପାଟଣା-ପଲାସା ପାସେଞ୍ଜର ଟ୍ରେନ୍ ନମ୍ବର ୦୮୫୩୨ ରାୟଗଡା ଅଭିମୁଖେ ଆସୁଥିବା ବେଳେ କାଂଟକାପଲ୍ଲୀଠାରେ ଓଭରହେଡ୍ କେବୁଲ୍ ଛିଡ଼ିଯିବାରୁ ଏହା ଛିଡ଼ାହୋଇ ରହିଥିଲା। ଏହି ସମୟରେ ଆସୁଥିବା ୦୮୫୦୪ ବିଶାଖାପାଟଣା-ରାୟଗଡ଼ା ପାସେଞ୍ଜର ଟ୍ରେନ୍ ପଛରୁ ଧକ୍କା ଦେବାରୁ ପାସେଞ୍ଜର ଟ୍ରେନ୍‌ର ୩ଟି ବଗି ଲାଇନଚ୍ୟୁତ ହୋଇଛି। ଏନେଇ ସମ୍ପୂର୍ଣ୍ଣ ତଥ୍ୟ ବର୍ତ୍ତମାନ ସୁଦ୍ଧା ମିଳି ପାରି ନ ଥିବା ରାୟଗଡ଼ା ଷ୍ଟେଶନମାଷ୍ଟର ପରମାନନ୍ଦ ବିଡ଼ିକା କହିଛନ୍ତି। ବର୍ତ୍ତମାନ ରାୟଗଡ଼ାକୁ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଦୁର୍ଘଟଣାରେ ପ୍ରାଣ ☞ପୃଷ୍ଠା-୩

# ପ୍ରାର୍ଥନା ସଭାରେ ସିରିଏଲ୍ ବିସ୍ଫୋରଣ

**କୋଚି/ନୂଆଦିଲ୍ଲୀ,୨୯।୧୦**

### କେରଳରେ ଆତଙ୍କ

- ୨ ମହିଳା ମୃତ, ୫୨ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ଏନ୍‌ଆଇଏ, ଏନ୍‌ଏସ୍‌ଜିର ତଦନ୍ତ ଆରମ୍ଭ
- ବିସ୍ଫୋରଣକାରୀଙ୍କ ଆତ୍ମସମର୍ପଣ, ହମାସ୍ ସମ୍ପୃକ୍ତି ସନ୍ଦେହ
- ଦିଲ୍ଲୀ, ମୁମ୍ବାଇରେ ହାଇଆଲର୍ଟ ଜାରି

କେରଳର କଲାମସେରିସ୍ଥିତ ଏକ କନ୍‌ଭେନଶନ ସେଣ୍ଟରରେ ରବିବାର ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ପ୍ରାର୍ଥନା ସଭା ଚାଲିଥିବାବେଳେ ଲଗାତର ତିନୋଟି ବିସ୍ଫୋରଣ ଘଟିଛି। ଏହି ଶକ୍ତିଶାଳୀ ସିରିଏଲ୍ ବ୍ଲାଷ୍ଟରେ ୨ ମହିଳା ନିହତ ଓ ୫୨ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ୪୮ ବର୍ଷୀୟ ଆକ୍ରମଣକାରୀ ଆତ୍ମସମର୍ପଣ କରିଥିବାବେଳେ ଏହାର ଗମ୍ଭୀରତାକୁ ଦେଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ତଦନ୍ତ ଭାର ଦିଆଯାଇଛି। ଇତିମଧ୍ୟରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଦିଲ୍ଲୀ ଓ ମୁମ୍ବାଇରେ ହାଇଆଲର୍ଟ ଜାରି କରାଯାଇଛି। କେରଳର ଏର୍ନାକୁଲମ୍ ଜିଲା କୋଚି ସହରରୁ ୧୦ କି.ମି. ଦୂରରେ କଲାମସେରି ଶିଳ୍ପାଞ୍ଚଳ ଅବସ୍ଥିତ। ଗତ ୨୭ ତାରିଖରୁ ସେଠାକାର ଜମ୍‌ରା ଇଣ୍ଟରନ୍ୟାଶନାଲ କନ୍‌ଭେନଶନ ସେଣ୍ଟରରେ ଜେହୋଭା ୱିଟ୍‌ନେସ୍ ସମ୍ମିଳନୀ ଚାଲିଥିଲା। ରବିବାର ଏହି ସମ୍ମିଳନୀର ତୃତୀୟ ଦିନରେ ୨,୦୦୦ରୁ ୨,୫୦୦ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଏକତ୍ରିତ ହୋଇଥିଲେ। ପୂର୍ବାହ୍ନ ୯ଟା ୪୦ରେ ପ୍ରାର୍ଥନା ସଭା ଆରମ୍ଭ ହେବାମାତ୍ରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣରେ ଥରିଉଠିଥିଲା କନ୍‌ଭେନଶନ ସେଣ୍ଟର। ଆତଙ୍କିତ ଲୋକେ ପ୍ରାଣ ବିକଳରେ ଧାଇଁବାରେ ଲାଗିଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ☞ପୃଷ୍ଠା-୩



ଲକ୍ଷ୍ନୌରେ ରବିବାର ଅନୁଷ୍ଠିତ ମ୍ୟାଚରେ ଶଟ୍ ଖେଳିବା ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା।

# ଭାରତ: ୬ ମ୍ୟାଚ, ୬ ବିଜୟ

### ଦିନିକିଆ କ୍ରିକେଟ ବିଶ୍ୱକପ

**ଲକ୍ଷ୍ନୌ, ୨୯।୧୦**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଭାରତ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ରୋହିତ ଶର୍ମାଙ୍କ ଦଳ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ୧୦୦ ରନରେ ପରାସ୍ତ କରିଛି। ଏହି ମ୍ୟାଚରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୨୨୯ ରନ କରିଥିବାବେଳେ ଇଂଲଣ୍ଡ ୩୪.୫ ଓଭରରେ ୧୨୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ୬ ମ୍ୟାଚରୁ ୧୨ ପଏଣ୍ଟ ହାସଲ କରି ଭାରତ ସେମିଫାଇନାଲର ଦ୍ୱାରରେ ପହଞ୍ଚି ଯାଇଛି। ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ୮୭ ରନ ସ୍କୋର କରିଥିବା ରୋହିତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବିଶ୍ୱକପରେ ଭାରତ ମୋଟ ୫୯ତମ ବିଜୟ ହାସଲ କରି ନ୍ୟୁଜିଲାଣ୍ଡ (୫୮ ବିଜୟ)କୁ ପଛରେ ପକାଇ ଦେଇଛି। କେବଳ ଅଷ୍ଟ୍ରେଲିଆ ୭୩ ବିଜୟ ସହ ତାଲିକାର ଶୀର୍ଷରେ ରହିଛି।

(ସମ୍ପୂର୍ଣ୍ଣ ରିପୋର୍ଟ ବିଶ୍ୱକପ ସ୍ୱତନ୍ତ୍ର ପୃଷ୍ଠା)


DSPL-313



## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୩ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୩୦ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୩ ପାଳନ କରାଯାଉଥିବା ଆନନ୍ଦର କଥା । ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସହିତ ଏକ ଦକ୍ଷ, ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା ଆମର ଲକ୍ଷ୍ୟ । ଏହି ଅବସରରେ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧୀ ଅଭିଯାନରେ ସଂକଳ୍ପବଦ୍ଧ ହୋଇ ସାମିଲ ହେବାକୁ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଅନୁରୋଧ କରୁଛି ।

ଦୁର୍ନୀତି ସମାଜର ବିକାଶ ଓ ସୁଶାସନର ପରିପନ୍ଥୀ । ଏହା ନାଗରିକମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଅଧିକାର ଓ ମୌଳିକ ସେବା ପ୍ରଦାନ କ୍ଷେତ୍ରରେ ତଥା ସରକାରଙ୍କ ବିକାଶ ଓ ଜନମଙ୍ଗଳ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ ।

ମୋ ସରକାର ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁବେଳେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଆସିଛି । ପ୍ରଶାସନିକ ବ୍ୟବସ୍ଥା ତଥା ମୌଳିକ ସେବା ପ୍ରଦାନକୁ ଦୁର୍ନୀତିମୁକ୍ତ କରିବା ପାଇଁ ୫-ଟି ଉପକ୍ରମରେ ସ୍ୱଚ୍ଛତାକୁ ଅଗ୍ରାଧିକାର ଦିଆଯାଇଛି । ଶାସନ ବ୍ୟବସ୍ଥାରେ ରୂପାନ୍ତର ଆଣି ‘ମୋ ସରକାର’ ସାଧାରଣ ଲୋକଙ୍କ ମତାମତକୁ ଗୁରୁତ୍ୱ ଦେଇ କାମ କରୁଛି ।

ରାଜ୍ୟର ଦୁର୍ନୀତି ନିବାରଣ ବିଭାଗକୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଁ ଅଭିନନ୍ଦନ ଜଣାଉଛି । ଆଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗରେ ଦୁର୍ନୀତି ବିରୋଧୀ ଅଭିଯାନ ଆହୁରି ବ୍ୟାପକ ହେବ ବୋଲି ମୁଁ ଆଶା ପ୍ରକାଶ କରୁଛି ।

ଜନସେବକମାନେ ନିଜ ନିଜର ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ଅଧିକ ନିଷ୍ଠା ଓ ସାଧୁତା ସହ ସେବା ଯୋଗାଇ ଦେବା ପାଇଁ ଏହି ଅବସରରେ ମୁଁ ଆହ୍ୱାନ କରୁଅଛି ।

ଆସନ୍ତୁ, ଆମେ ସମସ୍ତେ ଏକ ଦୁର୍ନୀତିମୁକ୍ତ ସମାଜ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ସାମୂହିକ ଭାବେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-09002/13/0002/2324


# ଘୁଞ୍ଚିଲା ୟୁଜିସି-ଏନ୍‌ଇଟି ପରୀକ୍ଷା ଆବେଦନ ସମୟ

**ଭୁବନେଶ୍ୱର, ୨୯।୧୦ (ଅସମାପିକା ସାହୁ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ୟୁଜିସି-ଏନ୍‌ଇଟି ଡିସେମ୍ବର-୨୦୨୩ ପରୀକ୍ଷାର ଆବେଦନ ସମୟ ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନ ସମୟ ୨୮ ତାରିଖ ଥିବାବେଳେ ଏବେ ତାହା ୩୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏ ନେଇ ଏନ୍‌ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଇଚ୍ଛୁକ ଛାତ୍ରୀଛାତ୍ରମାନେ ଆସନ୍ତା ୩୧ ତାରିଖ ରାତି ୧୧ଟା ୫୯ ଭିତରେ ଆବେଦନ କରିପାରିବେ। ସେହିଭଳି ଏହି ସମୟ ମଧ୍ୟରେ ପରୀକ୍ଷା ଫି’ ମଧ୍ୟ ଦେବାକୁ ପଡ଼ିବ। ଯଦି ଛାତ୍ରୀଛାତ୍ରମାନେ ଆବେଦନ ଫର୍ମରେ ପରିବର୍ତ୍ତନ କରିବାକୁ ଚାହୁଁଥିବେ, ତେବେ ନଭେମ୍ବର ୧ରୁ ୩ତାରିଖ ରାତି ୧୧ଟା ୫୯ ମଧ୍ୟରେ ତାହା କରିପାରିବେ। ସୂଚନାଯୋଗ୍ୟ, ଆବେଦନ ସମୟ ବୃଦ୍ଧି କରିବା ପାଇଁ ବହୁ ଛାତ୍ରୀଛାତ୍ରଙ୍କଠାରୁ ଅନୁରୋଧ ପାଇବା ପରେ ଏନ୍‌ଟିଏ ପଦକ୍ଷେପ ନେଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରିଛି। କୌଣସି ଦ୍ୱନ୍ଦ୍ୱ ଥିଲେ ଛାତ୍ରୀଛାତ୍ରମାନେ ଏନ୍‌ଟିଏ ୱେବ୍‌ସାଇଟ www.nta.ac.in ଏବଂ http://ugcnet.nta.ac.in-କୁ ଯାଇ ଦେଖିବାକୁ ପରାମର୍ଶ ଦିଆଯାଇଛି।

# ପିଆଜ ଦରବୃଦ୍ଧି: କଳାବଜାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୧୦(ଅସମାପିକା ସାହୁ)**

ରାଜ୍ୟରେ ପିଆଜ ଦର ବୃଦ୍ଧି ହେବା ପରେ କଳାବଜାରୀଙ୍କୁ ଚେତାବନୀ ଦେଇଛନ୍ତି ରାଜ୍ୟ ସରକାର। ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, କଳାବଜାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଚଢ଼ାଦରରେ ରୋକ ଲାଗିବ। କଳାବଜାରୀଙ୍କୁ ସାବଧାନ ହେବାକୁ ସେ ଚେତାବନୀ ଦେଇଛନ୍ତି। ☞ପୃଷ୍ଠା-୩

### ଆଜିର ସମ୍ପାଦକୀୟ

## ଶାନ୍ତି ପାଇଁ କେହି ନାହିଁ




ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୩୦ ଅକ୍ଟୋବର, ୨୦୨୩



"ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା । –ଶ୍ରୀଅରବିନ୍ଦ

# ଶାନ୍ତି ପାଇଁ କେହି ନାହିଁ

ଇସ୍ରାଏଲ–ହମାସ ଯୁଦ୍ଧ ୨୧ ଦିନ ଅତିକ୍ରାନ୍ତ ହେବା ପରେ ସେହି ଅଞ୍ଚଳରେ ଯୁଦ୍ଧବିରତି (ସିଜ୍‌ଫାୟାର) ସହ ଗାଜାରେ ମାନବୀୟ ସହାୟତା ପହଞ୍ଚାଇବା ଲାଗି ଜୋର୍ଡାନ ପକ୍ଷରୁ ୨୮ ଅକ୍ଟୋବରରେ ଜାତିସଂଘରେ ଅଣାଯାଇଥିବା ପ୍ରସ୍ତାବ ଗୃହୀତ ହୋଇଯାଇଛି। ଉକ୍ତ ପ୍ରସ୍ତାବକୁ ଚାଇନା, ଫ୍ରାନ୍ସ, ସାଉଦି ଆରବିୟା, ସିରିଆ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଭଳି ୧୨୦ ଦେଶ ସମର୍ଥନ କରିଛନ୍ତି। ଇସ୍ରାଏଲ, ଆମେରିକା, ଅଷ୍ଟ୍ରିଆ, କ୍ରୋଏସିଆ ଆଦି ୧୪ ରାଷ୍ଟ୍ର ପ୍ରସ୍ତାବ ବିପକ୍ଷରେ ମତ ଦେଇଥିବା ବେଳେ ଭାରତ ସମେତ ବ୍ରିଟେନ, ଜର୍ମାନୀ, କାନାଡ଼ା, ଜାପାନ, ୟୁକ୍ରେନ୍ ଓ ଦକ୍ଷିଣ କୋରିଆ ଆଦି ୪୫ ରାଷ୍ଟ୍ର ଭୋଟଦାନରୁ ବିରତ ରହିଛନ୍ତି। ଶାନ୍ତି ପ୍ରତିଷ୍ଠା ଲାଗି ଅଣାଯାଇଥିବା ପ୍ରସ୍ତାବକୁ ଭାରତ ଭଳି ଦେଶ ସମର୍ଥନ ନ କରି ମତଦାନରୁ ବିରତ ରହିବା ଏବେ ଦେଶ ଭିତରୁ ଓ ବାହାରୁ ସମାଲୋଚନା କରାଯାଉଛି। ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ଦେଶରେ ସମ୍ଭବତଃ ପ୍ରଥମ ଥର ପାଇଁ ଏକ ଶାନ୍ତି ପ୍ରସ୍ତାବ ବିପକ୍ଷରେ ଆଜିର ସରକାର ଛିଡ଼ା ହେବା ଭଳି ସ୍ଥିତି ସୃଷ୍ଟି କରିଛନ୍ତି। ସରକାରଙ୍କ ପକ୍ଷରୁ ଆଳ ଦେଖାଯାଉଛି ଯେ, ହମାସ ଆତଙ୍କବାଦୀ ଆକ୍ରମଣ ବିଷୟରେ ଉକ୍ତ ପ୍ରସ୍ତାବରେ ଉଲ୍ଲେଖ ନ ଥିବାରୁ ଭାରତ ଏପରି ନିଷ୍ପତ୍ତି ନେଇଛି। କାରଣ ଆତଙ୍କବାଦୀଙ୍କୁ ପ୍ରତିହତ କରିବା ଭାରତର ପ୍ରମୁଖ ଅଗ୍ରାଧିକାର ରହିଆସିଛି।

ଜାତିସଂଘର ଉକ୍ତ ପ୍ରସ୍ତାବରୁ ଭାରତ ବିରତ ରହିବାର ଗୋଟିଏ ଦିନ ପରେ କେରଳର କାଲାମାସେରୀସ୍ଥିତ ଏକ କନ୍‌ଭେନ୍‌ଶନ୍ ସେଣ୍ଟରରେ ବିସ୍ଫୋରଣ ଘଟି ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ୫୨ ଜଣ ଆହତ ହୋଇଛନ୍ତି। ଏଥିରେ ଇସ୍‌ଲାମୀୟ ଉଗ୍ରପନ୍ଥୀଙ୍କ ହାତ ଥିବାର ସମ୍ଭାବନା କମ୍ ଥିବାବେଳେ ସେହି ରାଜ୍ୟର ଧର୍ମନିରପେକ୍ଷତା ଭଙ୍ଗ କରିବା ପାଇଁ ଇଚ୍ଛୁକ ଶକ୍ତିମାନେ ଏଭଳି କରାଇଥାଇପାରନ୍ତି ବୋଲି ସ୍ଥାନୀୟ ଖବରଦାତାମାନଙ୍କଠାରୁ ବୁଝାପଡୁଛି। ଏବେ ସମଗ୍ର ପୃଥିବୀକୁ ଦେଖିଲେ କେବଳ ୟୁରୋପ ନୁହେଁ, ମଧ୍ୟପ୍ରାଚ୍ୟ ସମେତ ଆହୁରି ଅନେକ ଜାଗାରେ ଧର୍ମକୁ ନେଇ ଯୁଦ୍ଧ ଆରମ୍ଭ ହୋଇଗଲାଣି। ଆଉ ଅନେକ ଜାଗାରେ ସେହି ଧର୍ମକୁ ଭିତ୍ତିକରି ଅତ୍ୟାଚାର ଓ ଅନ୍ୟାୟ ବୃଦ୍ଧି ପାଉଛି, ଯାହାକି ଯୁଦ୍ଧ ଭଳି ସ୍ଥିତିକୁ ସୃଷ୍ଟି କରିପାରେ। ଭାରତର ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଥିବା ହିଂସା ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ସେଥିପାଇଁ ଭାରତର ଆଭିମୁଖ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଆଜି ବିଶ୍ୱରେ ଶାନ୍ତି ପାଇଁ ଡାକରା ଦେବାକୁ କୌଣସି ଦେଶ ପ୍ରସ୍ତୁତ ନାହିଁ। ଯଦି ଜାତିସଂଘର ପ୍ରସ୍ତାବକୁ ଦେଖାଯାଏ ତେବେ ୩ଟି ଗୋଷ୍ଠୀ ହେଲେଣି। ସବୁଠାରୁ ବଡ଼ ଗୋଷ୍ଠୀ ୧୨୦ଟି ଦେଶ କହୁଛନ୍ତି ଯୁଦ୍ଧବିରତି ହେଉ ବା ଗୁଳିଫୁଟିବା ବନ୍ଦ ହେଉ। ଏହି ଗୋଷ୍ଠୀର ନେତୃତ୍ୱ ନେଉଛି ଜୋର୍ଡାନ, ଯାହା ସହିତ ଅନ୍ୟ ସବୁ ଇସ୍‌ଲାମୀୟ ଦେଶ ମିଶିଛନ୍ତି। ଏମାନେ ଶାନ୍ତି ଦାବି କରୁନାହାନ୍ତି, ବରଂ ହମାସ ଏବେ ମାଡ଼ ଖାଇଯାଉଛି ବୋଲି ତାହାକୁ ହୃଷ୍ଟପୁଷ୍ଟ କରିବା ପାଇଁ ଯେତିକି ସମୟ ଦରକାର ସେହି ସମୟ ପର୍ଯ୍ୟନ୍ତ ଯୁଦ୍ଧବିରତି ରହୁ। ଦ୍ୱିତୀୟ ଗୋଷ୍ଠୀ ରହିଲା ୧୪ଟି ଦେଶର, ଯେଉଁମାନେ ଇସ୍ରାଏଲ୍‌କୁ ସମର୍ଥନ କରୁଛନ୍ତି। ଏହାର ନେତୃତ୍ୱ ନେଉଛି ଆମେରିକା, ଯାହାର ରାଷ୍ଟ୍ରପତି ଜୋ ବାଇଡେନ୍ ନିକଟ ଭବିଷ୍ୟତରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଆମେରିକାର ସ୍ୱାର୍ଥନିହିତ ହୁଏ ଯେତେବେଳେ ବିଭିନ୍ନ ସ୍ତରରେ ଯୁଦ୍ଧ ଲାଗେ ଓ ତାହା ଦ୍ୱାରା ନିର୍ମିତ ଗୋଳାବାରୁଦ, ଯୁଦ୍ଧ ଜାହାଜ ଓ ଲଢୁଆ ପାଣିଜାହାଜର ଚାହିଦା ବୃଦ୍ଧିପାଏ। ଏହା ବ୍ୟତୀତ ଆମେରିକାର ଏକ ଟାଣୁଆ 'ଲବି' ଇହୁଦୀମାନଙ୍କ ଦ୍ୱାରା ପରିଚାଳିତ। ଆମେରିକୀୟ ଇହୁଦୀମାନେ ଇସ୍ରାଏଲ୍‌କୁ ସମର୍ଥନ କରିଆସିଛନ୍ତି। ଆମେରିକାର ଅଧିକାଂଶ ବ୍ୟାଙ୍କ, ଅନେକ ଗୋଳାବାରୁଦ ଶିଳ୍ପ ଏବଂ ପ୍ରମୁଖ ଗଣମାଧ୍ୟମର ମାଲିକ ଇହୁଦୀ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ। ଛୋଟିଆ ବେଙ୍ଗଟିଏ ହୋଇ ରୁଷିଆ ପରି ବିରାଟ ସାପର ସମ୍ମୁଖୀନ ହେଉଥିବା ୟୁକ୍ରେନ ଭଳି ଦେଶ ମଧ୍ୟ ଇସ୍ରାଏଲ୍‌ର ଯୁଦ୍ଧକୁ ସମର୍ଥନ କରୁଛି, କାରଣ ଏହାର ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ନିଜେ ଜଣେ ଇହୁଦୀ। ବ୍ରିଟେନ ପ୍ରଧାନମନ୍ତ୍ରୀ ରିଷି ସୁନକ ଇସ୍ରାଏଲ୍ ଯାଇ ସେଠାରେ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଭେଟି ଫେରିଆସିଲେଣି। ତାଙ୍କ ଦଳ ଏବେ ବ୍ରିଟେନରେ ଲୋକପ୍ରିୟତା ହରାଉଛି ଏବଂ ବାହାର ଦେଶରୁ ଆସି ଇଂଲଣ୍ଡରେ ରହୁଥିବା ନାଗରିକଙ୍କ ସଂଖ୍ୟା ଓ ବିରୋଧ ବଢୁଥିବାରୁ ସୁନକ ନିଜର ରାଜନୈତିକ ଭବିଷ୍ୟତ ପାଇଁ ଇସ୍ରାଏଲ ସମର୍ଥକ ପାଲଟିବାକୁ ବାଧ୍ୟ ହୋଇଛନ୍ତି। ସେହି ଚଷମାରେ ଦେଖିଲେ ଭାରତର ଇତିହାସରେ ଇହୁଦୀମାନଙ୍କୁ କେବେହେଲେ ହଇରାଣ କରାଯାଇନାହିଁ, କାରଣ ଆମ ଦେଶରେ କ୍ୱଚିତ ଇହୁଦୀ ଅଛନ୍ତି। ଅପରପକ୍ଷରେ ଆଜିର ଭାରତୀୟ ରାଜନୀତିରେ ମୁସ୍‌ଲମାନ ବିରୋଧୀ ମାନସିକତା ପ୍ରାଧାନ୍ୟ ପାଉଥିବାରୁ ପାଲେଷ୍ଟାଇନର ହମାସ ଗୋଷ୍ଠୀକୁ ଉଗ୍ରପନ୍ଥୀ ଆଖ୍ୟା ଦେଇ ଇସ୍ରାଏଲକୁ ସମର୍ଥନ କରିବା ଧାରା ସହିତ ଚାଲିବାର ଏକ ସହଜ ଉପାୟ। ଉଲ୍ଲେଖଯୋଗ୍ୟ ଯେ ଦକ୍ଷିଣ ଏସିଆରୁ କେବଳ ଭାରତ ଭୋଟ ନ ଦେଇ ରହିଥିବା ବେଳେ ମାଲେସିଆ, ଇଣ୍ଡୋନେସିଆ, ପାକିସ୍ତାନ, ବାଂଲାଦେଶ ଭଳି ସବୁ ଦେଶ ଇସ୍ରାଏଲ ବିରୋଧରେ ଭୋଟ ଦେଇଛନ୍ତି।

ମାନଚିତ୍ରକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି, ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିରେ ସମଗ୍ର ପୃଥିବୀର ରାଜନୀତି ପ୍ରତ୍ୟେକ ଦେଶର ଧର୍ମକୁ ନେଇ ପରିଚାଳିତ। ଏର୍ଡୋଗାନ୍‌ଙ୍କ ତୁର୍କୀ ହେଉ ବା ମାକ୍ରଁଙ୍କ ଫ୍ରାନ୍ସ ସବୁଠାରେ ରାଜନେତାଙ୍କଠାରୁ ସେମାନଙ୍କ ଧାର୍ମିକ ଭୋଟବ୍ୟାଙ୍କ ଅଧିକ ଗୁରୁତ୍ୱ ରଖୁଛି। ଧର୍ମ ସହିତ ବ୍ୟବସାୟିକ ସ୍ୱାର୍ଥ ଦ୍ୱିତୀୟ ସ୍ଥାନ ଗ୍ରହଣ କରୁଛି। ଆମେରିକାଠାରୁ ଆରମ୍ଭ କରି ଦକ୍ଷିଣ କୋରିଆ ପର୍ଯ୍ୟନ୍ତ ଗାଜାର ଗରିବ ପାଲେଷ୍ଟାଇନ ନାଗରିକ ସହିତ କୌଣସି ଦେଶର ବ୍ୟବସାୟିକ ସମ୍ପର୍କ ନାହିଁ। ଅପରପକ୍ଷରେ ଭାରତ ପରି ଦେଶ ମଧ୍ୟ ଇସ୍ରାଏଲଠାରୁ ପେଗାସସ୍ ନାମକ ପ୍ରଯୁକ୍ତି ଯନ୍ତ୍ର କିଣିବାରେ ବ୍ୟସ୍ତ ବୋଲି ସେହି ଦେଶକୁ ସମର୍ଥନ କରିବା ଅନ୍ୟ ଏକ କାରଣ ହୋଇପାରେ।

ଏଭଳି ସ୍ଥିତିରେ ଶାନ୍ତି ପାଇଁ କହିବାକୁ ପୃଥିବୀର କୌଣସି ଦେଶ ଆଗେଇ ଆସୁନାହିଁ। ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟରେସ ହୋଇଯାଇଛନ୍ତି ଏକମାତ୍ର ବ୍ୟକ୍ତିବିଶେଷ, ଯିଏ ଶାନ୍ତି ପାଇଁ ଆହ୍ୱାନ ଦେଇଛନ୍ତି। ହୁଏତ ସେଥିପାଇଁ ସବୁ ଶକ୍ତିଶାଳୀ ଦେଶ ଇସ୍ରାଏଲ ସହ ମିଶି ତାଙ୍କର ବହିଷ୍କାର ଦାବିକରିଛନ୍ତି। କୌତୂହଳର ବିଷୟ ଯେ ୟୁକ୍ରେନରେ ଯୁଦ୍ଧ ରଚାଇଥିବା ରୁଷିଆ ଓ ତାଇୱାନ ଉପରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଉଥିବା ଚାଇନା 'ସିଜ୍‌ଫାୟାର' ସପକ୍ଷବାଦୀ ଗୋଷ୍ଠୀ ସହିତ ମିଶିଛନ୍ତି। ଏହାଫଳରେ ଏହି ଦୁଇ ଦେଶ ଆଶା କରୁଛନ୍ତି ଯେ, ଆମେରିକାର ଶକ୍ତି ବିଭିନ୍ନ ସ୍ଥାନରେ ଅପଚୟ ହେଲେ ସେମାନେ ନିଜ ଆଜେଣ୍ଡା ପାଇଁ ସମୟ ପାଇବେ। କାରଣ ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ହେଲେ ତାହା ଶାନ୍ତି ଆଣିବ ନାହିଁ। କେବଳ ହମାସ, ହେଜ୍‌ବୋଲ୍ଲା ଏବଂ ଅନ୍ୟ କେତେକ ଗୋଷ୍ଠୀଙ୍କୁ ବଳ ଗୋଟାଇବାର ଅଧିକ ସମୟ ମିଳିବ।

ଦୁଃଖର ବିଷୟ ଯେ, ଭାରତ ମଧ୍ୟ ତା'ର ଚିରାଚରିତ ଶାନ୍ତି ଆଭିମୁଖ୍ୟରୁ ଦୂରେଇ ଯାଉଛି। ଏହାଫଳରେ ଆଭ୍ୟନ୍ତରୀଣ ରାଜନୀତିରେ କୌଣସି ଗୋଟିଏ ଦଳ ଶକ୍ତିଶାଳୀ ହୋଇପାରେ। କିନ୍ତୁ ଦୀର୍ଘମିଆଦୀ ବିଶ୍ୱସ୍ତରୀୟ ଭାବମୂର୍ତ୍ତି ହରାଇବସୁଛି ଭାରତ। ମନେରଖିବାକୁ ହେବ ଯେ ୭ ଅକ୍ଟୋବର ହମାସ ଆକ୍ରମଣରୁ ଆରମ୍ଭ ହୋଇଥିବା ଯୁଦ୍ଧରେ କୌଣସି ପକ୍ଷ ନିରୀହ ନୁହେଁ। ଉଭୟ ପକ୍ଷ ଦୁଷ୍ଟ ବୁଦ୍ଧିରେ ପରିଚାଳିତ ହେଉଥିବାରୁ ନିରୀହ ନାଗରିକ ମରୁଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | | | 5 | 2 | |
| 4 | | | | | 6 | | | |
| | | | | | 7 | | | 9 |
| 2 | | 5 | | | | 7 | | |
| | | 4 | | 5 | 8 | | | 6 |
| | | | | 7 | | | | 8 |
| | 5 | | | | 9 | 6 | 3 | |
| | | | | | | 8 | | |
| 1 | | | | 2 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 9 | 5 | 3 | 4 | 1 | 8 | 6 |
| 5 | 1 | 6 | 8 | 2 | 9 | 7 | 4 | 3 |
| 8 | 4 | 3 | 7 | 1 | 6 | 2 | 9 | 5 |
| 9 | 7 | 2 | 3 | 5 | 1 | 8 | 6 | 4 |
| 1 | 5 | 8 | 6 | 4 | 2 | 9 | 3 | 7 |
| 6 | 3 | 4 | 9 | 8 | 7 | 5 | 1 | 2 |
| 2 | 9 | 5 | 1 | 6 | 3 | 4 | 7 | 8 |
| 4 | 6 | 7 | 2 | 9 | 8 | 3 | 5 | 1 |
| 3 | 8 | 1 | 4 | 7 | 5 | 6 | 2 | 9 |

ଗତକାଲିର ଉତ୍ତର

# କୁଳାଙ୍ଗାର ବାପାଙ୍କ ସମ୍ପର୍କରେ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିଜ ସ୍ୱଭାବ, ସଂସ୍କାର ବା ଆଚାର ବିଚାରକୁ ନେଇ ସାଧାରଣତଃ ପୁଅମାନଙ୍କୁ ବର୍ଗୀକରଣ କରାଯାଇପାରେ ଦୁଇଟି ଶ୍ରେଣୀରେ–'କୁଳ ଉଜ୍ଜ୍ୱଳ' ବା 'କୁଳାଙ୍ଗାର' ରୂପରେ। ଆମ ପୁରାଣଠୁ ଆରମ୍ଭ କରି ଇତିହାସ ଯାଏ କୁଳାଙ୍ଗାର ପୁଅମାନଙ୍କ କାହାଣୀ ଲୋକମୁଖରେ ପ୍ରଚଳିତ ହୋଇଆସିଛି। ତେବେ ଲୋକଚକ୍ଷୁରେ ଉପେକ୍ଷିତ କୁଳାଙ୍ଗାର ପୁଅମାନଙ୍କ ଚିତ୍ର ଅନ୍ତରାଳରେ ପିତାମାନଙ୍କ ଦୃଷ୍ଟିରେ ବି ସନ୍ତାନମାନେ ଭିନ୍ନ ଭିନ୍ନ ପରିସରରେ କୁଳାଙ୍ଗାର ଭାବେ ଚିତ୍ରିତ ହୋଇ ଆସିଛନ୍ତି। ପିତା ବିଶ୍ରବା ଋଷିଙ୍କ ପାଇଁ ଯେଉଁ ଅର୍ଥରେ ପୁତ୍ର ରାବଣ ଥିଲା କୁଳାଙ୍ଗାର, ଠିକ୍ ସେଇ ଅର୍ଥରେ ଶୁଦ୍ଧଚେତନାସମ୍ପନ୍ନ ସନ୍ତାନ ପ୍ରହ୍ଲାଦ ହିଁ ଥିଲା କୁଳାଙ୍ଗାର ପିତା ହିରଣ୍ୟକଶିପୁ ପାଇଁ। ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅସ୍ୱୀକାର କରି ନିଜ ପାଇଁ ବିପରୀତ ପଥ ବାଛି ନେଇଥିବା ପୁଅମାନେ ବାପାଙ୍କ ଆଖିରେ ଚିରକାଳ ଜଣେ ଜଣେ କୁଳାଙ୍ଗାର। ପୁରାଣ ବାହାରେ ଇତିହାସରେ ମଧ୍ୟ ବିମ୍ବିସାର ଓ ଶାହାଜାହାନଙ୍କ ଭଳି ବାପାମାନଙ୍କ ପାଇଁ ଅଜାତଶତ୍ରୁ ଓ ଆଉରଙ୍ଗଜେବ ଭଳି କୁଳାଙ୍ଗାର ପୁଅମାନଙ୍କ ନିର୍ଯାତନାର କାହାଣୀ ହେଉ କିମ୍ବା ଆମ ସାହିତ୍ୟରେ ବ୍ୟାସକବି ଫକୀରମୋହନଙ୍କ ଚର୍ଚ୍ଚିତ ଚରିତ୍ର ଡାକମୁନ୍‌ସୀ, ଏଇସବୁ ପୁଅମାନେ ଏଯାଏ ବି ଜୀବନ୍ୟାସ ପାଇ ବେଳେ ବେଳେ ବହୁ ପୁତ୍ରବିଭୋର ବାପାଙ୍କ ହୃଦୟରେ ଭୟ ସଞ୍ଚାର କରି ଆସୁଛନ୍ତି।

ମାତ୍ର ଆମର ଏହି କଥିତ ପ୍ରସଙ୍ଗଟି କୁଳାଙ୍ଗାର ପୁତ୍ରମାନଙ୍କୁ ନେଇ ନୁହେଁ ବରଂ ଠିକ୍ ଏହାର ବିପରୀତ ପାର୍ଶ୍ୱରେ ଥିବା କୁଳାଙ୍ଗାର ପିତାମାନଙ୍କୁ ନେଇ। ଜଣେ କୋଟିପତି ବ୍ୟବସାୟୀ ବାପାଙ୍କର କଥା ଯେ। ବିଶାଳ କୋଠା ସାଙ୍ଗକୁ ବହଳ ବ୍ୟାଙ୍କ ବାଲାନ୍ସ। ଅର୍ଥର ପାହାଡ଼ ଉପରେ ବସି ବି ଏ ବାପା ଜଣକ ଗତ କେଇବର୍ଷ ଧରି ହସିନାହାନ୍ତି ଆଦୌ। ବରଂ ତାଙ୍କ ବ୍ୟକ୍ତିଗତ ଜୀବନରେ ପ୍ରବେଶ ଥିବା ଯେକୌଣସି ପରିଚିତ ପରିଜନଙ୍କଠୁ ସହୃଦୟତାର ସାମାନ୍ୟ ଆଭାସ ପାଇଲା ମାତ୍ରେ ସେ କାନ୍ଦିପକାନ୍ତି ଛୋଟ ପିଲାଙ୍କ ପରି। ବାକି ସମସ୍ତଙ୍କ ପାଖେ ସବୁବେଳେ ଶୁଖିଲା ନିରସ ବଦନ।

ଏକଦା ଅର୍ଥ ବଳରେ ଜଗତଯାକର ସବୁ ସୁଖ କିଣାଯାଇପାରେ ବୋଲି ବିଶ୍ୱାସ କରୁଥିବା ଏଇ ବାପା ଜଣକ ଆଖିରୁ ଲୁହ କମ୍ ଝରୁଥିଲା, ମୁହଁରୁ ବେଶି ଝରୁଥିଲା ଅଭିଶାପ, ନିଜର ଏକମାତ୍ର ପୁଅଟି ପାଇଁ! 'ତାକୁ ଅକାଳ ମରଣ ହେଉ'– ଏମିତି ଏକ ନିଷ୍ଠୁର କାମନା କରୁଥିଲେ ସେଇ ପୁଅଟି ପାଇଁ, ଯାହାକୁ ଆୟୁଷ୍ମାନର ବରଦାନ ଦେବା ପାଇଁ ସେ ଅତୀତରେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ। ଦୁଇଥର ପୋଲିସ ଲଗାଇ ଥାନାକୁ ଟାଣି, ପାଞ୍ଚଥର ଭଡ଼ାଟିଆ ଗୁଣ୍ଡା ଲଗାଇ ମାଡ଼ ମାରି ଓ ଦଶଥରରୁ ଊର୍ଦ୍ଧ୍ୱ ନିଜ ହାତରେ ହୀନସ୍ତା କରିଥିବା ପୁଅ ପାଇଁ ଆଉ କେଉଁ



ବାପାର ଅନ୍ତରରୁ କି କଲ୍ୟାଣ ନିଗିଡ଼ି ପଡ଼ିଥାନ୍ତା ଯେ! ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ପିଲାଦିନରୁ ପାଠ ପ୍ରତି ବିମୁଖ ଥିବା ପୁଅକୁ ଏମ୍‌ବିଏ ପାସ୍ କରାଇଥିବା ବାପା ବିନା ମୂଲ୍ୟରେ ଉପଲବ୍ଧ ସଂସ୍କାର ଶିଖାଇ ନ ଥିଲେ। ସୁତରାଂ ଉତ୍ତରାଧିକାର ସୂତ୍ରରେ ସ୍ୱାଭାବିକ ଭାବେ ବାପାଙ୍କ ସମସ୍ତ ସମ୍ପତ୍ତିର ମାଲିକ ସେ ହେବ ଜାଣିଥିଲେ ସୁଦ୍ଧା ବାପା ଜୀବନରୁ ଅବସର ନେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପୁଅର ଧୈର୍ଯ୍ୟ ନ ଥିଲା। ଆରମ୍ଭ ହେଲା ଦୁହିଁଙ୍କ ମଧ୍ୟରେ ଅଘୋଷିତ ଶୀତଳଯୁଦ୍ଧ। ପରେ ପରେ ପୁତ୍ର ପକ୍ଷ ସମର୍ଥନ କରି ଏ ଯୁଦ୍ଧରେ ଯୋଗଦେଲେ ତା' ଶ୍ୱଶୁରଘର ଲୋକ। ଏ ଯୁଦ୍ଧ ନିଜ ପରିବାରର କାନ୍ଥ ଡେଇଁ କୋର୍ଟ କଚେରି ଓ ଥାନା ଯାଏ ଗଲା ଏବଂ ଗୋଟିଏ ଘର ଭିତରେ ଦୁଇଟି ପରିବାର ସୃଷ୍ଟି ହେବା ସହିତ ସୃଷ୍ଟି ହେଲା ଦୁଇଟି ଭିନ୍ନ ଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ!

ବାପପୁଅ ଭିନ୍ନ ହେବାର ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟ ଏତିକିରେ ଶେଷ ହୋଇଥିଲେ ଆଉ କଥା ନ ଥାନ୍ତା। ମାତ୍ର ଅତୀତରେ ବାପାର ହାତ ଧରି ଚାଲି ଶିଖିଥିବା ପୁଅ ନିଜ ଗୋଡ଼ରେ ଛିଡ଼ା ହେବାର ଉନ୍ମତ୍ତ ସାମର୍ଥ୍ୟ ନେଇ ବାପାର ହାତ ଝିଙ୍କି ତଳେ ପକାଇଦେବାକୁ ବାରମ୍ବାର ଚେଷ୍ଟା କଲା। ବାପାର ବେପାର ବନ୍ଦ କରି ତାଙ୍କୁ କାଙ୍ଗାଳ କରିଦେବା ହିଁ ଥିଲା ପୁଅର ଏକାମାତ୍ର ଲକ୍ଷ୍ୟ। ସୁତରାଂ ଉଦ୍ୟମ ଏଯାଏ ଅବ୍ୟାହତ ଅଛି। କେତେବେଳେ ବାପା ପୁଅକୁ କାଠଗଡ଼ାରେ ଛିଡ଼ା କରାଉଛି ତ ପୁଅ ଗୁଣ୍ଡା ଲଗାଇ ବାପାକୁ ହସ୍ପିଟାଲ ବେଡ୍‌ରେ ଶୁଆଇ ଦେଉଛି। କିଏ କେଉଁ କୁଳର ଅଙ୍ଗାର, ଏହାକୁ ନେଇ ରୀତିମତ ପ୍ରତିଯୋଗିତାରେ ଲାଗି ଯାଇଛନ୍ତି ବାପାପୁଅ ଦୁହେଁ।

ଆଉ ଜଣେ ବାପାଙ୍କ କଥା। ଏ ବାପା କୋଟିପତି ନୁହନ୍ତି କି ନିଜ ପୁଅ ଦ୍ୱାରା ନିର୍ଯାତିତ ହୋଇ ତା'ର ଆଶୁ ମୃତ୍ୟୁ କାମନା କରୁଥିବା ମନ୍ଦମତି ନୁହନ୍ତି। ନିହାତି ନିମ୍ନବର୍ଗର ସାଧାରଣ ବାପା ସେ ରହନ୍ତି ଗାଁରେ, ଚାକିରି କରନ୍ତି ରାଜଧାନୀରେ ଗୋଟିଏ ଅଫିସ୍‌ର ପିଅନ ପଦରେ। ନିତିଦିନ ପଚାଶ ପଚାଶ କିଲୋମିଟର ଯାତ୍ରା କରନ୍ତି ଟ୍ରେନ୍‌ରେ ଗତ କୋଡ଼ିଏ ବର୍ଷ ଧରି। ଅନ୍ୟ ବହୁ କର୍ମଚାରୀଙ୍କ ପରି ସେ ରାଜଧାନୀରେ ରହିପାରନ୍ତେ, ନିଜ ପତ୍ନୀ ଓ ପିଲାମାନଙ୍କୁ ଗ୍ରାମ୍ୟ ପରିବେଶରୁ ମୁକ୍ତ କରି ସହରୀ ଜୀବନର ସ୍ୱାଦ ଚଖାଇପାରନ୍ତେ। ମାତ୍ର କେବଳ ନିଜ ବିପତ୍ନୀକ ବୁଢ଼ା ବାପାଙ୍କୁ ଖୁସି କରିବା ପାଇଁ ସେ ସମସ୍ତ ସୁବିଧା ସୁଯୋଗକୁ ତୁଚ୍ଛ କରି ଆପଣେଇ ନେଇଛନ୍ତି ପ୍ରତିଦିନ ଶହେ କି.ମି. ଯାତାୟାତ କରିବାର ଯନ୍ତ୍ରଣା। ଏମନ୍ତ ଯେଉଁ ପୁଅ, ତାଙ୍କର ପୁଣି ପୁଅଟିଏ ଯେ ମଗଜରେ ତା'ର ଖୁନ୍ଦିଖାନ୍ଦି ଭରି ରହିଛି ପ୍ରଚଣ୍ଡ ମେଧା। ଗାଁ ସ୍କୁଲର ନାହିଁ ନାହିଁର ପରିବେଶ ମଧ୍ୟରେ ପାଠ ପଢୁଥିବା ଜଣେ ପିଅନର ପୁଅ ଯେ ଏତେ ପ୍ରତିଭାବାନ ହୋଇପାରେ, ଏକଥା ସେଇ ପିଲାଟିକୁ ନ ଦେଖିଲେ ସହଜରେ ବିଶ୍ୱାସ କରିହେବ ନାହିଁ। ପ୍ରଥମେ ଗାଁ ସ୍କୁଲ ଓ ପରବର୍ତ୍ତୀ ଦୁଇବର୍ଷ ଗାଁ ପାଖ ଏକ ବେସରକାରୀ କଲେଜରୁ ଉଚ୍ଚତର ପ୍ରଥମ ଶ୍ରେଣୀରେ ପାସ୍ କରିବାର ଦେଖି ଅନ୍ୟ ସମସ୍ତେ ଖୁସି ହୋଇଥିଲାବେଳେ ତା' ବାପା କିନ୍ତୁ ଆଦୌ ଖୁସି ହୋଇପାରୁ ନ ଥିଲେ। ଇଞ୍ଜିନିୟରିଂ ବା ମେଡିକାଲ ପାଠ୍ୟକ୍ରମରେ ଭର୍ତ୍ତି ହେବା ପାଇଁ ଯେଉଁଠି ବିଦ୍ୟାର୍ଥୀମାନଙ୍କୁ କଠୋର ପରିଶ୍ରମ କରିବାକୁ ପଡ଼େ ବା ସେମାନଙ୍କ ମା'ବାପାଙ୍କୁ ଲକ୍ଷ ଲକ୍ଷ ଟଙ୍କାର ଚାନ୍ଦା ଦେବାକୁ ପଡ଼େ, ସେଠି ପ୍ରବେଶିକା ପରୀକ୍ଷାରେ ଉଭୟ ପାଠ୍ୟକ୍ରମ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସେଇ ମେଧାବୀ ପୁଅଟିକୁ ଆଗକୁ ପଢ଼ାଇବା ପାଇଁ ସ୍ପଷ୍ଟ ମନା କରିଦେଲେ ତା'ର ବାପା।

ଗାଁର ଶିକ୍ଷିତ ଲୋକଙ୍କଠୁ ଆରମ୍ଭ କରି ଅଫିସ୍‌ର ହାକିମଙ୍କ ଯାଏ ବହୁଲୋକ ପିଅନ ବାପାକୁ ବହୁ ଭାବେ ବୁଝାଇଲେ। ପ୍ରଚଣ୍ଡ ପ୍ରତିଭାବାନ ପୁଅଟିର ଜୟଯାତ୍ରାକୁ ଅଧାବାଟରେ ଅଟକାଇ ନ ଦେବାକୁ ବହୁତ ବାରଣ କଲେ। ମାତ୍ର ମୋଟେ ମାନିଲେ ନାହିଁ ଏହି କୁଳାଙ୍ଗାର ବାପା। ନିଜ ଉଦ୍‌ଭଟ ଜୀବନଦର୍ଶନ ତାଙ୍କୁ ଏତେ ଉତ୍କଟ ଭାବେ ପ୍ରଭାବିତ କରିଥିଲା ଯେ ପିତୃତ୍ୱର ପାଗଳାମି ସପକ୍ଷରେ ସଫେଇ ଦେଇ କହିଲେ, "ପୁଅ ବେଶି ପାଠ ପଢ଼ିବ। ଡାକ୍ତର କି ଇଞ୍ଜିନିୟର ହେବ। ଢେର ଟଙ୍କା ରୋଜଗାର କରିବ। ବାବୁ ହୋଇ ବାବୁଆଣୀଟିକୁ ବୋହୂ କରି ଘରକୁ ଆଣିବ! ହେଲେ କ'ଣ ମିଳିବ? ପୁଅମାନଙ୍କୁ ଢେର ଟଙ୍କା ଖର୍ଚ୍ଚକରି ପାଠ ପଢ଼ାଇ ବାବୁ କରିଥିବା ବହୁ ବାପାଙ୍କ ଦୁର୍ଦ୍ଦଶା ମୁଁ ଆଖିରେ ଦେଖୁଛି। ଅତ୍ୟନ୍ତ ଅସହାୟ ହୋଇ ଏକା ଏକା ବଞ୍ଚିରହୁଥିବା ସେମାନଙ୍କ ହତାଶାର ହାହାକାର ନିଜ କାନରେ ଶୁଣିଛି। ବାସ୍, ମୋ ପାଇଁ ପୁଅଟିଏ ଲୋଡ଼ା, ରୋଜଗାରିଆ ପରଦେଶୀ ବାବୁ ନୁହେଁ।" କହିବା ବାହୁଲ୍ୟ, ମେଧାବୀ ପୁଅଟିଏ ଏବେ ସେଇ ଗ୍ରାମ୍ୟ କଲେଜରେ ଯୁକ୍ତ୩ ଶ୍ରେଣୀରେ ପାଠପଢୁଛି।

ଯେ କେବଳ ଦୁଇଜଣ ବାପାଙ୍କ କଥା ନୁହେଁ, ଦୁଇ ପ୍ରକାର ବାପାଙ୍କ କଥା। ଏହା ମଧ୍ୟରୁ କେଉଁ ଶ୍ରେଣୀର ବାପା ଅଧିକ ଭାବେ ବାପାକୁଳର ଅଙ୍ଗାର, ସେମାନଙ୍କ ପରିସ୍ଥିତି ସମୀକ୍ଷା କରି ନିର୍ଣ୍ଣୟ କରିବାର ଦାୟିତ୍ୱ ଏଇ ନିବନ୍ଧଟିପଢୁଥିବା ବିଜ୍ଞ ପାଠକମାନଙ୍କର।

–ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର
ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ରଙ୍କଣାର ମନ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଧନ ସମ୍ପତ୍ତି ତଥା ଅନ୍ୟାନ୍ୟ ଦ୍ରବ୍ୟ ସଞ୍ଚୟ କରିବା ମଣିଷର ଏକ ସହଜାତ ପ୍ରବୃତ୍ତି। ଅବଶ୍ୟ ସମସ୍ତଙ୍କଠାରେ ଏହା ସମାନ ଭାବେ ନ ଥାଏ। କେତେକଙ୍କ ମନରେ ଗୋଟିଏ ଦୁଇଟି ଜିନିଷ ପ୍ରତି ଲୋଭ ଥିଲାବେଳେ ଆଉ କେତେକଙ୍କର ତାହା ଥାଏ ପ୍ରାୟ ସବୁ ଜିନିଷ ପ୍ରତି। ତେଣୁ କେହି କେହି ପୁରୁଣା ବହି ବା ପତ୍ରପତ୍ରିକା ଘରେ ଗଦାକରି ରଖିଥା'ନ୍ତି, ଯଦିଓ ସେମାନେ ତାହା କେବେ ପଢ଼ନ୍ତି ନାହିଁ। ଅନ୍ୟପକ୍ଷରେ ଆଉ କେହି କେହି କୌଣସି ବାଛବିଚାର ନ କରି ଯାହା ପାଇଲେ ତାହା ସଞ୍ଚୟ କରି ରଖନ୍ତି। ଏପରିକି ସେମାନେ ବ୍ୟବହାର କରି ହେଉ ନ ଥିବା ଟେବୁଲ, ଚୌକି, ବିଛଣା, ବାସନପତ୍ର, ଲୁଗାପଟା, କପ୍‌ପ୍ଲେଟ୍, କଲମ ଆଦି ଘରୋଇ ଉପକରଣକୁ ଫିଙ୍ଗି ନ ଦେଇ କିମ୍ବା କାହାରିକୁ ନ ଦେଇ ସାଇତି ରଖିଥା'ନ୍ତି। ଯେଉଁମାନଙ୍କ ମନରେ ଏପରି ଅବାରିତ ଭାବେ ଯାହା ତାହା ସଞ୍ଚୟ କରିବାର ଅସରନ୍ତି ଆସକ୍ତି ଥାଏ, ସେମାନଙ୍କୁ ଆମେ ରଙ୍କଣା ବୋଲି କହୁ। ଏମାନଙ୍କର ଅନ୍ୟସବୁ ଲକ୍ଷଣ ହେଲା ଅଧିକରୁ ଅଧିକ ଜିନିଷ କିଣିବା ଏବଂ ଭବିଷ୍ୟତରେ କାମରେ ଆସିବ ଓ ସେତେବେଳେ ତାହା ନ ମିଳିପାରେ ବୋଲି ଭାବି ସଞ୍ଚିତ କରିବା, କିନ୍ତୁ କଦାପି ବ୍ୟବହାର ନ କରିବା, ପୁନଶ୍ଚ କୌଣସି ଅଦରକାରୀ ମନେହେଉଥିବା ଦ୍ରବ୍ୟ ଫିଙ୍ଗିଲା ବେଳେ ଭୁଲକ୍ରମେ ସେଥିସହିତ କିଛି ଆଗାମୀ ଦିନଗୁଡ଼ିକରେ ଦରକାର ପଡ଼ିବା ଦ୍ରବ୍ୟ ହୁଏତ ଫିଙ୍ଗି ହୋଇଯିବ, ଏ ଭୟ ତାଙ୍କ ମନରେ ସଦାସର୍ବଦା ଥାଏ।

ପ୍ରତ୍ୟେକ ମଣିଷ ଜାଣେ ଯେ, ସେ ମରଣଶୀଳ। କେତେବେଳେ 'କାଳପକ୍ଷୀରାଜ ଆସି ଉପରୁ ଚିଲାମାରି' ତାକୁ ନେଇଯିବ ତାହା କେହି କହିପାରିବେ ନାହିଁ। ପୁନଶ୍ଚ ଗଲାବେଳେ ଏ 'ଧନ' କୁ 'ଗଣ୍ଠିରେ ବାନ୍ଧି' ନେଇ ହେବ ନାହିଁ। ତଥାପି ସେ ଏହା କରେ କାହିଁକି? ମନୋବିଜ୍ଞାନୀମାନେ ଏହାକୁ ବ୍ୟକ୍ତିର ଶାରୀରିକ ଏବଂ ମନସ୍ତାତ୍ତ୍ୱିକ ଅବସ୍ଥା ସହ ସମ୍ପୃକ୍ତ କଲେଣି। ସେମାନଙ୍କ ମତରେ ଏ ଲକ୍ଷଣ ଅତିମାତ୍ରାରେ ପ୍ରକଟିତ ହେବା ଏକ ମନସ୍ତାତ୍ତ୍ୱିକ ନିଦାନୀୟ ତ୍ରୁଟି।

ଆମ ମସ୍ତିଷ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଲା 'ସେରେବ୍ରାଲ୍ କୋର୍‌ଟେକ୍ସ'। ଏଥିରେ ରହିଛି 'ସିଙ୍ଗୁଲେଟ୍' ଉପାଂଶ। ଏହାର ଅଗ୍ରଭାଗଟି ବିଭିନ୍ନ ନିଷ୍ପତ୍ତି ନେବା ଏବଂ ସମସ୍ୟାର ସମାଧାନ କରିବାରେ ବିଶେଷ ଭୂମିକା ଗ୍ରହଣ କଲାବେଳେ ପଶ୍ଚାତ୍‌ଭାଗଟି ସ୍ମୃତି ତଥା ବସ୍ତୁର ସ୍ଥାନିକସ୍ଥିତି ଆଦି ନିର୍ଦ୍ଧାରଣ ସହ ସମ୍ପୃକ୍ତ। ରଙ୍କଣା ବୋଲି କୁହାଯାଉଥିବା ଲୋକଙ୍କର ଏହି ଭାଗଟି ଅପେକ୍ଷାକୃତ କମ୍ ସକ୍ରିୟ ହେବାର ଦେଖାଯାଏ। ଏଥିରୁ ଗବେଷକମାନେ ମନେକରୁଛନ୍ତି ଯେ, ସମ୍ଭବତଃ ଏ ପ୍ରକାର ଆଚରଣ ସହିତ ମସ୍ତିଷ୍କର କିଛି ନିଦାନୀୟ ସମ୍ପର୍କ ରହିଛି। ସେଥିପାଇଁ ଆତ୍ମଚାରିତା(ଅଟିଜିମ୍), ମାନସିକ ଦୁର୍ବଳତା, ଅଭିଘାତ ଯୋଗୁ ମସ୍ତିଷ୍କରେ କ୍ଷତ, ସ୍ନାୟବିକ ଅସ୍ତ୍ର ଚିକିତ୍ସା ଇତ୍ୟାଦି ମଧ୍ୟ ସମୟ ସମୟରେ ଏହାର କାରଣ ହୋଇପାରନ୍ତି। ତେବେ ଏହାର ଅନ୍ୟ କାରଣମାନ ମଧ୍ୟ ଥିବାର ସମ୍ଭାବନା ରହିଛି। ସେଗୁଡ଼ିକ ନିଦାନୀୟ ଅପେକ୍ଷା ଅଧିକମାତ୍ରାରେ ମନସ୍ତାତ୍ତ୍ୱିକ। କୌଣସି ଆତ୍ମୀୟ ସ୍ୱଜନଙ୍କୁ ହରାଇବା କିମ୍ବା ଅନ୍ୟ କିଛି ବ୍ୟକ୍ତିଗତ କ୍ଷତି ଯୋଗୁ ଉତ୍ପନ୍ନ ମାନସିକ ଚାପ ଓ ଅଭିଘାତ, ଦୁଶ୍ଚିନ୍ତା, ବାର୍ଦ୍ଧକ୍ୟଜନିତ ସ୍ମୃତିହୀନତା, ମଦ୍ୟପତା ଇତ୍ୟାଦି ହେଲା ଏହାର ଉଦାହରଣ।

ଆଗେ ଏହାକୁ ଅନେକ 'ଓବେସିଭ୍ କମ୍ପଲ୍‌ସିଭ



ଡିଜ୍‌ଅର୍ଡର ବା ଓସିଡି' ସହିତ ସମ୍ପୃକ୍ତ ବୋଲି ମତ ଦେଉଥିଲେ। ସେଥିପାଇଁ ଦୀର୍ଘଦିନ ଧରି ଏହାକୁ ତାହାର ଏକ ଅଂଶ ବିଶେଷ ରୂପେ ବିବେଚନା କରାଯାଉଥିଲା। ତେବେ ୨୦୦୪ ଜୁନ୍ ମାସରେ ଏ ସମ୍ପର୍କରେ ପ୍ରଥମେ ଗବେଷଣା ପତ୍ରଟିଏ ପ୍ରକାଶିତ ହେଲା "ଦ' ଆମେରିକାନ୍ ଜର୍ନାଲ୍ ଅଫ୍ ସାଇକୋଲୋଜି"ରେ, ଅନେକ ଗବେଷଣାତ୍ମକ ଅଧ୍ୟୟନର ଫଳାଫଳ ବିଚାରକୁ ନେଇ। ଏଥିରେ ସୂଚିତ କରାଯାଇଥିଲା ଯେ, ଏ ଦୁଇଟି ମଧ୍ୟରେ ବିଶେଷ କିଛି ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ, 'ଓସିଡି'ରେ ପ୍ରଭାବିତ ବ୍ୟକ୍ତି କରୁଥିବା ସଞ୍ଚୟ ସମ୍ପୂର୍ଣ୍ଣ ସଚେତନତାର ସହ କରିଥାଏ।

ଏଣୁ ଅନେକ ସମୟରେ ତା'ର ଏଗୁଡ଼ିକ ପ୍ରତି ଆସକ୍ତି ଅନ୍ଧଭାବେ ନିବିଡ଼ ନ ହୋଇପାରେ। ତେବେ ରଙ୍କଣାଙ୍କଠାରେ ଏହା ସେପରି ନୁହେଁ। ପୁନଶ୍ଚ ଏ ଉଭୟ ପ୍ରକାର ତ୍ରୁଟିର ଚିକିତ୍ସା ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ସେଥିପାଇଁ ୨୦୧୩ ରେ 'ଦ ଡାଇଗ୍ନୋଷ୍ଟିକ ଏଣ୍ଡ ଷ୍ଟାଟିଷ୍ଟିକାଲ ମାନୁଆଲ ଅଫ୍ ମେଣ୍ଟାଲ ଡିଜ୍‌ଅର୍ଡର' ମଧ୍ୟ ଏହାକୁ 'ଓସିଡି'ଠାରୁ ସ୍ୱତନ୍ତ୍ର ମାନସିକ ତ୍ରୁଟି ରୂପେ ଅଭିହିତ କରିଛି। ତେବେ ନିକଟରେ ରଙ୍କଣାମାନଙ୍କଠାରେ ମଧ୍ୟ ଏହାର ପରୀକ୍ଷା କରାଯିବା ଉଚିତ ବୋଲି ମତଦେଇଛି "ଦ' ଇଣ୍ଟରନ୍ୟାଶନାଲ ହୋର୍ଡିଂ ଫାଉଣ୍ଡେଶନ"।

ରଙ୍କଣା ମନୋବୃତ୍ତି ପିଲାଦିନୁ କିଛି ମାତ୍ରାରେ ଆରମ୍ଭ ହୋଇ ପ୍ରାପ୍ତବୟସ୍କଙ୍କଠାରେ ପୂର୍ଣ୍ଣ ପ୍ରକଟିତ ହେବାର ଦେଖାଯାଏ। ଏମାନଙ୍କ ମଧ୍ୟରୁ ୨ରୁ ୫ ଶତାଂଶଙ୍କଠାରେ ଏହା ବେଶ୍ ମାତ୍ରାରେ ଥାଏ। ବାର୍ଦ୍ଧକ୍ୟରେ ଏ ପ୍ରବୃତ୍ତି ଆହୁରି ବଢ଼ିଯାଏ। ସେହିପରି ଏକୁଟିଆ ବାସ କରୁଥିବା ଲୋକଙ୍କଠାରେ ଏ ତ୍ରୁଟି ଅପେକ୍ଷାକୃତ ଅଧିକ। କାରଣ, ସେମାନଙ୍କର ଆତ୍ମବିଶ୍ୱାସ କମ୍ ଏବଂ ସେମାନେ ନିଜର ଆବଶ୍ୟକତା ମେଣ୍ଟାଇବା ଦିଗରେ ଅକ୍ଷମ ବୋଲି ମନେକରନ୍ତି। ପୁନଶ୍ଚ ଏହା ମଧ୍ୟ ଆଂଶିକଭାବେ ବଂଶଗତ ଅର୍ଥାତ୍ ଜିନୀୟ ବୋଲି ମନେକରାଯାଏ।

ମନୋବିଜ୍ଞାନୀମାନେ ରଙ୍କଣାମାନଙ୍କୁ ତିନୋଟିସ୍ତରର ବୋଲି ଗଣନା କରନ୍ତି। ସେମାନେ ତାହା ନିର୍ଦ୍ଧାରଣ କରିବା ପାଇଁ ୧୦ଟି ପ୍ରଶ୍ନ ପ୍ରସ୍ତୁତ କରିଛନ୍ତି। ଯଦି କୌଣସି ବ୍ୟକ୍ତି ପାଇଁ ତହିଁରୁ ମାତ୍ର ୩ଟି ଯାଏ ଉତ୍ତର ପ୍ରଯୁଜ୍ୟ ହୁଏ; ତେବେ ସେ ସାମାନ୍ୟ, ତାହା ୪ରୁ ୬ଟି ହେଲେ 'ମଧ୍ୟମ' ଏବଂ ତହିଁରୁ ଅଧିକ ହେଲେ 'ଗୁରୁତର' ବୋଲି ପରିଗଣିତ କରାଯାଉଛି। ତହିଁରୁ ପ୍ରଥମ ଦୁଇଶ୍ରେଣୀର ଲୋକଙ୍କୁ ବୁଝାଶୁଝା ତଥା ପରିବେଶ ପରିବର୍ତ୍ତନ ମାଧ୍ୟମରେ ବଦଳାଇ ଦିଆଯାଇପାରିବ। ତେବେ ତୃତୀୟ ଶ୍ରେଣୀଟି ପାଇଁ ଦରକାର ମନସ୍ତାତ୍ତ୍ୱିକ ଚିକିତ୍ସା।

ରଙ୍କଣାମାନଙ୍କଠାରୁ ସେମାନଙ୍କ ସଞ୍ଚିତ ଦ୍ରବ୍ୟ ବଳ ପ୍ରୟୋଗ କରି ଛଡ଼ାଇନେଲେ ତାହା ଫଳ ହୁଏ ଓଲଟା। ବରଂ ଏହାଦ୍ୱାରା ସେମାନେ କ୍ରୋଧିତ ତଥା ଦୁଃଖିତ ହୁଅନ୍ତି ଏବଂ ପୁନର୍ବାର ସଞ୍ଚୟ କରିବାକୁ ଲାଗନ୍ତି। ସେଥିପାଇଁ ଘରେ ଅଧିକ ସ୍ଥାନ ଦଖଲ କରନ୍ତି। ଅନ୍ୟପକ୍ଷରେ ସେମାନଙ୍କୁ ଏହାର ଅନାବଶ୍ୟକତା ଏବଂ ଅପକାରୀ ପ୍ରଭାବ (ଯେପରିକି ଘରର ସୁସ୍ଥପରିବେଶ ନଷ୍ଟ କରନ୍ତି) ସମ୍ପର୍କରେ ସଚେତନ କରାଗଲେ ତାହା କିଛିମାତ୍ରାରେ ଫଳବତୀ ହୋଇପାରେ। କାରଣ, ତଦ୍ୱାରା ତାଙ୍କର ମନକୁ ନିଷ୍ପତ୍ତି ନେବା ଲାଗି ଅଧିକ ଉପଯୋଗୀ କରିବା ସହିତ ସକାରାତ୍ମକ ତଥା ଯୁକ୍ତିସିଦ୍ଧ କାର୍ଯ୍ୟକଳାପରେ ତାହାକୁ ସହାୟତା କରିହୁଏ। ଫଳରେ ତାହା ସୁସ୍ଥ, ସତେଜ, ସନ୍ତୁଳିତ ଏବଂ ଶାନ୍ତ ରହନ୍ତା ଏବଂ ରଙ୍କୁଣାମାନଙ୍କୁ ଏଥିରୁ ନିବୃତ୍ତ କରିପାରେ। ଏବେ କେତେକସ୍ଥଳେ ଏଥିପାଇଁ ଅବସାଦରୋଧୀ ଔଷଧର ମଧ୍ୟ ବ୍ୟବହାର ଫଳପ୍ରଦ ହେବାର ଦେଖାଯାଉଛି।

ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ:୯୯୩୭୯୮୫୭୬୭

## ଏଇ ଭାରତରେ

ବୃତ୍ତି ପାଇଁ ସଂଗ୍ରାମ କରିଛନ୍ତି ଆସାମର ଦିଗନ୍ତ ଦାସ। ବୃତ୍ତିକୁ ବି ସମ୍ମାନ ଦେଇଛନ୍ତି ଓ ସେହି ଆୟରେ ସେ ଆଗକୁ ବଢ଼ି ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ଦିଗନ୍ତ ଏବେ ୪ଟି ସହରକୁ ଫ୍ରେସ୍ ପରଟା ଯୋଗାଇ ଦେଉଛନ୍ତି। ଏଭଳି ଖାଦ୍ୟ ବ୍ୟବସାୟ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। କିନ୍ତୁ ଦିଗନ୍ତ ଏଥିରେ ସଫଳ ହେବା ସହ ୨୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ସେ ପ୍ରତିଦିନ ୧,୫୦୦ରୁ ଅଧିକ ପରଟା ତାଙ୍କ ଟିମ୍ ମାଧ୍ୟମରେ ସୋନିତପୁର, ଲକ୍ଷିମପୁର, ଧେମାଜି ଓ ଡିବ୍ରୁଗଡ଼କୁ ପଠାଉଛନ୍ତି। ଦିଗନ୍ତଙ୍କ ବୟସ ଏବେ ୩୨। ଏହି ଯୁବ ଉଦ୍ୟୋଗୀ ପ୍ରଥମେ ଜଣେ ଖଣି ଶ୍ରମିକ ଥିଲେ। ପରେ ସୁରକ୍ଷା ଗାର୍ଡ ଭାବେ କାମ କରିଥିଲେ। ଏହି ସମୟରେ ସେ ଏଭଳି ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଲେ ଓ ଏବେ ସେ ଏଥିରେ ସଫଳତା ପାଇପାରିଛନ୍ତି। ଦିଗନ୍ତ ଏହି କାର୍ଯ୍ୟ କୋଭିଡ୍ ମହାମାରୀ ପୂର୍ବରୁ ଆରମ୍ଭ କରିଥିଲେ ମଧ୍ୟ ମହାମାରୀ ସମୟରେ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲେ। ପରେ ପୁଣି ନିଜ କାର୍ଯ୍ୟକୁ ବଢ଼ାଇ ଏବେ ୪ଟି ସହରକୁ ତାଙ୍କ ପରଟା ଯୋଗାଉଛନ୍ତି ଓ ଆଗକୁ ଏହାକୁ ଅନ୍ୟ ସବୁ ସହରକୁ ସମ୍ପ୍ରସାରିତ କରିବେ ବୋଲି କହନ୍ତି ଦିଗନ୍ତ। ସେ ଏହି ଖାଦ୍ୟ ବ୍ୟବସାୟ 'ଡେଲି ଫ୍ରେସ୍ ଫୁଡ୍' ୟୁନିଟ୍ ମାଧ୍ୟମରେ ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅକ୍ଟୋବର ୧୯୯୮

- ଆସାମର କାମରୂପ ଜିଲାର ଦେଉରିଡୁବାଠାରେ ବ୍ରହ୍ମପୁତ୍ର ନଦୀରେ ଏକ ମୋଟରଚାଳିତ ଡଙ୍ଗା ବୁଡ଼ିଯିବା ଫଳରେ ୨୦ ଯାତ୍ରୀଙ୍କ ମୃତ୍ୟୁ ଆଶଙ୍କା।
- କର୍ଣ୍ଣାଟକ ବିଧାନସଭାରେ କେ.ଏଚ୍. ପଟେଲ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ କଂଗ୍ରେସ ଏବଂ ବିଜେପି ପକ୍ଷରୁ ପୃଥକ୍ ଭାବେ ଦୁଇଟି ଅନାସ୍ଥା ପ୍ରସ୍ତାବ ଆଗତ।

## ଚିରନ୍ତନୀ

ସୁଦୂରର ପ୍ରିୟା ମୋର
ଡାକେ ପରା ତୁହାଇ
ଅନ୍ତର ଜଳ ତାର ବୁହାଇ!
ନୟନେ ଶିଶିର କଣା
କରିଦିଏ ପଥବଣା
ବସିଛି ସୁଦୂରେ ମଥା ନୁଆଁଇ
ଅନ୍ତର ଜଳ ତାର ବୁହାଇ!
–(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାପାର୍ଶ୍ୱ ସଫା କରାଯାଉ

ମହାଶୟ,

ରାସ୍ତାପାର୍ଶ୍ୱରେ ବିଶେଷତଃ ଅଦରକାରୀ ଗଛଲତା ମାଡ଼ିଯାଉଛି। ଏପରିକି ପ୍ରତିବର୍ଷ କଣ୍ଟାଗଛ ଦୁଦୁରା ତଥା ଡେଙ୍ଗାଗଛମାନ ରହୁଛି। କଟକ–ପାରାଦୀପ ରାସ୍ତାର କେନ୍ଦ୍ରୀୟ ଧାନ ଗବେଷଣାଗାରଠାରୁ ଏହା ଆରମ୍ଭ ହୋଇଛି। କେବଳ ଅଧାରୁ କାଟିଦେବାରୁ ପୁନର୍ବାର କଅଁଳୁଛି। ମୂଳରୁ ସମ୍ପୂର୍ଣ୍ଣ ସଫାକରିବା ଆବଶ୍ୟକ। ତଳେଇ ଦୁଇପାର୍ଶ୍ୱରେ ଖାଲଖମା ମାଟିରେ ସମତୁଲ କରାଯାଉ, ଯାହାଫଳରେ ରାସ୍ତା ଓସାରିଆ ହେବା ସହ ଚଳାଚଳ ସହଜ ହେବ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁଦୃଢ଼ ଭିତ୍ତିଭୂମିକୁ ଅଗ୍ରାଧିକାର

## ବିପର୍ଯ୍ୟୟ ପରିଚାଳନା ପାଇଁ ୨ହଜାର କୋଟି

### ୪ଜିଲାରେ ସ୍ଥାପନ ହେବ ଆଞ୍ଚଳିକ ବିପର୍ଯ୍ୟୟ ମୁକାବିଲା କେନ୍ଦ୍ର

ଭୁବନେଶ୍ୱର,୨୯।୧୦
(ଅସମାପିକା ସାହୁ)

ଯେକୌଣସି ବିପର୍ଯ୍ୟୟ ପରିସ୍ଥିତିରେ ଆମର ଗୋଷ୍ଠୀ ହିଁ ପ୍ରଥମ ଉଦ୍ଧାରକାରୀ। ଗୋଷ୍ଠୀ ସମୂହକୁ ଶକ୍ତିଶାଳୀ କରିବା ପାଇଁ ୧୦ହଜାରରୁ ଅଧିକ ସମ୍ବେଦନଶୀଳ ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବ। ଏଥିପାଇଁ ସୁଦୃଢ଼ ଭିତ୍ତିଭୂମିକୁ ସରକାର ଅଗ୍ରାଧିକାର ଦେଉଛନ୍ତି। ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ ପାଇଁ ୨ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ। ଏଥିସହ ବିଭିନ୍ନ ବିପର୍ଯ୍ୟୟ ପାଇଁ ରାଜ୍ୟବ୍ୟାପୀ ରିସ୍କ ମ୍ୟାପିଂ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ରବୀନ୍ଦ୍ର ମଣ୍ଡପଠାରେ ରବିବାର ରାଜ୍ୟସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତା ପ୍ରଦାନ କରି କହିଛନ୍ତି, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମ ରାଜ୍ୟ ଏବେ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକ ପାଇଁ ମଡେଲ ହୋଇଛି। ଆମର ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନା ପ୍ରୟାସକୁ ସବୁସ୍ତରରେ ବ୍ୟାପକ ପ୍ରଶଂସା ମିଳିଛି। ଓଡ଼ିଶାକୁ ଭାରତ ସରକାର ୨୦୨୩ ପାଇଁ ସମ୍ମାନଜନକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ ପୁରସ୍କାର ପ୍ରଦାନ କରିଛନ୍ତି। ଯେକୌଣସି ବିପର୍ଯ୍ୟୟର ମୁକାବିଲା ପାଇଁ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାୟଗଡ଼ାରେ ୪ଟି ଆଞ୍ଚଳିକ ବିପର୍ଯ୍ୟୟ ମୁକାବିଲା କେନ୍ଦ୍ର ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ଆମର ବିପର୍ଯ୍ୟୟ ପରିଚାଳନା ପଦକ୍ଷେପକୁ ସୁଦୃଢ଼ ଏବଂ ଓଡ଼ିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍ଡମା) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଅଧ୍ୟକ୍ଷତା କରିଥିଲେ। ଯେକୌଣସି ପ୍ରକାର ବିପର୍ଯ୍ୟୟରେ ଧନ ଜୀବନ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ନିଜର ଶକ୍ତି ଓ ସାମର୍ଥ୍ୟ ଅନୁସାରେ କାର୍ଯ୍ୟ କରିବା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ କାର୍ଯ୍ୟରତ କର୍ମଚାରୀ, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ସହଯୋଗୀ ଦଳଗୁଡ଼ିକୁ ସାହାଯ୍ୟ କରିବା, ଲୋକମାନଙ୍କ ମଧ୍ୟରେ ପରିବେଶର ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସ୍ତୁତି ନିମନ୍ତେ ସଚେତନତା ବୃଦ୍ଧି



ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଅନ୍ୟ ଅଧିକାରୀଗଣ।

କରିବାକୁ ସମସ୍ତଙ୍କୁ ପ୍ରଚେଷ୍ଟା କରିବା ପାଇଁ ଶପଥପାଠ କରାଇଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗୋଷ୍ଠୀଗତ ସହଭାଗିତା ଉପରେ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ଓଡ଼ିଶାବାସୀ ଯେକୌଣସି ବିପତ୍ତିର ମୁକାବିଲା କରିବାରେ ସଫଳ ହୋଇପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଅଧୁନା ବିପର୍ଯ୍ୟୟ ପରିଚାଳନା ରୂପରେଖରେ ବ୍ୟାପକ ପରିବର୍ତ୍ତନ ହୋଇଥିବା କହିଛନ୍ତି। ସୁନାମି ପ୍ରଭାବ ହ୍ରାସ ପାଇଁ ହେନ୍ତାଳ ବନର ସୁରକ୍ଷା ଓ ବ୍ୟାପକତା, ବଜ୍ରପାତ ପ୍ରଭାବ ହ୍ରାସ ପାଇଁ ତାଳ ବୃକ୍ଷ ଚାରା ରୋପଣ ଆଦି ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ।

ଓସ୍ଡମା ପରିଚାଳନା ନିର୍ଦ୍ଦେଶକ ଜ୍ଞାନ ଦାସ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାରେ ଆଜି ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହ ଓସ୍ଡମାର ବାର୍ଷିକ ପତ୍ରିକା ଏବଂ ଓସ୍ଡମା ଦ୍ୱାରା ବିକଶିତ ୨ ୱେବ୍ ପୋର୍ଟାଲ(ଓଏନ୍ଡିଆର୍ଏନ୍ ଏବଂ ସାମର୍ଥ୍ୟ) ଉନ୍ମୋଚନ କରାଯାଇଥିଲା। ଏହି ଉପଲକ୍ଷେ ସଶକ୍ତ ଗୋଷ୍ଠୀ, ସୁରକ୍ଷିତ ଓଡ଼ିଶା ସମ୍ପର୍କିତ ସଚେତନତା ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା। ରାଜ୍ୟସ୍ତରୀୟ ପ୍ରାଥମିକ ସହାୟତା ଏବଂ ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତାରେ ବିଜେତାଙ୍କୁ ସମ୍ମାନିତ କରାଯାଇଥିଲା। ଓସ୍ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଦିବସ ଉପଲକ୍ଷେ ରବୀନ୍ଦ୍ର ମଣ୍ଡପଠାରେ ଓସ୍ଡମା ତରଫରୁ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା।

# ଗୁଳି କରି ସିଆର୍ପିଏଫ୍ ଯବାନଙ୍କ ଆତ୍ମହତ୍ୟା

ନୂଆପଡ଼ା,୨୯।୧୦
(ମକାରୁ ବେମାଲ)

ନୂଆପଡା ଜିଲା ବୋଡେନ ଥାନା ଅନ୍ତର୍ଗତ ଖଡୁପାଣି ସିଆର୍ପିଏଫ୍ କ୍ୟାମ୍ପରେ ସିଆର୍ପିଏଫ୍ ଯବାନ ନିଜ ସର୍ଭିସ ରାଇଫଲରେ ଗୁଳି କରି ରବିବାର ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତ ଯବାନ ହେଉଛନ୍ତି ତାମିଲନାଡୁ ନିଲୁର ଜିଲା ଗୁଡିପଲ୍ଲି ଗାଁର ଗୁନ୍ନା ଶେଖରନ୍ (୫୮)। ଗୁନ୍ନା ସିଆର୍ପିଏଫ୍ ୧୯ ବାଟାଲିୟନରେ ଯବାନ ଏସ୍ଆଇ ଭାବେ କାର୍ଯ୍ୟ କରୁଥିଲେ। ସେ ୧୯୮୮ ଜୁନ ୨ରେ ସିଆର୍ପିଏଫ୍ ଯବାନରେ ଯୋଗଦେଇଥିଲେ। ୩୫ ବର୍ଷ ଚାକିରି କାଳରେ ଅବସର ନେବା ସମୟରେ ଆତ୍ମହତ୍ୟା କରିଛନ୍ତି। ପ୍ରାପ୍ତସୂଚନା ଅନୁସାରେ ରବିବାର ସକାଳ ୯ଟାରେ ସିଆର୍ପିଏଫ୍ ୧୯ ବାଟାଲିୟନ ଯବାନମାନେ ରହୁଥିବା କୋଠରି ଭିତରେ କେହି ନ ଥିବା ବେଳେ ସର୍ଭିସ ଏକେ ୪୭ ରାଇଫଲରେ ନିଜେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ଦୀର୍ଘ ଦିନ ଛୁଟି ନ ମିଳିବାରୁ ଆତ୍ମହତ୍ୟା କରିଛନ୍ତି



ଗୁନ୍ନା ଶେଖରନ୍

ବୋଲି ସ୍ଥାନୀୟ ଯବାନମାନେ କହୁଥିବା ବେଳେ ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ଅଧିକାରୀମାନେ ଅନୁମାନ କରୁଛନ୍ତି। ଘଟଣାସ୍ଥଳରେ ନୂଆପଡା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର, ଖଡିଆଳ ଉପଖଣ୍ଡ ଅଧିକାରୀ ଅରୂପ ଅଭିଷେକ ବେହେରା, ବୋଡେନ ଥାନା ଅଧିକାରୀ ଗୋବିନ୍ଦ ମାଝି, ବୋଡେନ ତହସିଲଦାର ସରିତା ଗୁପ୍ତା, ସିଆରପିଏଫ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛି। କେଉଁ କାରଣରୁ ଏଭଳି ଘଟଣା ଘଟିଲା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ନାକଟିଦେଉଳ,୨୯।୧୦
(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଥାନା ସାଲେଭଟା ଗ୍ରା.ପ.ର ତିଲେଇପଶି ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଯୁଗି ସାହୁ (୭୩)। ସୂଚନା ଅନୁସାରେ ଯୁଗି ଅପରାହ୍ନ ପ୍ରାୟ ୧ଟା ସମୟରେ ଗାଁ ମୁଣ୍ଡରେ ଥିବା ପୋଖରୀକୁ ଏକୁଟିଆ ଗାଧୋଇବାକୁ ଯାଇଥିଲେ। ତେବେ ଗୋଡ଼ ଖସି ଯିବାରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଯୁଗି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରୁଥିବା ବେଳେ ପୋଖରୀ ହୁଡ଼ାରେ ତାଙ୍କ ଚପଲ ପଡ଼ିଥିବା ଦେଖିଥିଲେ। ଗ୍ରାମବାସୀ ପୋଖରୀରେ ବହୁ ସମୟ ଧରି ଖୋଜାଖୋଜି କରି ପାଣି ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବର ପାଇ ନାକଟିଦେଉଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ତ୍ରିଶୂଳିଆ ହେବ ପରିବହନ ହବ୍

■ ୨୦୨୪ ଜାନୁୟାରୀ ପହିଲାରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

## କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାମ ବୁଲି ଦେଖିଲେ ପାଣ୍ଡିଆନ୍

ଭୁବନେଶ୍ୱର/କଟକ/ବାରଙ୍ଗ, ୨୯।୧୦(ସୁନିତ୍ ମିଶ୍ର/ସୁପ୍ରିୟା ପ୍ରିୟଦର୍ଶିନୀ/ ଲିଙ୍ଗରାଜ ରାଉତ)

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ରବିବାର ଭୋର୍ ସମୟରେ ବରିଷ୍ଠ ଅଧିକାରୀଙ୍କ ସହିତ କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସ୍ଥାନକୁ ଯାଇ କାମ ବୁଲି ଦେଖିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ମେଟ୍ରୋ ପ୍ରକଳ୍ପ ତ୍ରିଶୂଳିଆରୁ ଭାୟା ଚନ୍ଦ୍ରଶେଖରପୁର, ଜୟଦେବବିହାର, ବାଣୀବିହାର, ମାଷ୍ଟର କ୍ୟାଣ୍ଟିନ ଓ ରାଜମହଲ ଛକ ଦେଇ ଭୁବନେଶ୍ୱର ବିମାନ ବନ୍ଦରକୁ ସଂଯୋଗ କରିବ। ମେଟ୍ରୋ ପ୍ରକଳ୍ପ ନିର୍ମାଣ କାମ ଯେପରି ଠିକ୍ ସମୟରେ ଆରମ୍ଭ ହେବ ସେନେଇ ପାଣ୍ଡିଆନ୍ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ ଯେ, ଏପ୍ରିଲ ୨୦୨୩ ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମେଟ୍ରୋ ପ୍ରକଳ୍ପ ବିଷୟରେ ଘୋଷଣା କରିଥିଲେ। ଏଥିପାଇଁ ଡିପିଆର୍ ମଧ୍ୟ ସରକାରଙ୍କ ଅନୁମୋଦନ ଲାଭ କରିସାରିଛି। ଭୁବନେଶ୍ୱରରୁ ଖୋର୍ଦ୍ଧା, ପୁରୀ ଓ କଟକ ସହରରେ ମେଟ୍ରୋ ରେଳ ସମ୍ପ୍ରସାରିତ କରିବା ପାଇଁ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ଜରିଆରେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଚଳିତ ବର୍ଷ ଏପ୍ରିଲ୍ ପହିଲାରେ ଘୋଷଣା କରିଥିଲେ। ଏହାର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ୍ୟ ସରକାର ଅନୁମୋଦନ କରିଛନ୍ତି। ମେଟ୍ରୋ ରେଳ ସେବାକୁ ଭୁବନେଶ୍ୱରର ଅନ୍ୟ ସ୍ଥାନଗୁଡ଼ିକ ସହ



ତ୍ରିଶୂଳିଆ ଛକଠାରେ ୫-ଟି, ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ ପ୍ରକଳ୍ପର ସମୀକ୍ଷା କରୁଛନ୍ତି।

ଖୋର୍ଦ୍ଧା, ପୁରୀ ଓ କଟକର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ସମ୍ପ୍ରସାରିତ କରିବା ପାଇଁ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ପକ୍ଷରୁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ଏହି ପ୍ରକଳ୍ପ ଦ୍ୱାରା ଭୁବନେଶ୍ୱର ଓ କଟକ ମଧ୍ୟରେ ତ୍ରିଶୂଳିଆ ଏକ ପ୍ରମୁଖ ଜଙ୍କସନ ଭାବେ ଗଢ଼ି ଉଠିବ। ଏହା ସହିତ ବାଙ୍କୀ ଓ ଆଠଗଡ଼ ପଟରୁ ଦ୍ୱୈତ ନଗରୀ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ପଥ ଭାବରେ ଠିଆ ହେବ। ମେଟ୍ରୋ ରେଳ ପ୍ରକଳ୍ପର କେନ୍ଦ୍ରୀୟ ଡିପୋ ତ୍ରିଶୂଳିଆ ନିକଟରେ ନିର୍ମାଣ କରାଯିବ। ଏଠାରେ ପ୍ରକଳ୍ପର କମାଣ୍ଡ ଓ କଣ୍ଟ୍ରୋଲ ବ୍ୟବସ୍ଥା ସହିତ ମେଟ୍ରୋ ଟ୍ରେନର ମରାମତି ଓ ଷ୍ଟେବଲିଂ ସୁବିଧା ମଧ୍ୟ ରହିବ। ତ୍ରିଶୂଳିଆ ଛକରେ ଏକ ନୂଆ ବସ୍ ଷ୍ଟାଣ୍ଡ ମଧ୍ୟ ନିର୍ମାଣ କରାଯାଉଛି। ଏହାକୁ ଆହୁରି ସମ୍ପ୍ରସାରିତ କରାଯାଇ ମେଟ୍ରୋ ଷ୍ଟେଶନ ସହିତ ସମନ୍ୱିତ କରାଯାଇ ଏକକ ରହଣି ସ୍ଥଳ ଭାବେ ବିକଶିତ କରାଯିବ। ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପରେ ସଂଶ୍ଳିଷ୍ଟ ଥିବା ବିଭିନ୍ନ ବିଭାଗ ଓ ଏଜେନ୍ସିଗୁଡିକ କାମର ଅଗ୍ରଗତିରେ ପାଣ୍ଡିଆନ ସନ୍ତୋଷ ପ୍ରକାଶ କରିଛନ୍ତି। ଏହାସହ ଭିତ୍ତିଭୂମି ସ୍ଥାପନ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ୨୦୨୪ ଜାନୁୟାରୀ ପହିଲାରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ନିର୍ଦ୍ଧାରିତ ୪ ବର୍ଷର ସମୟସୀମା ମଧ୍ୟରେ ଯେପରି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ସେଥିପାଇଁ ୫-ଟି ନୀତି ଅନୁସରଣ କରି ପ୍ରକଳ୍ପର ସମସ୍ତ କାମକୁ ଭଲ ଭାବେ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏକ ଆକାଂକ୍ଷୀ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଅନୁଯାୟୀ ବିଶ୍ୱ ସ୍ତରୀୟ ସହରାଞ୍ଚଳ ଗମନାଗମନ ବ୍ୟବସ୍ଥାର ବିକାଶ ଲକ୍ଷ୍ୟ ହାସଲରେ ଏହି ପ୍ରକଳ୍ପ ଯେପରି ସଫଳ ହେବ ତାହା ସୁନିଶ୍ଚିତ କରିବାକୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀମାନଙ୍କ ପାଇଁ ଏକ ଉନ୍ନତ ଦକ୍ଷ ପରିବହନ ବ୍ୟବସ୍ଥାର ବିକାଶ ପାଇଁ ଏହି ପ୍ରକଳ୍ପରେ ସଦ୍ୟତମ ଟେକ୍ନୋଲୋଜିର ପ୍ରୟୋଗ ସହିତ ଅତ୍ୟାଧୁନିକ ଉପକରଣର ବ୍ୟବହାର ପାଇଁ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ଯାତ୍ରୀମାନେ ଯେପରି ସୁରୁଖୁରୁରେ ଏଠାରୁ ସବୁ ସ୍ଥାନକୁ ଯିବା ଆସିବା କରିପାରିବେ ସେଥିପାଇଁ ଅନ୍ୟାନ୍ୟ ପରିବହନ ବ୍ୟବସ୍ଥାକୁ ମେଟ୍ରୋ ରେଳ ସହିତ ଯୋଡ଼ିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହିତ ଭବିଷ୍ୟତରେ ଯେପରି ଆବଶ୍ୟକ ପଡ଼ିଲେ ଏହାକୁ ଆହୁରି ସମ୍ପ୍ରସାରିତ କରାଯାଇପାରିବ ତାକୁ ଧ୍ୟାନରେ ରଖି ଯୋଜନା ପ୍ରସ୍ତୁତ କରିବାକୁ କହିଛନ୍ତି।

ଅନ୍ୟପଟେ ପାଣ୍ଡିଆନ ଅଚାନକ କଟକ ନେତାଜୀ ବସ୍ ଟର୍ମିନାଲ ପରିଦର୍ଶନ କରି ସେଠାରେ ସାଧାରଣ ଲୋକ ଓ ଯାତ୍ରୀଙ୍କଠାରୁ ମତାମତ ନେବା ସହିତ ସେଠାର ସ୍ୱଚ୍ଛତା ପରଖିଛନ୍ତି। ସେ ଯାତ୍ରୀମାନଙ୍କ ବ୍ୟତୀତ ଦୋକାନୀ, ବିଭିନ୍ନ ସେବା ପ୍ରଦାନକାରୀ, ବସ ଅପରେଟର ଓ ଅନ୍ୟ ଷ୍ଟାଫମାନଙ୍କ ସହ କଥାବାର୍ତ୍ତା ହୋଇ ଅଧିକାରୀମାନଙ୍କୁ ସମନ୍ୱିତ ସୂଚନା ପରିଚାଳନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଛନ୍ତି। ଏହାପରେ ସେ ରୂପାନ୍ତରିତ ତାଳଦଣ୍ଡା କେନାଲ ମଧ୍ୟ ପରିଦର୍ଶନ କରିଛନ୍ତି। କେନାଲ କଡେ କଡେ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥାର ବିକାଶ କରିବାକୁ ପରାମର୍ଶ ଦେଇ କହିଛନ୍ତି ଯେ, ଏହାଦ୍ୱାରା କଟକ ସହରବାସୀଙ୍କ ପାଇଁ ଉତ୍ତମ ମନୋରଞ୍ଜନ ବ୍ୟବସ୍ଥାର ବିକାଶ ହୋଇପାରିବ। ପାଣ୍ଡିଆନଙ୍କ ସହିତ ଉନ୍ନୟନ କମିଶନର ଅନୁ ଗର୍ଗ, ଆଇ. ଟି. ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ର, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, କଟକ ଜିଲା ପ୍ରଶାସନ, ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଗସ୍ତ କରିଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ଜବତ

ସମ୍ବଲପୁର,୨୯।୧୦
(ପ୍ରମୋଦ ବହିଦାର)

ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢ଼ାରଜାର କଟରଧୁଆ ବନ୍ଧରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ଯୁବକ ଜଣକ ନିଖୋଜ ଥିବା ନେଇ ଶନିବାରଠାରୁ ଅଇଁଠାପାଲି ଥାନାରେ ପରିବାର ଲୋକଙ୍କ ପକ୍ଷରୁ ଏତଲା ଦିଆଯାଇଥିଲା। ତେବେ ସକାଳେ ଉକ୍ତ ପୋଖରୀରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ମଧ୍ୟରୁ ମୃତଦେହକୁ ଉଦ୍ଧାର କରିଥିଲେ। ମୃତ ଯୁବକ ମାଲିପଡ଼ାର ଗୋବିନ୍ଦ ଛତର ବୋଲି ଚିହ୍ନଟ କରାଯାଇଛି। ପୋଲିସ ପରିବାର ଲୋକଙ୍କୁ ଖବର ଦେବା ସହ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଦିଗିଭଅଁରା ଜଙ୍ଗଲରେ ମାଈ ହାତୀର ମୃତ୍ୟୁ

ସୋର,୨୯।୧୦(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା କୁଲଡିହା ରେଞ୍ଜ ସୋର ବନାଞ୍ଚଳ ଅଧୀନ ଦେବଗିରି ପାହାଡ଼ ପାଦଦେଶ ଦିଗିଭଅଁରା ଜଙ୍ଗଲରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ୪ ଦିନ ହେଲା ହାତୀଟି ଅସୁସ୍ଥ ଥିଲା। ବନ କର୍ମଚାରୀମାନେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୬ ତାରିଖରେ ଦନ୍ତୁରୁ ବିଟ୍ ହାଉସ୍ କର୍ମଚାରୀ ଏହି ଅସୁସ୍ଥ ମାଈ ହାତୀକୁ ଠାବ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଥିବା ବେଳେ ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ମାତ୍ର ରବିବାର ବାଘଆମ୍ପୁଡ଼ା ବିଟ୍ ଅଧୀନ ଦିଗିଭଅଁରା ଜଙ୍ଗଲରେ ହାତୀଟି ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସୋର ରେଞ୍ଜର ମନୋରଞ୍ଜନ ନାୟକ କହିଛନ୍ତି।

# ୨ଦିନ ପାଗ ଶୁଖିଲା

**ଭୁବନେଶ୍ୱର, ୨୯।୧୦(ଅସମାପିକା ସାହୁ):** ସାରା ରାଜ୍ୟରେ ଏବେ ଶୀତ ଅନୁଭୂତ ହେଉଛି। ଶୀତ ସହ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି। ସ୍ୱାଭାବିକ ଠାରୁ ୨ରୁ ୪ଡିଗ୍ରୀ ତାପମାତ୍ରା କମିଛି। ରବିବାର ତିନୋଟି ସହରରେ ତାପମାତ୍ରା ୧୫ଡିଗ୍ରୀ ତଳେ ରହିଛି। ଫୁଲବାଣୀରେ ସର୍ବନିମ୍ନ ୧୩ଡିଗ୍ରୀ ତାପମାତ୍ରା ଥିବାବେଳେ କୋରାପୁଟରେ ୧୩.୮, ଦାରିଙ୍ଗବାଡ଼ିରେ ୧୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଅନୁଗୋଳରେ ୧୫.୮, ନବରଙ୍ଗପୁର ୧୬.୬, ରାଉରକେଲା ୧୭.୬, ଦେବଗଡ଼ ୧୭.୯, ବୌଦ୍ଧ ୧୮, ଭବାନୀପାଟଣା ୧୬, ତାଳଚେର ୧୯, ହୀରାକୁଦ ୧୭.୧, ସୁନ୍ଦରଗଡ଼ ୧୮.୨, ସମ୍ବଲପୁର ୧୮.୭, ବାଲେଶ୍ୱର ୧୮.୧ ଡିଗ୍ରୀ ତାପମାତ୍ରା ରହିଥିଲା। ଆସନ୍ତା ୨ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପରେ ପାଗରେ ପରିବର୍ତ୍ତନ ଆସିବ। ବଙ୍ଗୋପସାଗରରୁ ଓଡ଼ିଶାକୁ ପୂର୍ବ ଦିଗରୁ ତରଙ୍ଗାୟିତ ଶୁଷ୍କ ପବନ ପ୍ରବାହ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ନଭେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ ବୋଲି ଆକଳନ କରାଯାଇଛି।

## ପ୍ରଥମ ପୃଷ୍ଠାରୁ

### ଆନ୍ଧ୍ରରେ ଟ୍ରେନ୍ ...

ହରାଇଥିବା ଲୋକଙ୍କ ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଶୋକବ୍ୟକ୍ତ କରିଛନ୍ତି। ସହାୟତା ପାଇଁ ପଦକ୍ଷେପ ନେବା ସହ ତୁରନ୍ତ ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିକଟବର୍ତ୍ତୀ ଜିଲା ବିଶାଖାପାଟଣା ଏବଂ ଅନକାପଲ୍ଲୀରୁ ଯଥାସମ୍ଭବ ଅଧିକ ଆମ୍ବୁଲାନ୍ସ ଘଟଣାସ୍ଥଳକୁ ପଠାଇବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ରେଳ ବିଭାଗ ପକ୍ଷରୁ ହେଲ୍ପ ଲାଇନ ନମ୍ବର ୦୮୯୫୬-୨୨୩୪୦୦, ୯୪୩୯୭୪୧୦୭୧, ୭୩୨୬୮୧୨୯୮୬ ଜାରି କରାଯାଇଛି। ଦୁର୍ଘଟଣା ଯୋଗୁ ରାୟଗଡା-ବିଶାଖାପାଟଣା ମଧ୍ୟରେ ଟ୍ରେନ୍ ଚଳାଚଳ ବନ୍ଦ ରହିଛି । ଏହି ଦୁର୍ଘଟଣା ଯୋଗୁ ବିଶାଖାପାଟଣା-କୋରବା ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ସୂଚନାଯୋଗ୍ୟ, ଗତ ଜୁନ୍ ୨ରେ ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନରେ ୩ଟି ଟ୍ରେନ୍ ମଧ୍ୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ୨୯୬ ଯାତ୍ରୀଙ୍କ ଜୀବନ ଯାଇଥିଲା। ଏହା ପରେ ଅନେକ ଛୋଟମୋଟ ଦୁର୍ଘଟଣା ଲାଗିରହିଥିବାବେଳେ ରବିବାର ରାତିରେ ଆନ୍ଧ୍ରପ୍ରଦେଶରେ ବଡ଼ ଦୁର୍ଘଟଣା ଘଟିଛି। ଫଳରେ ରେଲ୍ୱେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

### ପ୍ରାର୍ଥନା ସଭାରେ...

ଲାଗିପଡ଼ିଥିଲେ। ଆହତମାନଙ୍କୁ ତତ୍କାଳ କଲାମସେରି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଏବଂ ଜିଲାର ଅନ୍ୟ ଡାକ୍ତରଖାନାଗୁଡ଼ିକରେ ଭର୍ତ୍ତି କରିଥିଲେ। ୧୮ ଆହତଙ୍କୁ ଇନ୍ଟେନ୍ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖାଯାଇଥିବାବେଳେ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ୨ ମହିଳାଙ୍କ ମୃତ୍ୟୁ ଘଟିଛି ଏବଂ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଆହତମାନଙ୍କ ଚିକିତ୍ସା



ପାଇଁ ପ୍ରସ୍ତୁତ ହେବାକୁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଲାମସେରି ମେଡିକାଲ କଲେଜର ଡାକ୍ତର ଓ ନର୍ସମାନଙ୍କ ଛୁଟି ବାତିଲ କରିଦିଆଯାଇଛି। କୋଟ୍ଟାୟମ୍ ମେଡିକାଲ କଲେଜରୁ ଏକ ବର୍ନ୍ସ ଟିମ୍କୁ ଜରୁରୀ ସହାୟତା ପାଇଁ ସେଠାକୁ ପଠାଯାଇଛି। କଲାମସେରି ଏମ୍ପି ହିବି ଏଡେନ୍ କହିଛନ୍ତି, ପ୍ରଥମ ବିସ୍ଫୋରଣ ହଲ୍ର କେନ୍ଦ୍ରସ୍ଥଳରେ ଘଟିଥିଲା। ଏହା ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର ଯୋଜନା କରାଯାଉଥିବାବେଳେ ଆଉ ୨ଟି ବିସ୍ଫୋରଣ ହୋଇଥିଲା। ଫଳରେ ପ୍ରବଳ ଧୂଆଁ ଓ ଲୋକଙ୍କ ଚିତ୍କାର ଭିତରେ ଦଳାଚକଟା ହୋଇଥିଲା।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍ଙ୍କ ସହ ଫୋନ୍ରେ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ଏନ୍ଆଇଏ ଏବଂ ଜାତୀୟ ସୁରକ୍ଷା ଗାର୍ଡ (ଏନ୍ଏସ୍ଜି)କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଆତଙ୍କବାଦ ନିରୋଧୀ ଅପରେଶନ୍ ତଦନ୍ତ ବିଶେଷଜ୍ଞ ଏନ୍ଆଇଏର ଏକ ୪ ଜଣିଆ ଟିମ୍ ବିସ୍ଫୋରଣସ୍ଥଳରେ ପହଞ୍ଚି ପ୍ରମାଣ ସଂଗ୍ରହରେ ଲାଗିପଡ଼ିଛି। ବିସ୍ଫୋରକ ସାମଗ୍ରୀକୁ ଏକ ଟିଫିନ୍ ବକ୍ସରେ ରଖାଯାଇ ସେଠାରେ ଖଞ୍ଜାଯାଇଥିବା ଉକ୍ତ ଟିମ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବିଜୟନ୍ ଏହାକୁ 'ଦୁର୍ଭାଗ୍ୟଜନକ' କହି ସ୍ଥିତିର ସମୀକ୍ଷା ଚାଲିଥିବା ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ବ୍ଲାଷ୍ଟ୍ ସାଇଟ୍କୁ ଯିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେକ୍ରେଟାରିଏଟ୍ କମ୍ପ୍ଲେକ୍ସସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କନ୍ଫରେନ୍ସ ହଲ୍ରେ ବିଜୟନ୍ ସୋମବାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଇତିମଧ୍ୟରେ ବିସ୍ଫୋରଣ ପାଇଁ ସନ୍ଦିଗ୍ଧ ଡୋମିନିକ୍ ମାର୍ଟିନ୍ ନିଜକୁ ଦାୟୀ କରି ଥ୍ରିସୁର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାର୍ଟିନ୍ ନିଜ ସମ୍ପୃକ୍ତି ନେଇ ଦେଇଥିବା ପ୍ରମାଣକୁ ଯାଞ୍ଚ କରାଯାଉଛି ବୋଲି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଏମ୍.ଆର୍. ଅଜିତ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମାର୍ଟିନ୍ ନିଜକୁ ଊନବିଂଶ ଶତାବ୍ଦୀରେ ଆମେରିକାରେ ଆରମ୍ଭ ହୋଇଥିବା ଜେହୋଭା ୱିଟ୍ନେସ୍ ଧର୍ମୀୟ ଗୋଷ୍ଠୀର ଜଣେ ଅନୁଗାମୀ ବୋଲି ଦାବି କରିଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶାଇକ୍ ଦର୍ବେଶ ସାହେବ ବିସ୍ଫୋରଣରେ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବ୍ୟବହାର କରାଯାଇଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କେରଳର ମଲପ୍ପୁରମ୍ରେ ଶୁକ୍ରବାର ଆୟୋଜିତ ପାଲେଷ୍ଟାଇନ୍ ସପକ୍ଷବାଦୀ ରାଲିରେ ହମାସ୍ ନେତା ଖାଲେଦ ମଶାଲ ଭର୍ଚୁଆଲି ଯୋଗଦେଇ ବିକ୍ଷୋଭକାରୀମାନଙ୍କୁ ସମ୍ବୋଧିତ କରିଥିବାରୁ ଏହି ବିସ୍ଫୋରଣରେ ଗାଜାର ଆତଙ୍କବାଦୀ ସଙ୍ଗଠନ ହମାସ୍ର ସମ୍ପୃକ୍ତି ଥାଇପାରେ ବୋଲି ମଧ୍ୟ ସନ୍ଦେହ କରାଯାଉଛି। ସେପଟେ ଜାତୀୟ ରାଜଧାନୀରେ ଅନୁରୂପ ବିସ୍ଫୋରଣର ଆଶଙ୍କା କରି ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଦିଲ୍ଲୀ ପୋଲିସ କଡ଼ା ସୁରକ୍ଷା ବନ୍ଦୋବସ୍ତ କରିଛି। ପାର୍ବଣ ଋତୁ ଚାଲିଥିବାବେଳେ ଆର୍ଥିକ ରାଜଧାନୀରେ କ୍ରିକେଟ୍ ମ୍ୟାଚ୍ ଆୟୋଜନକୁ ଦୃଷ୍ଟିରେ ରଖି ମୁମ୍ବାଇ ପୋଲିସ ମଧ୍ୟ ସର୍ବାଧିକ ସତର୍କତା ଅବଲମ୍ବନ କରିଛି। ଇସ୍ରାଏଲ-ହମାସ୍ ଯୁଦ୍ଧ ପରିପ୍ରେକ୍ଷୀରେ ମୁମ୍ବାଇସ୍ଥିତ ଚାବାଦ୍ ହାଉସ୍ ଇହୁଦି ସେଣ୍ଟରରେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ପିଆଜ ଦରବୃଦ୍ଧି: କଳାବଜାରୀଙ୍କ ...

ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦର ଏବେ ବଢ଼ିବାରେ ଲାଗିଛି। ଚାଷ ସମୟ ଚାଲିଛି। ଅମଳ ହେବା ପାଇଁ ମଧ୍ୟ ସମୟ ପାଖେଇ ଆସିଲାଣି। ଏହି ବ୍ୟବଧାନକୁ କେଉଁଭଳି ମ୍ୟାନେଜ କରି ଖାଉଟିଙ୍କୁ ଠିକ୍ ଦରରେ ଅତ୍ୟାବଶ୍ୟକ ସାମଗ୍ରୀ ମିଳିବ ସେ ଦିଗରେ ବିଭାଗ ଗୁରୁତ୍ୱ ଦେଉଛି ବୋଲି ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରସ୍ତୁତି ବୈଠକ

କୋକସରା,(ଦୁଷ୍ମନ୍ତ କୁମାର ପାଇଯୋଶୀ): ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଜିଲା ଗସ୍ତ ପୂର୍ବରୁ ରବିବାର ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅଧୀନ କୋକସରା ସଦର ମହକୁମାର ଧାନ ମଣ୍ଡିରେ ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଶୁସାନ୍ତ ବେହେରାଙ୍କ ସଭାପତିତ୍ୱରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବିଧାୟକ ଧର୍ମଗଡ଼ ମୋଷଧି ବାଗ, ନିର୍ବାଚନମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝିଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଓ ଆସନ୍ତା ୩ରେ ବ୍ଲକ ମହକୁମାରେ ଆମ ଓଡିଶା ନବୀନ ଓଡିଶା ଆୟୋଜନ ବିଷୟରେ ଆଲୋଚନା କରିଥିଲେ।

**ସଂକ୍ଷେପରେ**

## ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

କୋକସରା,୨୯।୧୦(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ମୁକାବିଲା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିପିଇଓ ବିରଞ୍ଚି ଖର୍ସେଲଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ତହସିଲଦାର ନବୀନ କିଶୋର ପାଢ଼ୀ, ଭାରପ୍ରାପ୍ତ ବିଡିଓ ଶ୍ରୀଧର ପଣ୍ଡା, ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ବାଗ ଓ ମିଶନ ଶକ୍ତିର ବ୍ଲକ ସଂଯୋଜକ ସୁରେଶ ଚନ୍ଦ୍ର ରାଉତ ଉପସ୍ଥିତ ରହିଥିଲେ। ବିଭିନ୍ନ ପଞ୍ଚାୟତର ସମିତି ସଦସ୍ୟ, ସରପଞ୍ଚ ଓ ମିଶନ ଶକ୍ତିର ମହିଳା କର୍ମଚାରୀ ଏମବିକେ, ସିଆରପିଙ୍କୁ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ସମୟରେ ବିପର୍ଯ୍ୟୟ ପରିଚାଳନା ମୁକାବିଲା ବିଷୟରେ ବୁଝାଇବା ସହ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଡେମୋ କରି ପ୍ରଦର୍ଶିତ କରିଥିଲେ।

## ଦିଲ୍ଲୀ ଗଲା ସଂଗୃହୀତ ମାଟି ଅମୃତ କଳସ

ନୂଆପଡ଼ା,୨୯।୧୦(ମକାରୁ ବେମାଲ)

ନୂଆପଡା ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସଂଗୃହୀତ ମାଟି ଅମୃତ କଳସ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ନୂଆପଡା ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ଭାଜପା ଜିଲା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାର ୧୦ଜଣ ସ୍ୱେଚ୍ଛାସେବୀ ମାଟି ଅମୃତ କଳସ ଧରି ବସ ଯୋଗେ ଭୁବନେଶ୍ୱର ଯାଇ ସ୍ୱତନ୍ତ୍ର ଟ୍ରେନ ଯୋଗେ ଦିଲ୍ଲୀ ଯାତ୍ରା କରିବେ ବୋଲି ନେହେରୁ ଯୁବ କେନ୍ଦ୍ର ନୂଆପଡା ମୁକେଶ ପାଣ୍ଡେ ସୂଚନା ଦେଇଛନ୍ତି।

## ଖଡ଼ିଆଳରେ ହନୁମାନ ପୂଜା ଆରମ୍ଭ

ଖଡ଼ିଆଳ,୨୯।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ବର୍ଷ ହନୁମାନ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଚଳିତବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ୩ ଦିନ ଧରି ହେଉଥିବା ବେଳେ ପୂଜା କର୍ତ୍ତା ଭାବେ ମନୋଜ ହୋତା ଓ ଯସସ୍ୱିନୀ ହୋତା ଥିବାବେଳେ ପୂଜକ ଭାବେ ମୁଖ୍ୟ ପୂଜକ ଚିତବିନୋଦ ମିଶ୍ର, ମନୋଜ ମୁଣ୍ଡ, ଶକ୍ତିବାନ ଜ୍ୟୋତିଷ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପୂଜା କମିଟି ସଭାପତି ସନ୍ତୋଷ ବାରିକ, ଉପସଭାପତି ନମେଶ ବାରିକ, ସମ୍ପାଦକ ଗୁପ୍ତେଶର ମିଶ୍ର, ଯୁଗ୍ମ ସମ୍ପାଦକ ବିକାଶ ଅଗ୍ରୱାଲ, କୋଷାଧ୍ୟକ୍ଷ ଶଙ୍କର ପୁରୋହିତ, ବାରିଷ୍ଟ ସଦସ୍ୟ ମିଳିନ୍ଦ ଖମାରି, ହୃଷୀକେଶ ସାହୁ, କବିରାଜ ମେହେର, ସୁମିତ ଅଗ୍ରୱାଲ, ବିଜୟ ବାରିକ, ଅନୀଲ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

# ମା' ଡୋକରୀ ଦେବୀ, ବୁଢ଼ାରଜାଙ୍କ ଯାତ୍ରା

ଜୁନାଗଡ଼,୨୯।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମରେ ରବିବାର ମା' ଡୋକରୀ ଦେବୀ ଓ ବୁଢ଼ାରଜାଙ୍କ ୮୦ତମ ଦଶହରା ଓ କୁମାରୋତ୍ସବ ପର୍ବ ପାଳିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ମା' ଡୋକରୀ ଦେବୀଙ୍କ ପୂଜା ପାଇଁ ଅଷ୍ଟମୀ ତିଥିରେ ଗ୍ରାମର ପୂଜକ ଓ ଗ୍ରାମବାସୀ କର୍ଲାପାଟକୁ ଯାଇ ଆଜ୍ଞାମାଳ ଆଣି ଦଶମୀ ତିଥିରେ ଡୋକରୀ ଦେବୀ ପୀଠରେ ରଖିଥାନ୍ତି ଏବଂ କୁମାରପୂର୍ଣ୍ଣିମାରେ ମା'ଡୋକାରୀ ଦେବୀଙ୍କୁ ରାଜପୁର ଜମୀନଦାର ଯୁବରାଜ ଅନିଲ ସିଂହଦେଓ ପୂଜାର୍ଚ୍ଚନା କରିଥାନ୍ତି। ଗ୍ରାମର ଗୋନ୍ତିଆ ଶାନ୍ତନୁ ପାଣିଗ୍ରାହୀ, ମୁଖ୍ୟ ପୂଜକ କମଳା କାନ୍ତ ପୂଝାରୀ, ପ୍ରମୋଦ ପୂଝାରୀ, ସୁଶିଲ କୁମାର ମାଝି ଏବଂ ବିକର୍ଣ୍ଣ ମାଝି ମା'ଙ୍କ ପୂଜାରେ ସହାୟତା କରିଥାନ୍ତି। ଝାମୁଯାତ୍ରା ଶେଷ ହେବା ପରେ ଅପରାହ୍ନରେ ମା' ଡୋକରୀ ଦେବୀ ଓ ବୁଢାରଜାଙ୍କ କଳସୀ



ମା' ଡୋକରୀ ଦେବୀ ଓ ବୁଢ଼ାରଜାଙ୍କ ପୂଜା।

ଶଙ୍ଖ, ଘଣ୍ଟ ଏବଂ ସଂକୀର୍ତ୍ତନ ସହ ନଗର ପରିକ୍ରମା କରିଥିଲେ। ଗ୍ରହଣ ସନ୍ଧ୍ୟା ଚାରି ଟାରୁ ଲାଗୁଥିବା ଯୋଗୁ ୩ଟା ୪୫ ମିନିଟରୁ ଦେବୀ ପୀଠରେ ପୂଜାର୍ଚ୍ଚନା ବନ୍ଦ ରହିଥିଲା। ଗ୍ରହଣ ଛାଡିବା ପରେ ରାତି ୩ଟାରେ ମା' ଡୋକରୀ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଗ୍ରାମର ଅନେକ ଲୋକ ସାମିଲ ହୋଇ ମା'ଙ୍କ କୃପା ଲାଭ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆୟୋଜକ କମିଟି ସଭାପତି ଦେବ ବାଗ ଏବଂ କୋଷାଧ୍ୟକ୍ଷ ଶଙ୍କର ପୂଝାରୀ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ଘୁମୁରା ପ୍ରତିଯୋଗିତାରେ ପ୍ରାୟ ୧୮ଟି ଦଳ ଭାଗ ନେଇଥିଲେ। ଏଥିରେ ପୁରାତନ ଘୁମୁରା ଦଳ ଭାବେ ମାଁ ଡୋକରୀ କଳା ପରିଷଦ ଘୁମୁରା ଦଳ ରାଜାମୁଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମା' ମାଣିକେଶ୍ୱରୀ ଘୁମୁରା ଦଳ ଭବାନୀପାଟଣା ଦ୍ୱିତୀୟ ଏବଂ ଜୟ ମା' ଘୁମୁରା ଦଳ ଭବାନୀପାଟଣା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଘନଶ୍ୟାମ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଗୋଲାମୁଣ୍ଡା ବ୍ଲକ ପୂର୍ବତନ ଅଧକ୍ଷ ଦୁଲେଶ୍ୱର ନାଏକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ସୁଧାଂଶୁ ଶେଖର ମହାବିଦ୍ୟାଳୟ ଅଧକ୍ଷ ମାନସ ରଞ୍ଜନ ପଣ୍ଡା ଯୋଗଦାନ କରି ମା' ଡୋକରୀ ଦେବୀଙ୍କ ମହିମା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ତପନ କୁମାର ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ କାମାକ୍ଷ ଗୁରୁ, ପ୍ୟାରିଲାଲ ନାଏକ, ବିଜୁ ଠେଲା ପ୍ରମୁଖ ସହଯୋଗ କରିଥିଲେ। ଚିଲିଗୁଡା ଫାଣ୍ଡି ଅଧିକାରୀ ସୁବୋଧ କୁମାର ପୁଜାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଜୁନାଗଡ଼ ବ୍ଲକ ରାଜ୍ୟରେ ପ୍ରଥମ



ଜୁନାଗଡ଼ ବ୍ଲକ ଅଧକ୍ଷା, ବିଡିଓ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭବାନୀପାଟଣା,୨୯।୧୦(ଉତ୍ତମ କୁମାର ଦାଶ)

ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କ୍ଷେତ୍ରରେ ରାଜ୍ୟରେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ ଅବସରରେ ଜୁନାଗଡ଼ ବ୍ଲକକୁ ଏହି ପୁରସ୍କାର ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ସ୍ୱତନ୍ତ୍ର ରିଲିଫ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସତ୍ୟବ୍ରତ ସାହୁ, ବିଶ୍ୱ ବ୍ୟାଙ୍କ ଦେଶ ନିର୍ଦ୍ଦେଶକ ଅଗଷ୍ଟ ଟାନୋ କୌଆମେ ଓ ମାନ୍ୟବାଣ୍ଣ ବ୍ୟାଙ୍କିଙ୍କ ଉପସ୍ଥିତିରେ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମୟରେ ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର ଓ ବିଡିଓ ଦେବାଶିଷ କର ଉପସ୍ଥିତ ରହି ଏହି ପୁରସ୍କାରକୁ ଗ୍ରହଣ କରିଥିଲେ। ରାଜ୍ୟର ସମସ୍ତ ବ୍ଲକ ମଧ୍ୟରୁ ଜୁନାଗଡ଼ ବ୍ଲକ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଏହା କଳାହାଣ୍ଡି ପାଇଁ ଗୌରବର ବିଷୟ। ଏହି ସଫଳତା ନେଇ ଜିଲାର ବିଭିନ୍ନ ମହଲରୁ ଜୁନାଗଡ଼ ବ୍ଲକ କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଯାଉଛି।

# ଗୋଁଣ୍ଡ ସଂସ୍କୃତି ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ




ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବେହେରା,୨୯।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଧରପୁରଠାରେ ରବିବାର ଧର୍ମଗଡ ବ୍ଲକ ଗୋଁଣ୍ଡ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। ଗୋଁଣ୍ଡ ଆଦିବାସୀମାନଙ୍କ ପାରମ୍ପରିକ ବାଦ୍ୟ, ମାଦଳି, ଘୁମୁରା ଧରି ଅତିଥିମାନଙ୍କୁ ସମ୍ମାନର ଶହ ବଜାର ପଡ଼ିଆରେ ହେଉଥିବା ମଞ୍ଚକୁ ପାଛୋଟି ଆଣିଥିଲେ। ଆଦିବାସୀ ଝିଅଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ଜଣାଇଥିବା ବେଳେ କୁନି ଝିଅମାନଙ୍କ ଦ୍ୱାରା ଗୋଁଣ୍ଡମାନଙ୍କ ପାରମ୍ପରିକ ସଙ୍ଗୀତ ଗାୟନ କରାଯାଇଥିଲା। ଏଥିରେ ଧର୍ମଗଡ ବ୍ଲକ ସଭାପତି ଟଙ୍କଧର ଅଣ୍ଟି ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ ଥିବବେଳେ ମୁଖ୍ୟବକ୍ତା ଭାବେ ଛତିଶଗଡ଼ ବେନ୍ଦ୍ରା ନୟାଗଡ଼ ବିଧାୟକ ମୟୁଧର ପୂଝାରୀ, ସମ୍ମାନିତ ଅତିଥି ଭାବେ ପୁଷ୍ପେନ୍ଦ୍ର ସିଂଦେଓ ପୂର୍ବତନ ମନ୍ତ୍ରୀ, ଚନ୍ଦ୍ରକାନ୍ତ ମାଝି, ମହେଶ୍ୱର ମାଝି, ରମାକାନ୍ତି ମାଝି ସିନାପାଲି ବ୍ଲକ ସଭାପତି, ପ୍ରସନ୍ନ ମାଝି ଜିଲା ସଭାପତି ନୂଆପଡ଼ା, ବାହାଦୁର ମାଝି ସାମାଜିକ କର୍ମୀ ସ୍ୱର୍ଣ୍ଣଲତା ମାଝି ଏସଡିସି ଭାଇସଚେୟାରମେନ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଗୋଁଣ୍ଡମାନଙ୍କ ମଧ୍ୟରେ ଭାତୃଭାବ ଏବଂ ସଙ୍ଗଠନ ପ୍ରତି ଆଗ୍ରହ ସୃଷ୍ଟି କରି ପରସ୍ପର ସାହାଯ୍ୟ କରି ଗୋଁଣ୍ଡ ସମାଜକୁ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି ଏବଂ ସ୍ୱାଭିମାନ ରକ୍ଷା କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଆଗାମୀ ଦିନରେ ଗୋଁଣ୍ଡମାନଙ୍କ ସମ୍ବିଧନିକ ଅଧିକାର ପାଇବା ସମସ୍ତ ଅତିଥିମାନେ ପରମ୍ପରାକୁ ବଜାୟ ରଖିବାକୁ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମକିଶୋର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ହରେକୃଷ୍ଣ ନାଏକ, ଇଶରାମ ମାଝି, ସାନ ନାଏକ, ଯୁବରାଜ ନାଏକ, କୃଷ୍ଣଚନ୍ଦ୍ର ମାଝି, ତୁଳସୀ ରାମ ନାଏକ ଓ ଅନ୍ୟମାନେ ସହଯୋଗ କରିଥିଲେ। ଅଭିଭାଷଣ ପରେ ଝିଅଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ, ଶିଳାନ୍ୟାସ

ନୂଆପଡ଼ା/ଖଡ଼ିଆଳ,୨୯।୧୦(ମକାରୁ ବେମାଲ/ ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ମା' ସୁନାଦେଈଙ୍କ ଛତର ଯାତ୍ରା ଅବସରରେ ଶନିବାର ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଆସି କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟରେ ଅବତତରଣ କରି ମା' ସୁନାଦେଈଙ୍କ ଦର୍ଶନ କରି ଆର୍ଶୀବାଦ ଭିକ୍ଷା ନେଇ ସୁନାବେଡାଠାରେ ନିର୍ମାଣାଧୀନ ଶିତଳଭଣ୍ଡାର, ସୁନାଦେଇ ଗୋଷ୍ଠୀ ଗୃହ ଉଦଘାଟନ କରିଥିଲେ। ସୁନାବେଡାଠାରୁ ବାଟିବାହାଲ ବିଜୁ ଏକ୍ସପ୍ରେସ ୱେ ପର୍ଯ୍ୟନ୍ତ ପକ୍କା ସଡକ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ସେଠାରୁ ହେଲିକେପ୍ଟର ଯୋଗେ ସିଳଭାଠାରେ ଅବତରଣ କରି ସିଳଭା ଗ୍ରାମୀଣ ହାଟ, ସିମେଲ ନାଳା ବ୍ରିଜ, ମିଶନଶକ୍ତି ଗୃହ, ସମଲେଇଶ୍ୱରୀ ଗୋଷ୍ଠୀ ଗୃହ, ପଞ୍ଚାୟତ୍ ସହାୟତା ଗୃହ ଉଦଘାଟନ କରିଥିଲେ। ସେଠାରୁ ଖଡିଆଳ ଅଭିମୁଖେ ସ୍ୱତନ୍ତ୍ର ହେଲିକେପ୍ଟରରେ ଯାଇ ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆରେ ଅବତରଣ କରି ବହୁମୁଖୀ ହଲ ଉଦଘାଟନ କରି ଖଡିଆଳ ଚର୍ଚ୍ଚର ଶତବାର୍ଷିକ ଉତ୍ସବରେ ଯୋଗଦେଇଥିଲେ। ସେଠାରୁ ରିଶଗାଁ ଯାଇ ପଞ୍ଚାୟତ ସହାୟତା ଗୃହ, ଦୋକାନ ଗୃହ ଉଦଘାଟନ କରି ନୂତନ ପାଠାଗାର ପାଇଁ ଭୂମି ପୂଜନ କରିଥିଲେ। ଖଡ଼ିଆଳ ବ୍ଲକ ତୁକଲାଠାରେ ପାଠାଗାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉଦଘାଟନ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ମଧ ଯୋଗଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ମନ ମୋହୁଛି ଜଳନ୍ଧର ଦରବାର, ଅପେରା



ଜଳନ୍ଧର ଦରବାରରେ କଳାକାରମାନେ ଅଭିନୟ କରୁଛନ୍ତି।

କର୍ଲାମୁଣ୍ଡା,୨୯।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମର ବେଲପଡ଼ାଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାଆଡମ୍ବରରେ ପାଳିତ ହେଉଛି। ଚଳିତ ବର୍ଷ ମା' ଗଜଲକ୍ଷ୍ମୀ ପୂଜାର ଦ୍ୱିତୀୟ ସଂକଳ୍ପ ତଥା ୨୪ବର୍ଷ ପୂର୍ତ୍ତି ଅବସରରେ କମିଟି ପକ୍ଷରୁ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜଣାପଡ଼ିଛି। ଏଥିରେ ବସନ୍ତ କୁମାର ସାହୁ ଓ ଲିଲି ସାହୁ ପୂଜା କର୍ତ୍ତା ଓ ପୂଜକ ଡୋଳାମଣି ପଣ୍ଡିଆ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ପୂଜାର ପ୍ରଥମ ସନ୍ଧ୍ୟାରେ 'ଦୈତ୍ୟ ଜଳନ୍ଧର ରାଜ ଦରବାର'ର ନାଟକ ଓ ପରେ ମୁକ୍ତମଞ୍ଚ ଅପେରା ଦର୍ଶକଙ୍କ ମନ ଛୁଇଁଥିଲା। ଏହି ଅବସରରେ ମା' ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଯୁଗଳ କିଶୋର ନାଏକ, ଉପସଭାପତି ରଶ୍ମିରଞ୍ଜନ ରଣା, ସମ୍ପାଦକ

**୨୪ ବର୍ଷରେ ତେରେସିଂହା ମା' ଗଜଲକ୍ଷ୍ମୀ ପୂଜା**

କ୍ଷେତ୍ରମଣି ରଣା, ଚତୃଭୁଜ ରଣା, ହୃଷିକେଶ ରଣା, ନାରାୟଣ ସରାଫ, ଅରୁଣ ରଣା, ମୋତିଲାଲ ସାହୁ, ସମ୍ପଦ ରଣା, ତପନ ମାଝି, ରାଜ କୁମର ରଣା, ଅଜୟ କୁମାର ରଣା, ମନୋଜ ରଣା, ମହେଶ୍ୱର ଗହୀରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଆସନ୍ତା ୧ ତାରିଖରୁ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରିଷିଡା ସଲନ୍ଦିଆମୁଣ୍ଡାଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଶନିବାରଠାରୁ ଆରମ୍ଭ ହୋଇଯାଇଛି। ହେବାକୁ ଥିବା ଅଷ୍ଟ ପ୍ରହର ନାମ ଯଜ୍ଞ ପାଇଁ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ଜଣାପଡିଛି।

# କଳାହାଣ୍ଡି ଲେଖିକା ସଂଘର ବାର୍ଷିକ ସମୀକ୍ଷା ବୈଠକ

ଭବାନୀପାଟଣା,୨୯।୧୦(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହରସ୍ଥିତ ବ୍ରଜ ବିହାର ଶିଶୁ ବିଦ୍ୟା ମନ୍ଦିରରେ ରବିବାର କଳାହାଣ୍ଡି ଲେଖିକା ସଂଘର ବାର୍ଷିକ ସମୀକ୍ଷା ବୈଠକ ଓ ଦଶହରା କାବ୍ୟୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଲେଖିକା ସଂଘ ସଭାନେତ୍ରୀ ସୁଦେଷ୍ଣା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦିକା କଳ୍ପନା ରଥ କୋଷାଧ୍ୟକ୍ଷା ସବିତା ଶତପଥୀ ଆୟବ୍ୟୟ ଅଟକଳ ସମୀକ୍ଷା କରିଥିଲେ। ସୁମତି ମୁଣ୍ଡଙ୍କ ସଂଯୋଜନାରେ ସ୍ୱର୍ଣ୍ଣକାନ୍ତି ବୈକାର, ଆନନ୍ଦିନୀ ପାତ୍ର, ଲୀନା ଦାସ, ବନଶ୍ରୀ ଦାସ,କଳ୍ପନା ରଥ, ସବିତା ଶତପଥୀ, ସୁଦେଷ୍ଣା ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଆଗାମୀ ବର୍ଷ କିପରି ବାର୍ଷିକ ଉତ୍ସବ ଆହୁରି ସଫଳ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଲେଖିକା ସଂଘର ସହ ସମ୍ପାଦିକା ମିନତି ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦଶହରା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଧୂମାଭଟା ଚାମ୍ପିୟନ

କର୍ଲାମୁଣ୍ଡା,୨୯।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ମିନି ଷ୍ଟାଡିଅମଠାରେ ସନରାଇଜ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଦଶହରା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଧୂମାଭଟା ଓ ସିଲେଟ ପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧୂମାଭଟା ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୧୫ ଓଭରରେ ୧୫୦ ରନ କରିଥିଲା। ସିଲେଟପଡା ଦଳ ପକ୍ଷରୁ ୧୫୧ ରନ ବିଜୟଲକ୍ଷ୍ୟକୁ ପିଛାକରି ୧୧.୫ ଓଭରରେ ସମସ୍ତ ଉଇକେଟ ହରେଇ ୮୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଧୂମାଭଟା ଦଳ ଚଳିତବର୍ଷର ଦଶହରା କପ ଚାମ୍ପିୟନ ହୋଇଥିଲା। ଚମ୍ପିୟାନ ଦଳକୁ ପନ୍ଦର ହଜାର ଟଙ୍କା ନଗଦ ରାଶି ଓ ଟ୍ରଫି ଆଉ ଉପବିଜେତା ସିଲେଟପଡା ଦଳକୁ ଦଶ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ ଅଭିମନ୍ୟୁ ରଣା ଓ ବିମ୍ବାଧର ରଣା ପରିଚାଳନା କରିଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ଜିଲା ପରିଷଦ (କ) ଜୋନ ମହେନ୍ଦ୍ର ରଣା, ରିଷିଡା ସରପଞ୍ଚ ସେବତୀ ରଣା, ରିଷିଡା ପଞ୍ଚାୟତ ନାଏବ ସରପଞ୍ଚ ନରେଶ କେଡ଼ିଆ, ସାମାଜିକ କର୍ମୀ ପ୍ରଦୀପ ସାହୁ, କମ୍ବୁପାଣି ସାହୁ, ସତ୍ୟନାରାୟଣ କୁମାର, ଭଜ ଶ୍ୟାମ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ ରେ ସ୍କୋର ବୋର୍ଡ ଦାୟିତ୍ୱ ଲିପୁ ସେଠ, ବୁଲୁ ଭୋଇ ତୁଲାଇ ଥିଲେ। ଶୁଭ୍ରାଂଶୁ ସେଲମା ଓ ଅମିତ ସେଠୀ ଧାରାବିବରଣୀ ପ୍ରଦାନ କରିଥିଲେ। ଟିମ ମ୍ୟାନେଜର ମାର୍କଣ୍ଡ ସାହୁ, କୈଳାସ ସାହୁ, କ୍ଲବ ସଭାପତି ସୀତାରାମ ପାତ୍ର, ସାଧାରଣ ସମ୍ପାଦକ ଭଜ ଶ୍ୟାମ ସାହୁ, ସହ ସମ୍ପାଦକ ସୁବ୍ରତ ରଣା, ବୁଲୁ ଭୋଇ, ଦେବେନ୍ଦ୍ର ଲେଙ୍କା, ଉପସଭାପତି ବିମ୍ବାଧର ରଣା, ଲୋଚନ ରଣା, ତ୍ରିଶଙ୍କ ରଣା, ବବଲୁ ଦଣ୍ଡସେନା, ଅଜୟ କୁମାର, ଅଭିମନ୍ୟୁ ରଣ, ମୋହିତ ବାଗ ପମୁଖ ସହଯୋଗ କରିଥିଲେ।




ବିଜୟୀ ଦଳ ସହ ମୁଖ୍ୟଅତିଥି ଓ ଅନ୍ୟଅତିଥି ବୃନ୍ଦ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ଭବାନୀପାଟଣା,୨୯।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୩ ଦିନ ଧରି ଚାଲିଥିବା ୧୯ବର୍ଷରୁ କମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ରବିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। କଳାହାଣ୍ଡି ବ୍ୟାଡ଼ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘର ଅନୁବନ୍ଧିତରେ ଓ ଜିଲା ପ୍ରଶାସନର ସହଯୋଗରେ ପ୍ରତିଯୋଗିତା ହୋଇଥିଲା। ଜିଲା ସଂଘ ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଯୋଗଦେଇଥିଲେ। ଭବାନୀପାଟଣାରେ ଗୋଟିଏ ଆନ୍ତର୍ଜାତୀୟ ଇନ୍‌ଡୋର ଷ୍ଟାଡିୟମ, ସାଇ ଏକାଡେମୀର ଅନ୍ୟତମ ଶାଖା ପଶ୍ଚିମ ଓଡିଶାର ଭବାନୀପାଟଣାଠାରେ ଖୋଲାଯିବା ନେଇ ପ୍ରଚେଷ୍ଟା କରିବେ ବୋଲି ଅଭିଭାଷଣ ରଖିବା ସହ କଳାହାଣ୍ଡିର ଯେ କୌଣସି କୃତୀ ଖେଳାଳିର ପ୍ରଶିକ୍ଷଣ ପାଇଁ ଆର୍ଥିକ ସାହାର୍ଯ୍ୟର ଅଭାବ ରହିବ ନାହିଁ ବୋଲି ରାଜ୍ୟ ସଭା ସଦସ୍ୟ କୁମାର କହିଥିଲେ। ପ୍ରତିଯୋଗିତାରେ କୃତୀ ଖେଳାଳିମାନଙ୍କୁ




କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

**କୃତୀ ପ୍ରତିଯୋଗୀ ପୁରସ୍କୃତ**

ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କ୍ରମରେ ୧୯ ବର୍ଷରୁ କମ ବାଳକ ବିଭାଗର ଏକକ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ଶ୍ରେୟାଂଶ ପରିଡା ବିଜୟୀ ହୋଇଥିବାବେଳେ କଳାହାଣ୍ଡିର ଅର୍ପିତା ପଣ୍ଡା ଉପବିଜେତା ହୋଇଥିଲେ। ବାଳିକା ବିଭାଗରେ ଏକକ ପ୍ରତିଯୋଗିତାରେ ରାଉରକେଲାର ଗୀତାଶ୍ରୀ ଦେ ବିଜୟୀ ହୋଇଥିବାବେଳେ ସମ୍ବଲପୁରର ଅଶ୍ୱିକା ମିଶ୍ର ଉପବିଜେତା ହୋଇଥିଲେ। ବାଳକ ବିଭାଗର ଯୁଗଳ ପ୍ରତିଯୋଗିତାରେ ଗଞ୍ଜାମର ଅବିନାଶ ମୁନି ଓ କଳାହାଣ୍ଡିର ଅର୍ପିତା ପଣ୍ଡା ବିଜୟୀ ହୋଇଥିବାବେଳେ କୋରାପୁଟର ଉଭୟ ଆୟୁଷ ତ୍ରିପାଠୀ ଓ ସ୍ମୃତିରାଉତ ଉପବିଜେତା ହୋଇଥିଲେ। ସେହିପରି ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ କଳାହାଣ୍ଡିର ଅର୍ପିତା ପଣ୍ଡା ଓ ସମ୍ବଲପୁରର ଅଶ୍ୱିକା ମିଶ୍ର ବିଜୟୀ ହୋଇଥିବାବେଳେ କୋରାପୁଟର ଆୟୁଷ ତ୍ରିପାଠୀ ଓ ସୁନ୍ଦରଗଡ଼ର ଗୀତାଶ୍ରୀ ଦେ ଉପବିଜେତା ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ସିଓସି ଅଧକ୍ଷ ମନୋରଞ୍ଜନ ଦାସ, ଇଣ୍ଡିଆନ ପୋଟାସ ଲିମିଟେଡ଼ର ପ୍ରକଳ୍ପ ମୁଖ୍ୟ ଦୁର୍ଗାପ୍ରସାଦ ଦ୍ୱିବେଦୀ, ସ୍ୱାଗତ ଆଇଟିସିର ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, ପର୍ଯ୍ୟବେକ୍ଷକ ଶୈଳେନ୍ଦ୍ର ଚୌଧୁରୀ, ଶିବମ ଅଗ୍ରୱାଲ, ସୁରେଶ ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାକୁ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ୨୭ ତାରିଖରେ ଉଦଘାଟନ କରିଥିଲେ। ରାଜ୍ୟର ୨୧ଟି ଜିଲାର ୬୪ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରକାଶ ଯେ, ୨୦ ବର୍ଷର ବ୍ୟବଧାନ ପରେ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଭବାନୀପାଟଣାଠାରେ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ଆନୁକୂଲ୍ୟରେ ହେଉଥିବାରୁ ସଂଘର ସମସ୍ତ କର୍ମକର୍ତ୍ତା ବହୁତ ଉତ୍ସାହିତ ହୋଇଥିଲେ।

## ଚନ୍ଦ୍ରଗ୍ରହଣ ପରେ ପାପକ୍ଷୟ ଘାଟରେ ବୁଡ ପକାଇବାକୁ ଭିଡ

ବିନିକା,( ରାମ ଗୋପାଳ ବାଘ ): ସୁବର୍ଣ୍ଣପୁର ଜିଲା ବିନିକା ନିକଟ ମହାନଦୀ ପାପକ୍ଷୟ ଘାଟରେ ଚନ୍ଦ୍ର ଗ୍ରହଣ ଛାଡିବା ପରେ ଶନିବାର ବିଳମ୍ବିତ ରାତିରୁ ଶହଶହ ସଂଖ୍ୟାରେ ଲୋକେ ବୁଡ଼ ପକାଇଥିଲେ। ଏଥିପାଇଁ ଘାଟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସୁରକ୍ଷିତରେ ବୁଡ ପକା କାର୍ଯ୍ୟ ସମ୍ପାଦନ ପାଇଁ ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ ପ୍ରଶାସନ ସହ ମେଳା କମିଟି ଅଧକ୍ଷ ସୁବାଷ ଚନ୍ଦ୍ର ଭୁଏ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ ସହଯାଗ କରିଥିଲେ ।

### ସଂକ୍ଷେପରେ

## ପ୍ରାକୃତିକ ବିପର୍ଯ୍ୟୟ ଦିବସ ପାଳନ



ବିନିକା,୨୯।୧୦(ରାମ ଗୋପାଳ ବାଘ)

ବିନିକା ବାତ୍ୟା ଆଶ୍ରୟସ୍ଥଳୀରେ ରବିବାର ବିନିକା ଏନଏସି ଓ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଦିବସ ପାଳନ କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତା ଓ ସ୍ପୋର୍ଟସ କ୍ଲବ ସମ୍ପାଦକ ମନୋଜ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସିଦ୍ଧାର୍ଥ ଡ଼ିଗ୍ରୀ କଲେଜ ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକ, ବିନିକା ମହିଳା ଜୁନିୟର କଲେଜ ଅଧ୍ୟାପିକା ବୈଜୟନ୍ତୀ ସାହୁ, ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, ଅଗ୍ନିଶମ ଅଧିକାରୀ ଦିଲ୍ଲୀପ କୁମାର ଦେହେରି ଯୋଗଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ କିପରି ସଚେତନତା ଅବଲମ୍ବନ କରାଯିବ ତାହା ଉପରେ ଉପସ୍ଥିତ ଛାତ୍ରୀ ଓ ଜନସାଧାରଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉମାକାନ୍ତ ସିଂ ଡିଜାଷ୍ଟର ମ୍ୟାନେଜମେଣ୍ଟ ପାଳନର ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ।

## କର୍ଡଙ୍ଗ ମହାଖଳା ଲୋକ ମହୋତ୍ସବ

ବିନିକା, ୨୯।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଲୋକକଳା ଗ୍ରାମ କର୍ଡଙ୍ଗ ମହେଶ୍ୱରୀଙ୍କ ପୀଠରେ ଗତ ୧୬ଦିନ ଧରି ଚାଲିଥିବା ମହାଖଳା ଲୋକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦେହେରୀ ଭାବେ ଜଗନ୍ନାଥ ଦେହେରୀ, ବେଲାର ଦେହେରୀ, ତୀର୍ଥବାସୀ ଦେହେରୀ, ବିଷ୍ଣୁ ଦେହେରୀ କାର୍ଯ୍ୟ ତୁଲାଇଥିଲେ। ଏହି ଉପଲକ୍ଷେ ପୂଜା କମିଟି ସଭାପତି ଦଧିବାମନ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିମଳେନ୍ଦୁ ରାୟ, ସ୍ୱତନ୍ତ୍ର ଅତିଥିଭାବେ ଜିଲାପାଳଙ୍କ ଧର୍ମପତ୍ନୀ ଦୀପ୍ତି ରାୟ, ବକ୍ତାଭାବେ ନାଟ୍ୟକାର ଗଦାଧର ବାରିକ, ସମ୍ମାନୀତ ଅତିଥିଭାବେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଶାଶ୍ୱତ କୁମାର ତ୍ରିପାଠୀ, ବିନିକା ଥାନା ସବ ଇନ୍ସପେକ୍ଟର ଅନିଲ ବେହେରା, କମିଟି ବରିଷ୍ଠ ସଭ୍ୟ ରଘୁମଣୀ ଦେହେରୀ, ସ୍ୱାଧୀନ ମେହେର, ମହାଦେବପାଲି ସରପଞ୍ଚ ପ୍ରତିନିଧି ଅରବିନ୍ଦ ଦେହେରୀ, ସମିତି ସଭ୍ୟ ପ୍ରତିନିଧି ଆଲୋକ ନାଗ ମଞ୍ଚାସୀନ ଥିଲେ। ଅଞ୍ଜନ କୁମାର ପଧାନ ମଞ୍ଚ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ଗ୍ରାମର କଳାକାରମାନେ ଉତ୍ସବରେ ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ। ଜିଲାପାଳଙ୍କ ଧର୍ମପତ୍ନୀ ଦୀପ୍ତି ରାୟ ସମଲେଇ ଭଜନ ଓ ରଙ୍ଗବତୀ ଗୀତ ଗାଇ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ।

# ରାସ୍ତାରେ ଦନ୍ତାହାତୀ, ଲୋକେ ଆତଙ୍କିତ

ସୋନପୁର,୨୯।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଜଙ୍ଗଲରୁ ବାହାରି ସୁବର୍ଣ୍ଣପୁର ରାସ୍ତାରେ ବୁଲୁଛି ଦନ୍ତାହାତୀ। ଜନବସତିରେ ହଠାତ୍ ହାତୀକୁ ଦେଖି ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ଅନ୍ୟପକ୍ଷେ ହାତୀକୁ ଜଙ୍ଗଲମୁହାଁ କରିବାକୁ ଯାଇ ବନବିଭାଗ ନୟାନ୍ତ ହେଲାଣି। ଖବର ଲେଖା ହେବା ବେଳକୁ ଦନ୍ତାହାତୀ ସୁବର୍ଣ୍ଣପୁର ବନଖଣ୍ଡ ଅନ୍ତର୍ଗତ ଉଲୁଣ୍ଡା ରେଞ୍ଜର କୋଟସମଲାଇ ଜଙ୍ଗଲରେ ବିଚରଣ କରୁଛି। ସୂଚନା ଅନୁଯାୟୀ ଏକ ପ୍ରାପ୍ତ ବୟସ୍କ ଦନ୍ତାହାତୀ ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ଜଙ୍ଗଲରେ ଥିଲା। ସନ୍ଧ୍ୟା ପରେ ଏହି ହାତୀ ସୁବର୍ଣ୍ଣପୁର ଜିଲା ଲଛିପୁର ଫରେଷ୍ଟ



ସୁବର୍ଣ୍ଣପୁର ସହର ପାଣିସିଆଲି ନିକଟରେ ହାତୀ ।

### ବନ ବିଭାଗ ନାକେଦମ

ସେକ୍ସନ୍ ଅନ୍ତର୍ଗତ ବାଦିପଡିଆକୁ ଚାଲି ଆସିଥିଲା। ସୋନପୁର ଓ ବିନିକା ଫରେଷ୍ଟ ରେଞ୍ଜର କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଥିଲେ। ରାତିରେ ଲଛିପୁର ନିକଟସ୍ଥ ଅସୁରମୁଣ୍ଡା ଗାଁରେ ହାତୀ ଏକ ଗାଇକୁ କଚାଡି ମାରିଥିବା ଅଭିଯୋଗ ହୋଇଛି। ପରେ ଲଛିପୁର ଓ ରୁଗୁଡିପାଲି ରାସ୍ତା ଦେଇ ସୁବର୍ଣ୍ଣପୁର ସହର ଉପକଣ୍ଠ ପାଣିସିଆଲି ଗ୍ରାମକୁ ହାତୀ ଚାଲି ଆସିଥିଲା। ରବିବାର ସକାଳଠାରୁ ସାହାରା ଟ୍ରଷ୍ଟ ହାଇସ୍କୁଲ ପଛ ପାର୍ଶ୍ୱ ମହାନଦୀ କୂଳରେ ରହି ପାଣି ପିଇବା ସହ ଡାଳପତ୍ର ଓ କ୍ଷେତରୁ ଧାନ ଖାଇଥିଲା। ଅପରାହ୍ନ ହେବା ପରେ ହାତୀ ମହାନଦୀ ପାରି ହୋଇ ଉଲୁଣ୍ଡା ଫରେଷ୍ଟ ରେଞ୍ଜର ରକ୍ସା ଓ ହରିଣାପାଲି ଗାଁ ରାସ୍ତା ଦେଇ ସନ୍ଧ୍ୟାରେ କୋଟସମଲାଇରେ ପହଞ୍ଚିଛି। ହାତୀର ଗତିବିଧି ଉପରେ ନଜର ରଖାଯାଇଛି ଓ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ସୂଚନା ଦେଇଛନ୍ତି। ହାତୀ ଧାନ ଫସଲ ନଷ୍ଟ କରିବା ସହ କ୍ଷୟକ୍ଷତି କରିଛି। ତେବେ ଜନବସତିକୁ ହାତୀ ପଳାଇ ଆସିବା ଓ ରାତିରେ ରାସ୍ତାରେ ବିଚରଣ କରିବା ଯୋଗୁଁ ଜିଲାବାସୀ ଭୟଭୀତ ହୋଇ ପଡିଛନ୍ତି।

# ଯୁବ ମତଦାତାଙ୍କୁ ସଚେତନ କରିବାକୁ ଉଦ୍ୟମ




ବୀରମହାରାଜପୁରରେ ୱାକାଥନ ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଅମରପାଲି,୨୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ପଥ ଉତ୍ସବ ଓ ୱାକାଥନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହିତ ମତଦାନ ଓ ସତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ନିମନ୍ତେ ଜନ ସଚେତନତା ପାଇଁ ବୀରାମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ତହସିଲ ଅଫିସ ଛକ ଓ ମୁଖ୍ୟ ଛକ ଦେଇ ଶୋଭାଯାତ୍ରା ଆଦର୍ଶ ଥାନା ନିକଟ ମଞ୍ଚ ପାଖରେ ପହଞ୍ଚିଥିଲା। ଏହି

### ବୀରମହାରାଜପୁରରେ ପଥ ଉତ୍ସବ, ୱାକାଥନ କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମକୁ ଉପ ଜିଲାପାଳ ଲଲାଟେନ୍ଦୁ ସିଂ ଉଦ୍‌ଘାଟନ କରିଥିଲେ। ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜନେୟା ପଧାନ, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ତହସିଲଦାର ଅମୃତ ଲାଲ ବେହେରା, ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ଥାନା ଅଧିକାରୀ ରାଜେଶ୍ୱରି ଭୋଇ, ବ୍ଲକ ଉପାଧକ୍ଷ ନାରାୟଣ ଲୁହାଙ୍କ ସହିତ ଅନ୍ୟାନ୍ୟା ଅଧିକାରୀ, ଜନ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଯୁବ ଭୋଟରଙ୍କୁ ସଚେତନ କରିବା ପାଇଁ ପ୍ରଶାସନ ଉଦ୍ୟମ କରୁଥିବା ମତପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ରଙ୍ଗୋଲି, ଝୋଟି, ନୃତ୍ୟ, କୁଇଜ ସହିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ କଲେଜ ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳା, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧାପକ ସତ୍ୟନାରାୟଣ ଦାସ ଓ ଲକ୍ଷ୍ମୀନାରାୟଣ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ୧ରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଅମରପାଲି,୨୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତାନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧ ତାରିଖରେ ଶିଶୁ ମହୋତ୍ସବ ସୁରଭି, ଓଡିଶା ମିଲେଟସ ଓ କଳା ଉତ୍ସବ ୨୦୨୩ ପାଇଁ ଆଲୋଚନା ହୋଇଥିଲା। ସୁରଭିରେ ୧୦, ମିଲେଟସରେ ୩ ଓ କଳା ଉତ୍ସବରେ ୧୦ଟି ପ୍ରତିଯୋଗିତା ହେବାର ସ୍ଥିରୀକୃତ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକର ୧୬ଟି କ୍ଲଷ୍ଟରରୁ ଚୟନ ହୋଇଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ।

## କନ୍ଧମାଳରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଘଣ୍ଟାପଡ଼ା/କଣ୍ଟାମାଳ,୨୯।୧୦ (ପ୍ରଭାତ କୁମାର ସାହୁ/ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଇଁଲାଟୁଆସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟାରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ (କିମ୍ସ) ଭୁବନେଶ୍ୱର ଦ୍ୱାରା ଆୟୋଜିତ ଶିବିରକୁ ଏମ୍‌ପି ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମହୀଧର ରଣା, ବୌଦ୍ଧ ଜିଲାପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ, ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟରଞ୍ଜନ ନାୟକ, କଣ୍ଟାମାଳ ବିଡିଓ ସାମୀ ଜୟଶ୍ରୀ ରେଡ୍ଡୀ, ସରକାରୀ ଓକିଲ ରାଧାବଲ୍ଲଭ ପ୍ରଧାନ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅନନ୍ତ ପ୍ରଧାନ, ଏମ୍‌ପି ପ୍ରତିନିଧି ଶମ୍ଭୁ ପ୍ରସାଦ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଶିବିର ଆୟୋଜନ କରାଯାଇଥିବା ଅତିଥିମାନେ ବକ୍ତବ୍ୟ ରଖିବା ସହ ଏମ୍‌ପି ସାମନ୍ତଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। କିମ୍ସର ଭେଷଜ, ଶିଶୁରୋଗ, ଚର୍ମରୋଗ, ହୃଦ୍‌ରୋଗ, ଶଲ୍ୟ ଚିକିତ୍ସା, ସ୍ତ୍ରୀ ଓ ପ୍ରସୂତି ଆଦି ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା।

## ମା' ମାଣିକେଶ୍ୱରୀଙ୍କ ମହାପୂଜା ସମ୍ପନ୍ନ



ମହିଳାମାନେ ଜୁଗାର ଓ ପୂଜା ସାମଗ୍ରୀ ମୁଣ୍ଡାଇ ଯାତ୍ରାରେ ସାମିଲ ହୋଇଛନ୍ତି ।

ସୋନପୁର,୨୯।୧୦(ମୃତ୍ୟୁଞ୍ଜୟ ଶତପଥୀ)

କୈବର୍ତ୍ତ ସମାଜର ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ବାର୍ଷିକ ମହାପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂଜିତା ମାଣିକେଶ୍ୱରୀଙ୍କ ବିଶେଷ ପୂଜା ହୋଇଥିଲା। ସେହିଭଳି କୈବର୍ତ୍ତ ସମାଜ ପକ୍ଷରୁ ମା'ଙ୍କୁ ଜୁଗାର ଭୋଗ ଅର୍ପଣ କରାଯାଇଛି। ପରମ୍ପରା ଅନୁସାରେ ମଧ୍ୟାହ୍ନରେ ଟିକିରିପଡାଠାରୁ ମା'ଙ୍କ ଜୁଗାର ଯାତ୍ରା ବାହାରି ଥିଲା। ମହିଳାମାନେ ଜୁଗାର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ମୁଣ୍ଡାଇ ଯାତ୍ରାରେ ସାମିଲ ହୋଇଥିଲେ। ତେନ୍ତୁଳିଘାଟ, ଗୁଣ୍ଡିଚା ମନ୍ଦିର, ବଡବଜାର, ନୂଆପଡା ଓ ବସଷ୍ଟାଣ୍ଡ ଆଦି ଦେଇ ମାଣିକେଶ୍ୱରୀ ମନ୍ଦିରରେ ଜୁଗାର ପହଞ୍ଚିଥିଲା। ମନ୍ଦିର ସମ୍ମୁଖରେ ଜୁଗାର୍ ଯାତ୍ରାକୁ ପାଛୋଟି ନିଆଯାଇଥିଲା। ପୂଜକ ଦେବଦତ୍ତ ପୁରୋହିତଙ୍କ ଦ୍ୱାରା ମନ୍ଦିରରେ ମା'ଙ୍କ ମହାପୂଜା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ କୈବର୍ତ୍ତ ସମାଜ ପକ୍ଷରୁ ପାରମ୍ପରିକ ପୂଜା ସମ୍ପନ୍ନ ହୋଇଥିଲା।

ଏହା ପରେ ମନ୍ଦିର ପରିସରରେ କୈବର୍ତ୍ତ ସମାଜ ବାର୍ଷିକ ଭେଟ୍‌ଘାଟ ହୋଇଥିଲା। ନିଖିଳ ଓଡିଶା କୈବର୍ତ୍ତ ମହାସଂଘ ସୁବର୍ଣ୍ଣପୁର ଜିଲା ଶାଖା ସଭାପତି

### କୈବର୍ତ୍ତ ସମାଜର ଜୁଗାର ଯାତ୍ରା, ବାର୍ଷିକ ଭେଟ୍‌ଘାଟ

ପବିତ୍ର ସାହୁ ସଭାରେ ଅଧକ୍ଷତା କରିଥିଲେ। ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଖିଳ ଓଡିଶା କୈବର୍ତ୍ତ ସମାଜ ରାଜ୍ୟ ସଭାପତି ଡ. ଦେବେନ୍ଦ୍ର ବେହେରା, ସମ୍ପାଦକ ରାମଚନ୍ଦ୍ର ବେହେରା ଯୋଗଦେଇ ନିଜ ଜାତି ମଧ୍ୟରେ ଝିଅ ପୁଅମାନେ ସୁବିଧାରେ ବିବାହ କରି ପାରିବେ ଆଲୋଚନା କରିଥିଲେ। ଏହି ଭେଟ୍‌ଘାଟରେ ଜିଲାର ୬ଟି ବ୍ଲକରୁ କୈବର୍ତ୍ତ ସମାଜର ପ୍ରତିନିଧି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ, ଅନୁଗୋଳ, ଝାରସୁଗୁଡା, ବଲାଙ୍ଗୀର, ବୌଦ୍ଧ, ବରଗଡ ଓ ସମ୍ବଲପୁର ଜିଲା କୈବର୍ତ୍ତ ସମାଜ ପ୍ରତିନିଧି ସାମିଲ ହୋଇଥିଲେ। ପ୍ରତିପଦା ଦିନ ଘୋଡାଘାଟପଡା ସ୍ଥିତ ପୁରୋହିତଙ୍କ ଘରୁ ମନ୍ଦିରକୁ ମାଣିକେଶ୍ୱରୀ, ନାରାୟଣୀ, ଭୁବନେଶ୍ୱରୀ ଓ ମହାଲକ୍ଷ୍ମୀଙ୍କ ପ୍ରତିମା ବିଜେ କରିଥିଲେ। ପୂଜା ପରେ ରବିବାର ଦେବୀ ପ୍ରତିମା ମନ୍ଦିରରୁ ବାହୁଡିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଝଗୁଡୁ ନାଏକ, ଦେବରାଜ ମହାଲିକ, ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ



ରାଲିକୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ବୌଦ୍ଧ,୨୯।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଓଡିଶା ରାଜ୍ୟ ପ୍ରଶମନ କର୍ତ୍ତୃପକ୍ଷ ଆନୁକୂଲ୍ୟରେ ରବିବାର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିବା ବେଳେ ଏହାକୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ବିପର୍ଯ୍ୟୟର ପ୍ରସ୍ତୁତି ଓ ମୁକାବିଲା ପାଇଁ ଶପଥପାଠ କରାଇଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସଚେତନତା ସଭା ଜିଲାପାଳ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜିଲାପାଳ ସ୍ୱାଇଁ ୧୯୯୯ ମହାବାତ୍ୟାର ଭୟାବହତା ବର୍ଣ୍ଣନା କରିବା ସହ ଗୋଷ୍ଠୀ ସହଯୋଗର ଆବଶ୍ୟକତା ପ୍ରଚାରପ୍ରସାର ଫଳରେ ଆମେ ବିପର୍ଯ୍ୟୟର ମୁକାବିଲା କରିପାରିବା ବୋଲି ମତବ୍ୟକ୍ତ କରିଥିଲେ। ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ବିପର୍ଯ୍ୟୟ ପୂର୍ବରୁ ଓ ପରେ ଧନଜୀବନର ସୁରକ୍ଷା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ, ସାଇକେଲର ବ୍ୟବହାର ଓ ପ୍ଲାଷ୍ଟିକ ବର୍ଜନ ପାଇଁ ଆହ୍ୱାନ କରିଥିଲେ। ଅଧ୍ୟାପକ ପ୍ରବୀର ଦାସ ସଭା ସଂଯୋଜନା କରିଥିଲେ। ଓଡ୍ରାଫ ଇନ୍ସପେକ୍ଟର ଅଶ୍ୱିନୀ କୁମାର ମାଝି, ହାବିଲଦାର ସୁବ୍ରତ ଝାଙ୍କର, ଗିରିଧାରି ଖମାରୀ ଓ ସମସ୍ତ ଓଡ୍ରାଫ କର୍ମଚାରୀ ଉଦ୍ଧାର ଉପରେ କୌଶଳ ଦେଖାଇଥିଲେ। ଅଗ୍ନିଶମ କର୍ମଚାରୀ ମଧ୍ୟ ନିଆଁ ଲାଗିଲେ କିପରି ଉଦ୍ଧାର କରିବା ସେ ନେଇ କୌଶଳ ଦେଖାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ପ୍ରକଳ୍ପ ଅଧିକାରୀ, ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସଞ୍ଜୟ କୁମାର ଝା ପରିଚାଳନା କରିଥିଲେ।

# ସମାଜରୁ କୁସଂସ୍କାର ଦୂରୀକରଣକୁ ଗୁରୁତ୍ୱ

ଅମରପାଲି,୨୯।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଣ୍ଡିଆପାଲି ରାମଚଣ୍ଡୀ ପୀଠରେ ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ବାର୍ଷିକ ମହାପୂଜା ଅନୁଷ୍ଠିତ ହୋଇଯାଇଛି। କୁମାରକେଲି ସୁବର୍ଣ୍ଣମେରୁ ମନ୍ଦିରରେ ଜଳାଭିଷେକ ଓ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିଆପାଲିଠାରେ ଦେବୀଙ୍କ ପୂଜାର୍ଚ୍ଚନା ଓ ରାତିରେ ମହାପୂଜା ସମ୍ପନ୍ନ ହୋଇଥିଲା। ଜିଲା କୁଲତା ଜାତି ସମାଜର କେନ୍ଦ୍ର ମହାସଚିବ ନେତ୍ରାନନ୍ଦ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଲତା ସମାଜ

### ପଣ୍ଡିଆପାଲି କୁଲତା ସମାଜର ବାର୍ଷିକ ମହାପୂଜା

ସଭାପତି ନୀଳାଞ୍ଚଳ ବେହେରା ସଭାପତିତ୍ୱ କରିଥିଲେ। ସମ୍ପାଦକ ବନମାଳୀ ପଧାନ, ଉପସଭାପତି ସୁରେଶ ପଧାନ, ସହସମ୍ପାଦକ ପ୍ରଫୁଲ୍ଲ ପଧାନ, ଭାଗିରଥି ବେହେରା, ଦୀନବନ୍ଧୁ ପଧାନ ସଭାରେ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ଏକତା ରକ୍ଷା, ଭାଇଚାରା, କୁସଂସ୍କାର ଦୂରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରମୋଦ ବେହେରା, ଶମ୍ଭୁ ବେହେରା, ଗୌର ବେହେରା, ଦୀନବନ୍ଧୁ ପଧାନ, ଶିବ ପଧାନ, ସଞ୍ଜୀବ ସାହୁ, ସୁଶୀଲ ବେହେରା, ଗଣେଷ ପଧାନ, ବସନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ଓଡ଼ିଶା ମୋ' ପରିବାର ଜିଲା ସଂଯୋଜକ ରଞ୍ଜିତ ରଥ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ ଭୋଇ, ପୂର୍ବତନ ଆମ୍ବା ଅଧକ୍ଷ ଆଲୋକ ଦେହୁରୀ ଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ଦିନବେଳା ଜୋସ୍ନାମୟୀ ଦୀକ୍ଷିତଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଓ ରାତିରେ ପାଲା ପରିବେଷଣ କରାଯାଇଥିଲା।

# ଏନ୍‌ଏଫ୍‌ଆଇଟିୟୁର ବୌଦ୍ଧ ଜିଲା ସମ୍ମିଳନୀ

ବୌଦ୍ଧ,୨୯।୧୦(ଅଜିତ କୁମାର ବାରିକ)

ନ୍ୟାସନାଲ ଫ୍ରଣ୍ଟ ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ ବୌଦ୍ଧ ଜିଲା ଶାଖାର ଦିତୀୟ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ସଭାଗୃହଠାରେ ରାଧାକାନ୍ତ ଦାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ ବାର୍ଷିକ ବିବରଣୀ ପାଠ କରିବା ପରେ ଜିଲାର ବିଭିନ୍ନ କ୍ଷେତ୍ରରୁ ଆସିଥିବା ପ୍ରତିନିଧିମାନେ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ଏଫ୍‌ଆଇଟିୟୁର ରାଜ୍ୟ ସଭାପତି ପ୍ରଶାନ୍ତ ପାଢ଼ୀ, ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାରଣା, ସମ୍ବଲପୁର ଶାଖା ସମ୍ପାଦକ ରାଜା ପାଲ, ରାଜ୍ୟ ଉପସଭାପତି ହିମାଂଶୁ ଚାଉଳିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗିରିଶ ଚନ୍ଦ୍ର ବଘାର ଏବଂ ବାବୁଭାଇ ଦେହୁରି, ବୁଣାକାର କ୍ଷେତ୍ର ପକ୍ଷରୁ ରମେଶ ପ୍ରସାଦ ମେହେର, ଲିଙ୍ଗରାଜ ମେହେର ଏବଂ ବିନୋଦ ମେହେର, କେନ୍ଦୁପତ୍ର ଓ ନିର୍ମାଣ ଶ୍ରମିକଙ୍କ ପକ୍ଷରୁ ଅମଲ ବେହେରା ପ୍ରମୁଖ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଜାନୁୟାରୀରେ ଜିଲା ସଦର ମହକୁମାଠାରେ ଶ୍ରମିକ ସମାବେଶ ଆୟୋଜନ କରାଯିବାକୁ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ରମେଶ ପ୍ରସାଦ ମେହେର ସଭାକାର୍ଯ୍ୟ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଏନ୍‌ଏଫ୍‌ଆଇଟିୟୁର କର୍ମକର୍ତ୍ତା।

# ଚୂଡ଼ାଖାଇ ହେବ ଆଗଧାଡ଼ିର ପର୍ଯ୍ୟଟନସ୍ଥଳୀ

ତରଭା,୨୯।୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଚୂଡାଖାଇ ପାହାଡ଼ ଶୀର୍ଷରେ ପ୍ରଭୁ ହନୁମାନଙ୍କ ସୁଉଚ୍ଚ ମୂର୍ତ୍ତି ଓ ଏକ ଉଦ୍ୟାନ ନିର୍ମାଣ କରାଯିବ। ପାହାଡ଼ ଶୀର୍ଷକୁ ଜଳଯୋଗାଣର ବ୍ୟବସ୍ଥା ହେବ। ସର୍ବୋପରି ଚୂଡାଖାଇକୁ ଓଡ଼ିଶାର ଏକ ଆଗଧାଡିର ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ ବୋଲି ଚୂଡାଖାଇ ଡଙ୍ଗର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ଚୂଡାଖାଇ ଡଙ୍ଗର ଉନ୍ନୟନ କମିଟି ଅଧକ୍ଷ ଦଶରଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶେଷ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିବା ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ତାଙ୍କ ବକ୍ତବ୍ୟରେ ଚୂଡାଖାଇ ପୀଠର ଉନ୍ନତି କାମନା କରିଥିଲେ। ସୋନପୁର ଜିଲାପାଳ



ଚୂଡାଖାଇ ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

### ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବ ଉଦ୍‌ଯାପିତ

ବିମଳେନ୍ଦୁ ରାୟ କହିଥିଲେ ସୋସିଆଲ ମିଡିଆରେ ଏହି ଯାତ୍ରାର ବହୁଳ ମାତ୍ରାରେ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ପୀଠର ଉନ୍ନତି ସକାଶେ ଜିଲା ପ୍ରଶାସନ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନପୁର ଏଡିଏମ ସୂର୍ଯ୍ୟନାରାୟଣ ଦାଶ, ତରଭା ପଞ୍ଚାୟତ ସମିତି ଅଧକ୍ଷ ସରୋଜ କମ୍ପ, ସୋନପୁର ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନାୟକ, ତରଭା ଏନଏସି ଉପାଧକ୍ଷ ଗଗନ ଅଗ୍ରୱାଲ ମଞ୍ଚାସୀନ ଥିଲେ। ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ। ସୁଶୀଲ ମେହେର ଓ ସାଥିଙ୍କ ଦ୍ୱାର କଂସ ଦରବାର ଓ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ ଯେ, ଚୂଡାଖାଇ ପାହାଡ଼ ଓ ଏହାର ସଂସ୍କୃତିକୁ ଓଡିଶା ସରକାର ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବାପରେ ୨୦୧୯ମସିହାରେ ଆରମ୍ଭ ହୋଇଥିଲା ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବ। ଡଙ୍ଗର ପାଦଦେଶରେ ବୁଧବାରଠାରୁ ଆରମ୍ଭ ହୋଇଥିଲା ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଅକ୍ଟୋବର ୨୦୨୩



# ଆଲୋଚନା ପରେ ରେଳରୋକୋ ସ୍ଥଗିତ

**ହେମଗିର ଷ୍ଟେଶନରେ ଟ୍ରେନ୍ ରହଣି ନେଇ ରେଳରୋକୋ ଆନ୍ଦୋଳନ ଡାକରା**

ସୁନ୍ଦରଗଡ଼,୨୯।୧୦(ଜୟନାରାୟଣ ମେଣ୍ଡୁଲି)

ହାଓ୍ୱଡା- ମୁମ୍ବାଇ ମୁଖ୍ୟ ରେଳପଥର ସୁନ୍ଦରଗଡ଼ ଜିଲା ହେମଗିର ରେଳ ଷ୍ଟେସନରେ ଇତଓ୍ୱାରୀ-ଟାଟା, ଟାଟା-ବିଳାସପୁର ଟ୍ରେନ ରହଣି ଦାବିରେ ୩୦ତାରିଖ ସୋମବାର ହେବାକୁ ଥିବା ରେଳରୋକୋ ଆନ୍ଦୋଳନ ଆଲୋଚନା ପରେ ସ୍ଥଗିତ ରହିଛି। ରେଳ ସଂଗ୍ରାମ ସମିତିର ଏହି ଏହି ରେଳରୋକୋ ଆନ୍ଦୋଳନ ଡାକରାକୁ ଆଖିଆଗରେ ରଖି ରବିବାର ସଂଗ୍ରାମ ସମିତି ସହିତ ପ୍ରଶାସନ ଓ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। କନିକା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସୁନ୍ଦରଗଡ଼ ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୩ତାରିଖରେ ଏହି ଦାବି ନେଇ ରେଳ ସଂଗ୍ରାମ ସମିତି ପକ୍ଷରୁ


ଆଲୋଚନା ବୈଠକରେ ରେଳବିଭାଗ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ରେଳ ସଂଗ୍ରାମ ସମିତି କର୍ମକର୍ତ୍ତା।

ହୋଇଥିବା ୧୨ଘଣ୍ଟିଆ ରେଳରୋକୋ ଆନ୍ଦୋଳନ ବେଳେ ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥ ବିଳାସପୁର ମଣ୍ଡଳର ବାଣିଜ୍ୟ ପ୍ରବନ୍ଧକ ରେଳବାଇ ବୋର୍ଡ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨୬ଦିନ ବିତିଯିବା ପରେ ମଧ୍ୟ ରେଳ ରହଣି ନେଇ କୌଣସି ପଦକ୍ଷେପ ନିଆ ନ ଯିବା ନେଇ ରେଳ ସଂଗ୍ରାମ ସମିତି ଅସନ୍ତୋଷ ପ୍ରକାଶ କରିଥିଲେ। କରୋନା ପୂର୍ବରୁ ଏହି ହେମଗିର ଷ୍ଟେସନରେ ଏହି ଦୁଇଟି ଟ୍ରେନର ରହଣି ଥିଲା। ହେଲେ କରୋନା ସମୟରେ ସମସ୍ତ ରେଳ ଚଳାଚଳ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲେ ମଧ୍ୟ ଏହି ଷ୍ଟେସନରେ ଏହି ଦୁଇଟି ଟ୍ରେନ ରହଣି ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ରେଳ ଯାତାୟାତ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏନେଇ ରେଳ ସଂଗ୍ରାମ ସମିତି ପକ୍ଷରୁ ବହୁବାର ରେଳବିଭାଗଠାରେ ଦାବି ହୋଇ ଆସୁଛି। ହେଲେ ରେଳବିଭାଗ ଗୁରୁତ୍ୱ ଦେଇନାହିଁ। ତେଣୁ ରେଳ ସଂଗ୍ରାମ ସମିତି ପକ୍ଷରୁ ରେଳରୋକୋ ଆନ୍ଦୋଳନ ହୋଇଥିଲା। ଆଜିର ବୈଠକରେ ଏହି ଷ୍ଟେଶନରେ ଏହି ଦୁଇଟି ଟ୍ରେନ୍ ରହଣି ନେଇ ରେଳବିଭାଗ ପକ୍ଷରୁ ଅନୁମୋଦନ ହୋଇ ସାରିଥିବା ଓ ଖୁବ ଅଳ୍ପଦିନ ମଧ୍ୟରେ ଏହା କାର୍ଯ୍ୟକାରୀ ହେବ ବୋଲି ଉପସ୍ଥିତ ରେଳ ଅଧିକାରୀମାନେ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ବୈଠକରେ ରେଳ ବିଭାଗର ସିନିୟର ଡିସିଏମ ବିକାଶ କୁମାର କାଶ୍ୟପ, ଦିନେଶ ତୋମର, ସୁନ୍ଦରଗଡ଼ ସଦର ଏସଡିପିଓ ହିମାଂଶୁ ବେହେରା, ରେଳ ସଂଗ୍ରାମ ସମିତିର ଶାନ୍ତ ଧ୍ରୁଆ, ସୁକାନ୍ତ ପତି, କାଶୀନାଥ ରାଉତ, ମୁସ୍ତାକ ଅହମ୍ମଦ, ପ୍ରକାଶ ବହିଦାର, ଟିକେଶ୍ୱର ପାଣ୍ଡେ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱପୀଠେ ପ୍ରତ୍ୟାବର୍ତ୍ତନ କଲେ ମା' କନ୍ତଦେବୀ



**ଲହୁଣୀପଡ଼ା, ୨୯।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ହଳଦୀକୁଦର ପଞ୍ଚାୟତ ସାନଜୋଲ ଗ୍ରାମର ପାହାଡ଼ ଗୁମ୍ଫାରେ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଥିବା ବଣେଇ ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଓ ଆରାଧ୍ୟ ଦେବୀ ମା'କାନ୍ତଦେବୀ ଙ୍କର ପକ୍ଷାନ୍ତ ନଗର ପରିକ୍ରମା ଯାତ୍ରା ଶେଷ ହୋଇଛି। କୁମାର ପୂର୍ଣ୍ଣିମା ଦିନ ଦେବୀ ସ୍ୱପୀଠେ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡିଛି। କନ୍ତଦେବୀଙ୍କ ବାର୍ଷିକ ନଗର ପରିକ୍ରମାର ଅନୁକୂଳ ଗତ ରବିବାର ଶୁଭାରମ୍ଭ ହୋଇଥିଲା। ଏହି ନଗର ପରିକ୍ରମାରେ ମା' କନ୍ତଦେବୀଙ୍କୁ ବାଦ୍ୟନୃତ୍ୟର ତାଳେ ତାଳେ ପାଛୋଟି ଅଣାଯାଇ ସାନଜୋଲ ଗ୍ରାମସ୍ଥିତ ଦେବୀ ମଣ୍ଡପ ଆସ୍ଥାନରେ ରଖି ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। କନ୍ତଦେବୀଙ୍କ ଆଗମନ ପାଇଁ ଦେହୁରୀମାନେ(ଭୂୟାଁ ପୂଜକ) ମହାଳୟା ଦୁଇଦିନ ପୂର୍ବରୁ ରାଜପ୍ରାସାଦକୁ ଆସି ପାରମ୍ପରିକ ଭେଟି ପ୍ରଦାନ କରିଥିଲେ। ଦ୍ୱାଦଶୀ ତିଥି ଦିନ ରାଜାଙ୍କ ଘରୁ ଦେହୁରୀମାନଙ୍କୁ ପୁରାଞ୍ଜଳି ଦିଆଯାଇଥିଲା। ଏହି ପୁରାଞ୍ଜଳି ପ୍ରଦାନ ସମୟରେ ରାଜପ୍ରାସାଦ ଭିତରେ ରାଜ ପୁରୋହିତ, ଅମାନ୍ତ, ଭବତୋଷ ଦେଓ ଓ ରାଜ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଧାର୍ଯ୍ୟ ଲଗ୍ନ ସମୟରେ ରାଜା ବିର କିଶୋରୀ ଇନ୍ଦ୍ରଦେଓଦେବ ଦେହୁରୀମାନଙ୍କୁ ପୁରାଞ୍ଜଳି ପ୍ରଦାନ କରିଥିଲେ। ସେହି ପୁରାଞ୍ଜଳିକୁ ନେଇ ଦେହୁରୀମାନେ ମା' କନ୍ତଦେବୀଙ୍କ ଆଗମନ ପାଇଁ ପିଠେ ପୂଜାର୍ଚ୍ଚନା କରି ଆମନ୍ତ୍ରଣ କରିଥିଲେ। ପ୍ରଥମ ଦିବସରେ ସାନଜୋଲ, ହଳଦୀକୁଦର, କଣ୍ଟାକୁଦର ଗ୍ରାମରେ ପୂଜା ପାଇ ନୂଆଡ଼ିହି ଗ୍ରାମରେ ମା'ଙ୍କର ବିଶ୍ରାମ ଥିଲା। ପୂର୍ବ ନିର୍ଦ୍ଧାରିତ ଦିନ ଓ ତିଥି ଅନୁଯାୟୀ ମା'ଙ୍କର ବିଭିନ୍ନ ଗ୍ରାମ କ୍ରମାନ୍ୱୟରେ ପରିକ୍ରମା ଓ ପକ୍ଷାନ୍ତ ଯାତ୍ରା କାଳରେ ପୂଜାର୍ଚ୍ଚନା କରାଯାଇଥିଲା। କୁମାର ପୂର୍ଣ୍ଣିମା ଦିନ ମା'ଙ୍କର ପିଠେ ପ୍ରତ୍ୟାବର୍ତ୍ତନ ହୋଇଛି। ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ମା'ଙ୍କର ଦର୍ଶନ ପାଇଁ ଭକ୍ତମାନଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏହା ସହିତ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାପଡିଛି।

## ଟ୍ରାକ୍ଟରରୁ ବ୍ୟାଟେରି ଚୋରି

ବଡ଼ଗାଁ, ୨୯।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମର ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟରରୁ ବ୍ୟାଟେରି ଚୋରି ହୋଇଛି। ଶନିବାର ସନ୍ଧ୍ୟାରେ କଣ୍ଟିଆମୁରା ଗ୍ରାମର ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଇନ୍ଦ୍ରମଣି କିଷାନଙ୍କ ଟ୍ରାକ୍ଟରକୁ ତାଙ୍କ ଡ୍ରାଇଭର ଆଣି ଘର ସମ୍ମୁଖରେ ରଖିଥିଲେ। ବିଳମ୍ବିତ ରାତିରେ ଚୋରମାନେ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି କରି ନେଇଯାଇଛନ୍ତି। ଅଞ୍ଚଳରେ କେତେକ ଯୁବକ ବିଳମ୍ବିତ ରାତିରେ ବୁଲୁଥିବା ଜଣାପଡିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

**ଦେବଗଡ଼, ୨୯।୧୦(ଶଶାଙ୍କ ଶେଖର ଝାଙ୍କର)** ରବିବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଚାରିମଞ୍ଜା ଗ୍ରାମର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ପ୍ରିୟଦର୍ଶୀ ପ୍ରଧାନଙ୍କ ପୁଅ ସୌମ୍ୟରଞ୍ଜନ (୧୩)। ନିଜ ଘରେ ଛିଣ୍ଡି ଯାଇଥିବା ଏକ ବିଦ୍ୟୁତ୍ ତାରକୁ ସେ ସଜାଡୁଥିଲେ। ତେବେ ଅସାବଧାନତାବଶତଃ ବିଦ୍ୟୁତ୍ ପ୍ରବାହିତ ହେଉଥିବା ତାର ସଂସ୍ପର୍ଶରେ ତାଙ୍କର ହାତ ଲାଗି ଯିବାରୁ ମୃତ୍ୟୁ ଘଟିଥିଲା।

## ବଡ଼ଗାଁ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା

ବଡ଼ଗାଁ, ୨୯।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳର ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଚଳିତବର୍ଷ ବଡ଼ଗାଁ ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି। ବଡ଼ଗାଁ ସମେତ ଇତମା, ଜାଙ୍ଗଲୀ, ପାମରା, ରେଙ୍ଗାଲମାଲ ଓ ସିଙ୍ଗାରମୁଣ୍ଡା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ହର୍ଷଉଲ୍ଲାସରେ ପାଳନ କରାଯାଉଛି। ସିଙ୍ଗାରମୁଣ୍ଡା ଗ୍ରାମରେ ୧୯୯୭ ମସିହାରୁ ପୂଜା ହୋଇଆସୁଛି। ସ୍ୱର୍ଗତ ଭୁବନେଶ୍ୱର ସାରପଟିଆଙ୍କ ସହିତ ସାଗର ବାରସତିଆ, ନୃପମଣି ରାଉତ, ବେଦେଶି ରାଉତ, ବାସୁଦେବ ରାଉତ, ସନ୍ତୋଷ ରାଉତ, ଗୋକୁଳ ମହାକୁଡ, ମୂରଲୀଧର ରାଉତ, ଲକ୍ଷ୍ମୀଧର ରାଉତ, ଚନ୍ଦ୍ରମଣି ରାଉତ ପ୍ରମୁଖ କେତେକ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ପୂଜାରେ ଧରଣୀଧର ସାରପଟିଆ ଓ ତାଙ୍କ ସ୍ତ୍ରୀ ସସ୍ମିତା କର୍ତ୍ତା ହୋଇଥିଲାବେଳେ ଅନ୍ତର୍ଯ୍ୟାମୀ ପୁରୋହିତ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ଅବସରରେ ପାଲା, ଭାଗବତ ଓ ଗାଁର ଯୁବକମାନଙ୍କ ଦ୍ୱାରା ନାଟକ 'ଅକୁହା କାହାଣୀ ଶୁଣିବ କିଏ' ମଞ୍ଚସ୍ଥ ହେବ।


ପାମରା ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସେହିପରି ରେଙ୍ଗାଲମାଲ ଗ୍ରାମରେ ୧୯୮୧ ମସିହାରେ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ଦାସଙ୍କ ସହିତ ଉମାଶଙ୍କର ରାଉତ, ଦୀନବନ୍ଧୁ ବାରିକ, କିଶୋର ଚନ୍ଦ୍ର ବେହେରା, ଚିନ୍ତାମଣି ରାଉତ, ସ୍ୱର୍ଗତ ବଳରାମ ସିଂ ଓ ସ୍ୱର୍ଗତ ସତ୍ୟବାଦୀ ରାଉତଙ୍କ ଉଦ୍ୟମରେ ପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ପୂଜାରେ ଦିବ୍ୟଲୋଚନ ରାଉତ ଓ ତାଙ୍କ ସ୍ତ୍ରୀ ବୀଣାପାଣି କର୍ତ୍ତା ହୋଇଥିଲାବେଳେ କାଶୀରାମ ମିଶ୍ର ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ଅବସରରେ ଯୁବକମାନଙ୍କ ଦ୍ୱାରା ମହେନ୍ଦ୍ର ବାଗଙ୍କ ନିର୍ଦ୍ଦେଶନାରେ 'ସୁଖ ଆସିଥିଲା ଭଗାରି ହୋଇ' ନାଟକ ମଞ୍ଚସ୍ଥ ହେବ। ପାମରା ଗ୍ରାମରେ ହେଉଥିବା ପୂଜାରେ ବିନୋଦ ଖିଲାରି ଓ ତାଙ୍କ ସ୍ତ୍ରୀ ସୁରେଖା କର୍ତ୍ତା ଦାୟିତ୍ୱ ଓ ସମୀର ପୁରୋହିତ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ଅବସରରେ ଆୟୋଜିତ ମେଲୋଡି କାର୍ଯ୍ୟକ୍ରମରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ଗାଙ୍ଗପୁର ମହାକୁଳ ସମାଜର ସଭାପତି ବିରଞ୍ଚି ରାଉତ, ଉପସଭାପତି ଗଣେଶ ବାରିକ, ଟଙ୍କଧର ଖିଲାରି, ବାସୁଦେବ ହୋତା, ଶିକ୍ଷକ ବସନ୍ତ ରାଉତ, ବିରଞ୍ଚି ମହାକୁଳ, ଗୌରାଙ୍ଗ ରାଉତ, ଅରୁଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## ବିଜେଡି ଯୁବ ନେତାଙ୍କ ବିୟୋଗରେ ଶୋକସଭା

**ସୁନ୍ଦରଗଡ଼,୨୯।୧୦(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଟାଉନ ଯୁବ ବିଜେଡ଼ି ସଭାପତି ଆହାନ ବହିଦାରଙ୍କ ବିୟୋଗରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଶୋକସଭାରେ ପୂର୍ବତନ ବିଧାୟକ ଏବଂ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଯୋଗେଶ ସିଂ,ପୂର୍ବତନ ଏସଡିସି ଅଧ୍ୟକ୍ଷ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌର ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା,ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ଏବଂ ପୂର୍ବତନ କାଉନସିଲର ପଞ୍ଚା ବାର୍ଲା, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ମଞ୍ଜୁଲତା ନାଏକ, ଟିଡିସିସି ଅଧ୍ୟକ୍ଷା ଚେମେଲୀ ଓରାମ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ପ୍ରମୁଖ ଯୋଗଦେଇ ଦେଇ ସ୍ୱର୍ଗୀୟ ଯୁବ ନେତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଶୋକସଭାରେ ଯୁବନେତା ମୁକେଶ ପୁରୋହିତ, ବିସ୍ମୟ ପଟ୍ଟନାୟକ, ଶିବାଜୀ ନାଏକ, ରୋଶନ ସାହୁ, ହେମନ୍ତ ମେହେର, ସୁଦାମ ଭୋଇ, ରିଣ୍ଟୁ ବହିଦାର, ସେହେବାଜ ହୁସେନ, ନାରୀ ନେତ୍ରୀ ରିତା ସାହୁ, ଅନିତା ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।

## ରାଜଗାଙ୍ଗପୁର ବିକାଶ ପରିଷଦ ନିର୍ବାଚନ

ରାଜଗାଙ୍ଗପୁର, ୨୯।୧୦(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଥିବା ମାରୱାଡି ସମ୍ପ୍ରଦାୟର ରାଜଗାଙ୍ଗପୁର ବିକାଶ ପରିଷଦ ବାର୍ଷିକ ନିର୍ବାଚନ ରବିବାର ପଞ୍ଚାୟତ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ୩ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସୁନିଲ ପରସାରମକ ସର୍ବାଧିକ ୨୧୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ବିନୋଦ ଅଗ୍ରୱାଲ ୧୮୨ ଓ ରାଜେଶ ଅଗ୍ରୱାଲ ୯ ଖଣ୍ଡ ଭୋଟ ପାଇଥିଲେ। ବିଜୟୀ ସଭାପତିଙ୍କୁ ପରିଷଦର ସଦସ୍ୟମାନେ ଶୁଭେଚ୍ଛା ଜଣାଇଥିଲେ। ସଭାପତି ପରିଷଦର ଅନ୍ୟାନ୍ୟ ପଦବୀଗୁଡିକ ପରବର୍ତ୍ତୀ ସମୟରେ ଚୟନ କରିବେ। ଏହି ନିର୍ବାଚନକୁ ଆଇନଜୀବୀ ଅଶୋକ ଅଗ୍ରୱାଲ, ବିନୋଦ ଶର୍ମା ଓ ସୁବାସ ଅଗ୍ରୱାଲ ନିର୍ବାଚନ ଅଧିକାରୀ ଭାବେ ରହି ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ପରିଷଦରେ ୫୨୨ ଜଣ ସଦସ୍ୟ ଅଛନ୍ତି। ତନ୍ମଧ୍ୟରୁ ୪୦୪ ଜଣ ସଦସ୍ୟ ନିଜର ମତବ୍ୟକ୍ତ କରିଥିଲେ।


ରାଜଗାଙ୍ଗପୁର ବିକାଶ ପରିଷଦ ବାର୍ଷିକ ନିର୍ବାଚନରେ ଉପସ୍ଥିତ ସଦସ୍ୟ।

## କୁଆଁରମୁଣ୍ଡା ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜାର ମାହୋଲ



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଜମୁଥିବା ବେଳେ ବିଭିନ୍ନ ମଣ୍ଡପରେ ମାଁଙ୍କ ମୂର୍ତ୍ତି ଶୋଭାପାଉଛି। କୁଆଁରମୁଣ୍ଡା ବ୍ଲକ ଲିଙ୍କ୍ ରୋଡ୍ ପୂଜା ମଣ୍ଡପ (ବାମ), ଚେକ୍‌ଗେଟ୍ ଛକ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ମାଁଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜା କରାଯାଉଛି।

## ବିପର୍ଯ୍ୟୟ ପ୍ରସ୍ତୁତି ଦିବସରେ ସଚେତନତା କାର୍ଯ୍ୟକ୍ରମ, ଶପଥପାଠ

କୁଆଁରମୁଣ୍ଡା,୨୯।୧୦(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ମଧ୍ୟାହ୍ନରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ବାତ୍ୟା, ବନ୍ୟା, ଭୂମିକମ୍ପ, ବଜ୍ରପାତ, ଘରପୋଡି ଇତ୍ୟାଦି ସମୟରେ କିଭଳି ନିଜକୁ ପ୍ରସ୍ତୁତ କରାଯାଇ ଉକ୍ତ ବିପର୍ଯ୍ୟୟର ଉପଯୁକ୍ତ ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ବିଭିନ୍ନ ପ୍ରକାରର କୌଶଳ ପ୍ରଦର୍ଶନ କରିଥିଲେ। ଏହା ସହ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ମଧ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ ପ୍ରକାର ଉପାୟ ବିଷୟରେ ଉପସ୍ଥାପନ କରିଥିଲେ। ଏହି



କର୍ମଚାରୀମାନଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଶପଥ ପାଠ କରାଯାଉଛି।

**କୁଆଁରମୁଣ୍ଡା ବ୍ଲକ**

କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟାଙ୍କ ସହ ବ୍ଲକ କର୍ମଚାରୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ଏବିଡ଼ିଓ ପ୍ରଶାନ୍ତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତଙ୍କୁ ଏବିଡ଼ିଓ ଜେନା ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ଗ୍ରହଣ କରାଇଥିଲେ।

## ପୌରପରିଷଦରେ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ

ରାଜଗାଙ୍ଗପୁର, ୨୯।୧୦(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପରିଷଦ ସଭା ଗୃହରେ ରବିବାର ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ବିପର୍ଯ୍ୟୟ ହ୍ରାସ ଦିବସ ପାଳିତ ହୋଇଯାଇଛି। ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଡ଼ନସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିପର୍ଯ୍ୟୟ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଥିବା ବିଭିନ୍ନ ଅତିଥିବୃନ୍ଦ, ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ରାଜ୍ୟରେ ଘଟିଥିବା ମହାବାତ୍ୟାକୁ ମନେ ପକାଇବା ସହ ସମ୍ଭାବ୍ୟ ବନ୍ୟା ବାତ୍ୟା ଓ ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଜାଗ ରହି ତା'ର ସଫଳ ମୁକାବିଲା କରିବା ପାଇଁ ସାମୂହିକ ଭାବେ ଶପଥ ନେଇଥିଲେ। ଏହି ବୈଠକରେ ପୌରପାଳିକା ଉପନଗରପାଳ ମହମ୍ମଦ ଇରଫାନଙ୍କ ସମେତ ଅଗ୍ନିଶମ ବିଭାଗ, ବନ ବିଭାଗ, କୃଷି ବିଭାଗ, ୱାଟକୋ ଏବଂ ପୌରପାଳିକାର ଅନ୍ୟ ଅଧିକାରୀଙ୍କ ସହ ସ୍ୱଚ୍ଛ ସାଥି, ସୁପରଭାଇଜର, ଆଶା କର୍ମୀ ଉପସ୍ଥିତ ରହିଥିଲେ।



ବିପର୍ଯ୍ୟୟ ପ୍ରସ୍ତୁତି ଓ ବିପର୍ଯ୍ୟୟ ହ୍ରାସ ଦିବସ ପାଳନ ଅବସରରେ ବିଭିନ୍ନ ବିଭାଗର କର୍ମଚାରୀ।

## ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଗହଳି, ଚାଲିଛି ଭଜନ କୀର୍ତ୍ତନ

ଲହୁଣୀପଡ଼ା, ୨୯।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ ପ୍ରତ୍ୟେକ ପୂଜାମଣ୍ଡପ। ଚଳିତବର୍ଷ ଚନ୍ଦ୍ର ଗ୍ରହଣ ଯୋଗୁ କେତେକ ପୂଜା ମଣ୍ଡପରେ ଶନିବାର ଅପରାହ୍ନ ୪ଟା ପୂର୍ବରୁ ମା' ଗଜଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟ କେତେକ ପୂଜା ମଣ୍ଡପରେ ରବିବାର ପୂଜା ସମ୍ପନ୍ନ ହୋଇଥିଲା। ଲହୁଣୀପଡ଼ା ପଞ୍ଚାୟତ ଶୁକପାଲି ଗ୍ରାମରେ ରବିବାର ପୂଜା ଅନୁଷ୍ଠିତ ହୋଇଥିଲା। ସକାଳୁ ଗ୍ରାମର ମହିଳାମାନେ ପୂର୍ଣ୍ଣକଳସ ଆଣି ପୂଜା ମଣ୍ଡପକୁ ଆସିଲା ପରେ କଳସ ସ୍ଥାପନ ହେବା ସହିତ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜକ


ଲହୁଣୀପଡ଼ା ଅଞ୍ଚଳରେ ପୂଜାମଣ୍ଡପରେ ଶ୍ରଦ୍ଧାଳୁ ମା'ଗଜଲକ୍ଷ୍ମୀଙ୍କ ଦର୍ଶନ କରୁଛନ୍ତି।

ଶ୍ରୀମନ୍ତ ଅଧିକାରୀ ହୋମଯଜ୍ଞ ସଞ୍ଚାଳନ କରିଥିବାବେଳେ ପ୍ରେମକିଶୋର ଠାକୁର ଓ ତାଙ୍କ ସ୍ତ୍ରୀ ସୁଇଟ କୁମାରୀ କର୍ତ୍ତାଦାୟିତ୍ୱ ତୁଲାଇଥିଲେ। ସଭାପତି ମନୋଜ ମାହାନ୍ତଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ଦେବେନ ବୋଦ୍ରା, ରାଜକିଶୋର ଠାକୁର, ସୁନାରାମ ମୁଣ୍ଡା, ରମେଶ ମାହାନ୍ତ, ଶ୍ରୀରାମ ମାହାନ୍ତ, ବାଦଲ ସାହୁ, ମେଘନାଦ ମାହାନ୍ତ, ଈଶ୍ୱର ମାହାନ୍ତଙ୍କ ସମେତ ଗ୍ରାମର ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଜଣାପଡିଛି। ସେହିଭଳି ଯାତ୍ରା ପଡ଼ିଆ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଯାତ୍ରା ପଡ଼ିଆରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ଧୀରେନ କୁମାର ପଣ୍ଡା ହୋମଯଜ୍ଞ ପୂଜା କାର୍ଯ୍ୟ ତୁଲାଇଥିବାବେଳେ ଅମରନାଥ ରାୟ କର୍ତ୍ତାଦାୟିତ୍ୱ ତୁଲାଇଥିଲେ। ସନ୍ତୋଷ ରାୟ, ଭିକି ମାହାନ୍ତ, ଆତିଶ ମହାକୁଡ଼, ବାବୁଲି ସୁଆର,ଅଭିଜିତ ରାୟଙ୍କ ସମେତ କମିଟି କର୍ମକର୍ତ୍ତା ପୂଜାରେ ସହଯୋଗ କରିଥିବା ଜଣାପଡିଛି। ସେହିଭଳି ଗମ୍ଭାରଡିହି ଗ୍ରାମ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହୋଇଥିବା ଜଣାପଡିଛି। ଏଥିରେ ପୂଜକ ଦିଲୀପ ପଣ୍ଡା ହୋମଯଜ୍ଞ କାର୍ଯ୍ୟ ତୁଲାଇଥିବାବେଳେ ପରମାନନ୍ଦ ରାୟ ଓ ତାଙ୍କ ସ୍ତ୍ରୀ ପୁଷ୍ପା ରାୟ କର୍ତ୍ତାଦାୟିତ୍ୱ ତୁଲାଇଥିବା ଜଣାପଡିଛି। ପ୍ରତ୍ୟେକ ପୂଜା ମଣ୍ଡପରେ ଭଜନ କୀର୍ତ୍ତନ ଚାଲିଥିବାବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାପଡିଛି। ପ୍ରତ୍ୟେକ ପୂଜା ମଣ୍ଡପରେ ଅନ୍ନଭୋଗର କାର୍ଯ୍ୟକ୍ରମ ଚାଲିଥିବାବେଳେ ପ୍ରତ୍ୟେକ ଗ୍ରାମର ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କର ଭିଡ ପରିଲକ୍ଷିତ ହୋଇଛି।

**ଲହୁଣୀପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଜମୁଛି**

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

ଦେବଗଡ଼, ୨୯।୧୦(ଶଶାଙ୍କ ଶେଖର ଝାଙ୍କର) ରବିବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଚାରିମଞ୍ଜା ଗ୍ରାମର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ପ୍ରିୟଦର୍ଶୀ ପ୍ରଧାନଙ୍କ ପୁଅ ସୌମ୍ୟରଞ୍ଜନ (୧୩)। ନିଜ ଘରର କୋଠରୀ ମଧ୍ୟରେ ଛିଣ୍ଡି ଯାଇଥିବା ଏକ ବିଦ୍ୟୁତ୍ ତାରକୁ ସେ ସଜାଡୁଥିଲେ। ତେବେ ଅସାବଧାନତାବଶତଃ ବିଦ୍ୟୁତ୍ ପ୍ରବାହିତ ହେଉଥିବା ତାର ସଂସ୍ପର୍ଶରେ ତାଙ୍କର ହାତ ଲାଗିଯିବାରୁ ସେ ଛିଟିକି ପଡିବା ସହ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ରେଡକ୍ରସ ମାର୍କେଟ କମ୍ପ୍ଲେକ୍ସର ଉନ୍ନତୀକରଣ ନେଇ ଆଲୋଚନା

ସମ୍ବଲପୁର, ୨୯।୧୦(ବି.ଶଙ୍କର): ବୁର୍ଲାସ୍ଥିତ ରେଡକ୍ରସ ମାର୍କେଟ କମ୍ପ୍ଲେକ୍ସର ଉନ୍ନତୀକରଣ ନେଇ ଶନିବାର ମହାନଗର ନିଗମ କମିଶନର ବେଦ ଭୂଷଣଙ୍କ ସହ ଏକ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ରେଡକ୍ରସର ସମ୍ବଲପୁର ଜିଲା ପ୍ରତିନିଧି ଶିବ ପ୍ରସାଦ ମେହେର ଓ ଜିଲା ରେଡକ୍ରସରେ ପୃଷ୍ଠପୋଷକ ନିହାଲ ସିଂ ପ୍ରମୁଖ କମିଶନରଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରିଥିଲେ। ମାର୍କେଟ କମ୍ପ୍ଲେକ୍ସର ରକ୍ଷଣାବେକ୍ଷଣ କରାଯିବା ନିହାତି ଆବଶ୍ୟକ। ମହାନଗର ନିଗମ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ।

### ବିପର୍ଯ୍ୟୟ ପ୍ରସ୍ତୁତି ଦିବସରେ ସଚେତନତା କାର୍ଯ୍ୟକ୍ରମ, ଶପଥପାଠ

କୁଆଁରମୁଣ୍ଡା, ୨୯।୧୦(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ମଧ୍ୟାହ୍ନରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ବାତ୍ୟା, ବନ୍ୟା, ଭୂମିକମ୍ପ, ବଜ୍ରପାତ, ଘରପୋଡି ଇତ୍ୟାଦି ସମୟରେ କିଭଳି ନିଜକୁ ପ୍ରସ୍ତୁତ କରାଯାଇ ଉକ୍ତ ବିପର୍ଯ୍ୟୟର ଉପଯୁକ୍ତ ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ବିଭିନ୍ନ ପ୍ରକାରର କୌଶଳ ପ୍ରଦର୍ଶନ କରିଥିଲେ। ଏହା ସହ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ ପ୍ରକାର ଉପାୟ ବିଷୟରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟାଙ୍କ ସହ ବ୍ଲକ କର୍ମଚାରୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ଏବିଡ଼ିଓ ପ୍ରଶାନ୍ତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ସମସ୍ତଙ୍କୁ ଏବିଡ଼ିଓ ଜେନା ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ଗ୍ରହଣ କରାଇଥିଲେ।

# ଅନ୍ଧାରରେ ରାଜାମୁଣ୍ଡା ବାଇପାସ୍ ଛକ

ଦେବଗଡ଼, ୨୯।୧୦(ଶଶାଙ୍କ ଶେଖର ଝାଙ୍କର)

- ଦେବଗଡ଼କୁ ହକି ବିଶ୍ୱକପ ଟ୍ରଫି ଆସିଥିବାବେଳେ ହୋଇଥିଲା ଆଲୋକୀକରଣ
- ଅନ୍ଧାର ଯୋଗୁ ପ୍ରତ୍ୟେକ ଦିନ ଘଟୁଛି ଛୋଟବଡ଼ ଦୁର୍ଘଟଣା
- ତୁରନ୍ତ ସମାଧାନ ନ ହେଲେ ହେବ ଆନ୍ଦୋଳନ

ଦେବଗଡ଼ ପୌରାଞ୍ଚଳ ୱାର୍ଡ ନମ୍ବର ୧୦ ରାଜାମୁଣ୍ଡା ବାଇପାସ ଛକ ଦୀର୍ଘ ଦିନ ହେବ ଅନ୍ଧାରରେ ରହିଛି। ଫଳରେ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜରକୁ ଆସିଛି। ଛକ ଅନ୍ଧାର ରହିବା ଫଳରେ ସନ୍ଧ୍ୟା ହେଲା ମାତ୍ରେ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଥାଉକି ୪୯ ନମ୍ବର ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ହଜାର ହଜାର ଟ୍ରକ ବସ ଗାଡି ଯିବା ଆସିବା କରିଥାଏ। ଦେବଗଡ଼ ସହରକୁ ପ୍ରବେଶ କରିବା ପାଇଁ ହେଲେ ରାଜାମୁଣ୍ଡା ବାଇପାସ ଛକ ଦେଇକି ସହର୍ ଭିତରକୁ ଯିବା ପାଇଁ ପଡିଥାଏ। କିନ୍ତୁ ଦୁଃଖର ବିଷୟ ଉକ୍ତ ଛକ ଅନ୍ଧାରରେ ରହିଛି। ଗତ ଜାନୁୟାରୀରେ ହକି ବିଶ୍ୱକପ ସମୟରେ ଦେବଗଡ଼କୁ ଟ୍ରଫି ଭ୍ରମଣ କରିବା ପାଇଁ ଆସିବା ପୂର୍ବରୁ ଉକ୍ତ ରାଜାମୁଣ୍ଡା ବାଇପାସ ଛକକୁ ନୂତନ ରୂପ ଦିଆଯାଇଥିଲା। ଦିନରାତି ଏକକରି ଜିଲା ପ୍ରଶାସନ ୱେଲ କମ ଟୁ ୱାଟର ଫଲ ସିଟି ଲେଖି ଲକ୍ଷାଧିକ ଟଙ୍କା ସାରି ଆଲୋକୀକରଣ କରିଥିଲେ। କିନ୍ତୁ ଆଜି ଅନ୍ଧାରରେ ଉକ୍ତ ଛକ। ଜିଲା ପ୍ରଶାସନକୁ ମାନିବାକୁ ପଡ଼ିବ। ଏଥିପ୍ରତି ସଜାଗ ନ ହେବା ଓ ଧ୍ୟାନ ନ ଦେବା ସମସ୍ତଙ୍କୁ ଚକିତ କରିଛି। ତେଣୁ ଆଗାମୀ ଦିନରେ ତୁରନ୍ତ ଏହାର କିଛି ସମାଧାନ କରା ନ ଯାଏ, ଜନସାଧାରଣ ଆନ୍ଦୋଳନ କରିବେ ବୋଲି ଜଣାପଡିଛି।


ଅନ୍ଧାରରେ ଦେବଗଡ଼ ରାଜାମୁଣ୍ଡା ବାଇପାସ ଛକ।

# ଭାରସାମ୍ୟ ହରାଇ ଘର ଉପରକୁ ମାଡ଼ିଗଲା ହାଇୱା

ରିଆମାଳ, ୨୯।୧୦(ନିରଞ୍ଜନ ବେହେରା)

- ଡ୍ରାଇଭର ସମେତ ୨ ଗୁରୁତର
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ନାଉଲିପଡା ପଞ୍ଚାୟତର ତେଲିମୁଣ୍ଡା ଗ୍ରାମରେ ଏକ ହାଇୱା ଶନିବାର ରାତିରେ ଭାରସାମ୍ୟ ହରାଇ ଘର ଉପରକୁ ମାଡିଯାଇଥିଲା। ଫଳରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଘରେ ଶୋଇଥିବା ଦୁଇଜଣ ମହିଳା ଗୁରୁତର ଆହତ ଏବଂ ଏକ ଗାଈର ମୃତ୍ୟୁ ହୋଇଛି। ଡ୍ରାଇଭର ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଘଟଣା ଅନୁସାରେ ରାତି ୩ଟା ସମୟରେ ରିଆମାଳ ଜାତୀୟ ରାଜପଥ ୫୩ର ବାଇପାସ ରାସ୍ତା ନିର୍ମାଣ ପାଇଁ ହାଇୱା ସାହାର୍ଯ୍ୟରେ ମାଟିକଢା ଚାଲିଥିଲା। ତେଲିମୁଣ୍ଡା ଜାତୀୟ ରାଜପଥ କଡରେ ଥିବା ବେରିକେଡ ଭାଙ୍ଗି ଉକ୍ତ ଗ୍ରାମର ନାରାୟଣ ପ୍ରଧାନଙ୍କ ଘର ଉପରକୁ ଏକ ହାଇୱା ନଂ. ଏଏସ ୦୫ ଏସି ୦୪୨୬ଟି ଚଢି ଯାଇଥିଲା। ଫଳରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଘରେ ଶୋଇଥିବା ଅବସ୍ଥାରେ ମେନକା ପ୍ରଧାନ ଓ ଯଶୋଦା ପ୍ରଧାନ ଚାପି ହୋଇ ରହିଥିଲେ। ଉଦ୍ଧାର ପରେ ମେନକା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଛତାବର ଡାକ୍ତରଖାନା ଓ ପରେ ଦେବଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେହିଭଳି ଉକ୍ତ ଦୁର୍ଘଟଣାରେ ହାଇୱା ଭିତରେ ଡ୍ରାଇଭର ଗୋକୁଳ ମାଝି ଚାପିହୋଇ ରହିଯାଇଥିଲେ। ତାଙ୍କୁ ସକାଳ ୫ଟା ୩୦ରେ ଅଗ୍ନିଶମ ବିଭାଗ ଦ୍ୱାରା ଉଦ୍ଧାର କରାଯାଇ ଗୁରୁତର ଅବସ୍ଥାରେ ଦେବଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ସୁଚନା ପାଇ ରିଆମାଳ ଥାନାଧିକାରୀ ସରସ୍ୱତୀ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ କରିବା ସହିତ ତଦନ୍ତ କରିଥିଲେ। ଉକ୍ତ ଦୁର୍ଘଟଣାକୁ ନେଇ ତେଲିମୁଣ୍ଡା ଗ୍ରାମରେ ଉତ୍ତେଜନା ବଢିବା ସହିତ ଲୋକମାନେ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ଘର ନିର୍ମାଣ ସହ ଗାଈର ମୂଲ୍ୟ ଦାବି କରିଥିଲେ। ଡାକ୍ତରଖାନାରେ ଚିକିତ୍ସିତ ଆହତଙ୍କ ଚିକିତ୍ସା ଖର୍ଚ୍ଚ ଦାବି କରି ରାସ୍ତାରୋକୋ କରିଥିଲେ। କମ୍ପାନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସହାୟତାରେ ଲୋକଙ୍କ ସହିତ କଥାହୋଇ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା।


ହାଇୱା ଭାରସାମ୍ୟ ହରାଇ ଘର ଉପରକୁ ମାଡିଯାଇଛି।

# ସ୍ୱପୀଠେ ପ୍ରତ୍ୟାବର୍ତ୍ତନ କଲେ ମା' କନ୍ତଦେବୀ

ଲହୁଣୀପଡ଼ା, ୨୯।୧୦(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ହଳଦୀକୁଦର ପଞ୍ଚାୟତ ସାନଜୋଲ ଗ୍ରାମର ପାହାଡ଼ ଗୁମ୍ଫାରେ ଆଶ୍ୱିନ ମାସ ଶୁକ୍ଲପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଥିବା ବଣେଇ ଅଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଓ ଆରାଧ୍ୟ ଦେବୀ ମା'କାନ୍ତଦେବୀ ଙ୍କର ପକ୍ଷାନ୍ତ ନଗର ପରିକ୍ରମା ଯାତ୍ରା ଶେଷ ହୋଇଛି। କୁମାର ପୂର୍ଣ୍ଣିମା ଦିନ ଦେବୀ ସ୍ୱପୀଠେ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡିଛି। କନ୍ତଦେବୀଙ୍କ ବାର୍ଷିକ ନଗର ପରିକ୍ରମାର ଅନୁକୂଳ ଗତ ରବିବାର ଶୁଭାରମ୍ଭ ହୋଇଥିଲା। ଏହି ନଗର ପରିକ୍ରମାରେ ମା' କନ୍ତଦେବୀଙ୍କୁ ବାଦ୍ୟନୃତ୍ୟର ତାଳେ ତାଳେ ପାଛୋଟି ଅଣାଯାଇ ସାନଜୋଲ ଗ୍ରାମସ୍ଥିତ ଦେବୀ ମଣ୍ଡପ ଆସ୍ଥାନରେ ରଖି ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। କନ୍ତଦେବୀଙ୍କ ଆଗମନ ପାଇଁ ଦେହୁରୀମାନେ(ଭୂୟାଁ ପୂଜକ) ମହାଳୟା ଦୁଇଦିନ ପୂର୍ବରୁ ରାଜପ୍ରାସାଦକୁ ଆସି ପାରମ୍ପରିକ ଭେଟି ପ୍ରଦାନ କରିଥିଲେ। ଦ୍ୱାଦଶୀ ତିଥି ଦିନ ରାଜାଙ୍କ ଘରୁ ଦେହୁରୀମାନଙ୍କୁ ପୁରାଞ୍ଜଳି ଦିଆଯାଇଥିଲା। ଏହି ପୁରାଞ୍ଜଳି ପ୍ରଦାନ ସମୟରେ ରାଜପ୍ରାସାଦ ଭିତରେ ରାଜ ପୁରୋହିତ, ଅମାନ୍ତ, ଭବତୋଷ ଦେଓ ଓ ରାଜ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଧାର୍ଯ୍ୟ ଲଗ୍ନ ସମୟରେ ରାଜା ବିର କିଶୋରୀ ଇନ୍ଦ୍ରଦେଓଦେବ ଦେହୁରୀମାନଙ୍କୁ ପୁରାଞ୍ଜଳି ପ୍ରଦାନ କରିଥିଲେ। ସେହି ପୁରାଞ୍ଜଳିକୁ ନେଇ ଦେହୁରୀମାନେ ମା' କନ୍ତଦେବୀଙ୍କ ଆଗମନ ପାଇଁ ପିଠେ ପୂଜାର୍ଚ୍ଚନା କରି ଆମନ୍ତ୍ରଣ କରିଥିଲେ। ପ୍ରଥମ ଦିବସରେ ସାନଜୋଲ, ହଳଦୀକୁଦର, କଣ୍ଟାକୁଦର ଗ୍ରାମରେ ପୂଜା ପାଇ ନୂଆଡ଼ିହି ଗ୍ରାମରେ ମା'ଙ୍କର ବିଶ୍ରାମ ଥିଲା। ପୂର୍ବ ନିର୍ଦ୍ଧାରିତ ଦିନ ଓ ତିଥି ଅନୁଯାୟୀ ମା'ଙ୍କର ବିଭିନ୍ନ ଗ୍ରାମ କ୍ରମାନ୍ୱୟରେ ପରିକ୍ରମା ଓ ପକ୍ଷାନ୍ତ ଯାତ୍ରା କାଳରେ ପୂଜାର୍ଚ୍ଚନା କରାଯାଇଥିଲା। କୁମାର ପୂର୍ଣମା ଦିନ ମା'ଙ୍କର ପିଠେ ପ୍ରତ୍ୟାବର୍ତ୍ତନ ହୋଇଛି। ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ମା'ଙ୍କର ଦର୍ଶନ ପାଇଁ ଭକ୍ତମାନଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏହା ସହିତ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାପଡିଛି।

# ସମ୍ବିଧାନ ଓ ସାମାଜିକ ନ୍ୟାୟ ଶୀର୍ଷକ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଜମନକିରା, ୨୯।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ବାମରା ବ୍ଲକ କେଶାଇବାହାଲସ୍ଥିତ କିଷାନ ସମାଜ ସଭାକକ୍ଷରେ ବୁଦ୍ଧ ସାମାଜିକ ଆନ୍ଦୋଳନ ସମିତି ପକ୍ଷରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଭାରତୀୟ ସମ୍ବିଧାନ ଓ ସାମାଜିକ ନ୍ୟାୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜିଡି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୟାସାଗର ପଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ଖଡୁନାଥ ପିଙ୍ଗ, ଆଦିବାସୀ ନେତା ଯୋଗେଶ୍ୱର ପଟ୍ଟା, ଶ୍ରମିକ ନେତା ପବନ କୁମାର ଲୁହା, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ପଟ୍ଟା, ନାରୀନେତ୍ରୀ ବୀଣାପାଣି ନାଏକ ଓ ଚାଷୀନେତା ବନମାଳୀ ନାଏକ, ସାମାଜିକ କର୍ମୀ ପ୍ରେମସାଗର ଦେହେରିଆ ପ୍ରମୁଖ ଆଲୋଚକ ଭାବରେ ଯୋଗଦେଇ ସମ୍ବିଧାନକୁ କଡ଼ାକଡ଼ି ଲାଗୁ କଲେ ହିଁ ସାମାଜିକ ନ୍ୟାୟ ସମ୍ଭବ ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ଅତିଥିଗଣ ଭଗବାନ ବୁଦ୍ଧ ଓ ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଆମ୍ବେଦକରଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରିଥିଲେ। କେଦାର ଲୁହା ସ୍ୱାଗତ ଭାଷଣ ପ୍ରଦାନ ସହ ସଂଯୋଜନା କରିଥିବାବେଳେ ସୁରୁମଣୀ ସୁନାନି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାଙ୍ଗଠନିକ ଆଲୋଚନା ସହ ସୁବାସ ନାୟକ, କରୁଣାକର କିଷାନ, ଶ୍ରଦ୍ଧାକର ଜୟପୁରିଆ, ଦୁଃଖବନ୍ଧୁ ବନଛୁର, ଜୟନାରାୟଣ ଛୁରା ଓ ପଦ୍ମିନୀ ଲୁହାଙ୍କୁ ନେଇ ଏକ ସଂଯୋଜନା କମିଟି ଗଠନ କରାଯାଇଥିଲା। ଶେଷରେ ଭୋଲାନାଥ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଆଇଏମ୍ ସମ୍ବଲପୁରରେ ହସ୍ତତନ୍ତ ପ୍ରଦର୍ଶନୀ



ସମାରୋହରେ ଅତିଥି ଓ ବୁଣାକାରମାନେ।

ସମ୍ବଲପୁର, ୨୯।୧୦(ବି.ଶଙ୍କର)

**ବୁଣାକାରଙ୍କୁ ବୟନ ମନ୍ତ୍ରଣାଳୟର ଆର୍ଥିକ ସହାୟତା**

ଆଇଆଇଏମ୍ ସମ୍ବଲପୁରରେ ହସ୍ତତନ୍ତ ପ୍ରଦର୍ଶନୀ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୧ ଜଣ ବୁଣାକାର ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟର ଆର୍ଥିକ ସହାୟତା ହାସଲ କରିଛନ୍ତି। ସାମାଜିକ କର୍ମୀ ମୃଦୁଳା ପ୍ରଧାନ, ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସ୍ୱାଲ ଓ ରେଙ୍ଗାଲି ବିଧାୟକ ନାଉରି ନାୟକ ବୁଣାକାରମାନଙ୍କୁ ଆର୍ଥିକ ସହାୟତା ବାବଦ ଚେକ୍ ପ୍ରଦାନ କରିଥିଲେ।

ଅତିଥିମାନେ ସୂଚନା ଦେଇ କହିଥିଲେ, ବିଶ୍ୱରେ ସମ୍ବଲପୁରୀ ବସ୍ତ୍ର ଲୋକପ୍ରିୟ ଥିବାରୁ ତାନା-ବାନା ପ୍ରଦର୍ଶନୀ ଗର୍ବର ବିଷୟ। ଏମ୍‌ବିଏ ପାଠପଢ଼ା ଶେଷ ହେବା ପରେ ଛାତ୍ରୀଛାତ୍ର ସ୍ଥାନୀୟ ହସ୍ତତନ୍ତ ଉତ୍ପାଦକୁ ନେଇ ଷ୍ଟାର୍ଟଅପ ଆରମ୍ଭ କରିବା ଉଚିତ। ଏହା ଜରିଆରେ ସମ୍ବଲପୁରୀ ଉତ୍ପାଦ ବିଶ୍ୱସ୍ତରରେ ପ୍ରସାର ହୋଇପାରିବ। ଓଡ଼ିଶାର କଳା, ସଂସ୍କୃତି ପ୍ରସାର କରିବା ଦିଗରେ ଆଇଆଇଏମ୍ ସମ୍ବଲପୁର କାର୍ଯ୍ୟ କରୁଛି। ଜାତୀୟ ସ୍ତରରେ ସ୍ଥାନୀୟ ହସ୍ତତନ୍ତର ପ୍ରସାର କରିବା ଲାଗି ଆମେ ବୁଣାକାରଭାଲି ଡଟ୍‌କମ୍ ପ୍ରକଳ୍ପ ଉପରେ କାର୍ଯ୍ୟ କରୁଛୁ। ଫ୍ଲିପକାର୍ଟ ଓ ସିଡବି ସହ ଆଇଆଇଏମ୍ ସମ୍ବଲପୁରର ଏମ୍‌ଓୟୁ ଅନୁସାରେ ଡିଜିଟାଲ ପ୍ଲାଟଫର୍ମରେ ହସ୍ତତନ୍ତର ପ୍ରସାର କରାଯାଉଛି ବୋଲି କହିଥିଲେ। ଏହି ପ୍ରଦର୍ଶନୀରେ ୧୧ ଜଣ ବୁଣାକାରଙ୍କୁ କାର୍ଯ୍ୟସ୍ଥଳ (ୱାର୍କସେଡ) ପାଇଁ ୧.୨୦ ଲକ୍ଷ ଟଙ୍କା ଲେଖାଏ ଓ ୧୦ ଜଣ ବୁଣାକାରଙ୍କୁ ଆଲୋକ ବାବଦ ସହାୟତା ଭାବେ ୧୫ ହଜାର ଟଙ୍କା ଲେଖାଏ ଦିଆଯାଇଛି। ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟର ବାହ୍ୟ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ସ୍କିମ ଅଧୀନରେ ଏହି ସହାୟତା ପ୍ରଦାନ କରାଯାଇଛି। ସହକାରୀ ପ୍ରଫେସର ଆନନ୍ଦ ହିନ୍ଦୋଳିଆ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଓ ଭୁବନେଶ୍ୱରର ୱିଭର୍ସ ସର୍ଭିସ ସେଣ୍ଟର ସହଯୋଗରେ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ୫-ଦିନିଆ ପ୍ରଦର୍ଶନୀ ଆୟୋଜନ କରାଯାଇଛି । ଏଥିରେ ବିଭିନ୍ନ ଶାଢ଼ି, ବେଡସିଟ, ଡ୍ରେସ, କପଡ଼ା ଉତ୍ପାଦ ଆଦି ସାମିଲ ରହିଛି ।

# ଦେବଗଡ଼ ଜିଲା ଆଦିବାସୀ ମହାସଂଘର ବୈଠକ


ଆଦିବାସୀ ମହାସଂଘର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଦେବଗଡ଼, ୨୯।୧୦(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ସୁନାମୁଣ୍ଡା ଗ୍ରାମରେ ରବିବାର ଦେବଗଡ଼ ଜିଲା ଆଦିବାସୀ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହାସଂଘର ସମ୍ପାଦକ ସୁଶାନ୍ତ ଗୁଡିଆ, ପବନ ଡାଓନ, ରାଜେଶ ବାର୍ଲା ଓ ରାଜେଶ ସୁରିନଙ୍କ ସମେତ ଜିଲାର ତିନୋଟି ଯାକ ବ୍ଲକରୁ ବହୁ ସଦସ୍ୟ ଯୋଗଦେଇ ଜିଲାର ଆଦିବାସୀଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାର ସମାଧାନ ନିମନ୍ତେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ବିଶେଷ ଭାବେ ଆଦିବାସୀମାନଙ୍କର ମୌଳିକ ଅଧିକାର ସମେତ ଜଙ୍ଗଲ ଜମି ପଟ୍ଟା ଓ ଘରଡିହ ଆଦି ଉପରେ ଆଲୋଚନା କରାଯାଇଥିଲା। ଶେଷରେ ସମ୍ପାଦକ ସୁଶାନ୍ତ ଗୁଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଜ ପାଇଁ ନିଜେ ...


ସମ୍ବଲପୁର ଜିଲା ଯୁଯୁମୁରା ପଞ୍ଚାୟତ ବୁଟିବେଣ୍ଟୀ ଯୋସେଫପଡା ରାସ୍ତାକୁ ରବିବାର ଗ୍ରାମବାସୀ ଶ୍ରମଦାନ କରି ନିର୍ମାଣ କରୁଛନ୍ତି।

# ଅନୁଗୋଳର ଏନ୍‌ୱାଇସି କ୍ଲବ ଚାମ୍ପିୟନ

ଦେବଗଡ଼, ୨୯।୧୦ (ଶଶାଙ୍କ ଶେଖର ଝାଙ୍କର)

**ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ସୁମନ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚରେ ଠିଆନାଳ ଶିବଶକ୍ତି ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ପରାସ୍ତ କରି ଅନୁଗୋଳ ଜିଲାର ପେଚାମୁଣ୍ଡି ଏନଓ୍ୱାଇସି.କ୍ଲବ ଚାମ୍ପିୟନ ହୋଇଥିଲା। ମ୍ୟାଚଗୁଡିକୁ ରେଫରୀ ଭାବେ ଅସିତ କୁମାର ସାହୁ, ବେଣୁଧର ବିଶ୍ୱାଳ, ମିହିର ସାହୁ ଓ ଧବଳି ସେଠୀ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଅଭୟ ନାୟକ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ କ୍ଲବର ସଭାପତି ସନତୋଷ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଓ ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲା ବିଜେଡି ସଭାପତି ଇଂ.ଚିରଞ୍ଜନ ପ୍ରଧାନ ଯୋଗଦେଇ ଚାମ୍ପିୟନ ପେଚାମୁଣ୍ଡି ଏନଓ୍ୱାଇସି.କ୍ଲବ ଓ ରନର୍ସ ଅପ ଶିବଶକ୍ତି ଫୁଟବଲ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୁରୁସଙ୍ଗ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ପ୍ରଶାନ୍ତ କୁମାର ପ୍ରଧାନ, ଗୁରୁସଙ୍ଗ ସେବା ସମବାୟ ସମିତି ସଭାପତି ବେଣୁଧର ସାହୁ,ବିନୋଦ ବିହାରୀ ପ୍ରଧାନ ଓ ଈଶ୍ୱର ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଶେଷରେ କ୍ଲବର ସମ୍ପାଦକ ଯୁଧିଷ୍ଠିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଦୀପକ ବିଶ୍ୱାଳ, ବିଦ୍ୟାଧର ପ୍ରଧାନ, ତରଣୀସେନ ବିଶ୍ୱାଳ, ସଚିନ ସେଠୀ ଓ ବାପୁନ ବିଶ୍ୱାଳଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଫୁଟବଲ ପ୍ରତିଯୋଗିତାର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଖଣ୍ଡାୟତ ସମାଜର ଖଣ୍ଡାବସା ପର୍ବ**

ସଇଁତଳା,(ରାଖାଲ ପ୍ରସାଦ ଶତପଥି): ସଇଁତଳା ଓ ଦେଓଗାଁ ବ୍ଲକ ଖଣ୍ଡାୟତ ସମାଜର ଖଣ୍ଡାବସା ପର୍ବ ମାକ୍ରି ଗ୍ରାମରେ ପାଳିତ ହୋଇଯାଇଛି। ଜୀବର୍ଦ୍ଧନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଖଣ୍ଡାୟତ ସମାଜ ସଦସ୍ୟ ଯୋଗଦେଇଥିଲେ। ସମାଜର ରୀତିନୀତି ଅନୁଯାୟୀ ଖଣ୍ଡା ବସାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପର୍ବରେ ସମ୍ପାଦକ ବିଦେଶୀ ପଧାନ, ସହସମ୍ପାଦକ ମହେନ୍ଦ୍ର ବିଶ୍ୱାଳ, ଗଙ୍ଗା ପଧାନ, ପ୍ରହ୍ଲାଦ ନାଏକ, ସୁରେନ୍ଦ୍ର ସା, ଗୌର ପଧାନ, ଭ୍ରମର ସା, କୁରୁପତି ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୭ ଦାଦନ ଶ୍ରମିକ ଉଦ୍ଧାର, ବୋଲେରୋ ଜବତ

ଖପ୍ରାଖୋଲ,୨୯।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ଶନିବାର ଚାଲାଣ ବେଳେ ୬ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ରବିବାର ଆଉ ୭ଜଣଙ୍କୁ ଉଦ୍ଧାର କରିଛି। ବେଆଇନ ଦାଦନ ଚାଲାଣ ଅଭିଯୋଗରେ ବରଗଡ଼ ଜିଲା ଗାଇସିଲେଟ ଥାନା ଅଞ୍ଚଳର ଜଣେ ମହିଳା ମଧ୍ୟସ୍ଥିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅପରାହ୍ଣରେ ପୋଲିସ ପାଟ୍ରୋଲିଙ୍ଗ ଚାଲିଥିବା ବେଳେ ଖପ୍ରାଖୋଲ-ଲାଠୋର ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ଏକ ବୋଲେରୋ ଦ୍ରୁତଗତିରେ ଯାଉଥିବା ଦେଖି ଅଟକାଇଥିଲେ। ପଚରାଉଚରା ବେଳେ ଗାଡ଼ିରେ ଥିବା ତିନିଶିଶୁ, ଚାରି ଜଣ ମହିଳା ଓ ୩ଜଣ ପୁରୁଷ ତେଲଙ୍ଗାନା ରାଜ୍ୟ ୱାରଙ୍ଗଲକୁ ଇଟା କାମ ପାଇଁ ଚାଲାଣ ହେଉଥିବା ଜଣାପଡିଥିଲା। ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଉଦ୍ଧାର ଶ୍ରମିକମାନେ ବରଗଡ଼ ଜିଲା ଗାଇସିଲେଟ ଥାନା ଅଞ୍ଚଳର ବୋଲି ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା (୨୦୫/୨୩) ରୁଜୁ ହୋଇଛି। ବୋଲେରୋ ଜବତ ହୋଇଛି।

### ଉଦ୍‌ଘାଟନ ଅପେକ୍ଷାରେ ଦେଓଗାଁ ଥାନାର ନୂତନ କୋଠା

ଦେଓଗାଁ,୨୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନାର ନୂତନ କୋଠା ନିର୍ମାଣ କାମ ସରିଛି। ଧାର୍ଯ୍ୟ ସମୟରେ କାମ ସରିଥିଲେ ବି ଉଦ୍‌ଘାଟନ ହୋଇପାରିନାହିଁ। ଫଳରେ କାର୍ଯ୍ୟରତ କର୍ମଚାରୀ ବଡକଷ୍ଟରେ କାମ କରୁଛନ୍ତି। ଦୀର୍ଘ ଦୁଇମାସ ହେଲା କୋଠାକୁ କିଏ ଉଦ୍‌ଘାଟନ କରିବ ସେ ନେଇ ସ୍ଥିର ହୋଇ ପାରି ନ ଥିବାରୁ ଏହି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ, ଦେଓଗାଁ ଫାଣ୍ଡି ଥାନା ମାନ୍ୟତ ପାଇବା ପରେ ଏହି କୋଠା ନିର୍ମାଣ ହୋଇଛି। ନୂତନ କୋଠା କାର୍ଯ୍ୟକ୍ଷମ ହେଲେ ଥାନା କର୍ମଚାରୀଙ୍କ ପାଇଁ କାର୍ଯ୍ୟ କରିବା ସୁବିଧାଜନକ ହୋଇ ପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ଦିଗରେ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାପାଇଁ ସାଧାରଣରେ ଦାବି ହେଉଛି।

### ଗଜଲକ୍ଷ୍ମୀ ପୂଜା ଲାଗି କଳସ ଶୋଭାଯାତ୍ରା

ଦେଓଗାଁ,୨୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ କରୁଆଁଝର ଗ୍ରାମରେ ନବଜୀବନ ପାଠାଗାର ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜା କର୍ତ୍ତା ଭାବେ ସଞ୍ଜୟ ସିଂଦେଓ ଓ ତାଙ୍କ ଧର୍ମପତ୍ନୀ ତୃପ୍ତିମୟୀ ସଂଦେଓ ଏବଂ ରାମାୟଣ କର୍ତ୍ତା ଭାବେ ଦିଲୀପ ସାହୁ ଓ ଧର୍ମପତ୍ନୀ ପଦ୍ମିନୀ ସାହୁ ଦାୟିତ୍ୱ ତୁଲାଉଛନ୍ତି। ସେହିପରି କଛାରପାଲିରେ ଗଜଲକ୍ଷ୍ମୀ ପୂଜା ଅବସରରେ ପାରାୟଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

### ଶିଶୁ ମନ୍ଦିରରେ ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ

ଟିଟିଲାଗଡ, ୨୯।୧୦(ଶରତ ମିଶ୍ର)

ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୂର୍ବ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜ୍ୟୋତିପ୍ରକାଶ ଗଡତ୍ୟା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାବଲମ୍ବୀ ଭାରତ ଗଠନରେ ପୂର୍ବ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତଥା ଶିକ୍ଷା ବିକାଶ ସମିତ ଦକ୍ଷିଣ ପଶ୍ଚିମ ସମ୍ଭାଗର ପୂର୍ବ ଛାତ୍ର ପରିଷଦର ପ୍ରମୁଖ ଶ୍ୟାମ ସୁନ୍ଦର ମହାପାତ୍ର ପୂର୍ବ ଛାତ୍ର ସଂଗଠନର ଆବଶ୍ୟକତା ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନୁଷ୍ଠାନ ବରିଷ୍ଠ ଆଚାର୍ଯ୍ୟ ପଙ୍କଜ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୂର୍ବ ଛାତ୍ର ପରିଷଦ ପ୍ରମୁଖ ଆଚାର୍ଯ୍ୟ ଅମିତ କୁମାର ତ୍ରିପାଠୀ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଉପସ୍ଥିତ ପୂର୍ବ ଛାତ୍ରୀଛାତ୍ରମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନୁଷ୍ଠାନ ପରିଚାଳନା ସମିତି ସମ୍ପାଦକ ଡମ୍ବରୁଧର କର୍ମୀ, କୋଷାଧ୍ୟକ୍ଷ ଶେଷଦେବ ମେହେର, ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ସେଠ ଉପସ୍ଥିତ ଥିଲେ। ଶୈକ୍ଷିକ ପ୍ରମୁଖ ରଞ୍ଜିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୪୬୫ ହେକ୍ଟର ଧାନଫସଲରେ ଚକଡ଼ା

ଦେଓଗାଁ,୨୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ଦେଓଗାଁ ବ୍ଲକ**
- କାମ ଦେଉନି କୀଟନାଶକ
- ଚାଷୀଙ୍କ ଅଭିଯୋଗ, କୃଷି କର୍ମଚାରୀଙ୍କ ସହଯୋଗ ମିଳୁନି
- ରୋଗ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଛି: ବିଏଓ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ ପଞ୍ଚାୟତର ପ୍ରାୟତଃ ଗ୍ରାମରେ ଏବେ ଧାନ ଚାଷରେ ଚକଡା ରୋଗ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏପରିକି ଚକଡ଼ା ପ୍ରଭାବିତ ଜମିରେ କୀଟନାଶକ ପକାଇବା ପରେ ମଧ କାମ ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି କାର୍ଯ୍ୟାଳୟକୁ ଚାଷୀମାନେ ରୋଗପୋକ ନିରାକରଣ ପାଇଁ ଯାଉଥିବାବେଳେ ସେଠାରେ କାହା ଦେଖା ପାଉ ନ ଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଚଳିତ ଖରିଫରେ ହେକ୍ଟର ହେକ୍ଟର ଜମିରେ ଚକଡା ରୋଗ ବ୍ୟାପିଛି। ଦେଓଗାଁ କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଗୌରଗୋଠ ପଞ୍ଚାୟତରେ ୨୬ହେକ୍ଟର, ବଡବାହାଲରେ ୬, ଦେଷଣ୍ଡରେ ୧୩, ବଡବନ୍ଧରେ ୨୮, ଲଣ୍ଡାପଥରରେ ୨୭, ବନ୍ଧପଡାରେ ୪.୨, ବ୍ରାହ୍ମଣୀଯୋରରେ ୩.୪, ଗୁଡଖାପଲାରେ ୧୪, କୁତୁର୍ଲାରେ ୧୪,



ଗୌରଗୋଠରେ ଜଣେ ଚାଷୀଙ୍କ ଚକଡା ପ୍ରଭାବିତ ଧାନ ଫସଲ।

ହାତୀସରାରେ ୩ , ଜରାସିଂହାରେ ୧୪, ମହଲେଇରେ ୪୬, ଦେଓଗାଁରେ ୧୮, ଉପରଝରରେ ୨୧ , ସାଲେପାଲିରେ ୧୩, ସିଙ୍ଗାମୁଣ୍ଡାରେ ୯.୬, ଉଡାରରେ ୨୨.୬, ରାମଚନ୍ଦ୍ରପୁରରେ ୯, ଡୁମେରପିଟାରେ ୭.୫, ଅର୍ଜୁନପୁରରେ ୩୭, ସାରସମାଲରେ ୬, ଧଣ୍ଡାମାଲରେ ୨୫.୬, ସିକୁଆଁରେ ୧୦, ଗାଇବାହାଲରେ ୮, ମୁକୁନ୍ଦପୁରରେ ୪୪, କୁଲତାପଡାରେ ୩୬ହେକ୍ଟର ଏହିପରି ୪୬୫.୯ ହେକ୍ଟର ଧାନ ଫସଲ ଚକଡା ପ୍ରଭାବିତ ହୋଇଛି। ଚାଷୀ ଔଷଧ ପ୍ରୟୋଗ ପରେ ବର୍ତ୍ତମାନ ୨୨.୫ ହେକ୍ଟର ଜମିରେ ଚକଡା ରୋଗ କମିଥିବା ବିଭାଗ କହୁଛି। ୨୬ଟି ପଞ୍ଚାୟତର ଅଦ୍ୟାବଧି ୪୪୩.୪ ହେକ୍ଟର ଜମିରେ ଚକଡା ପାଇଁ ଫସଲ କ୍ଷତିଗ୍ରସ୍ତ ହେଉଥିବା ବିଭାଗ ତଥ୍ୟ ଅନୁସାରେ ଜଣାପଡିଛି। ଏ ଦିଗରେ ଜିଲା କୃଷି ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି। ଏ ନେଇ ବ୍ଲକ କୃଷି ଅଧିକାରୀ(ବିଏଓ) ଜଗବନ୍ଧୁ ପଟେଲଙ୍କୁ ପଚାରିବାରୁ ଶେଷ ପର୍ଯ୍ୟାୟରେ ଥିବା ଫସଲ ଚକଡା ପ୍ରଭାବିତ ହେବା ଚିନ୍ତାର କାରଣ। ତେବେ କୃଷି କର୍ମଚାରୀମାନେ କ୍ଷେତ୍ରକୁ ଯାଇ ଚାଷୀଙ୍କୁ ଆବଶ୍ୟକ ପରାମର୍ଶ ଦେଉଥିବା ସେ କହିଛନ୍ତି।

# ୩୦ବର୍ଷରେ ବ୍ଲକଛକ ଗଜଲକ୍ଷ୍ମୀ ପୂଜା

ଲୋଇସିଂହା,୨୯।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୩୦ତମ ପୂଜା ପାଳିତ ହେଉଛି। ଅଜିତ ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଶନିବାର ଚନ୍ଦ୍ରଗହଣ ଥିବାରୁ ସଅଳ ପୂଜା ସରିଥିଲା। ପରେ ପୂଜା କମିଟି ଉପଦେଷ୍ଟା ଧର୍ମସିଂ ମିଶ୍ରଙ୍କ ଅଧ୍ୟକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଗଜଲକ୍ଷ୍ମୀଙ୍କ ଉପରେ ଆଧାରିତ କବିତା ପାଠୋତ୍ସବରେ ଜିଲା ତଥା ଜିଲା ବାହାର କବୟିତ୍ରୀ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ବିଶଷ୍ଟ କବି, ନାଟ୍ୟକାର ତଥା ସିନେ ଅଭିନେତା ସ୍ୱର୍ଗତ ନେତ୍ରାନନ୍ଦ ବାରିକଙ୍କ ସ୍ମୃତିରେ ଚିତ୍ରଶିଳ୍ପୀ ପ୍ରଭାକର ସାହୁଙ୍କୁ ନେତ୍ରାନନ୍ଦ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସେହିପରି ଲୋଇସିଂହା ବଣିକ ସଂଘ ଏବଂ ଗାନ୍ଧୀ ସ୍ମୃତି ପାଠାଗାର ପୂଜା କମିଟି ତରଫରୁ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି।

# ମାହେଶ୍ୱରୀ ସଦର ବ୍ଲକ ସଙ୍ଗଠନର ବୈଠକ



ମାହେଶ୍ୱରୀ ସଙ୍ଗଠନର ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମାହେଶ୍ୱରୀ ପକ୍ଷରୁ ରବିବାର ସ୍ଥାନୀୟ ପତିତପାବନ ଏକାଡେମୀଠାରେ ବଲାଙ୍ଗୀର ବ୍ଲକ ଅଧିନରେ ଥିବା ପଞ୍ଚାୟତ ମାହେଶ୍ୱରୀର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତସ୍ତରରେ କିଭଳି ଭାବେ ଲୋକେ ଉପକୃତ ହେବେ ସେ ଦିଗରେ ଅନୁଷ୍ଠାନ ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଲୋକେ ଶିକ୍ଷିତ ହେବା ସହ ପଛଘୁଞ୍ଚା ନଦେଇ ବିଭିନ୍ନ ସମସ୍ୟାର କିଭଳି ସମାଧାନ କରିବେ ସେ ଉପରେ ଆଲୋଚନା କରାଯାଇଥିଲା। ମହିଳା ସଶକ୍ତିକରଣ ପାଇଁ ପ୍ରତି ପଞ୍ଚାୟତରେ ମହିଳାମାନଙ୍କୁ ଆଗକୁ ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ଚାଷୀ ମାନଙ୍କ ସମସ୍ୟା ଉପରେ ମଧ ଗୁରୁତ୍ୱ ଦିଆଯିବ। ଏହି ବୈଠକରେ ସଦର ବ୍ଲକର କୁଡାସିଂହା, ଶିକାଛିଡା, ବିଡିଘାଟ, ମିର୍ଦ୍ଧାପାଲି, କୁଟୁମଡୋଳା ଗ୍ରାମ ପଞ୍ଚାୟତ ସଂଯୋଜକ ଏବଂ ସହ-ସଂଯୋଜକ ଉପସ୍ଥିତ ଥିଲେ। ବୈଠକରେ ମାହେଶ୍ୱରୀ ସଭାପତି ଶୋଭନ କୁମାର ଅଗ୍ରୱାଲ, ସଭ୍ୟ ଅପ୍ରମିତ ପରିଚ୍ଛା, ଯତୀନ୍ଦ୍ର କୁମାର ସାହୁ, ଦେବାଶିଷ ପାଣ୍ଡିଆ, ରାଜ ବାଲୁକେଶ୍ୱର ନନ୍ଦ, ମୀନା ଧରୁଆ, ମନୋଜ ଝାଙ୍କର, ଲୋକନାଥ ପ୍ରଧାନ, ରମାକାନ୍ତ ସାହୁ, ଦିପକ ଅଦାବରିଆ, ଦେବରାଜ ନାଏକ, ଆନନ୍ଦ ସିଂ ଏବଂ ସାହିଲ ସିଂ ଗଡତ୍ୟା ଉପସ୍ଥିତ ଥିଲେ।

# ଜିଲା କଳାକାର ସଂଘ କାର୍ଯ୍ୟକାରୀ କମିଟି ବୈଠକ




ବୈଠକରେ ଉପସ୍ଥିତ କଳାକାର ଓ ସଦସ୍ୟ।

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ମନୋଜ ମିଶ୍ରଙ୍କୁ ଓଡିଶା ପ୍ରଡ୍ୟୁସର ସଂଘ ବାସନ୍ଦକୁ ନିନ୍ଦା**

ବଲାଙ୍ଗୀର ଜିଲା କଳାକାର ସଂଘ କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମ ପରିସରରେ ସଭାପତି ଅବଦୁଲ ଜମାଲ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ପ୍ରଭଞ୍ଜନ ରାୟଗୁରୁ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଓଡିଶା ପ୍ରଡ୍ୟୁସର ସଂଘ ସିନେ ଅଭିନେତା ମନୋଜ ମିଶ୍ରଙ୍କୁ ଦୁଇବର୍ଷ ପାଇଁ ବାସନ୍ଦ କରିବା ଘଟଣା ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ଅଭିନେତା ମିଶ୍ରଙ୍କୁ କୌଣସି ପ୍ରସଙ୍ଗରେ କୈଫିୟତ ମାଗିବା ଛାଡି ବାସନ୍ଦ କରିବା ଆଞ୍ଚଳିକ ବୈଷମ୍ୟ ଦିଗକୁ ଦେଖାଉଛି ବୋଲି ଆଲୋଚନା କରାଯାଇଥିଲା। ଓଡ଼ିଶା ପ୍ରଡ୍ୟୁସର ସଂଘର ଏପରି ଏକତରଫା କାର୍ଯ୍ୟକୁ ଜିଲା କଳାକାର ସଂଘ ଦୃଢ ନିନ୍ଦା କରିଛନ୍ତି। ବାସନ୍ଦକୁ ଯେତେ ଶୀଘ୍ର ପ୍ରତ୍ୟାହାର କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏତଦ୍‌ବ୍ୟତୀତ ନଭେମ୍ବର ୫ ତାରିଖରେ ସ୍ଥାନୀୟ ଯାଦବ ଭବନଠାରେ ବଲାଙ୍ଗୀର ଉପଖଣ୍ଡର ସମସ୍ତ ସାଂସ୍କୃତିକ ସଙ୍ଗଠନର ମୁଖ୍ୟମାନଙ୍କୁ ନେଇ ଏକ ସଭା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଆଲୋଚନାରେ ଜିଲାର କଳାକାର, ସିନେ ଅଭିନେତା, ବୁଦ୍ଧିଜୀବୀ ସନାତନ ଠାକୁର, ମୁରଲୀଧାରୀ ପତି, କପିଳେଶ୍ୱର ଖମାରୀ, ସୁରେନ୍ଦ୍ର ତ୍ରିପାଠୀ, ଅଜୟ ନାଗ, ଅନିତା ତ୍ରିପାଠୀ, ସଙ୍ଗୀତା ଦାସ, ସୈରେନ୍ଦ୍ରୀ ବାରିକ, ଆର୍ତ୍ତତ୍ରାଣ ବାଗ, ପ୍ରକାଶ ଥନାପତି, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଭକ୍ତ ନାଏକ, କାଳୀ ପ୍ରସାଦ ଷଡଙ୍ଗୀ ଓ ସଞ୍ଜୟ ଶେଖର ଭୋଇ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ମଧୁସୂଦନ ନାୟକ ଧନ୍ୟବାଦ ଦେଇଥିଲେ।

# ରାସ୍ତାରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ୨୬ ନମ୍ବର ଜାତୀୟ ରାଜପଥ ରେଡିଓ ଷ୍ଟେଶନ୍ ନିକଟ ଏକ ଚା ଦୋକାନ ସମ୍ମୁଖରେ ରବିବାର ଅପରାହ୍ଣରେ ଦୁଇ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଲୁହାରଡ୍, ଭୁଜାଲି ଏବଂ ଅନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ଶାସ୍ତ୍ରୀନଗରର ରାଜା ଭାଟି (୨୬) ଗୁରୁତର ହୋଇଛନ୍ତି। ଅନ୍ୟ ଯୁବକ ଜଣକ ଗୁପ୍ତେଶ୍ୱରନଗରର ସୁରମ୍ୟ ରଞ୍ଜନ ଯାଦବ (୨୫)। ତାଙ୍କୁ ଘଟଣାସ୍ଥଳରୁ ପୋଲିସ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ଭୀମ ଭୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚା ଦୋକାନ ସମ୍ମୁଖରେ ଥିବା ରାଜା ଓ ସୁରମ୍ୟଙ୍କୁ ୧୦ରୁ ୧୨ ଜଣ ଯୁବକ ବାଇକରେ ଆସି ତାଙ୍କ ନାମ ରାଜା କି ବୋଲି ପଚାରିଥିଲେ। ସେ ହଁ କରିବାରୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। କେଉଁ କାରଣରୁ ତାଙ୍କୁ ଆକ୍ରମଣକାରୀମାନେ ଆକ୍ରମଣ କରିଛନ୍ତି ଜଣାପଡିନାହିଁ। ଆକ୍ରମଣକାରୀଙ୍କୁ ଆହତ ରାଜା ଚିହ୍ନି ନାହାନ୍ତି ବୋଲି ପୋଲିସକୁ କହିଛନ୍ତି। ଟାଉନ୍ ଥାନାରେ ଏନେଇ ଲିଖିତ ଅଭିଯୋଗ କରାଯାଇଛି।

# ଲୋଇସିଂହାରେ ସମଲେଇଙ୍କ ଛତ୍ରଯାତ୍ରା

ଲୋଇସିଂହା, ୨୯।୧୦(ସୁଶାନ୍ତ ବାରିକ)

କୁମାର ପୂର୍ଣ୍ଣିମା ଉପଲକ୍ଷେ ଲୋଇସିଂହାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଛତ୍ରଯାତ୍ରା ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଡେଲିମାର୍କେଟସ୍ଥିତ ସମଲେଇଙ୍କ ପୀଠରେ ମୂଳାଷ୍ଟମୀ ତିଥିରୁ ଷୋଡଶ ଉପଚାର ନୀତି ଅନୁଷ୍ଠିତ ହେଉଥିଲା। ଏହି ଉପଲକ୍ଷେ ଚଣ୍ଡୀପାଠ ଓ ହୋମଯଜ୍ଞ ହୋଇଥିଲା। ବିଜୟା ଦଶମୀରେ ପୂଜା ସମାହିତ ହୋଇଥିଲା। କୁମାର ପୂର୍ଣ୍ଣମୀରେ ଅଧିଷ୍ଠାତ୍ରୀ ଦେବୀ ସର୍ବମୁଖ୍ୟ ହୋଇ ଦର୍ଶନ ଦେଇଥାନ୍ତି। ଏହିକ୍ରମରେ ଭୋର ସମୟରେ ପୀଠ ପୂଜକ ଓ ବରୁଆମାନେ ମା'ଙ୍କ ଛତ୍ରକୁ ପୀଠରୁ ବାହାର କରିଥିଲେ। ପୂଜାକର୍ତ୍ତା ରଞ୍ଜନ ବେହେରା ଛତ୍ର ପଦଧୌତ ପରେ ବରୁଆମାନେ ଏହାକୁ ଧରି ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଘରେ ଭକ୍ତି ଓ ନିଷ୍ଠା ସହ ଛତ୍ରକୁ ପୂଜାର୍ଚ୍ଚନା କରାଯାଇଥିଲା।

# ଗୋଳାବାରୁଦ କାରଖାନାର ପ୍ରତିଷ୍ଠା ଦିବସ ପାଳିତ

ସଇଁତଳା,୨୯।୧୦(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡ଼ମାଳସ୍ଥିତ ଗୋଳାବାରୁଦ କାରଖାନାର ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କାରଖାନାର ଅସ୍ଥାୟୀ ପ୍ରହାରୀ ଅଧିକାରୀ ପି.ଏଲ.ହିସ୍ନେକର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କାରଖାନାର ସମସ୍ତ ଅଧିକାରୀ, କର୍ମଚାରୀ, କାର୍ଯ୍ୟ ସମିତି ସଦସ୍ୟ, ୟୁନିୟନ ଏବଂ ଆସୋସିଏଶନର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ସେହିପରି କାରଖାନାର ୨ନଂ ଫାଟକଠାରେ ଶ୍ରୀମତୀ ଗାନ୍ଧୀଙ୍କର ଏକ ତୈଳଚିତ୍ରରେ ଅନ୍ୟ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧୯୮୪ମସିହା ଅକ୍ଟୋବର ୨୯ତାରିଖରେ ବଡମାଳରେ ଗୋଳାବାରୁଦ କାରଖାନାର ଭିତ୍ତିପ୍ରସ୍ତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସ୍ଥାପନ କରିଥିଲେ।

# ତାଲପାଲିପଡା ଯୁବକ ଆକ୍ରମଣ ଘଟଣାରେ ଏସ୍‌ପିଙ୍କୁ ଭେଟିଲେ

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ତାଲପାଲିପଡାର ଜଣେ ଯୁବକଙ୍କୁ ୪ଜଣ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଟାଉନ୍ ଥାନାରେ ଏନେଇ ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ରବିବାର ଆହତ ଯୁବକ ଓ ତାଙ୍କ ପରିବାର ଲୋକେ ଏସ୍‌ପି ଅଫିସକୁ ଯାଇ ଘଟଣା ସମ୍ପର୍କରେ ଅଭଯୋଗ କରିଥିଲେ। ତାଲପାଲିପଡାର ଶ୍ରୀକାନ୍ତ ବର୍ଗର୍ତ୍ତୀ (୨୦) ଗତ ୨୩ ତାରିଖରେ ଭାଗବତ ମନ୍ଦିର ନିକଟରେ ଠିଆ ହୋଇଥିବା ସମୟରେ ୪ ଜଣ ଯୁବକ ଆସି ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ଆକ୍ରମଣକାରୀମାନେ ତାଙ୍କ ସହ ତାଙ୍କ ଭାଇ ଓ ମା'ଙ୍କୁ ମଧ ଆକ୍ରମଣ କରିଥିବା କହିଛନ୍ତି। ଅଭିଯୋଗ ସତ୍ତ୍ୱେ ଟାଉନ୍ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେମାନେ ବାଧହୋଇ ଏସପିଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

# ବଲାଙ୍ଗୀର ଦିନ୍ ଉପଲକ୍ଷେ ପ୍ରତିଯୋଗିତା

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ଆୟୋଜକ କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ବଲାଙ୍ଗୀର କଲେଜ ଛକ କଲ୍ୟାଣ ମଣ୍ଡପରେ ମେହେନ୍ଦି, ଝୋଟି, ରଙ୍ଗୋଲି, ହୁଳହୁଳି, ଶଙ୍ଖ ଓ ଆର୍ଟ ଏଣ୍ଡ କ୍ରାଫ୍ଟ୍ ପ୍ରତିଯୋଗିତା ହୋଇଥିଲା। ସମ୍ପୂର୍ଣ୍ଣା ସାମାଜିକ ଅନୁଷ୍ଠାନ ଓ ସ୍ମାଇଲ ଫର ଅଲ୍ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ବଲାଙ୍ଗୀର ଦିନ୍ ଆୟୋଜକ କମିଟି ଅଧକ୍ଷ ଗୋପାଳଜୀ ପାଣିଗ୍ରାହୀ, ସଂଯୋଜକ ପ୍ରତାପ ରଥ, ବିଧୁଭୂଷଣ ତ୍ରିପାଠୀ, ଗୋପାଳ ପ୍ରଧାନ ଯୋଗଦାନ କରିଥିଲେ। ମେହେନ୍ଦି ପ୍ରତିଯୋଗିତାର ବିଚାରକ ରଞ୍ଜିତା ପାଣିଗ୍ରାହୀ ଓ ଅନିତା ଶତପଥି, ଶଙ୍ଖ ପ୍ରତିଯୋଗିତାର ବିଚାରକ ଶିବାନନ୍ଦ ଦାଶ ଓ ଶ୍ୟାମଳୀ ମିଶ୍ର, ଆର୍ଟ ଏଣ୍ଡ କ୍ରାଫ୍ଟ ପ୍ରତିଯୋଗିତାର ବିଚାରକ ଭାବେ ପ୍ରୀତମ ବକ୍ସି, ରାଜେଶ ଦଣ୍ଡସେନା ଓ ପ୍ରମିଳା ମଲ୍ଲିକ ଉପସ୍ଥିତ ଥିଲେ। ହୁଳହୁଳି ଓ ଝୋଟି ପ୍ରତିଯୋଗିତାର ବିଚାରକଭାବେ ପ୍ରମିଳା ପଣ୍ଡା, ସୌଦାମିନୀ ମିଶ୍ର, ଶ୍ୟାମଳୀ ମିଶ୍ର, ସାଗରିକା ସାହୁ, ହିମାନୀ ତ୍ରିପାଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣା ଅନୁଷ୍ଠାନ ସଭାନେତ୍ରୀ ରଞ୍ଜିତା ପାତ୍ର, ସମ୍ପାଦକ ସଞ୍ଜଲି ଶତପଥି, ହିମାନୀ ତ୍ରିପାଠୀ, ସୌଦାମିନୀ ମିଶ୍ର ଓ ସ୍ମାଇଲ ଫର ଅଲ୍ ପକ୍ଷରୁ ଚକ୍ରପାଣି ଦାଶ, ସୁଜିତ ଚନ୍ଦନ, ସଞ୍ଜଲି ଶତପଥି ସହଯୋଗ କରିଥିଲେ।



ବଲାଙ୍ଗୀର ଦିନ୍ ଉତ୍ସବ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ବିଚାରକ ଏବଂ ପ୍ରତିଯୋଗୀ।

# 'ସେବାମୂଳକ ରାଜନୀତି ବିକାଶର ବାଟ ଫିଟାଇବ'

ବଲାଙ୍ଗୀର,୨୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ବାର୍ଷିକ ଉତ୍ସବ ସମର୍ପଣ ୨୦୨୩ ସ୍ଥାନୀୟ ଟାଉନ୍ ହଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ପୌରାଧକ୍ଷା ଲିକା ସାହୁ, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଏବଂ କଂଗ୍ରେସ ଯୁବନେତା ଆକ୍‌ବର ଖାନ୍, ମୁଖ୍ୟବକ୍ତା ଭାବେ ବୁର୍ଲା ଭିମସାର୍‌ର ବରିଷ୍ଠ ବିଶେଷଜ୍ଞ ଡାକ୍ତର ବେଣୁଧର ପାଣ୍ଡେ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱେଚ୍ଛାସେବୀ ସଙ୍ଗଠନର ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଶେଷକରି କୋଭିଡ ମହାମାରୀ ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଯୁବକମାନେ ଯେଉଁ ସେବା ଓ ସାହସ ଦେଖାଇଛନ୍ତି ତାହା ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କେବଳ ସେବା ନୁହେଁ ଏହି ସଙ୍ଗଠନ ସେବା ଏବଂ ଆନ୍ଦୋଳନ ଜରିଆରେ ବଲାଙ୍ଗୀରର ହକ୍ ଜାରି କରିବା ଦିଗରେ ଆଗେଇ ଆସିଛି। ଏହାହିଁ ବଡ କଥା। ଏଠାରେ ଉପସ୍ଥିତ ଥିବା




ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ସମର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥି।

ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଅନୁରୋଧ ସେ ସଂକୀର୍ଣ୍ଣ ରାଜନୀତି ଚିନ୍ତାଧାରାରୁ ଉର୍ଦ୍ଧ୍ୱକୁ ଉଠି ବଲାଙ୍ଗୀରର ବିକାଶ ପାଇଁ ଲଢେଇ କରିବାକୁ ଆଗେଇ ଆସନ୍ତୁ। ସେ ଆହୁରି କହିଥିଲେ ଯେ, ଐତିହାସିକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥଙ୍କ ଅନୁସାରେ ଗଣତନ୍ତ୍ର ଶାସନକୁ ପଦାଘାତ କରି ରାଜତନ୍ତ୍ର ପ୍ରତିଷ୍ଠା ଫଳରେ ଏହି ଅଞ୍ଚଳ ପଛୁଆ ଅଞ୍ଚଳ ହୋଇଗଲା। ଏହି ଅବସରରେ ସେ ଅବିଭକ୍ତ ବଲାଙ୍ଗୀରର ମାଟିର ବିଖ୍ୟାତ କବିରାଜ ସ୍ୱର୍ଗତ ଚତୁର୍ଭୁଜ ରାୟଗୁରୁ, ପ୍ରସିଦ୍ଧ ଲେଖକ ସ୍ୱର୍ଗତ ବ୍ରଜବିହାରୀ ବହିଦାର, ଔପନ୍ୟାସିକ କାହ୍ନୁ ଚରଣ ମହାନ୍ତିଙ୍କୁ ସ୍ମରଣ କରିଥିଲେ। ସମ୍ମାନିତ ଅତିଥି ପୌରାଧକ୍ଷା ସାହୁ ତାଙ୍କ ବକ୍ତବ୍ୟରେ ପରସ୍ପର ଦୋଷାରୋପ ଛାଡି ମିଳିତ ଭାବେ କାମ କଲେ ବିକାଶ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଲୋୟର ସୁକ୍‌ତେଲ ପ୍ରକଳ୍ପ, ବାଇପାସ୍ ରାସ୍ତା ଆନ୍ଦୋଳନରେ ଆକ୍ସନ କମିଟି ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନର ଭୂମିକା ସମ୍ପର୍କରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଯୁବନେତା ଖାନ୍ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଖାଲିପଡିଥିବା ପ୍ରଫେସର ଓ ଅଣଶିକ୍ଷକ ପଦବୀ ବିଷୟରେ କହି ସରକାରଙ୍କୁ ସମାଲୋଚନା କରିଥିଲେ। ମୁଖ୍ୟବକ୍ତା ଡା ପାଣ୍ଡେ ତାଙ୍କ ବକ୍ତବ୍ୟରେ ସନ୍ଥକବି ଭୀମଭୋଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହି ସେବା ମାଧ୍ୟମରେ ମଣିଷ ଜୀବନର ସାର୍ଥକତା ସମ୍ଭବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଜୟଦେବ କର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସଙ୍ଗଠନ ସଭାପତି ସନ୍ତୋଷ ପଟ୍ଟନାୟକ ସ୍ୱାଗତ ବକ୍ତବ୍ୟ, ସମ୍ପାଦକ ଗୋବିନ୍ଦ ଶତପଥି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମାଜସେବୀ ଟୁନା ମିଶ୍ର, ଦିବ୍ୟାଙ୍ଗ ଚିତ୍ରଶିଳ୍ପୀ ସୁପ୍ରିୟା ଦାଶ, ସଂଗ୍ରାହକ ହାର୍ଦ୍ଦିକ ଭମର, ଇଣ୍ଡିଆନ ଆଇଡଲ ଗୋଲଡେନ୍ ଟିକଟ ବିଜେତା ଅଜୟ ଅମର ସିଂଦେଓ ଏବଂ ପୌର ବିଭାଗ ପରିମଳ ବ୍ୟବସ୍ଥା ପରିଚାଳକ ମନୋଜ ଦୀପଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସୁମିତ ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବୀରେନ୍ଦ୍ର ପାଣ୍ଡେ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଅକ୍ଟୋବର ୨୦୨୩



## ସଂକ୍ଷେପରେ

### ବନ୍ଦ ଘରୁ ଶିକ୍ଷକଙ୍କ ମୃତଦେହ ଜବତ

**ଅତାବିରା,୨୯।୧୦(ହୃଷିକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗାରେ ରବିବାର ଜଣେ ଶିକ୍ଷକଙ୍କ ମୃତଦେହ ତାଙ୍କ ବନ୍ଦ ଘରୁ ଜବତ ହୋଇଛି। ମୃତକ ହେଲେ ରମେଶ ରଣା(୫୫) ଏବଂ ସେ କୁଲିତା ଟୁକୁରା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ରମେଶ ଅବିବାହିତ ଥିଲେ ଏବଂ ବାବେବିରା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ବାବେବିରା ହାଇସ୍କୁଲ ଅନ୍ୟ ହାଇସ୍କୁଲରେ ମିଶିଯିବା ପରେ ଗତ ଅଗଷ୍ଟ ମାସରୁ ସେ ଡେପୁଟେଶନରେ କୁଲିତାଟୁକୁରା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ମୃତ ଶିକ୍ଷକଙ୍କ ବାପା ଦୟାନିଧି ସୂଚନା ଦେବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଅନିମା ଏକ୍କା ଏହାର ତଦନ୍ତ କରୁଛନ୍ତି।

### ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୯।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗ ଗ୍ରାମରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାର ୨୫ବର୍ଷ ପୂର୍ତ୍ତି ଅବସରରେ ନେତାଜୀ କ୍ଲବ ଏବଂ ସଂକଳ୍ପ ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିପରି ମାଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସେ ଆଶୀର୍ବାଦ କାମନା କରିଥିଲେ। ପୂର୍ବତନ ବିଧାୟକ ସାଧୁ ନେପାକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିର ପରିଚାଳନାରେ ସଂକଳ୍ପ ପରିବାର ଏବଂ ନେତାଜୀ କ୍ଲବର ସଦସ୍ୟ ସହଯୋଗ କରିଥିଲେ।

### ହରଗୌରୀ ଯାତ୍ରା, ହରଙ୍କ ଆଗମନ

**ସୋନପୁର,୨୯।୧୦(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ସହର ଢେରାପଡାର ପ୍ରସିଦ୍ଧ ହରଗୌରୀ ଯାତ୍ରାର ତୃତୀୟ ଦିବସରେ ରବିବାର ହରଙ୍କ ଆଗମନ ହୋଇଛ। ଗୌରୀଙ୍କୁ ଆବାହନ ଓ ପୂଜା ମଣ୍ଡପରେ ସ୍ଥାପନ ପରେ ଯାତ୍ରା ଆରମ୍ଭ ହୋଇଥିଲା। ରବିବାର ଘଣ୍ଟଘଣ୍ଟା ଢୋଲ ନିଶାଣର ତାଳେତାଳେ ଏକ ପଟୁଆରରେ ଢେରାପଡାକୁ ହର(ଶିବ)ଙ୍କର ଆଗମନ ହୋଇଛି। ଏଥିପାଇଁ ସନ୍ଧ୍ୟାରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଢେରାପଡାର ଶତାଧିକ ମହିଳା ଓ ପୁରୁଷ ସହରର ଦୁର୍ଗାମଣ୍ଡପ ନିକଟସ୍ଥ ସର୍ଗତ ଗୋଲେଖ ନାଥ ସାହୁଙ୍କ ବାସଭବନରୁ ଦେବଦେବ ମହାଦେବଙ୍କୁ ଆବାହନ କରିଥିଲେ। ପଡାର ବିବାହିତ ମହିଳା ଜୟଶ୍ରୀ ପାତ୍ର ମୁଣ୍ଡରେ ଶିବଙ୍କୁ ଧାରଣ କରି ଆଣିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଦାରରେ ହରଙ୍କୁ ପୂଜା କରାଯାଇଥିଲା। ଢେରାପଡାସ୍ଥିତ ପୂଜା ମଣ୍ଡପଙ୍କୁ ଆଣି ଗୌରୀଙ୍କ ପାର୍ଶ୍ୱରେ ସ୍ଥାପନା କରାଯାଇଥିଲା। ସୋମବାରଠାରୁ ହରଗୌରୀଙ୍କୁ ୭ଦିନ ବ୍ୟାପୀ ଷୋଡଶ ଉପଚାରରେ ପୂଜା ଓ ରୁଦ୍ରାଭିଷେକ କରାଯିବ ବୋଲି ଜଣାପଡିଛି।

# ଫସଲକୁ ମାଡ଼ିଲାଣି ଚକଡ଼ା

**ଭେଡ଼େନ,୨୯।୧୦ (ସୁଦନ ମହାକୁର)**

- ଚାଷୀ ମୁଣ୍ଡରେ ଚଡ଼କ
- କାମ ଦେଉନି କୀଟନାଶକ

ବରଗଡ଼ ଜିଲା ଭେଡ଼େନ ବ୍ଲକର ଚାଷୀ ଓ ଚାଷକୁ ପ୍ରାକୃତିକ ବିପର୍ଯ୍ୟୟ ପିଛା ଛାଡୁନି। ବର୍ଷାଭାବ, ବିଦ୍ୟୁତ ବିଭ୍ରାଟରୁ କେତେବେଳେ ମରୁଡ଼ି ପରିସ୍ଥିତି ତ ଆଉ କେବେ ରୋଗପୋକ ଦାଉରୁ ଫସଲକୁ ବଞ୍ଚାଇବା ପାଇଁ ଚାଷୀ ସଂଘର୍ଷ କରୁଛି। ଆଗକୁ ଧାନ ଅମଳ ପାଖେଇ ଆସୁଛି। ଚଳିତ ଖରିଫ ଋତୁରେ ଭଲ ଫସଲ ଅମଳ କରିବା ପାଇଁ ଚାଷୀ ଆଶା ରଖିଛି। ହେଲେ ଅମଳ ପୂର୍ବରୁ ରୋଗପୋକ ଯୋଗୁ ଫସଲ ଉଜୁଡ଼ି ଯିବାକୁ ବସିଛି। ଚାଷୀଙ୍କ ଆଖି ଆଗରେ ହେକ୍ଟର ହେକ୍ଟର ଫସଲରେ ଚକଡ଼ା ଓ ଗଣ୍ଡିପୋକ ମାଡ଼ି ଯାଉଛନ୍ତି। ଧାନ ପାକଳ ସମୟରେ ଗଛ ହଳଦିଆ ପଡ଼ିଯାଇ ଗଛ ସବୁ ଶୁଖି ପାଳ ହୋଇଯାଉଛି। ଏପରିସ୍ଥଳେ ରୋଗପୋକ ଦମନ ପାଇଁ କୀଟନାଶକ ପ୍ରୟୋଗ କଲେ ବି ତାହା ଫଳପ୍ରଦ ହେଉନାହିଁ।


ଭେଡେନ ଅଞ୍ଚଳରେ ଧାନ ଫସଲରେ ରୋଗପୋକ ଯୋଗୁ ଗଛ ଶୁଖି ଯାଉଛି।

ଭେଡେନ ବ୍ଲକର ସବୁ ପଞ୍ଚାୟତରେ ଏବେ ଧାନ ଚାଷ ପ୍ରଭାବିତ ହେବାରେ ଲାଗିଛି। ବିଶେଷକରି ବ୍ଲକର ମହୁଲପାଲି, ସିଆଳଖଣ୍ଡହଥା, ମାନପୁର, ରକ୍ଷୁଡ଼ା, ଦେଶଭଟଲି, ସୁନାଲରମ୍ଭା, ବକଟି, ରେମଣ୍ଡା, ଚିଚିଣ୍ଡା, ତାଳମେଣ୍ଡା, ଡ଼ାଳବ, ରେଶମ, ଅଁଳାପାଲି ପଞ୍ଚାୟତରେ ଧାନ ଫସଲରେ ରୋଗପୋକ ଦେଖିବାକୁ ମିଳୁଛି। ଅନ୍ୟ ପଞ୍ଚାୟତକୁ ମଧ୍ୟ ବ୍ୟାପୁଥିବା ଅଭିଯୋଗ ହେଉଛି। ଚାଷୀମାନଙ୍କୁ ପରାମର୍ଶ ଦେବାକୁ କୌଣସି କୃଷି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଚାଷୀ ସଙ୍ଗଠନ ଅଭିଯୋଗ କରିଛି। ଗୋଟିଏପଟେ ଚାଷୀ ଅଣସ୍ୱୀକୃତି ପ୍ରାପ୍ତ ବିକ୍ରେତାମାନଙ୍କ ପାଖରୁ ଚଢ଼ାଦରରେ କୀଟନାଶକ କିଣି ଠକାମିର ଶିକାର ହେଉଛନ୍ତି। ଅନ୍ୟପଟେ ଉକ୍ତ କୀଟନାଶକ ଫସଲରେ ପ୍ରୟୋଗ କଲେ ମଧ୍ୟ ସେଥିରେ ରୋଗପୋକ ଦମନ ହେଉନାହିଁ। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ଅମୀୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ତୃଣମୂଳ ସ୍ତରରେ ଗ୍ରାମ୍ୟ ଓ ବ୍ଲକ କୃଷି କର୍ମଚାରୀଙ୍କୁ ଚାଷ ଉପରେ ନଜର ରଖିବାକୁ କୁହାଯାଇଛି। ସେମାନେ ଚାଷୀମାନଙ୍କ ପାଖରେ ପହଞ୍ଚି ଆବଶ୍ୟକ ପରାମର୍ଶ ଦେବା ସହ ଔଷଧ ପ୍ରୟୋଗ ଉପରେ ତାଲିମ ପ୍ରଦାନ କରିବେ। ଆବଶ୍ୟକ ହେଲେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ସିଡିଏଓ ସାହୁ କହିଥିଲେ।

## ପାଇକମାଳରେ ଶାରଦୀୟ ଚଣ୍ଡୀ ମହୋତ୍ସବ


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି।

**ପାଇକମାଳ,୨୯।୧୦(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳର ନୃସିଂହନାଥ ମନ୍ଦିର ନିକଟସ୍ଥ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଶନିବାର ମହାଆଡମ୍ବରରେ ଶାରଦୀୟ ଚଣ୍ଡୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶୋକ ପ୍ରଧାନ ସସ୍ତ୍ରିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମିତ୍ରଭାନୁ ଦେବତା ଓ ମନ୍ଦିର ପୂଜକ ଉଦ୍ଧବ ପ୍ରଧାନ ପୂଜାପାଠ ହୋମଯଜ୍ଞ କରିଥିଲେ। କୁଲିତା ଜାତିର ମା' ଭଉଣୀମାନେ ୧୦୮ କଳସରେ ନୃସିଂହନାଥରୁ ପାଣି ଆଣି ପୂଜାପୀଠରେ ସ୍ଥାପନ କରିଥିଲେ। ପାଇକମାଳ କେନ୍ଦ୍ର ସଭାପତି ନିତ୍ୟାନନ୍ଦ ପ୍ରଧାନ, ଯୁବ ସଙ୍ଗଠନ ସଭାପତି ଡା. ବୁଲୁ ବାରିକ, ପଦ୍ମପୁର କାର୍ଯ୍ୟକାରିଣୀ ସଭାପତି ଯୋଗେନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ବୈଦପାଲି ଗ୍ରାମରୁ ୧୦ଫୁଟ ଉଚ୍ଚ ଏକ ଯୁଗାର ଆସିଥିବାବେଳେ ଛେଲିଆମାଲ ଗ୍ରାମରୁ ୩ ହଜାର ଆରିସା ପିଠା ଭୋଗ ପାଇଁ ଆସିଥିଲା। ପରେ ଭକ୍ତମାନଙ୍କୁ ଏହା ବଣ୍ଟନ କରାଯାଇଥିଲା।


ବରଗଡ଼ ବିକାଶ ଅନୁଷ୍ଠାନରେ ଆଥ୍‌ଲେଟିକ୍ ମିଟ୍‌ର କୃତୀ ପ୍ରତିଯୋଗୀମାନେ ।



ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ ।

## ବିକାଶରେ ସିବିଏସ୍‌ଇ କ୍ଲଷ୍ଟର ଆଥଲେଟିକ୍ ମିଟ୍

**ବରଗଡ଼,୨୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ସିବିଏସ୍‌ଇ କ୍ଲଷ୍ଟର-୧ ଓ ୨ ଆଥ୍‌ଲେଟିକ ମିଟ୍‌ର ଦ୍ୱିତୀୟ ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ପୂର୍ବାଞ୍ଚଳର ୧୧ରାଜ୍ୟର ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାଚୀନ ଭାରତୀୟ ସିନ୍ଧୁ ସଭ୍ୟତାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଖେଳକୁ ଗୁରୁତ୍ୱ ପ୍ରଦାନ କରାଯିବା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିବା ସହିତ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଏମ୍‌ଡ଼ି ହୁସେନ, ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଥାଉକି, ଶନିବାର ଉକ୍ତ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ବରଗଡ଼ ସହରସ୍ଥିତ ମାଁ ଶ୍ୟାମାକାଳୀ ମନ୍ଦିରରୁ ଏକ ବିଶାଳ ଶୋଭାଯାତ୍ରାରେ କ୍ରୀଡ଼ାଜ୍ୟୋତିକୁ ବିଦ୍ୟାଳୟ ପରିସରକୁ ଅଣାଯାଇଥିଲା। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନାଲ ଫରେଷ୍ଟ ଅଫିସର ଅଂଶୁପ୍ରଜ୍ଞା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହିତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲୀ କ୍ରୀଷ୍ଣା ପ୍ରତିଯୋଗିତା ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିକାଶ ଶିକ୍ଷାନୁଷ୍ଠାନ ସମୂହର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଏମ୍‌ଡ଼ି ହୁସେନ, ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟୁତ୍ ଖୁଣ୍ଟରେ ଚାପି ହୋଇ ଶ୍ରମିକ ମୃତ

**ପଦ୍ମପୁର,୨୯।୧୦(ପ୍ରଦୀପ୍ତ ଦାଶ)**

ଟ୍ରାକ୍ଟରରେ ବିଦ୍ୟୁତ ଖୁଣ୍ଟ ବୋଝେଇ ବେଳେ ଚାପି ହୋଇଯିବାରୁ ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଦହିତା ଗ୍ରାମପଞ୍ଚାୟତ ଅଧୀନ ସର୍ଗିପାଲି ଗ୍ରାମରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଟଣାଗଡ ଥାନା ସାନ ବିଛିଲାବାହାଲ ଗ୍ରାମର ତୁଳାରାମ ବରିହା(୧୮)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ଶନିବାର ଦିନ ୧୨ଟା ସମୟରେ ସର୍ଗିପାଲିଠାରେ ତୁଳାରାମ ବିଦ୍ୟୁତ୍ ଖୁଣ୍ଟକୁ ଟ୍ରାକ୍ଟରରେ ବୋଝେଇ କରୁଥିବା ବେଳେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପଦ୍ମପୁର ଡାକ୍ତରଖାନା ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଭୁର୍ଷୁଣ୍ଡପାଟ ମନ୍ଦିରରେ ଦଶହରା ପୂର୍ଣ୍ଣିମା

**ବରଗଡ଼,୨୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଡାଙ୍ଗ ପ୍ରଧାନଟିକ୍ରାଠାରେ ଥିବା ଭୁଷୁଣ୍ଡପାଟ ଦେବୀ ମନ୍ଦିରରେ ମାଁଙ୍କ ଦଶହରା ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଶନିବାର କୈଳାଶ ପଣ୍ଡାଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ଓ ଚଣ୍ଡୀପାଠ କରାଯାଇଥିଲା। ପ୍ରତାପ ପ୍ରଧାନ ଓ ସ୍ତ୍ରୀ ଶ୍ରୀମା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଦୀପକ ପ୍ରଧାନ, ଦେବିକା ପ୍ରଧାନ, ଭୋଳାନାଥ ଖଟେଇ, ସୁଜାତା ଖଟେଇ, ଚୁଙ୍ଗିଲାଲ ସେଠ, ସୌଭାଗ୍ୟ ମଞ୍ଜରୀ ସେଠ, ପ୍ରଭାତ ପ୍ରଧାନ, ମିକି ପ୍ରଧାନ, ତ୍ରିଲୋଚନ ପ୍ରଧାନ, ରିଙ୍କି ପ୍ରଧାନ, ରାମଚନ୍ଦ୍ର ବିଶ୍ୱାଳ, ରୀତା ବିଶ୍ୱାଳ ପ୍ରମୁଖ ସହଯୋଗୀ କର୍ତ୍ତା ରହିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମାଁଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ଲଚିଦା ମହିଳା ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଯୁବ କ୍ରୀଡ଼ାବିତ୍ ପ୍ରତୀକ ମହାରଣା, ଆଦର୍ଶ ଶିକ୍ଷକ ଚୁଙ୍ଗିଲାଲ ସେଠ, ଶିକ୍ଷୟିତ୍ରୀ ନିକି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାସୁଦେବ ପାତ୍ର ମାନପତ୍ର ପାଠ କରିଥିବାବେଳେ କମଳଲୋଚନ ପଟେଲ, ଅଭିମନ୍ୟୁ ମହାରଣା, ନେତ୍ରାନନ୍ଦ ପ୍ରଧାନ, ମନ୍ଦିର ପରିଚାଳନା କମିଟି ସଭାପତି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଭୁର୍ଷୁଣ୍ଡପାଟ୍ ମନ୍ଦିରରେ ଦଶହରା ପୂର୍ଣ୍ଣିମା ପୂଜାର୍ଚ୍ଚନା ।

## ମୁର୍ଷୁଣି ଗଜଲକ୍ଷ୍ମୀ ପୂଜା

# ମୁରାସୁର ଦରବାର ଉଦ୍‌ଘାଟିତ


ମୁରାସୁର ଦରବାରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଅମରପାଲି,୨୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣି ଗଜଲକ୍ଷ୍ମୀ ପୂଜା ଅବସରରେ ରବିବାର ମୁରାସୁର ଦରବାର ଉଦ୍‌ଘାଟିତ ହୋଇଯାଇଛି। ପୂଜା କମିଟିର ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମନୋଜ କୁମାର ସାହୁ ମୁଖ୍ୟ ଅତିଥି, ସମିତି ସଭ୍ୟା ରୀତା ଗର୍ଡ଼ିଆ, ସ୍ୱେଚ୍ଛାସେବୀ ସତ୍ୟଞ୍ଜିବ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ପୂଜା ଆରମ୍ଭ କରିଥିବା ଗ୍ରାମର ବୈରାଗୀ ସାହୁ, ବିପିନ ମିଶ୍ର, ସନ୍ତୋଷ ପଣ୍ଡା, ଦର୍ଶନିଆ ସାହୁ, ଜୟଦେବ ଖେତି, ମାଗୁଣି ସାହୁ ଓ ମକୁନ୍ଦଦେବ ବିଶାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଥିଲା ଲୀଳା ନାଟକ। ଏଥିରେ ମୁରାସୁର ଭୂମିକାରେ ଅନ୍ତାର୍ଜା ବିନିକାର ଗୋପାଳ ପଣ୍ଡା ଅଭିନୟ କରୁଛନ୍ତି। ପ୍ରଥମ ରଜନୀରେ କର୍ଣ୍ଣାଟ ପ୍ରଦେଶରେ ମୁରାସୁରର ରାଜ୍ୟ ଅଭିଷେକ, ଶିବଙ୍କୁ ତପସ୍ୟା କରି ବରପ୍ରାପ୍ତି ଏବଂ କନକବତୀ ରାଜ୍ୟ ନିର୍ମାଣ ଆଦି ନାଟ୍ୟାଭିକ୍ରମରେ ପରିବେଷଣ ହୋଇଥିଲା।

### ଯୁବକଙ୍କ ମୃତଦେହ ଜବତ

**ବରଗଡ଼,୨୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଖଲିଆପାଲି ସିଦ୍ଧେଶ୍ୱର ନଗରରେ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ସିଦ୍ଧେଶ୍ୱର ନଗର ନିବାସୀ ନିଖିଲ କଲେତ(୨୨)। ଏକ ଗଛରେ ମୃତଦେହ ଝୁଲୁଥିବା ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବରଗଡ଼ ଡାକ୍ତରଖାନା ପଠାଯାଇଛି।

## ସଂକୀର୍ତ୍ତନରେ ରହିଛି ପ୍ରକୃତ ଭକ୍ତିରସ

**ବରପାଲି,୨୯।୧୦(ଚିତ୍ତରଞ୍ଜନ ସାହୁ)**

**ପଶ୍ଚିମ ଓଡ଼ିଶା ସ୍ତରୀୟ ବୈଷ୍ଣବ ମିଳନ**

ଚୈତନ୍ୟ ମହାପ୍ରଭୁଙ୍କ ପ୍ରଚଳିତ ଉଦଣ୍ଡ କୀର୍ତ୍ତନରେ ପ୍ରକୃତ ଭକ୍ତିରସ ରହିଛି। ତେଣୁ ଏହି ଲୁପ୍ତପ୍ରାୟ ସଂକୀର୍ତ୍ତନକୁ ବଞ୍ଚାଇ ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦ ନୂଆଗାଁ (ଧମା) ପକ୍ଷରୁ ଆୟୋଜିତ ସମ୍ମିଳନୀରେ ବହୁ ବିଶିଷ୍ଟ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ରବିବାର ବରପାଲି ନିକଟସ୍ଥ ରେମତା ଗ୍ରାମର ମାଳିପଡ଼ା କଲ୍ୟାଣ ମଣ୍ଡପଠାରେ ସଂକୀର୍ତ୍ତନ ପରିଷଦ ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ସଂକୀର୍ତ୍ତନ ପରିଷଦ ସମ୍ପାଦକ ଲୋକନାଥ ମିଶ୍ର, ରେମତା ସମିତି ସଭ୍ୟା ବିଜୟଲକ୍ଷ୍ମୀ ପଟେଲ, ତରଣୀ ଦେବତା, ବିନୟ ପଟେଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ କଳାକାର ମିତ୍ରଭାନୁ ସେଠ, ସଞ୍ଜୀବ ସାହୁ, କୁଶ ପଟେଲ, ଅରୁଣ ପ୍ରଧାନ, କିଶୋର ପଟେଲ, ପୀତବାସ ପଟେଲ, ଶତ୍ରୁଘ୍ନ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସୀତାରାମ ପଟେଲ, ଡୋଲାମଣି ପଟେଲ, ଗାନ୍ଧୀ ବାରିକ, ବରପାଲି ବ୍ଲକ କଳାକାର ସଂସ୍କୃତି ସଂଘ ସମ୍ପାଦକ କେତନ ସାହୁ, ମିଶନ ଶକ୍ତି ବ୍ଲକ ସଭାନେତ୍ରୀ କୁନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶରେ ପଶ୍ଚିମ ଓଡ଼ିଶାର ବହୁ ସଂକୀର୍ତ୍ତନ କଳାକାର ଯୋଗ ଦେଇଥିଲେ।



ବୈଷ୍ଣବ ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

# ବିପର୍ଯ୍ୟୟ ପ୍ରଶମନକୁ ଗୁରୁତ୍ୱ


ବିପର୍ଯ୍ୟୟ ପ୍ରଶମନ ଉପରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀବୃନ୍ଦ ।


ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼,୨୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆମ ରାଜ୍ୟ କିଭଳି ଶୀଘ୍ର ବାତ୍ୟାଜନିତ କ୍ଷୟକ୍ଷତିର ମୁକାବିଲା କରିପାରିବ ଏବଂ ପ୍ରତ୍ୟେକ ଗୋଷ୍ଠୀର ଜନସାଧାରଣଙ୍କ ନିକଟରେ ତ୍ୱରିତ ବେଗରେ ସହାୟତା ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ଲୁହା ପ୍ରଶାସନିକ ସ୍ତରରେ ବାତ୍ୟା ମୁକାବିଲାର ଅଭିଜ୍ଞତାକୁ ଉପସ୍ଥାପନା କରି ସେ ସମୟରେ ପ୍ରତ୍ୟେକଟି ମୂଲ୍ୟବାନ ଜୀବନ ବଞ୍ଚାଇବା, ପ୍ରତ୍ୟେକ ଲୋକଙ୍କୁ ସଚେତନ କରାଇବା ଏବଂ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ।

ଆମ ରାଜ୍ୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ସମସ୍ତ ଉପକରଣ ଉପଲବ୍ଧ ରହିଥିବା ଏବଂ ସେଭଳି ସମୟରେ ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଛାତ୍ରୀଛାତ୍ର ମିଳିତ ଭାବେ ଆଗେଇ ଆସି ଠିକ୍ ସୂଚନା ଦେବା ପାଇଁ ଅଗ୍ନିଶମ ଅଧିକାରୀ ପରାମର୍ଶ ଦେଇଥିଲେ। ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗୋବିନ୍ଦ ସେଠ ସଭା ସଂଯୋଜନା କରିଥିଲେ। ଏହି ଦିବସ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ବରଗଡ଼ ପାର୍ବତୀ ଗିରି ମହିଳା କଲେଜର ଛାତ୍ରୀ ଅର୍ଚ୍ଚିତା ମିଶ୍ର ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍କାଉଟ୍, ଏନ୍‌ସିସି ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।




## ସଂକ୍ଷେପରେ

### ଗୁରୁତର ଯୁବକଙ୍କୁ ବୁର୍ଲା ସ୍ଥାନାନ୍ତର

ରାଉରକେଲା,୨୯।୧୦(ଦିନେଶ ମିଶ୍ର): ଡମ୍ଫର ଧକ୍କାରେ ଗୁରୁତର ଜଣେ ଯୁବକଙ୍କୁ ରବିବାର ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେ ହେଲେ କୈଳାସ ତିର୍କୀ(୩୪)। ଛେଣ୍ଡ ଥାନା ଅନ୍ତର୍ଗତ ବାଗୁଡି ବସ୍ତିର କୈଳାସ ଶନିବାର ରାତି ସାଢେ ୧୨ଟାରେ ବେଲହିଡି ଅଞ୍ଚଳରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ତାଙ୍କୁ ପଛପଟୁ ଏକ ଡମ୍ଫର ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ବାମଗୋଡ ଭାଙ୍ଗି ଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।

### ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ରାଉରକେଲା,୨୯।୧୦(ଦିନେଶ ମିଶ୍ର): ରାଉରକେଲା ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ନିଃଶୁଳ୍କ ଚେସ୍ ପ୍ରଶିକ୍ଷଣ ଶିବିର ପାଠାଗାର ପରିସରରେ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଶିବିରକୁ ସଂଘର ବରିଷ୍ଠ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭାପତି ପ୍ରତାପ କୁମାର ସ୍ୱାଇଁ ଓ ପୂର୍ବତନ ସଭାପତି ଶାନ୍ତନୁ କୁମାର ପରିଚ୍ଛା ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧନ କରିଥିଲେ। କ୍ରୀଡ଼ା ସମ୍ପାଦକ ଅରବିନ୍ଦ ପାତ୍ରଙ୍କ ନେତୃତ୍ୱ ଏବଂ ସୁଶୋଭିତ ଦାଶ, ଋଷଭ ଦାଶ, ଆଶୁତୋଷ ମହାନ୍ତି, ସତ୍ୟମ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ୩୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଚେସ୍ ଖେଳର ବିଭିନ୍ନ କୌଶଳ ଶିକ୍ଷାଲାଭ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ, ସମ୍ପାଦକ ରାଧାମୋହନ ନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ, କୋଷାଧ୍ୟକ୍ଷ ବିପିନି ବିହାରୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ବିଶ୍ରା ବ୍ଲକ କଦମଟୋଲା ଗ୍ରାମରେ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

# ଲୋକନୃତ୍ୟରେ ଆଦିବାସୀ ସଂସ୍କୃତିର ଝଲକ

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)

ଓଡିଶା ଲୋକ ସାଂସ୍କୃତିକ ପରମ୍ପରା ଓ ସଂସ୍କୃତିକୁ ଲୋକନୃତ୍ୟ ମାଧ୍ୟମରେ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ପକ୍ଷରୁ ବିଶ୍ରା ବ୍ଲକ କଦମଟୋଲା ଗ୍ରାମରେ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ବିଭିନ୍ନ ଅଞ୍ଚଳରୁ ୩୦ଟି ଲୋକନୃତ୍ୟ ଦଳ ଭାଗ ନେଇଥିଲେ। ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ ମୁଖ୍ୟଅତିଥି ଓ ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ବି. କେ. ଯୋଯୋ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ବିଭାଗ ମହା ପ୍ରବନ୍ଧକ ସୁଶ୍ରୀ ମୁନମୁନ୍ ମିତ୍ର, ସହକାରୀ ମହାପ୍ରବନ୍ଧକ ଟି. ବି. ଟପ୍ପୋ, ଏ. ଏନ. ପତି, ସରପଞ୍ଚ, ସିଏସଆର ବିଭାଗ ଅଧିକାରୀ, ଷ୍ଟାଫ, ଏସ୍‌ଏଚ୍‌ଜି ଏବଂ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହାପରେ ଲୋକନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ। ପରେ ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ମହୋତ୍ସବର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହାସହ ଋଦ୍ଧିମନ୍ତ ଆଦିବାସୀ ସଂସ୍କୃତି, ପରମ୍ପରାର ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସ୍‌ଆର ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ମହୋତ୍ସବରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଲୋକନୃତ୍ୟ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦୁଟୋଲା ଗ୍ରାମ ସୀତା ଲୋକନୃତ୍ୟ ଦଳ ପ୍ରଥମ ଦଳ ଭାବେ ନଗଦ ୧୦ହଜାର ଅର୍ଥରାଶି ଓ ଚାମ୍ପିୟନ ଟ୍ରଫି ପାଇଥିଲା। ସେହିପରି ସାରୁବାହାଲ ଲକ୍ଷ୍ମୀ ଏସ୍‌ଏଚ୍‌ଜି ୨ୟ ଓ ନାନ୍ସି ନୃତ୍ୟ ଦଳ ୩ୟ ପୁରସ୍କାର ହାସଲ କରିଥିଲେ। ପରେ ବିଚାରକ ମଣ୍ଡଳୀକୁ ସମ୍ବର୍ଦ୍ଧିତ କରାଯିବା ସହ ଅବଶିଷ୍ଟ ୨୭ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମହୋତ୍ସବ କଦମଟୋଲା ଗ୍ରାମର ମମତା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆରଏସପି ସିଏସଆର ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ର ସ୍ୱାଗତ ଭାଷଣ, ବି. ଏକ୍କା କାର୍ଯ୍ୟକ୍ରମ ସଂଯୋଜନା ଏବଂ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ତିତ୍ୱ ହରାଉଛି ବନପୋଷ କ୍ରୀଡ଼ା ଉଦ୍ୟାନ

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରବାସୀଙ୍କ ବ୍ୟାୟାମ ପାଇଁ ବିଭିନ୍ନ ଛକ ଓ ବସ୍ତିମାନଙ୍କରେ ଆର୍‌ଏମ୍‌ସି ପକ୍ଷରୁ କ୍ରୀଡ଼ା ଉଦ୍ୟାନ (ଆଥ୍‌ଲେଟିକ ପାର୍କ) ନିର୍ମାଣ କରାଯାଇଛି। ଏଥିପାଇଁ ଆର୍‌ଏମ୍‌ସି ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ ମଧ୍ୟ କରୁଛି। ମାତ୍ର ଅନେକ ଉଦ୍ୟାନ ମୁକୁଳା ପଡିରହୁଛି। ବ୍ୟାରିକେଡ ଲଗାଯାଉ ନ ଥିବାରୁ କ୍ରୀଡା ଉଦ୍ୟାନରେ ବୁଲା ଗାଇଗୋରୁ ବିଚରଣ କରୁଛନ୍ତି। ସେହିପରି ଉଦ୍ୟାନରେ ଥିବା ବ୍ୟାୟାମ ସରଞ୍ଜାମ ନଷ୍ଟ ହେଉଛି। ପ୍ରଧାନପାଲି ୪ ନଂ. ୱାର୍ଡ ଅଧୀନ ଶ୍ରୀମା ବିଦ୍ୟାପୀଠ ବନପୋଷ ନିକଟସ୍ଥ କ୍ରୀଡ଼ା ଉଦ୍ୟାନରେ ଏଭଳି ଦେଖିବାକୁ ମିଳିଛି। ବର୍ଷେ ତଳେ ବନପୋଷ କ୍ରୀଡ଼ା ଉଦ୍ୟାନ ନିର୍ମାଣ କରାଯାଇଥିଲା। ଉଦ୍ୟାନରେ ଲକ୍ଷ ଟଙ୍କାର ପ୍ରାତଃକାଳୀନ ବ୍ୟାୟାମ ଓ କ୍ରୀଡ଼ା ସରଞ୍ଜାମ ସ୍ଥାପନ ହୋଇଥିଲା। ତେବେ ଉଦ୍ୟାନ ନିର୍ମାଣ ହୋଇଥିଲେ ମଧ୍ୟ ପାଚେରି ହୋଇନାହିଁ। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଉଦ୍ୟାନ ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇଛି। ଉଦ୍ୟାନ ପରିସର ଦିନକୁ ଦିନ ଅଳିଆ ଆବର୍ଜନା, ବୁଲା ଗୋରୁଙ୍କ ମଳମୂତ୍ରରେ ପରିତ୍ୟକ୍ତ ହୋଇପଡିଛି। ବାରମ୍ବାର ଦାବି ପରେ ବନପୋଷ ରଥଯାତ୍ରା ପଡିଆ ନିକଟସ୍ଥ ନବନିର୍ମିତ କ୍ରୀଡ଼ା ଉଦ୍ୟାନରେ



ଗୁଳ୍ମଲତାରେ ପରିପୂର୍ଣ୍ଣ ବନପୋଷ ସ୍ଥିତ କ୍ରୀଡ଼ା ଉଦ୍ୟାନ।

### ନିର୍ମାଣ ହେଉନି ପାଚେରି ଓ ବ୍ୟାରିକେଡ୍

ଆରଏମସି ପକ୍ଷରୁ ପାଚେରି ନିର୍ମାଣ ହୋଇଛି। ତୁରନ୍ତ ବନପୋଷ ଶ୍ରୀମା ବିଦ୍ୟାପୀଠ ନିକଟସ୍ଥ ନବନିର୍ମିତ କ୍ରୀଡ଼ା ଉଦ୍ୟାନର ସୁରକ୍ଷା ପାଚେରି ନିର୍ମାଣ କରିବାକୁ ଅଞ୍ଚଳର ବୁଦ୍ଧଦେବ ସା, ଧନଞ୍ଜୟ ସା, ରୋହିତ ତନ୍ତୀ ଏବଂ ଅଜୁ ସା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆରଏମସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଲେ, ବନପୋଷ କ୍ରୀଡ଼ା ଉଦ୍ୟାନ ସମେତ ବହୁ ସ୍ଥାନରେ ବ୍ୟାରିକେଡ ଲାଗିବା ବାକି ରହିଛି। ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ ହେବା ପରେ ସମସ୍ତ ପାର୍କ ଲୋକାର୍ପଣ ହେବ ବୋଲି ସେ କହିଥିଲେ।

# ମନ୍ତ୍ରମୁଗ୍ଧ କଲା ପାରମ୍ପରିକ ନୃତ୍ୟ




ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)

ଆଦର୍ଶ ପାଠାଗାର ଓ ଭଞ୍ଜ ସାଂସ୍କୃତିକ ନ୍ୟାସର ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ଅନୁଷ୍ଠାନ ଉପାସନାର ପକ୍ଷରୁ ଶନିବାର ଓଡିଆ ପ୍ରଥା, ସଂସ୍କୃତି ଓ ସଭ୍ୟତାକୁ ନେଇ କୁଆଁର ପୁନେଇ ଉତ୍ସବ ସ୍ଥାନୀୟ ଭଞ୍ଜଭବନ କଳାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଯୋଗଦେଇ ପ୍ରାଚୀନ ସଂସ୍କୃତିକୁ ବଞ୍ଚାଇ ରଖିବାର ପ୍ରୟାସକୁ ପ୍ରଶଂସା କରିଥିଲେ। ଆଦର୍ଶ ପାଠାଗାର ସଭାପତି ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ଶତପଥୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସ୍ୱନାମଧନ୍ୟ ଚଳଚ୍ଚିତ୍ର ଅଭିନେତ୍ରୀ ତ୍ରିପୁରା ମିଶ୍ର ଏବଂ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ପୁହାଣଙ୍କୁ କୁମାର ଉତ୍ସବ ସମ୍ମାନ-୨୦୨୩ରେ ସମ୍ମାନୀତ କରାଯାଇଥିଲା। ଗୁରୁ ଫକୀର ଚରଣ ପତି ଓ ସାଥୀଙ୍କ ଓଡ଼ିଶୀ ନୃତ୍ୟ ମଙ୍ଗଳା ଚରଣରେ ଶିବ ସ୍ତୁତି ପରିବେଷଣ ସହିତ କୁଆଁର ପୁନେଇ ଜହ୍ନ ଗୋ... ପାରମ୍ପରିକ ନୃତ୍ୟଗୀତ ପରିବେଷଣ ହୋଇଥିଲା। ଗୌତମ ଗିରି, ମନୋଜ ସେଠୀ, ଆକାଂକ୍ଷା ନାୟକ, ଭାଗ୍ୟଶ୍ରୀ ଓ ଭାସ୍କର ଚନ୍ଦ୍ର ପୁହାଣଙ୍କ ଦ୍ୱାରା ପରିବେଷିତ ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆବାହକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଉରକେଲାରେ କୁଆଁର ପୁନେଇଁ ଉତ୍ସବ

# ଘର ତାଲା ଭାଙ୍ଗି ଲୁଟିନେଲେ ଆସବାବପତ୍ର

ରାଉରକେଲା,୨୯।୧୦(ଦିନେଶ ମିଶ୍ର)

ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ଅଞ୍ଚଳରେ ଘର ତାଲା ଭାଙ୍ଗି ଆସବାବପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୩୯/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବାସନ୍ତୀ କଲୋନୀର ରବିନ୍ଦ୍ର ନାରାୟଣ ମିଶ୍ର ଗତ ୩ ଦିନ ତଳେ ସପରିବାର ଗାଁକୁ ଯାଇଥିଲେ। ଘରେ କେହି ନ ଥିବାବେଳେ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଆଲମିରାରୁ ୩ ହଜାର ଟଙ୍କା, ହାତଘଣ୍ଟା ଓ ମୋବାଇଲ ସହ ଅନ୍ୟାନ୍ୟ ଘରୋଇ ଆସବାବପତ୍ର ଚୋରି କରି ନେଇଥିଲେ। ରବିବାର ସକାଳେ ପରିବାର ଲୋକେ ଘର କବାଟ ତାଲା ଭଙ୍ଗାଯାଇଥିବା ଦେଖି ଥାନାର ଦ୍ୱାରସ୍ଥ ହୋଇଥିଲେ।

# ୧ରୁ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ



ଖବରଦାତା ସମ୍ମିଳନୀରେ ଆୟୋଜକ ଅନୁଷ୍ଠାନର କର୍ମକର୍ତ୍ତା।

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)

### ଭାଗନେବେ ଦେଶର ୩୦୦ କଳାକାର

ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜକଳା କେନ୍ଦ୍ର ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୧ ତାରିଖରେ ୨୬ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ ୨୦୨୩ ଆରମ୍ଭ ହେବ। ଏହି ମହୋତ୍ସବ ୫ଦିନ ବ୍ୟାପୀ ଭଞ୍ଜଭବନ ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ କିଛି ଅନିବାର୍ଯ୍ୟ କାରଣରୁ ଭଞ୍ଜଭବନ ପ୍ରାଙ୍ଗଣ ପରିବର୍ତ୍ତେ ଭଞ୍ଜଭବନ ପ୍ରଦର୍ଶନୀ ପଡିଆକୁ ସ୍ଥାନାନ୍ତର ହୋଇଛି ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ ଭଞ୍ଜ କଳାକେନ୍ଦ୍ର ସଭାପତି ଶୁଭ ଶଙ୍କର ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର, ପୂର୍ବତନ ସଭାପତି ଅସୀମ କୁମାର ବେହେରା, ଉପସଭାପତି ଆଲୋକ କୁମାର ବେହେରା, ବିବେକାନନ୍ଦ ପରିଡା, ସୁବ୍ରତ ଶତପଥି, ଶଶାଙ୍କ ପଟ୍ଟନାୟକ ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି। ଚଳିତ ବର୍ଷ ମହୋତ୍ସବରେ ୩ଶହରୁ ଉର୍ଦ୍ଧ୍ୱ କଳାକାରଙ୍କ ସମାବେଶ ଦେଖିବାକୁ ମିଳିବ। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଏମ୍‌ପି ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଆରଏସପି କାର୍ଯ୍ୟବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଏସବିଆଇ ଆଞ୍ଚଳିକ ପ୍ରବନ୍ଧକ ଅସୀମ କୁମାର ଘୋଷ, ବିଶିଷ୍ଟ ସଙ୍ଗୀତଜ୍ଞ ଡକ୍ଟର ରାମହରି ଦାସ ତଥା ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର ମହୋତ୍ସବର ବିଭିନ୍ନ ଦିବସରେ ଅତିଥି ଭାବେ ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଛି। ଓଡିଶୀ ନୃତ୍ୟକୁ ସାରା ବିଶ୍ୱରେ ପରିଚିତ କରିଥିବା ପଦ୍ମଶ୍ରୀ ଇଲିଆନା ସୀତାରିଷ୍ଟିଙ୍କୁ ବେଦବ୍ୟାସ ଲାଇଫ ଟାଇମ ଆଚିଭମେଣ୍ଟ ସମ୍ମାନ ପ୍ରଦାନ କରାଯିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ବିକାଶ ମଞ୍ଚର ଆନ୍ଦୋଳନ ଚେତାବନୀ

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)

### ରାଉରକେଲା-ଭୁବନେଶ୍ୱର ବିମାନ ଉଡାଣ ଅନିୟମିତତା

ରାଉରକେଲାରୁ ଭୁବନେଶ୍ୱରକୁ ବିମାନ ଉଡାଣରେ ଅନିୟମିତତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଏହି ଅବସ୍ଥା ଜାରି ରହିଲେ ଆନ୍ଦୋଳନ କରାଯିବ ବୋଲି ରାଉରକେଲା ବିକାଶ ମଞ୍ଚ ସଭାପତି ସୁମନ ଦତ୍ତ ଚେତାବନୀ ଦେଇଛନ୍ତି। ଦତ୍ତ କହିଛନ୍ତି, ବେସାମରିକ ବିମାନ ଚଳାଚଳ ବିଭାଗ ତରଫରୁ ଆଗାମୀ ନଭେମ୍ବରରୁ ରାଉରକେଲା-କଲିକତା ଭାୟା ଭୁବନେଶ୍ୱର ବିମାନ ଉଡାଣ ପ୍ରସ୍ତାବ ସ୍ୱାଗତଯୋଗ୍ୟ। ମାତ୍ର ରାଉରକେଲାରୁ ଭୁବନେଶ୍ୱର ଉଡାଣରେ ଅନିୟମିତତା ଚିନ୍ତାର ବିଷୟ। ରାଉରକେଲା ବିମାନ ବନ୍ଦରକୁ ହକି ବିଶ୍ୱକପ୍ ପୂର୍ବରୁ ୨ସି ଲାଇସେନ୍ସ ପ୍ରଦାନ ସହିତ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଗଲା। ବର୍ଷକ ପୂର୍ବରୁ ଏଲାଏନ୍ସ ଏୟାରଲାଇନ୍ସ ୭୨ ସିଟ ବିଶିଷ୍ଟ ପ୍ଲେନ ଚଳାଚଳ ପାଇଁ ବେସାମରିକ ବିମାନ ଚଳାଚଳ ବିଭାଗ ସହ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ମାତ୍ର ହକି ପରେ ଖରାପ ପାଣିପାଗ, ବୈଷୟିକ ତ୍ରୁଟି ସହିତ ବିଭିନ୍ନ ଆଳ ଦେଖାଇ ୧୮ଥର ବିମାନ ଉଡାଣ ବାତିଲ ହେଲାଣି। ଫଳରେ ରାଉରକେଲାବାସୀଙ୍କ ଏୟାରଲାଇନ୍ସ ଉପରୁ ଭରସା ତୁଟୁଛି। ଏତଦ ବ୍ୟତୀତ ମାତ୍ର ୮କୋଟି ଟଙ୍କାରେ ପାଣିପାଗ ମାପକ ଯନ୍ତ୍ର ଆଇଏଲଏସ ବସାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଇସ୍ପାତ ପ୍ରାଧିକରଣ ଓ ବିମାନ ଚଳାଚଳ ବିଭାଗ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଅଧୀନରେ ଅଛି। ଏଣୁ କେନ୍ଦ୍ରମନ୍ତ୍ରୀ ଚାହିଁଲେ ସହଜରେ ବିମାନ ବନ୍ଦରର ଉନ୍ନତୀକରଣ ହୋଇପାରନ୍ତା। ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ବିମାନ ଚଳାଚଳ ବିଭାଗକୁ ଚିଠି ଲେଖି ଚୁପ ହୋଇ ବସିଛନ୍ତି। ଆଗାମୀ ଦିନରେ ଉପଯୁକ୍ତ ବିମାନସେବା ଯୋଗାଇ ନ ଦେଲେ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ସଭାପତିଙ୍କ ସମେତ ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଇଂ. ଅଭୟ କୁମାର ଦାଶ, ବରିଷ୍ଠ ବିଜେଡି ନେତା ଆନନ୍ଦ ମହାନ୍ତି, ସମାଜସେବୀ ଡ. ଉତ୍ତମ ଚରଣ ଜେନା, ରାଜୀବ ପାଣି, ଆଇନଜୀବୀ ଆଲୋକ ବୋଷ, ବିବେକାନନ୍ଦ ଦାଶ, କୁଞ୍ଜବିହାରୀ ରାଉତ, ବିଜୟ କୁମାର ଭୋଳ ପ୍ରମୁଖ ଚେତାବନୀ ଦେଇଛନ୍ତି।



ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏକାଠି ହୋଇଛନ୍ତି।

# ଗରିବ ଲୋକଙ୍କ ପାଇଁ ବସ୍ତ୍ର ହାଟ

ରାଉରକେଲା,୨୯।୧୦(ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ ହିଲ୍‌ଟପ୍ ଛକ ନିକଟ ନୂତନ ବସ୍ତିରେ ଅନ୍ୱେଷା ଡୋନର କ୍ଲବ ପକ୍ଷରୁ ୯୪ତମ ମାସିକିଆ ମାଗଣା ହାଟ ରବିବାର ପ୍ରଦର୍ଶିତ ହୋଇଛି। ଅନୁଷ୍ଠାନର ଫାଉଣ୍ଡର ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହାଟରେ ଗରିବ ଲୋକଙ୍କ ପାଇଁ ଶୀତବସ୍ତ୍ରଠାରୁ ଆରମ୍ଭ କରି ବିଭିନ୍ନ ପୋଷାକ ବିତରଣ କରାଯାଇଥିଲା। ବସ୍ତିର ୭୦ରୁ ଉର୍ଦ୍ଧ୍ୱ ଗରିବ ଲୋକ ମାଗଣାରେ ନିଜ ପସନ୍ଦର ପୋଷାକ ନେଇଥିଲେ। ଦିବାକର ଦାସ, ମୋହନ ପଟ୍ଟନାୟକ, ତରୁଲତା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଅନ୍ୱେଷା ଦ-ହେଲ୍‌ପିଂ ହ୍ୟାଣ୍ଡ ପକ୍ଷରୁ ୯୪ତମ ସାମୂହିକ ଜନ୍ମଦିନ ପାଳିତ ହୋଇଛି। ଏଥିରେ ମାନସସେବା ପ୍ରତିଷ୍ଠାନର ୫୦ ଜଣ ଶିଶୁଙ୍କର ସାମୂହିକ ଜନ୍ମଦିନ ପାଳନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟା ରଶ୍ମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଜନ୍ମଦିନ ପାଇଁ କେକ୍ କାଟିବା ସହ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଗଜେନ୍ଦ୍ର ସିଂ, ସସ୍ମିତା ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ତୃଣମୂଳ ସ୍ତରରେ ବିପର୍ଯ୍ୟୟ ମୁକାବିଲା ତାଲିମ ଆବଶ୍ୟକ

ରାଉରକେଲା,୨୯।୧୦(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏମ୍‌ସି ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଦିବସ ରବିବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷର ବିଷୟବସ୍ତୁ 'ସଶକ୍ତ ଗୋଷ୍ଠୀ ସୁରକ୍ଷିତ ଓଡିଶା' ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଆଲୋଚନାଚକ୍ରରେ କଲେଜ ଛାତ୍ରୀଛାତ୍ର, ସ୍ଥାନୀୟ ବାସିନ୍ଦା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଆବଶ୍ୟକ ଜୀବନ ରକ୍ଷାକାରୀ କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। ଆର୍‌ଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବାହିନୀ ଓ ସିଭିଲ ଡିଫେନ୍ସ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ବିଷୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ସହ ତ୍ୱରିତ ଉଦ୍ଧାର, ସୁରକ୍ଷିତ ଓ ଠିକ ସ୍ଥାନାନ୍ତର ଭିତ୍ତିକ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ଅଗ୍ନି ନିରାପତ୍ତା ସଚେତନତା ସହ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଶିକ୍ଷା ଦିଆଯାଇଥିଲା। ବିପର୍ଯ୍ୟୟ ପରିଚାଳନା ସମୟରେ ଗୋଷ୍ଠୀ ସହଭାଗିତା କ୍ଷେତ୍ରରେ ସଶକ୍ତ ହେବା ଓ ବିପର୍ଯ୍ୟୟ ପରିଚାଳନା ପାଇଁ ସଚେତନତା ସହ ନିୟମିତ ପ୍ରଶିକ୍ଷଣ ଆବଶ୍ୟକତା ରହିଛି । ଏହା ହେଲେ ଆମେ କ୍ଷୟକ୍ଷତିକୁ ଯଥେଷ୍ଟ ପରିମାଣରେ କମାଇପାରିବା ଏବଂ ସରକାରଙ୍କ ଜିରୋ କାଜୁଆଲିଟି ତଥା ଶୂନ୍ୟ କ୍ଷତିକୁ ସୁନିଶ୍ଚିତ କରିପାରିବା। ସେହିପରି ବିପର୍ଯ୍ୟୟ ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ସହ ତୃଣମୂଳ ସ୍ତରରେ ତାଲିମ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆର୍‌ଏମ୍‌ସି ଡେପୁଟି କମିଶନର ସୁକାନ୍ତ କୁମାର ବେଉରା ଉପସ୍ଥିତ ରହି ବିଭାଗୀୟ ଅଧିକାରୀମାନଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ପାଠ କରାଇଥିଲେ। ଏହାସହ ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିପର୍ଯ୍ୟୟ ମୁକାବିଲା ତଥା ପରିଚାଳନା ପାଇଁ ସେଲ୍ ଗଠନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଡେପୁଟି କମିଶନର ରୋନିତ କୁମାର, ଆରଡିଏ ଓଏସ୍‌ଡି ଚନ୍ଦ୍ରକାନ୍ତ ମଲ୍ଲିକ, ତହସିଲଦାର ନିବେଦିତା ପ୍ରଧାନ, ଏସିଏଏଫ୍ ସୌମ୍ୟରଞ୍ଜନ ଗୋଛାୟତ, ରାଉରକେଲା ସହକାରୀ ଅଗ୍ନିଶମ ଅଧିକାରୀ ସରୋଜ କୁମାର ବେହେରା, ରାଉରକେଲା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ଆରଏମସି ଓ ଅନ୍ୟ ସରକାରୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଓଡ଼ିଶା ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା, ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସକାଳ ୭ଟା ।
- ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ, ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ପୂର୍ବାହ୍ନ ୧୧ଟା।

## ୩୦୨ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର,୨୯।୧୦(ବି.ଶଙ୍କର)

ସମ୍ବଲ ଅନୁଷ୍ଠାନ ପକ୍ଷରୁ ରବିବାର ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ ରେଡକ୍ରସ ସମ୍ପାଦକ ଜୟ ଜର୍ଜ ମିଳିତ ଭାବେ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ବଲର ଉପଦେଷ୍ଟା ଉଦ୍ଧବ ମହାପାତ୍ର, ହେମନ୍ତ ମିଶ୍ର, ପ୍ରତାପ କର, କାଳିଦାସ ପଣ୍ଡା, ସଭାପତି ଶଙ୍କର ପ୍ରସାଦ ପତି, ସମ୍ପାଦକ ସୁବ୍ରତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲ ସଂଯୋଜକ ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ୩୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର ଡା. ଶ୍ରୀନିବାଶ ପ୍ରଧାନ ଓ ଡା. ଶୁଭ୍ରାଞ୍ଜଳି ପ୍ରଧାନ, ଟେକ୍‌ନିସିଆନ ଦେବାଶିଷ ମିଶ୍ର ଓ ସମ୍ବଲପୁର ରକ୍ତ ଭଣ୍ଡାରର ଡା. କଳ୍ପେଶ କାକଡ଼, ସନ୍ତୋଷ ଗୌଡ଼, କର୍ମଦେବ ପଟେଲ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ଦାଶ, କୃଷ୍ଣଚନ୍ଦ୍ର ସାହୁ, ସନ୍ତକ ପଣ୍ଡା, ଅନିଲ ପରିଡା, ପବିତ୍ର ଦେଓ, କାଳିଆ ବାଗଙ୍କସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଭାଜପା କାର୍ଯ୍ୟାଳୟରେ ମନ୍ କି ବାତ୍ କାର୍ଯ୍ୟକ୍ରମ

ସମ୍ବଲପୁର,୨୯।୧୦(ବି.ଶଙ୍କର)

ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ରବିବାର ସମ୍ବଲପୁର ଜିଲା ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବିଧାୟକ ନାଉରୀ ନାଏକ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ଏହି କାର୍ଯ୍ୟକ୍ରମ ଦେଖିଥିଲେ । ଏଥିରେ ଜିଲା ଭାଜପା ସଭାପତି ଗିରିଶ ପଟେଲ, ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରାଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ସାମିଲ ଥିଲେ।

## ବର୍ଷୀୟାନ କ୍ରୀଡ଼ା ସଂଘର କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର,୨୯।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡ଼ା ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ବୁଢ଼ାରଜାସ୍ଥିତ ନିଜସ୍ୱ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋକୁଲ ଚନ୍ଦ୍ର ଦର୍ଜିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ନଭେମ୍ବର ୯ ଓ ୧୦ରେ ହେବାକୁ ଥିବା ଦୁର୍ଗାଶଙ୍କର ଓ ଭୀମସେନ ଛତର ସ୍ମାରକୀ ଏମ୍‌ଇ ସ୍କୁଲସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସମ୍ପର୍କରେ ସଭ୍ୟମାନେ ଆଲୋଚନା କରିଥିଲେ। ଟୁର୍ନାମେଣ୍ଟରେ ମୋଟ ୨୦ଟି ଫୁଟ୍‌ବଲ ଦଳ ଭାଗ ନେବାକୁ ସ୍ଥିର ହୋଇଛି।

## ହିନ୍ଦ୍ ମଜଦୁର ସଭା ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର,୨୯।୧୦(ବି.ଶଙ୍କର)

ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭା ପକ୍ଷରୁ ରବିବାର ହୀରାକୁଦଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଜ୍ୟ ଶାଖା କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି ଶିବିର ଉଦ୍‌ଘାଟନ କରିଥିଲେ। କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ଏଚ୍‌ଏମ୍‌ଏସ୍ ସାଧାରଣ ସମ୍ପାଦକ ଗୋକୁଳ ମେହେର, ବିଜେଡ଼ି ଜିଲା ଉପସଭାପତି ମହମ୍ମଦ ମୃତୁଜା, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ଧୁର୍ଯ୍ୟ ମହାନ୍ତି, ଛାତ୍ର ବିଜେଡ଼ି ଜୋନ ସଭାପତି ମିଳନ ହୋତା, ହିଣ୍ଡାଲ୍‌କୋ ପାୱାର ପ୍ଲାଣ୍ଟ ହେଡ ପ୍ରାଞ୍ଜଳ ପାଠକ, ଜୀବନ ବିନ୍ଦୁ ଆବାହକ କବିତା ପୁରୋହିତ, ଯୁବ ବିଜେଡ଼ି ଜିଲା ଡିଜିଟାଲ ସମ୍ପାଦକ ଚିତ୍ତ ରାଉଳ, ଯୁବ ବିଜେଡ଼ି ଜିଲା ସମ୍ପାଦକ ସୁରଜ ଅଗ୍ରୱାଲ, ଯୁବ ବିଜେଡି ଜୋନ ସମ୍ପାଦକ ରୋଶନ ସିଂ, ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୬୧ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ବିଜେଡ଼ି ଜିଲା ଉପସଭାପତି ସୁମିତ ପଟେଲ, ଜୋନ ଉପସଭାପତି ଦେବ ଜ୍ୟୋତି ପଟ୍ଟନାୟକ, ଯୁବ ନେତା ବିଷ୍ଣୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

# ବିପର୍ଯ୍ୟୟ ସମୟରେ ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

ସମ୍ବଲପୁର,୨୯।୧୦(ପ୍ରମୋଦ ବହିଦାର)


ଶୋଭାଯାତ୍ରାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

**ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ**

ଜିଲାସ୍ତରୀୟ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ରବିବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୧୯୯୯ ମହାବାତ୍ୟା ଦ୍ୱାରା ଓଡିଶାର କ୍ଷୟକ୍ଷତି ଏବଂ ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ଗୋଷ୍ଠୀ ସଶକ୍ତୀକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ବିପର୍ଯ୍ୟୟ ପ୍ରଶମନ ସମ୍ପର୍କିତ ତାଲିମ ଯେପରିକି ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ଯନ୍ତ୍ରପାତିର ବ୍ୟବହାର, ପ୍ରାଥମିକ ଚିକିତ୍ସା, ବନ୍ୟା ଆଶ୍ରୟସ୍ଥଳୀର ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ପ୍ରଶମନର ଆବଶ୍ୟକତା ତଥା ବିପର୍ଯ୍ୟୟ ସମୟରେ ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପୂର୍ବାହ୍ନରେ ଏକ ସଚେତନତା ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବୈଠକରେ ବିପର୍ଯ୍ୟୟ ମୁକାବିଲାରେ ଆଗକୁ ଆସି ସହଯୋଗ କରିବାକୁ ଶପଥ ପାଠ କରାଯାଇଥିଲା। ଏହାଛଡା ଜିଲା ରେଡକ୍ରସର ସ୍ୱେଚ୍ଛାସେବୀଙ୍କ ତରଫରୁ ସଚେତନତାଧର୍ମୀ ନାଟକ ପରିବେଷଣ କରାଯାଇଥିଲା । ଶେଷରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜରୁରିକାଳୀନ ଅଧିକାରୀ ଆଦିତ୍ୟ ପଣ୍ଡା, ଜିଲା ରେଡକ୍ରସର ସମ୍ପାଦକ ଜୟ ଜର୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ଦଳୀୟ ନେତୃତ୍ୱଙ୍କ ବିରୋଧରେ କର୍ମକର୍ତ୍ତାଙ୍କ ଅଭିଯୋଗ

ସମ୍ବଲପୁର,୨୯।୧୦(ପ୍ରମୋଦ ବହିଦାର)

**ଭାଜପା ରାଜ୍ୟ ସଭାପତିଙ୍କ ସମ୍ବଲପୁର ଗସ୍ତ**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆର୍‌ଏସ୍‌ଏସ୍‌ର ଏକ ସମନ୍ୱୟ ବୈଠକରେ ଯୋଗଦେବାକୁ ରବିବାର ସମ୍ବଲପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଦଳୀୟ କର୍ମକର୍ତ୍ତାଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ଜିଲାର କେତେଜଣ କର୍ମକର୍ତ୍ତା ଜିଲାସ୍ତରୀୟ ନେତୃତ୍ୱଙ୍କ ବିରୋଧରେ ଅଭିଯୋଗ କରିବା ପରେ ଭାଜପା ଜିଲା ସଙ୍ଗଠନରେ ଗୋଷ୍ଠୀ ବିବାଦ ପଦାରେ ପଡିଥିବା ଆଲୋଚନା ହେଉଛି।

ସର୍କିଟ୍ ହାଉସ୍‌ରେ ରାଜ୍ୟ ସଭାପତି ସାମଲଙ୍କୁ ସାକ୍ଷାତ କରିବାକୁ ଜିଲାର ବହୁ କର୍ମକର୍ତ୍ତା ପହଞ୍ଚିଥିଲେ। ଏହି ସମୟରେ ସେମାନେ ଗତ ଏପ୍ରିଲ୍ ୧୨ ଓ ୧୪ ତାରିଖ ହନୁମାନ ଜୟନ୍ତୀ ରାଲିରେ ସମ୍ବଲପୁରରେ ସଂଘଟିତ ସାମ୍ପ୍ରଦାୟିକ ହିଂସାରେ ସାମିଲ ଥିବା ଅଭିଯୋଗରେ ଦୀର୍ଘ ୬ ମାସ ଧରି ହନୁମାନ ସମନ୍ୱୟ କମିଟିର କେତେଜଣ କର୍ମକର୍ତ୍ତା ଓ ଜିଲା ସଭାପତି ଗିରୀଶ ପଟେଲଙ୍କ ବିରୋଧରେ ଅନେକ ଅଭିଯୋଗ କରିଥିଲେ। ସେଥିମଧ୍ୟରେ ବିନା ଦୋଷରେ କେତେଜଣ ନେତାଙ୍କୁ ଜେଲ୍‌ରେ ପୁରାଇ ଦିଆଇଯାଇଥିବା ବେଳେ ଜିଲା ସଭାପତି ଦିନେ ହେଲେ ସେମାନଙ୍କୁ ଦେଖା କରିବା କିମ୍ବା ସେମାନଙ୍କ ଭଲମନ୍ଦ ବୁଝିବାକୁ ଜେଲକୁ ଯାଇ ନ ଥିଲେ। ଏପରି କି ସେମାନଙ୍କୁ ଜେଲରୁ ମୁକୁଳାଇବାକୁ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ସେମାନେ ରାଜ୍ୟ ସଭାପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ଜିଲା ସଭାପତି ପଟେଲ୍ ସ୍ୱଳ୍ପ ସଂଖ୍ୟକ ସମର୍ଥକଙ୍କୁ ନେଇ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ବେଳେ ଅନ୍ୟମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଉ ନ ଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ରହିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ପଟେଲଙ୍କୁ ପଚାରିବାରେ ସେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଅସ୍ୱୀକାର କରିବା ସହ ରାଜ୍ୟ ସଭାପତି ସାମଲ ଆର୍‌ଏସ୍‌ଏସ୍ ସମନ୍ୱୟ ବୈଠକରେ ଯୋଗଦେବାକୁ ସମ୍ବଲପୁର ଆସିଥିଲେ। ବ୍ୟସ୍ତବହୁଳ କାର୍ଯ୍ୟକ୍ରମରୁ ସେ କିଛି ସମୟ ବାହାର କରି ଭାଜପା କର୍ମକର୍ତ୍ତା ଓ କର୍ମୀଙ୍କ ସହ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ କେବଳ ଆଲୋଚନା କରିଥିଲେ ବୋଲି ପଟେଲ କହିଛନ୍ତି।

## ପୃଥକ୍ ଦୁର୍ଘଟଣା: ଜଣେ ଯୁବତୀ ଗୁରୁତର

ସମ୍ବଲପୁର,୨୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅଞ୍ଚଳରେ ରବିବାର ପୃଥକ୍ ଦୁର୍ଘଟଣା ଘଟି ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ପୂର୍ବାହ୍ନରେ ଅଇଁଠାପାଲି ଥାନା ନିକଟରେ ଏକ ପିଆଜ ବୋଝେଇ ଟ୍ରକ୍(ଏମ୍‌ଏଚ୍‌୩୧ଏଫ୍‌ସି-୩୯୨୨)ର ହଠାତ୍ ବ୍ରେକ୍ ଫେଲ୍ ହୋଇଯିବାରୁ ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାକଡ଼ରେ ଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ପରେ ଟ୍ରାକ୍‌ଟି ବାମପଟେ ଥିବା ଏକ ବାଇକ୍ ଉପରେ ଚଢ଼ି ଯାଇଥିଲା। ଫଳରେ ବାଇକ୍ ଦୁଇଟି ଚୂରମାର ହୋଇଯାଇଥିବା ବେଳେ ଏଥିରେ କାହାରି କ୍ଷତି ହୋଇନାହିଁ। ସେହିପରି ଅପରାହ୍ନରେ ଏକ ସ୍କୁଟରରେ ଜଣେ ଯୁବତୀ ସହର ମଧ୍ୟକୁ ଆସୁଥିବା ବେଳେ ଅଇଁଠାପାଲି ତଳି ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଥିଲେ। ଅଇଁଠାପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯୁବତୀଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଛି।

# ସଙ୍ଗଠିତ ହୋଇ ନିର୍ବାଚନ ଲଢିବାକୁ ଆହ୍ୱାନ


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା ।

କୁଚିଣ୍ଡା,୨୯।୧୦(ବିରଞ୍ଚି ଦର୍ଜୀ)

**କୁଚିଣ୍ଡାରେ ବିଜେଡି କର୍ମୀ ସମ୍ମିଳନୀ**

ବିଜେଡିର କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ସମ୍ମିଳନୀ ଶନିବାର କୁଚିଣ୍ଡା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସଭାପତି ରୋହିତ ପୂଜାରୀ, ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ପ୍ରକାଶ ମହାନ୍ତି ଯୋଗଦେଇ ସଙ୍ଗଠନକୁ ସୁଦୃଢ କରି ନିର୍ବାଚନ ଲଢିବାକୁ ଆହ୍ୱାନ ଦେଇଛନ୍ତି। ଏଥିରେ ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲା ଆଦିବାସୀ ଉନ୍ନୟନ ସଂସ୍ଥା ଅଧ୍ୟକ୍ଷ ଶୋଭାରାମ ପଧାନ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜମନକିରା ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇ, କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ତନୟା ଧୁରୁଆ ଓ କୃଷ୍ଣଚନ୍ଦ୍ର ଟପ୍ପୋ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ବାମରା ବ୍ଲକ ସଭାପତି ଅରବିନ୍ଦ ସାହୁ, ଜମନକିରା ବ୍ଲକ ସଭାପତି ଆଦିପ୍ରସାଦ ମହାକୁଳ, ନଗର ସଭାପତି ନବୀନ ହୋତା, ଜିଲା ଉପସଭାପତି ପ୍ରଦୀପ ମିଶ୍ର, ଜିଲା ସମ୍ପାଦକ ଧିରେନ୍ଦ୍ର ଶର୍ମା ପ୍ରମୁଖ ଯୋଗଦେଇ ନିର୍ବାଚନ ରଣକୌଶଳ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଜେଡି ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶାର କାର୍ଯ୍ୟଧାରାକୁ ଲୋକଙ୍କ ପାଖରେ ପହଞ୍ଚାଇବା ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ରହିଥିଲା। ସମ୍ମଳନୀରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ୫୫ ପଞ୍ଚାୟତ ଓ ଏନ୍‌ଏସିର କାର୍ଯ୍ୟକର୍ତ୍ତାଙ୍କ ସହ ମହିଳା ନେତୃତ୍ୱ ଯୋଗ ଦେଇଥିଲେ।

## ବ୍ରହ୍ମାକୁମାରୀ ଉପକେନ୍ଦ୍ରର ବାର୍ଷିକ ଉତ୍ସବ

ସମ୍ବଲପୁର,୨୯।୧୦(ବି.ଶଙ୍କର)

ସମ୍ବଲପୁର ବ୍ରହ୍ମକୁମାରୀ ଉପକେନ୍ଦ୍ରର ୪୫ତମ ବାର୍ଷିକ ଉତ୍ସବ ରବିବାର ପାବନ ସରୋବରଠାରେ ପାଳିତ ହୋଇଯାଇଛି। ଚଳିତ ବର୍ଷକୁ ବ୍ରହ୍ମକୁମାରୀ ପକ୍ଷରୁ ସକାରାତ୍ମକ ପରିବର୍ତ୍ତନର ବର୍ଷ ଭାବେ ପାଳନ କରୁଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ଏଡିଏମ୍ ପ୍ରଭାସ ଅଗ୍ରୱାଲ, ଇଞ୍ଜିନିୟର ସୁଶୀଳ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ରାଜ ଯୋଗିନୀ ପାର୍ବତୀ ପରମାତ୍ମା ସ୍ମୃତିରେ ଦୀର୍ଘ ୪୫ବର୍ଷ ବିତିଯାଇଥିବା କହିଥିଲେ। ବ୍ରହ୍ମାକୁମାରୀ ଆରତୀ ଭଉଣୀ ୨୦୨୨-୨୩ ବର୍ଷରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଓ ତା'ର ଚିତ୍ର ଦେଖାଇଲେ। ବ୍ରହ୍ମା କୁମାରୀ ଦୀପା ମଞ୍ଚ ପରିଚଳନା କରିଥିଲେ ।

# ତୃଣମୂଳ ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

ସମ୍ବଲପୁର,୨୯।୧୦(ପ୍ରମୋଦ ବହିଦାର)


ବୈଠକରେ ଯୋଗଦେଇଥିବା ଦଳୀୟ ନେତା ଓ କର୍ମୀ ।

**ବିଜେଡି ସମ୍ବଲପୁର ବିଧାନସଭା କ୍ଷେତ୍ର ସାଙ୍ଗଠନିକ ବୈଠକ**

ବିଜେଡି ସମ୍ବଲପୁର ବିଧାନସଭା କ୍ଷେତ୍ରର ଏକ ସାଙ୍ଗଠନିକ ବୈଠକ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ମହାନଗର ସଭାପତି ସତିଷ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାଶଙ୍କ ପ୍ରତିନିଧି ପ୍ରକାଶ ମହାନ୍ତି ଓ ରାଜ୍ୟ ଯୁବ ବ୍ୟାପାର ଅଧ୍ୟକ୍ଷ କୁଞ୍ଜବିହାରୀ ଦାସ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଥ ସ୍ତରରୁ ସଙ୍ଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ରେଢ଼ାଖୋଲ ବିଧାୟକ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ପ୍ରମିଳା ବହିଦାର, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର, ବିଶାଲ ଦାସ, ସଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ନୂତନ ଭାବେ ବୁଥ୍ କମିଟି ଗଠନ କରି କର୍ମୀମାନଙ୍କୁ ନେଇ ଏକ ତାଲିମ ଶିବିର ଆୟାଜନ ପାଇଁ ନିଷ୍ପତ୍ତି ହୋଇଛି। ଏହି ପ୍ରକ୍ରିୟା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ମହାନଗର ନିଗମ ସଭାପତି ବିଶି କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ମହିଳା ଅଧ୍ୟକ୍ଷା ବନ୍ଦିତା ରାଣୀ ମିଶ୍ର, ଯୁବ ବିଜେଡି ସଭପତି ଲକ୍ଷ୍ମୀ ମହାନ୍ତି, ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ପାଢ଼ୀ, ଛାତ୍ର ବିଜେଡି ଜୋନାଲ ସଭାପତି ଦେବାଶିଷ ପରିଡ଼ା, ଜିଲା ଉପସଭାପତି ଦେବାଶିଷ ନନ୍ଦ ପ୍ରମୁଖଙ୍କ ସମେତ ସମ୍ବଲପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ୱାର୍ଡରୁ ଶତାଧିକ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ। ଶେଷରେ ମହାନଗର ନିଗମ ମହିଳା ବିଜେଡି ଉପାଧ୍ୟକ୍ଷା ସଂଯୁକ୍ତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ଗୋଧିଡିପ ଉତ୍ସବମୁଖର

ନାକଟିଦେଉଳ,୨୯।୧୦(ବୈକୁଣ୍ଠ ନାଥ ସାହୁ)

ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ନାକଟିଦେଉଳ ବ୍ଲକର ଗୋଧିଡିପ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଗୋଧିଡିପ, ମାରୁୱାଡ଼ିମୁଣ୍ଡା ଓ ନାଟୁଆବୁରୀ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ପୂଜାରେ ଗତ ୨୭ତାରିଖରେ କଳସ ଯାତ୍ର ହୋଇଥିଲା। ଉକ୍ତ ତିନି ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଟିକିରା ଓ ଚମ୍ପାଳି ନଦୀର ସଙ୍ଗମ ସ୍ଥଳରୁ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପୂଜାମଣ୍ଡପରେ ସ୍ଥାପନା କରିଥିଲେ। ୨୮ତାରିଖଠାରୁ ବୈଦିକ ରୀତିନୀତିରେ ହୋମକାର୍ଯ୍ୟ ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପୂଜାରେ ନାଟୁଆବୁରୀ ଗ୍ରାମର ତପନ କୁମାର ସାହୁ ଓ ସ୍ୱର୍ଣ୍ଣପ୍ରଭା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ପ୍ରତ୍ୟହ ଲକ୍ଷ୍ମୀପୁରାଣ ପାଠ ସହ ନାମସଂକୀର୍ତ୍ତନ ଆୟୋଜିତ ହେଉଥିବା ବେଳେ ରବିବାର ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଛି। ସୋମବାର ସକାଳୁ ମା'ଙ୍କୁ ମେଲାଣି ଦିଆଯିବାର କାର୍ଯ୍ୟକ୍ରମ ରହିଛି। ପୂଜା କମିଟି ସଭାପତି ହଳଧର ସାହୁ, ସମ୍ପାଦକ ଅକ୍ଷୟ କୁମାର ରାଉଳ, କୋଷାଧ୍ୟକ୍ଷ ନିଳାମ୍ବର ସାହୁ ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ବ୍ଲକର ୩୨ରୁ ଊର୍ଦ୍ଧ୍ୱ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କର ପୂଜା ଆୟୋଜିତ ହେଉଛି। ଏଥିପାଇଁ ପୂଜା ମଣ୍ଡପକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ପ୍ରତ୍ୟହ ସନ୍ଧ୍ୟାରେ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।


ଗୋଧିଡିପଠାରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

## ୨୬ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା

ଜମନକିରା,୨୯।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ କଟଙ୍ଗପାଣି ପଞ୍ଚାୟତ ସରେଇ ଗ୍ରାମରେ ୨୬ତମ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଦୁଇଦିନ ହେବ ଫୁଟ୍‌ବଲ ଖେଳ ଆୟୋଜନ କରାଯାଇଥିବା ବେଳେ ରବିବାର ପୁଚିଖେଳ, ମ୍ୟୁଜିକ ଚେୟାର, ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଅଭିମନ୍ୟୁ ଖଡିରତ୍ନ ପୁରୋହିତ କାର୍ଯ୍ୟ ତୁଲାଇ ଥିବାବେଳେ ଧରଣୀଧର ଅମାତ୍ୟ ଓ ତାଙ୍କ ଧର୍ମପତ୍ନୀ କଳ୍ପନା ଆମାତ୍ୟ କର୍ତ୍ତା ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା ଉତ୍ସବରେ ବହୁ ଦୂର ଦୁରାନ୍ତରରୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ରାତ୍ର ସମୟରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ଭଜନ ସମାରୋହ, ନୃତ୍ୟ ପ୍ରତିଯୋଗିତା ଓ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ କମିଟି ସଭାପତି ମନୋଜ ମାଝି ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।


ସରେଇଠାରେ ପୂଜା ପାଉଥିବା ମା' ଲକ୍ଷ୍ମୀ।

## ଗଜଲକ୍ଷ୍ମୀ ପୂଜାରେ ଝଟକୁଛି ସହର

ସମ୍ବଲପୁର,୨୯।୧୦(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ଗଜଲକ୍ଷ୍ମୀ ପୂଜାରେ ଝଟକୁଛି। ରଙ୍ଗୀନ ଆଲୋକମାଳା ସାଙ୍ଗକୁ ସୁସଜ୍ଜିତ ତୋରଣ ଭକ୍ତମାନଙ୍କୁ ଆକର୍ଷିତ କରୁଛି। ମୁଦିପଡ଼ା ପଞ୍ଚମୁଖୀ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ କଳସ ଯାତ୍ରା, ଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ଅନ୍ନଭୋଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଣ୍ଡିତ ସାନୁଜ ଗୋସ୍ୱାମୀ, ସୁଖ ତ୍ରିପାଠୀ, ଲଳିତ ତ୍ରିପାଠୀ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ଦେବାଶିଷ ପଟେଲ ଓ ନୂତନ ପଟେଲ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିର ରାମକୃଷ୍ଣ ମିଶ୍ର, ରାଧାମୋହନ ମିଶ୍ର, ରାମଚନ୍ଦ୍ର ପୋଢ଼, ସୀମାଞ୍ଚଳ ପଣ୍ଡା, ନିଳାଞ୍ଚଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଉପଦେଷ୍ଟା ଡ. ବିଜୟ କୁମାର ପ୍ରଧାନ, ଭୁବନେଶ୍ୱର ସାହୁ, ଡା. ରାମନାରାୟଣ ନନ୍ଦ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ସହଯୋଗ ନଗର ଛକ, ମହାନଗର ନିଗମର ଲକ୍ଷ୍ମୀ ମନ୍ଦିରରେ ମଧ୍ୟ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି ।


ପଞ୍ଚମୁଖୀ ଗଜଲକ୍ଷ୍ମୀ ପୂଜା କମିଟିର ପୂଜା ମଣ୍ଡପରେ ଦେବୀ ।

**ସଂକ୍ଷେପରେ**

## ଆତଙ୍କବାଦୀଙ୍କ ଗୁଳିରେ ପୋଲିସ ଗୁରୁତର

ଶ୍ରୀନଗର,୨୯।୧୦(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗରରେ ରବିବାର ଆତଙ୍କବାଦୀମାନଙ୍କ ଗୁଳିରେ ଜଣେ ପୋଲିସ ଇନ୍ସପେକ୍ଟର ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଇନ୍ସପେକ୍ଟର ମସ୍ରୁର୍ ଅହମଦ ୱାନି ସ୍ଥାନୀୟ ପିଲାମାନଙ୍କ ସହ ଇଦ୍‌ଗାହ ମଇଦାନରେ କ୍ରିକେଟ ଖେଳୁଥିବାବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଗୁଳିକାଣ୍ଡରେ ଏକ ପିସ୍ତଲ ବ୍ୟବହାର କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ସୁରକ୍ଷା କର୍ମୀମାନେ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ରହିଛନ୍ତି। ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

## ବାଂଲାଦେଶ ବିରୋଧୀ ଦଳ ମୁଖ୍ୟ ଗିରଫ



ମିର୍ଜା ଫଖ୍‌ରୁଲ୍ ଇସ୍‌ଲାମ ଆଲମଗିର୍

**ଢାକା,୨୯।୧୦:** ବାଂଲାଦେଶରେ ସରକାର ବିରୋଧୀ ହିଂସାତ୍ମକ ଆନ୍ଦୋଳନର ଦିନକ ପରେ ରବିବାର ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ମହାସଚିବ ମିର୍ଜା ଫଖ୍‌ରୁଲ୍ ଇସ୍‌ଲାମ ଆଲମଗିର୍‌ଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଛି। ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ଦାବିରେ ଶନିବାର ଢାକାରେ ବିରୋଧୀ ଦଳ ପକ୍ଷରୁ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିରୋଧୀ ଦଳ କର୍ମୀଙ୍କ ଆକ୍ରମଣରେ ଜଣେ କନ୍‌ଷ୍ଟେବଲ ନିହତ ହେବା ସହ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଆଲମ୍‌ଗିର୍‌ଙ୍କୁ ପୋଲିସ୍ ଗୋଇନ୍ଦା ବିଭାଗ ଅଟକ ରଖିଥିବା ବିଏନ୍‌ପି ପକ୍ଷରୁ କୁହାଯାଇଛି। ଆଲମ୍‌ଗିର୍‌ଙ୍କ ଘରୁ ପୋଲିସ କେତେକ ହାର୍ଡ ଡିସ୍କ ଜବତ କରିଛି।

## ଅନ୍ତର୍ଜାତୀୟ ସୀମାରୁ ୨ ଚାଇନା ଡ୍ରୋନ୍ ଜବତ

**ଚଣ୍ଡିଗଡ଼,୨୯।୧୦(ପି.ଟି.):** ପଞ୍ଜାବର ଅମୃତସର ଏବଂ ତର୍ନ ତରନ ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମା ନିକଟରୁ ଦୁଇଟି ଚାଇନା ନିର୍ମିତ ଡ୍ରୋନ୍ ଜବତ ହୋଇଥିବା ବିଏସ୍‌ଏଫ୍ ଅଧିକାରୀ ସୂଚନା ଦେଇଛନ୍ତି। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ସୀମା ସୁରକ୍ଷା ବଳ ଅମୃତସରର ଡାଓକେ ଗ୍ରାମ ନିକଟରେ ରବିବାର ତଲାସି ଚଳାଇଥିବାବେଳେ ଡ୍ରୋନ୍ ମିଳିଥିଲା। ସେହିପରି ଶନିବାର ସନ୍ଧ୍ୟାରେ ତାର୍ନ ତରନ ଜିଲାର ଧୋଲାନ ଗ୍ରାମରେ ତଲାସି ବେଳେ ଆଉ ଏକ ଡ୍ରୋନ୍ ଜବତ ହୋଇଥିଲା। ଡ୍ରୋନ୍ ଜରିଆରେ ଚୋରା ବେପାରୀମାନଙ୍କର ନିଶାଦ୍ରବ୍ୟ ଚୋରା ଚାଲାଣ ଉଦ୍ୟମକୁ ବିଏସ୍‌ଏଫ୍ ପଣ୍ଡ କରିଦେଇଛି।

# ଗାଜା ମୃତ୍ୟୁସଂଖ୍ୟା ୮୦୦୦+

## ହମାସ୍‌ର ଅଣ୍ଡରଗ୍ରାଉଣ୍ଡ ଟାର୍ଗେଟ ଉପରେ ଇସ୍ରାଏଲ୍‌ର ବୋମାବର୍ଷା




ଯୁଦ୍ଧ ବିରତି ଦାବିରେ ପାଲେଷ୍ଟିନୀୟଙ୍କ ବିକ୍ଷୋଭ।

ଜେରୁଜେଲମ୍,୨୯।୧୦

ଇସ୍ରାଏଲୀ ସେନା ଗାଜାରେ ଏୟାରଷ୍ଟ୍ରାଇକ୍‌କୁ ଜୋର୍‌ଦାର କରିଛି। ଗାଜାର ଅଣ୍ଡରଗ୍ରାଉଣ୍ଡ ଟାର୍ଗେଟ୍‌ଗୁଡ଼ିକ ଉପରେ ଘନଘନ ବୋମାମାଡ଼ ହେଉଛି। ଏପରିକି ସେଠାର ସବୁଠୁ ବଡ଼ ହସ୍ପିଟାଲ ମଧ ବାଦ୍ ପଡ଼ିନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ଇସ୍ରାଏଲୀ ସେନା ହମାସ୍‌ର ୪୫୦ରୁ ଊର୍ଦ୍ଧ୍ୱ ଟାର୍ଗେଟ ଉପରେ ଆକ୍ରମଣ କରିଥିବା କହିଛି। ସେଥିରେ ହମାସ୍‌ର କମାଣ୍ଡ ସେଣ୍ଟର, ପର୍ଯ୍ୟବେକ୍ଷଣ କେନ୍ଦ୍ର, ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ଲଞ୍ଚ ସ୍ଥାନ ରହିଛି। ଶନିବାର ରାତିରେ ଗାଜାକୁ ଅଧିକ ସଂଖ୍ୟାରେ ସ୍ଥଳସେନା ପଠାଯାଇଛି। ଖାଦ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିବାବେଳେ ହଜାର ହଜାର ଲୋକ ଜାତିସଂଘର ସହାୟତା ସାମଗ୍ରୀ ଥିବା ୱେରହାଉସ୍‌ଗୁଡ଼ିକରେ ପଶି ଲୁଟ୍‌ପାଟ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଇସ୍ରାଏଲର ବୋମାମାଡ଼ ଯୋଗୁ ଗାଜା ଷ୍ଟ୍ରିପ୍‌ର ବହୁ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥିବାବେଳେ ରବିବାର ପୁନର୍ବାର ଇଣ୍ଟରନେଟ୍ ଏବଂ ଫୋନ୍ ସଂଯୋଗ ସ୍ଥାପନ ହୋଇଛି। ୩ ସପ୍ତାହ ହେଲା ଆକ୍ରମଣ ଚାଲିଥିବାବେଳେ 'ପୁଣି ନୁହେଁ ଏବେ' ବୋଲି ଶନିବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆହ୍ୱାନ ଦେଇଥିଲେ। ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା ବୋଲି ଘୋଷଣା କରିବା ସହ ହମାସ୍ ପଣବନ୍ଦୀ ରଖିଥିବା ୨୨୯ ଜଣଙ୍କୁ ଫେରାଇ ଆଣିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଇତିମଧ୍ୟରେ ଇସ୍ରାଏଲ୍ ଆକ୍ରମଣରେ ପାଲେଷ୍ଟିନୀୟଙ୍କ ମୃତ୍ୟୁସଂଖ୍ୟା ୮,୦୦୦ ଅତିକ୍ରମ କରିଛି। ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ର ୩୧୦ ସୈନ୍ୟଙ୍କ ସମେତ ମୋଟ ୧,୪୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ହମାସ୍ ଆତଙ୍କବାଦୀ ଇସ୍ରାଏଲ୍‌ରୁ ଅପହରଣ କରିନେଇ ପଣବନ୍ଦୀ ରଖିଥିବା ୨୨୯ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଇତିମଧ୍ୟରେ ଛାଡ଼ିଦେଇଛନ୍ତି।

ମାନବିକତା ଦୃଷ୍ଟିରୁ ଗାଜାରେ ତୁରନ୍ତ ଯୁଦ୍ଧ ବିରତି ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପୁଣିଥରେ ନିବେଦନ କରିଛନ୍ତି। ଏଥିସହିତ ସମସ୍ତ ପଣବନ୍ଦୀଙ୍କୁ ନିଃସର୍ତ୍ତରେ ଛାଡ଼ିଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ ତୁରନ୍ତ ପର୍ଯ୍ୟାପ୍ତ ରିଲିଫ୍ ସହାୟତା ପହଞ୍ଚାଇବାକୁ ନେପାଳ ଗସ୍ତରେ ଥିବା ଗୁଟେରେସ୍ ପରାମର୍ଶ ଦେଇଛନ୍ତି।

### କ୍ଷମା ମାଗିଲେ ନେତାନ୍ୟାହୁ

ବିରୋଧୀ ଏବଂ ସହଯୋଗୀଙ୍କ କଡ଼ା ସମାଲୋଚନା ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତାଙ୍କର ପୂର୍ବ ମନ୍ତବ୍ୟ ପାଇଁ ରବିବାର କ୍ଷମା ମାଗିଛନ୍ତି। ଅକ୍ଟୋବର ୭ରେ ହମାସ୍ ଆକ୍ରମଣକୁ ପ୍ରତିରୋଧ କରିବାରେ ଦେଶର ସୁରକ୍ଷା ସେବା ବିଫଳ ହୋଇଥିବା କହି ଏହାକୁ ଦୋଷ ଦେଇଥିଲେ। ତାଙ୍କର ଏଭଳି କହିବା ଭୁଲ୍ ଥିଲା, ସେଥିପାଇଁ ସେ କ୍ଷମା ମାଗୁଥିବା 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ତାଙ୍କ ପୂର୍ବ ମନ୍ତବ୍ୟକୁ ସେ ବିଭିନ୍ନ ସୋସିଆଲ୍ ମିଡିଆରୁ ଡିଲିଟ୍ କରିଦେଇଛନ୍ତି। ଏଥିସହିତ ସେ ସୁରକ୍ଷା ସେବାର ସମସ୍ତ ମୁଖ୍ୟଙ୍କୁ ପୂର୍ଣ୍ଣ ସମର୍ଥନ କରୁଥିବା କହିଛନ୍ତି।

## ମୋଦି, ଏଲ୍-ସିସିଙ୍କ ଶାନ୍ତି ଉଦ୍ୟମ

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ଇସ୍ରାଏଲ୍-ହମାସ୍ ଯୁଦ୍ଧ ଯୋଗୁ ସୁରକ୍ଷା ଏବଂ ମାନବୀୟ ସ୍ଥିତିରେ ଦେଖାଦେଇଥିବା ଅବନତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଜିପ୍ଟ ରାଷ୍ଟ୍ରପତି ଆବ୍‌ଡେଲ୍ ଫତେହ ଏଲ୍-ସିସିଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ଅଞ୍ଚଳରେ ତୁରନ୍ତ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାର ଆବଶ୍ୟକତା ଉପରେ ଉଭୟ ସହମତ ହୋଇଛନ୍ତି। ଦୁଇନେତା ଫୋନ୍ ଯୋଗେ ଆଲୋଚନା କରିବା ଅବସରରେ ଆତଙ୍କବାଦ, ହିଂସା ଓ ସାଧାରଣ ନାଗରିକଙ୍କ ମୃତ୍ୟୁକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଗାଜା ଜନସାଧାରଣଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚାଇବା ଉପରେ ଉଭୟ ଗୁରୁତ୍ୱାରୋପ କରିଥିଲେ। ଗତ ୭ ତାରିଖରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପରେ ଏହାର ଜବାବ ଦେବାକୁ ଯାଇ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍ ଉପରେ ବୋମାମାଡ଼ କରିବା ସହ ସ୍ଥଳ ଯୁଦ୍ଧକୁ ଜୋର୍‌ଦାର କରିଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଇସ୍ରାଏଲୀ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ମୁଖ୍ୟ ମହମ୍ମଦ ଆବାସଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ।



ଗାଜା ସିଟିରେ ଜଣେ ଆହତଙ୍କୁ ଉଦ୍ଧାର କରି ନିଆଯାଉଛି।

## ଜାତିସଂଘ ସହାୟତା ଗୋଦାମରୁ ଲୁଟ୍

ଡେଇର୍ ଅଲ୍ ବାଲାହ (ଗାଜା ଷ୍ଟ୍ରିପ୍),୨୯।୧୦

ଗାଜାରେ ଥିବା ଜାତିସଂଘର ସହାୟତା ସାମଗ୍ରୀ ଗୋଦାମଗୁଡ଼ିକରେ ହଜାର ହଜାର ପାଲେଷ୍ଟିନୀୟ ପଶି ଲୁଟ୍‌ପାଟ୍ କରିଛନ୍ତି। ସେମାନେ ଗୋଦାମରୁ ଅଟା ଓ ମୌଳିକ ସ୍ୱାସ୍ଥ୍ୟସେବା ସାମଗ୍ରୀ ନେଇଯାଇଛନ୍ତି। ୩ ସପ୍ତାହ ଧରି ଚାଲିଥିବା ଆକ୍ରମଣ ସାଙ୍ଗକୁ ଇସ୍ରାଏଲ୍‌ର ଅବରୋଧ ଯୋଗୁ ଗାଜା ଷ୍ଟ୍ରିପ୍‌ରେ ଖାଦ୍ୟ, ଇନ୍ଧନ, ପାଣି, ଔଷଧ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚିପାରୁ ନାହିଁ। ତେଣୁ ସେଠାର ଜନସାଧାରଣ ଅତିଷ୍ଠ ହୋଇ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

## ବିଦ୍ୟୁତ୍ ଉତ୍ପାଦନ ଉପରେ ଟିକସ ଲଗାଇପାରିବେନି ରାଜ୍ୟ

ନୂଆଦିଲ୍ଲୀ,୨୯।୧୦

କୋଇଲା, ଜଳ, ପବନ କିମ୍ବା ସୌରଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ ଉପରେ ଟିକସ କିମ୍ବା ଶୁଳ୍କ ଲଗାଇବା କ୍ଷମତା ରାଜ୍ୟ ସରକାରଙ୍କର ନାହିଁ। ଏଭଳି ଶୁଳ୍କ ବେଆଇନ ଏବଂ ଅସାମ୍ବିଧାନିକ ବୋଲି କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ସର୍କୁଲାରରେ କୁହାଯାଇଛି। କେତେକ ରାଜ୍ୟ ସରକାର ଉନ୍ନୟନ ଦେୟ/ପାଣି ନାମରେ ବିଭିନ୍ନ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ ଉପରେ ଅତିରିକ୍ତ ଟିକସ ଲଗାଉଥିବା କେନ୍ଦ୍ର ସରକାରଙ୍କ ନଜରକୁ ଆସିବା ପରେ ଏଭଳି ସର୍କୁଲାର ଜାରି ହୋଇଛି। ମନ୍ତ୍ରଣାଳୟ କହିଛି, ଟିକସ/ଶୁଳ୍କ ଲଗାଇବା କ୍ଷମତା ଅନୁଚ୍ଛେଦ ୭ରେ ରହିଛି। ତାଲିକା-୨ ଅନୁଯାୟୀ କେବଳ ୪୫ରୁ ୬୩ ନମ୍ବର ମଧ୍ୟରେ ରହିଥିବା ସଂସ୍ଥା ଉପରେ ରାଜ୍ୟ ସରକାର ଟିକସ ଲଗାଇପାରିବେ। ତାଲିକାରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ନ ଥିବା ସଂସ୍ଥା ଉପରେ ରାଜ୍ୟ ଟିକସ ବସାଇପାରିବ ନାହିଁ। ତାଲିକାର ଏଣ୍ଟ୍ରି-୫୩ ଅନୁଯାୟୀ ରାଜ୍ୟ କେବଳ ବିଦ୍ୟୁତ୍ ବ୍ୟବହାର ଓ ବିକ୍ରି ଉପରେ ଟିକସ ଲଗାଇପାରିବ, ଉତ୍ପାଦନ ଉପରେ ନୁହେଁ।

## ବିର୍ସା ମୁଣ୍ଡା ଜୟନ୍ତୀ 'ଜନଜାତି ଗୌରବ ଦିବସ' ଭାବେ ପାଳିତ ହେବ

ନୂଆଦିଲ୍ଲୀ,୨୯।୧୦(ପି.ଟି.)

ବିର୍ସା ମୁଣ୍ଡାଙ୍କ ଜୀବନୀ ପଢ଼ିଲେ ଜଣେ ନିଜ ସଂକଳ୍ପ ହାସଲ ପାଇଁ ଦୃଢ଼ ଭାବେ ଛିଡ଼ାହେବାର ପ୍ରକୃତ ସାହସ ଶିଖିପାରିବ। ବିର୍ସା ବିଦେଶୀ ଶାସନକୁ କଦାପି ଗ୍ରହଣ କରୁ ନ ଥିଲେ। ତାଙ୍କ ପରିକଳ୍ପିତ ସମାଜରେ ଅନ୍ୟାୟର ସ୍ଥାନ ନ ଥିଲା। ପ୍ରତ୍ୟେକ ବ୍ୟକ୍ତି ମର୍ଯ୍ୟାଦା ଓ ସମାନତା ଜୀବନ ଜିଇବାକୁ ହକ୍‌ଦାର ହେବା ବିର୍ସା ଚାହୁଁଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କୀ ବାତ୍ କର୍ଯ୍ୟକ୍ରମରେ କହିଛନ୍ତି। ଏହି ଅବସରରେ ସେ

### ମନ୍ କୀ ବାତ୍‌ରେ ମୋଦି

ବିର୍ସାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଜନ୍ମବାର୍ଷିକୀ ନଭେମ୍ବର ୧୫କୁ 'ଜନଜାତିୟା ଗୌରବ ଦିବସ' ଭାବେ ପାଳନ କରାଯିବ ବୋଲି କହିଛନ୍ତି।

ରେଡିଓ କାର୍ଯ୍ୟକ୍ରମର ୧୦୬ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅକ୍ଟୋବର ୩୧ରେ ଦେଶବ୍ୟାପୀ 'ମେରା ଯୁବା ଭାରତ' ପ୍ଲାଟ୍‌ଫର୍ମ ଶୁଭାରମ୍ଭ ହେବ। ଏହି ପ୍ଲାଟ୍‌ଫର୍ମ ବିଭିନ୍ନ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ଯୁବବର୍ଗଙ୍କୁ ସକ୍ରିୟ ଭୂମିକା ନିଭାଇବା ଲାଗି ସୁଯୋଗ ପ୍ରଦାନ କରିବ। ଯୁବତୀଯୁବକମାନେ MYBharat. Gov.Inରେ ପଞ୍ଜୀକୃତ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ 'ଭୋକାଲ ଫର୍ ଲୋକାଲ' ଉପରେ ଗୁରୁତ୍ୱ ଦେଇଛନ୍ତି। ସବୁଥର ଭଳି ଏଥର ମଧ ପାର୍ବଣ ଋତୁରେ ଆମେ ସ୍ଥାନୀୟ ଉତ୍ପାଦ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ତୀର୍ଥଯାତ୍ରା କିମ୍ବା ପର୍ଯ୍ୟଟନରେ ଯାଉଥିବା ଲୋକମାନେ ସ୍ଥାନୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ କ୍ରୟ କରିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି। ସେ କହିଛନ୍ତି, ଭାରତ ଏବେ ବିଶ୍ୱର ସର୍ବବୃହତ୍ ଉତ୍ପାଦନ ହବ୍‌ରେ ପରିଣତ ହୋଇଛି। ଅନେକ ବଡ଼ କମ୍ପାନୀ ସେମାନଙ୍କ ସାମଗ୍ରୀ ଏଠାରେ ଉତ୍ପାଦନ କରୁଛନ୍ତି। ଯଦି ଆମେ ସେହିସବୁ ସାମଗ୍ରୀକୁ ଆପଣାଇବା, ତେବେ ମେକ୍ ଇନ୍ ଇଣ୍ଡିଆ ଏବଂ ଲୋକାଲ୍ ଫର୍ ଭୋକାଲ୍‌କୁ ପ୍ରୋତ୍ସାହନ ମିଳିବ। କାରବାର ବେଳେ ୟୁପିଆଇ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

## ସଙ୍ଗଠନର ଦେଶଦ୍ରୋହୀ କାର୍ଯ୍ୟ ପାଇଁ ବିସ୍ଫୋରଣ ଘଟାଇଲି

**କୋଚି,୨୯।୧୦:** କେରଳର କଲାମସେରି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଥିବା ବ୍ୟକ୍ତିଙ୍କ ନାମ ହେଉଛି ଡୋମିନିକ୍ ମାର୍ଟିନ୍। ସେ ସୋସିଆଲ ମିଡିଆରେ ଏନେଇ ଏକ ଭିଡିଓ ମେସେଜ୍ ପୋଷ୍ଟ କରିଛନ୍ତି, ଯାହାକି ଟିଭି ଚ୍ୟାନେଲଗୁଡ଼ିକରେ ମଧ ପ୍ରସାରିତ ହୋଇଛି। ମାର୍ଟିନ୍ ଏଥିରେ କହିଛନ୍ତି, ସେ ୧୬ ବର୍ଷ ହେଲା ଖ୍ରୀଷ୍ଟଧର୍ମର ଜେହୋଭା ୱିଟ୍‌ନେସ୍ ଗୋଷ୍ଠୀ ସଦସ୍ୟ ରହିଆସିଛନ୍ତି। ଏହି ସଙ୍ଗଠନର ଶିକ୍ଷାଗୁଡ଼ିକ ଦେଶଦ୍ରୋହୀ ହୋଇଯାଇଛି। ଏହାର ବିଚାରଧାରା ଦେଶ ପାଇଁ କ୍ଷତିକାରକ ବୋଲି ସେ ୬ ବର୍ଷ ପୂର୍ବେ ଜାଣିବାକୁ ପାଇଥିଲେ।



ଆତ୍ମସମର୍ପଣକାରୀ ଡୋମିନିକ୍ ମାର୍ଟିନ୍।

ଏଥିପାଇଁ ସେ ସୁଚିନ୍ତିତ ଭାବେ ନିଷ୍ପତ୍ତି ନେଇ ବିସ୍ଫୋରଣର ଯୋଜନା କରିଥିଲେ। ସଙ୍ଗଠନକୁ ନିଜ ଉପଦେଶରେ ପରିବର୍ତ୍ତନ ଆଣିବା ପାଇଁ ମଧ ସେ ଅନେକ ଥର ପରାମର୍ଶ ଦେଇଥିଲେ। କିନ୍ତୁ ସଙ୍ଗଠନ ନିଜକୁ ବଦଳାଇବା ପାଇଁ ରାଜି ହୋଇ ନ ଥିଲା। ଅନ୍ୟ ଉପାୟ ନ ପାଇ ସେ ଏପରି କରିଥିବା କହିଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ଖୋଜିବା ଦରକାର ନାହିଁ। ସେ ନିଜେ ପୋଲିସ ନିକଟକୁ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି।

## 'ଫ୍ରେଣ୍ଡ୍‌ସ' ଷ୍ଟାର୍ ମାଥ୍ୟୁ ପେରୀଙ୍କ ପରଲୋକ

ଲସ୍ ଏଞ୍ଜେଲସ୍,୨୯।୧୦

ଏମି ପୁରସ୍କାର ପାଇଁ ମନୋନୀତ ହୋଇଥିବା 'ଫ୍ରେଣ୍ଡ୍‌ସ' ଚଳଚ୍ଚିତ୍ରର ଖ୍ୟାତନାମା ଅଭିନେତା ମାଥ୍ୟୁ ପେରୀଙ୍କର ୫୪ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ଟେଲିଭିଜନର ସବୁଠୁ ପ୍ରସିଦ୍ଧ ଚରିତ୍ର ଚାଣ୍ଡଲର ବିଙ୍ଗ୍ ଭାବେ ସେ ଦର୍ଶକ ମହଲରେ ବେଶ୍ ପରିଚିତ ଥିଲେ। 'ଫ୍ରେଣ୍ଡ୍‌ସ'ର ୧୦ଟି ସେସନ୍‌ରେ ତାଙ୍କର ଅଭିନୟ ତାଙ୍କୁ ହଲିଉଡ୍‌ର ସବୁଠୁ ସ୍ୱୀକୃତିପ୍ରାପ୍ତ ଅଭିନେତାର ପରିଚୟ ଦେଇଥିଲା। ସେ ଜେନିଫର ଆନିଷ୍ଟନ, କୋର୍ଟେନି କକ୍ସ, ମାଟ ଲେବ୍ଲାଙ୍କ, ଲିସା କୁଡ୍ରୋ ଏବଂ ଡାଭିଡ୍ ସ୍ୱିମରଙ୍କ ବିପକ୍ଷରେ ଅଭିନୟ କରିଛନ୍ତି। ଜଣେ ଅଭିନେତା ଭାବେ ମାଥ୍ୟୁ ଅବିଶ୍ୱସନୀୟ ଉପହାର ଥିଲେ। ସେ ୱାର୍ନର ବ୍ରଦର୍ସ ଟେଲିଭିଜନ ଗ୍ରୁପ୍ ପରିବାରର ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଥିଲେ। ତାଙ୍କର ହାସ୍ୟାଭିନୟ ସାରା ବିଶ୍ୱରେ ଅନୁଭୂତ ହେଉଥିଲା, ଯାହାଙ୍କ ଲାଗି ଅନେକଙ୍କ ହୃଦୟରେ ଅମର ହୋଇ ରହିବ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମାଥ୍ୟୁ ନିଜ ବାସଭବନରେ ଥିବା ସୁଇମିଂ ପୁଲ୍‌ରେ ସମ୍ଭବତଃ ବୁଡ଼ିଯାଇ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ତାଙ୍କ ଅକାଳ ମୃତ୍ୟୁର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି।



**ଫୁର୍‌ସତ୍**

# ଭବିଷ୍ୟତ ପାଇଁ ସଞ୍ଚୟ

### ବିଶ୍ୱ ମିତବ୍ୟୟିତା ଦିବସ



ସଞ୍ଚୟ କରିବା ଏକ ଭଲ ଗୁଣ। ଏହା ଦ୍ୱାରା ବିକାଶର ପଥ ଉନ୍ମୁକ୍ତ ହୋଇଥାଏ। ସମସ୍ତଙ୍କର ଭବିଷ୍ୟତ ସମ୍ପର୍କରେ ଚିନ୍ତା ରହିବା ଜରୁରୀ। ଏହା ଦ୍ୱାରା ବହୁ ସଙ୍କଟର ମୁକାବିଲା କରିବା ସହଜ ହୋଇପାରିଥାଏ। ଭବିଷ୍ୟତରେ ବେଳେବେଳେ ମଣିଷକୁ ସଙ୍କଟଜନକ ଆର୍ଥିକ ସ୍ଥିତିର ମୁକାବିଲା କରିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ସଞ୍ଚୟ କରିବା ଆବଶ୍ୟକ। ସଞ୍ଚୟ ଅର୍ଥାତ୍ ମିତବ୍ୟୟିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୩୦ ଅକ୍ଟୋବରରେ ବିଶ୍ୱସ୍ତରରେ ବିଶ୍ୱ ମିତବ୍ୟୟିତା ଦିବସ ବା ୱାର୍ଲ୍ଡ ଥ୍ରିଫ୍ଟ ଡେ ପାଳନ କରାଯାଇଥାଏ। ୩୧ ଅକ୍ଟୋବର ୧୯୨୪ରେ ଇଟାଲୀର ମିଲାନରେ ଅନ୍ତର୍ଜାତୀୟ ସେଭିଂସ ବ୍ୟାଙ୍କ କଂଗ୍ରେସରେ ୱାର୍ଲଡ ସୋସାଇଟି ଅଫ୍ ସେଭିଂସ ବ୍ୟାଙ୍କ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପ୍ରତିଷ୍ଠା କରାଯାଇଥିଲା। ଇଟାଲୀର ପ୍ରଫେସର ଫିଲିପ୍ପୋ ରବିଜା ଅକ୍ଟୋବର ୩୦ରେ ଅନ୍ତର୍ଜାତୀୟ ମିତବ୍ୟୟିତା ଦିବସ ଘୋଷଣା କରିଥିଲେ। ପରେ ୧୯୩୪ ଅକ୍ଟୋବର ୩୦ରେ ପ୍ରଥମ ମିତବ୍ୟୟିତା ଦିବସ ପାଳିତ ହୋଇଥିଲା। ମିତବ୍ୟୟିତାକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ ସେଭିଂସ ବ୍ୟାଙ୍କ କଂଗ୍ରେସର ପ୍ରୟାସରେ ସଞ୍ଚୟ ବ୍ୟାଙ୍କଗୁଡ଼ିକ ବିଦ୍ୟାଳୟ, ଧର୍ମସ୍ଥଳ, ସାଂସ୍କୃତିକ ସଙ୍ଗଠନ, କ୍ରୀଡ଼ା, ବୃତ୍ତିଗତ ତଥା ମହିଳା ସଙ୍ଗଠନ ସହଯୋଗରେ କାର୍ଯ୍ୟ ଆରମ୍ଭ କରିଥିଲା। ୨୯ଟି ଦେଶର ପ୍ରତିନିଧିମାନେ ବିଶ୍ୱର ଜନସାଧାରଣଙ୍କୁ ସଞ୍ଚୟ କରିବାର ଚିନ୍ତା ଏବଂ ଅର୍ଥନୀତି ତଥା ବ୍ୟକ୍ତିବିଶେଷଙ୍କ ପ୍ରାସଙ୍ଗିକତା ଉପରେ ସଚେତନ କରାଇଥିଲେ।

ଅକ୍ଟୋବର ୩୧ ତାରିଖ ସାରା ବିଶ୍ୱରେ ବିଶ୍ୱ ସଞ୍ଚୟ ଦିବସ ଭାବେ ପାଳିତ ହୋଇଥାଏ। ତେବେ ଭାରତରେ ଏହି ଦିବସ ଅକ୍ଟୋବର ୩୦ରେ ପାଳିତ ହୋଇଥାଏ। ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ମିତବ୍ୟୟୀ ହୋଇ ସଞ୍ଚୟ କରିବା ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ଆଜିକାଲି ବିଶ୍ୱ ସଞ୍ଚୟ ଦିବସ ଆୟୋଜନ କରୁଥିବା ବ୍ୟାଙ୍କଗୁଡ଼ିକର ଧ୍ୟାନ ବିକାଶଶୀଳ ଦେଶଗୁଡ଼ିକ ଉପରେ ରହିଛି, ଯେଉଁଠାରେ ଅନେକ ଲୋକ ବ୍ୟାଙ୍କ ସହ ଯୋଡ଼ି ହୋଇପାରି ନାହାନ୍ତି। ଏଭଳି ସ୍ଥଳେ ଅଧିକରୁ ଅଧିକ ଲୋକ, ବିଶେଷକରି ଅଣ-ସରକାରୀ ସଂଗଠନ ସହିତ କାର୍ଯ୍ୟ କରୁଥିବା ଲୋକଙ୍କ ସଞ୍ଚୟ ଖାତା ସଂଖ୍ୟାକୁ ଦ୍ୱିଗୁଣିତ କରିବା ପାଇଁ ଅନେକ ଅଭିଯାନ ଏବଂ ପଦକ୍ଷେପ ନିଆଯାଇ ଏହି ଦେଶରେ ସଞ୍ଚୟ ବୃଦ୍ଧିରେ ସଞ୍ଚୟ ବ୍ୟାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱ ଥ୍ରିଫ୍ଟ ଦିବସ ଜାରି ରହିଲା ଏବଂ ୧୯୫୫ରୁ ୧୯୭୦ ମଧ୍ୟରେ ଏହାର ଲୋକପ୍ରିୟତା ଶିଖରରେ ପହଞ୍ଚିଲା। ଏହା କେତେକ ଦେଶରେ ଏକ ପରମ୍ପରାରେ ପରିଣତ ହୋଇଥିଲା। ପ୍ରତିବର୍ଷ ବିଶ୍ୱ ମିତବ୍ୟୟିତା ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ଉପରେ ଗୁରୁତ୍ୱାରୋପ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ସଞ୍ଚୟ ଦ୍ୱାରା ଆସନ୍ତାକାଲି ଉପରେ ବିଜୟ ହାସଲ କରନ୍ତୁ।

# 'ହୀରାମଣ୍ଡି'ରେ ଅଦିତି

ମୁମ୍ବାଇ



ନିଜର ଦମ୍‌ଦାର ଅଭିନୟ ଯୋଗୁ ବଲିଉଡ୍‌ରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ଅଭିନେତ୍ରୀ ଅଦିତି ରାଓ ହାଇଦରୀ। ପୂର୍ବରୁ ସେ କିଛି ୱେବ୍ ସିରିଜ୍ କରିଥିଲେ ମଧ ଏବେ ତାଙ୍କୁ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ଏକ ୱେବ ସିରିଜ୍ 'ହୀରାମଣ୍ଡି'ରେ ଦେଖିବାକୁ ମିଳିବ, ଯାହା ରେଡ୍ ଲାଇଟ୍ ଅଞ୍ଚଳରେ ଜୀବନ ଉପରେ ଆଧାରିତ। ଏନେଇ ଅଦିତି କହିଛନ୍ତି, 'ହୀରାମଣ୍ଡି'ରେ ତାଙ୍କ ଭୂମିକା ବେଶ୍ ଚ୍ୟାଲେଞ୍ଜିଂ ରହିବ। ଜଣେ ଅଭିନେତ୍ରୀ ଭାବେ ଏହି ଫିଲ୍ମ ତାଙ୍କ ବହୁମୁଖୀ ପ୍ରତିଭାକୁ ଦର୍ଶାଇବ। ଏଥିରେ ଦର୍ଶକ ତାଙ୍କ ଅଭିନୟର ଏକ ଭିନ୍ନ ଦିଗ ଦେଖିବାକୁ ପାଇବେ। ଏହା ମାଧ୍ୟମରେ ସେ ଆହୁରି ଆଗକୁ ଯିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଅଦିତିଙ୍କ ସହ ସିରିଜ୍‌ରେ ସୋନାକ୍ଷୀ ସିହ୍ନା, ମନୀଷା କୋଇରାଲା, ରିଚା ଚଢା, ଶର୍ମିନ ଶେଗଲ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଏଥିସହ ଅଦିତିଙ୍କ ପାଖରେ ଆଉ ଦୁଇଟି ପ୍ରୋଜେକ୍ଟ ରହିଛି; ଯେଉଁଥିପାଇଁ ସେ ବ୍ୟସ୍ତ ମଧ ଅଛନ୍ତି। ତେବେ ଅଦିତି ୨୦୦୬ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଅକ୍ଟୋବର, ୨୦୨୩





## ଭିଟାମିନ୍‌-ଡି' ଅଭାବ ହେଲେ...

ଭିଟାମିନ୍‌ 'ଡି'ରେ ଅନେକ ପ୍ରକାର ପ୍ରାକୃତିକ ଉପାଦାନ ଭରି ରହିଛି। ଏହା ଶରୀରରେ ହାଡ଼ ଓ ମାଂସପେଶୀକୁ ମଜଭୁତ୍‌ ରଖିବାରେ ସାହାଯ୍ୟ କରେ। ଯେତେବେଳେ ଆମ ଶରୀରରେ ଏହାର ଅଭାବ ଘଟେ, ସେତେବେଳେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଏହାର ଖରାପ ପ୍ରଭାବ ହୃତ୍‌ପିଣ୍ଡର କାର୍ଯ୍ୟଧାରା ଉପରେ ମଧ୍ୟ ପଡ଼ିଥାଏ। ତା' ସହ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିଦିଏ ବୋଲି ୟୁନିଭର୍ସିଟି ଅଫ୍‌ ସାଉଥ୍‌ ଅଷ୍ଟ୍ରେଲିଆ ଷ୍ଟେଟ୍‌ ତରଫରୁ ପ୍ରକାଶିତ ଏକ ଜର୍ନାଲରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ ଆବଶ୍ୟକତାଠାରୁ ଅଧିକ କମିଗଲେ ସମ୍ପୃକ୍ତ ବ୍ୟକ୍ତି ହୃଦ୍‌ଘାତର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତା' ସହ ରକ୍ତଚାପ ବା ବ୍ଲଡପ୍ରେସର ଅସନ୍ତୁଳିତ ରହିଥାଏ। କେବଳ ସେତିକି ନୁହେଁ, ଶରୀରରେ ଭିଟାମିନ୍‌ 'ଡି'ର ଅଭାବ ପରିଲକ୍ଷିତ ହେଲେ ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇପଡ଼େ। ତେଣୁ ଭିଟାମିନ୍‌-ଡି ଯୁକ୍ତ ଖାଦ୍ୟ ଯଥା-କଦଳୀ, କମଳା, ଆଲମଣ୍ଡ, ଛତୁ, କ୍ଷୀର, ଜୁସ୍‌ ଆଦିକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

## ଉପକାରୀ ଉଷୁମ ପାଣି

ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍‌ ହିତକର ସାବ୍ୟସ୍ତ ହୋଇଥାଏ। ଜଣେ ଆଜମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ବି ରହିଛି। କୋଲେଷ୍ଟେରଲଜନିତ ସମସ୍ୟା ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି। ତେଣୁ ନିୟମିତ ଉଷୁମ ପାଣି ପିଇଲେ ଏହାର ପରିମାଣ ସନ୍ତୁଳିତ ରହିଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ମେଦବହୁଳତା କେତେକାଂଶରେ ଦୂର ହୋଇଥାଏ।



# ସକାରାତ୍ମକ ଚିନ୍ତାଧାରା ଓ ଉତ୍ତମ ସ୍ୱାସ୍ଥ୍ୟ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ମନରେ ପ୍ରଫୁଲ୍ଲତା ତଥା ଉଲ୍ଲାସ ଭରି ଦେବାରେ ସକାରାତ୍ମକ ଚିନ୍ତାଧାରା ଅନେକାଂଶରେ ସହାୟକ ହୋଇଥାଏ। ଏଥିନିମନ୍ତେ ନିଜକୁ ଚିନ୍ତା ଏବଂ ଅବସାଦଠାରୁ ଦୂରେଇ ରଖନ୍ତୁ। ସବୁବେଳେ ଖୁସିର ମାହୋଲ ଭିତରେ ରହିବାକୁ ଚେଷ୍ଟା କରନ୍ତୁ। ଟେନସନର ବଶବର୍ତ୍ତୀ ହେବା କିଛି ନୂଆ କଥା ନୁହେଁ। ହେଲେ ଟେନସନକୁ ନେଇ ଟେନସନ ହେଲେ ତାହା ଅଯଥା ସମସ୍ୟାକୁ ଡାକିଆଣେ। ତେଣୁ ଏଥିରୁ ନିଜକୁ କିପରି ମୁକୁଳାଇବେ ତାହା ଚିନ୍ତା କରନ୍ତୁ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ନିଜର ମାନସିକତା ଯଦି ସକାରାତ୍ମକ ରହେ ତେବେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଅନେକାଂଶରେ ସହାୟକ ହୋଇଥାଏ।''

ବର୍ତ୍ତମାନର ଧାଁ ଦଉଡ଼ ଜୀବନରେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ସବୁଠାରୁ ବଡ଼ କଥା। ହେଲେ କେତେକ ବ୍ୟକ୍ତି ଏଥିପ୍ରତି ଆବଶ୍ୟକ ମୁତାବକ ଦୃଷ୍ଟି ଦେଇ ନଥାନ୍ତି। ତେଣୁ ଭବିଷ୍ୟତରେ ସେମାନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ବେଳେବେଳେ ସେଥିରୁ ଆରୋଗ୍ୟ ଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ତେଣୁ ନିଜକୁ ସୁସ୍ଥ ତଥା ନୀରୋଗ ରଖିବାକୁ ଆମେ ଚେଷ୍ଟିତ ହେବା ଦରକାର। ଏଥିପାଇଁ ପ୍ରଥମେ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ।

ଆମ ଦେଶର ଐତିହ୍ୟ, ସଂସ୍କୃତି, ପରମ୍ପରା ଅତି ମହାନ୍‌। ଆମ ଦେଶରେ ଜନ୍ମ ନେଇ ଚରକ, ଶୁଶ୍ରୁତ, ବାଗଭଟ୍ଟ, ବରାହମିହିର ପ୍ରମୁଖ ବହୁ ମୁନିଋଷି ସୁସ୍ଥ ରହିବାର ରହସ୍ୟ ବିଷୟରେ ଅନେକ ଉପାଦେୟ ତଥ୍ୟ ଦେଇଛନ୍ତି। ମନୁଷ୍ୟ କିପରି ଦିନଚର୍ଯ୍ୟା, ରାତ୍ରିଚର୍ଯ୍ୟା, ଋତୁଚର୍ଯ୍ୟା ତଥା ଆହାରବିହାର କିପରି ଠିକ୍‌ ଭାବେ ପାଳନ କରିବ ସେ ନେଇ ସେମାନଙ୍କର କଥାକୁ ଏବେ ବି ଅନୁସରଣ କରାଯାଉଛି। କେବଳ ସେତିକି ନୁହେଁ, ଜଣେ ବ୍ୟକ୍ତି ନିଜର ସକାରାତ୍ମକ ଚିନ୍ତାଧାରା ଦ୍ୱାରା ନିଜକୁ ନୀରୋଗ ରଖିବା ସହ ଦୀର୍ଘାୟୁ ମଧ୍ୟ ହୋଇପାରିବ। ଏ ବିଷୟରେ ଆୟୁର୍ବେଦରେ ବେଶ୍‌ ସରଳ ଭାବରେ ବର୍ଣ୍ଣନା କରାଯାଇଛି। ସେଗୁଡ଼ିକୁ ଯଦି ଆମେ ଅନୁସରଣ କରିବା ତେବେ ତାହା ଆମ ପାଇଁ ବେଶ୍‌ ଉପାଦେୟ ସାବ୍ୟସ୍ତ ହେବ।

ଭାରତୀୟ ସଂସ୍କୃତିରେ ଆଧ୍ୟାତ୍ମିକ ଚିନ୍ତାଧାରା ମନକୁ ସକାରାତ୍ମକ ରଖିବାକୁ ଅନେକାଂଶରେ ସାହାଯ୍ୟ କରିଥାଏ। ସୁସ୍ଥ ରଖିବାକୁ ଏହା ଏକ ଉତ୍ତମ ତଥା ସହଜ ମାର୍ଗ। ଏ ବିଷୟରେ ଆମ ଦେଶର ବହୁ ପୁରାତନ ପାରମ୍ପରିକ ଚିକିତ୍ସା ବିଜ୍ଞାନରେ ଉଲ୍ଲେଖ ରହିଛି। କେବଳ ସେତିକି ନୁହେଁ ଏହାକୁ ମଧ୍ୟ ଆଜିର ଚିକିତ୍ସା ବିଜ୍ଞାନୀମାନେ ବହୁ ପରୀକ୍ଷା ନିରୀକ୍ଷା ଓ ଗବେଷଣା କରି ଏଥିରେ ଏକମତ ହୋଇପାରିଛନ୍ତି।



ମନରେ ପ୍ରଫୁଲ୍ଲତା ତଥା ଉଲ୍ଲାସ ଭରି ଦେବାରେ ସକାରାତ୍ମକ ଚିନ୍ତାଧାରା ଅନେକାଂଶରେ ସହାୟକ ହୋଇଥାଏ। ଏଥିନିମନ୍ତେ ନିଜକୁ ଚିନ୍ତା ଏବଂ ଅବସାଦଠାରୁ ଦୂରେଇ ରଖନ୍ତୁ। ସବୁବେଳେ ଖୁସିର ମାହୋଲ ଭିତରେ ରହିବାକୁ ଚେଷ୍ଟା କରନ୍ତୁ। ଟେନସନର ବଶବର୍ତ୍ତୀ ହେବା କିଛି ନୂଆ କଥା ନୁହେଁ। ହେଲେ ଟେନସନକୁ ନେଇ ଟେନସନ ହେଲେ ତାହା ଅଯଥା ସମସ୍ୟାକୁ ଡାକିଆଣେ। ତେଣୁ ଏଥିରୁ ନିଜକୁ କିପରି ମୁକୁଳାଇବେ ତାହା ଚିନ୍ତା କରନ୍ତୁ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ନିଜର ମାନସିକତା ଯଦି ସକାରାତ୍ମକ ରହେ ତେବେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଅନେକାଂଶରେ ସହାୟକ ହୋଇଥାଏ।



ମନୁଷ୍ୟ ପଞ୍ଚମହାଭୂତ (ପୃଥିବୀ, ଜଳ, ତେଜ, ବାୟୁ, ଆକାଶ)ରୁ ସୃଷ୍ଟି ହୋଇଥାଏ। ଶରୀରରୁ ଆତ୍ମା ଚାଲିଯିବା (ମୃତ୍ୟୁ) ପରେ ଶରୀର ପଞ୍ଚମହାଭୂତରେ ବିଲୀନ ହୋଇଥାଏ। ପ୍ରକୃତି କୋଳରେ ମନୁଷ୍ୟ ଜନ୍ମ ଲାଭ କରିଥିବାରୁ ପ୍ରକୃତିଦତ୍ତ ଖାଦ୍ୟ ଯଥା ବିଭିନ୍ନ ଶସ୍ୟଜାତ ସାମଗ୍ରୀ, ସବୁଜ ପନିପରିବା, ଦହି, ଗୁଆ ଘିଅ ଆଦି ଖାଦ୍ୟ ଖାଇଥାଏ। ତା'ସହ ଯୋଗ, ଆସନ, ପ୍ରାଣାୟମ, ପ୍ରାତଃ ଓ ସାୟଂ ଭ୍ରମଣ, ସୂର୍ଯ୍ୟ ଉଦୟ ପୂର୍ବରୁ ଶଯ୍ୟା ତ୍ୟାଗ, ବିଳମ୍ବିତ ରାତ୍ରିଯାଏ ଅନିଦ୍ରା ନ ରହିବା ଆଦି ଦ୍ୱାରା ମନୁଷ୍ୟ ଶରୀର ସୁସ୍ଥ, ସତେଜ ରଖିଥାଏ। ଏହାସହ ମାନସିକ ସ୍ତରରେ ସକାରାତ୍ମକ ଭାବନା ସ୍ୱୟଂ ଜାଗ୍ରତ ହୋଇଥାଏ। ଶରୀରରେ ରୋଗପ୍ରତିରୋଧକ ଶକ୍ତି ସୃଷ୍ଟି କରାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହାଫଳରେ ମନୁଷ୍ୟ ଧରାପୃଷ୍ଠରେ ଶତାୟୁ ବର୍ଷ ବଞ୍ଚିରହିବା ନିମନ୍ତେ ସହାୟକ ହୋଇଥାଏ।

କେତେକ ଆଧ୍ୟାତ୍ମିକ ଧର୍ମାବଲମ୍ବୀ ବ୍ୟକ୍ତିବିଶେଷ, ଚିନ୍ତଶୀଳ ବ୍ୟକ୍ତି ସ୍ୱାସ୍ଥ୍ୟ ସଚେତନତା ନେଇ ବେଶ୍‌ ଯତ୍ନବାନ ଥାଆନ୍ତି। ବାହ୍ୟ ଦେଶର ଚାଲିଚଳଣି, ଚାକଚକ୍ୟ, ଖାଦ୍ୟପେୟ, ପୋଷାକ ଦ୍ୱାରା ଆକୃଷ୍ଟ ହେବା କିଛି ଭୁଲ୍‌ ନୁହେଁ। କିନ୍ତୁ ସେଗୁଡ଼ିକୁ ଆପଣେଇବା ପୂର୍ବରୁ ଶହେଥର ଚିନ୍ତା କରନ୍ତୁ। ତା' ସହ ଆମ ଭାରତୀୟ ମୌଳିକ ଧର୍ମଶାସ୍ତ୍ର, ଚିକିତ୍ସା ଶାସ୍ତ୍ର ତଥା ଦୀର୍ଘଦିନ ବଞ୍ଚିରହିବା ନିମନ୍ତେ ପ୍ରଚଳିତ ନିୟମାବଳୀକୁ ଅଣଦେଖା କରନ୍ତୁ ନାହିଁ। ଦୈନନ୍ଦିନ ଖାଦ୍ୟରେ ଅତ୍ୟଧିକ ଆମିଷ ଭୋଜନ, ମାତ୍ରାଧିକ ତୈଳଯୁକ୍ତ ଖାଦ୍ୟ ସେବନ, ଅତ୍ୟଧିକ ମୋବାଇଲ ଦେଖିବା, ବିଳମ୍ବିତ ରାତ୍ରିଯାଏ ଅନିଦ୍ରା ରହିବା, ବିଳମ୍ବରେ ଶଯ୍ୟା ତ୍ୟାଗ କରିବାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏହାଦ୍ୱାରା ମଧ୍ୟ ମନରେ ବିଭିନ୍ନ ନକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ। ଏହା ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇ ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯାହାକି ଧରାପୃଷ୍ଠରେ ଦୀର୍ଘଦିନ ବଞ୍ଚିରହିବା ନିମନ୍ତେ ପ୍ରତିବନ୍ଧକ ସାଜିଥାଏ।

ଏପରି ନକାରାତ୍ମକ ଖାଦ୍ୟ ସେବନ ଓ ଭାବନା ଦ୍ୱାରା ଶରୀରରେ ରକ୍ତଚାପ ଓ ମଧୁମେହ ପରି ମାରାତ୍ମକ ରୋଗ ସୃଷ୍ଟି ହେବା ସହିତ ଶରୀର ଅସନ୍ତୁଳିତ ରହିବା ଏବଂ ବିଭିନ୍ନ ରୋଗଗୁଡ଼ିକ ଶରୀରରେ ପ୍ରତୀୟମାନ ହୋଇଥାଏ। ପରବର୍ତ୍ତୀ ସମୟରେ ଯାହାକି ମନୁଷ୍ୟ ନୀରୋଗ ଭାବେ ଦୀର୍ଘଜୀବୀ ହେବା ନିମନ୍ତେ ପ୍ରତିବନ୍ଧକ ସାଜିଥାଏ।

ଉପରୋକ୍ତ ସମସ୍ତ ବିଷୟକୁ ଆମେ ଅନୁଧ୍ୟାନ କଲେ ଜାଣିପାରିବା ଯେ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ଶତାୟୁ ବର୍ଷ ବଞ୍ଚିରହିବା ନିମନ୍ତେ ଯେଉଁ ଜ୍ଞାନ ଓ କୌଶଳ ବର୍ଣ୍ଣିତ ରହିଛି ତାହାକୁ ଆମେ ଠିକ୍‌ ରୂପେ ଗ୍ରହଣ କରିବା ଉଚିତ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ଜୀବନଶୈଳୀ ଅସନ୍ତୁଳିତ ହେଲେ...

ଆଜିକାଲି ଡାଇବେଟିସ୍‌ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଡାଇବେଟିସ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡିଥାଏ। ସେଥିପାଇଁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ତେଣୁ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଆବଶ୍ୟକ। ସବୁଠାରୁ ବଡ କଥା ହେଲା ଡାଇବେଟିସ୍‌ର ଲକ୍ଷଣ ବିଷୟରେ ଜାଣିବା ମାତ୍ରେ ଅବହେଳା କରନ୍ତୁ ନାହିଁ। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏଥିରୁ ଉପଶମ ପାଇବା ଲାଗି ପ୍ରଥମେ ନିଜର ଦୈନନ୍ଦିନ ଜୀବନଶୈଳୀକୁ ସଜାଡ଼ନ୍ତୁ। ଔଷଧ ଖାଇବା ସହ, ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ। ପ୍ରତିଦିନ ବ୍ୟାୟାମ କରନ୍ତୁ। ନିୟମିତ ସମୟ ଅନ୍ତରାଳରେ ସୁଗାର ପରିମାଣ ମାପି ନିଅନ୍ତୁ।



## ଅବସାଦ ଦୂର କରିବାର ସହଜ ଉପାୟ



କୁହାଯାଏ, ଶରୀରକୁ ସୁସ୍ଥ ଓ ମଜଭୁତ୍‌ ରଖିବାରେ ଉତ୍ତମ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ, ଖାଦ୍ୟପେୟରେ ଏପଟସେପଟ ହେଲେ ଆମେ ଅଯଥାରେ ଅନେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଉ। ଡିପ୍ରେସନ ବା ଅବସାଦ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। ଏହାକୁ ନେଇ ଚିନ୍ତିତ ନ ହୋଇ ତାହାଠାରୁ କିପରି ନିଜକୁ ଦୂରେଇ ରଖିବେ ସେ ନେଇ ଯୋଜନା କରନ୍ତୁ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ଅବସାଦଗ୍ରସ୍ତ ହୁଅନ୍ତି ତେବେ ସେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଥାଆନ୍ତି। ଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦବହୁଳତାର ଶିକାର ହୋଇଥାନ୍ତି। ତେଣୁ ଏଭଳି ପରିସ୍ଥିତିରେ ଆମକୁ ପ୍ରତିଦିନ ସନ୍ତୁଳିତ ଓ ଉତ୍ତମ ଖାଦ୍ୟ ଠିକ୍‌ ପରିମାଣରେ ଖାଇବା ନିହାତି ଜରୁରୀ। ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌, ଓମେଗା ୩ ଫ୍ୟାଟି ଏସିଡ୍‌ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଥିବା ଖାଦ୍ୟକୁ ସାମିଲ କରନ୍ତୁ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନା ବାଦାମ, ଟମାଟୋ, କମଳା ଆଦି ଖାଦ୍ୟ ଶରୀର ପାଇଁ ବେଶ୍‌ ଉପକାରୀ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ପ୍ରତିଦିନ ଖାଇବା ଦ୍ୱାରା ଆମ ହାଡ଼ ଓ ମାଂସପେଶୀ ଶକ୍ତ ହେବା ସହ ସ୍ମରଣ ଶକ୍ତି ବି ବଢ଼ାଇବାରେ ସାହାଯ୍ୟ କରେ। ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ।

## ଉପକାରୀ ଦହି

ଆମ ସ୍ୱାସ୍ଥ୍ୟ ପାଇଁ ଦହି କେତେ ଉପକାରୀ ତାହା କହିବା ଅନାବଶ୍ୟକ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଦହିରେ କ୍ୟାଲ୍‌ସିୟମ୍‌ ଭରି ରହିଛି। ତେଣୁ ଏହା ଅସ୍ଥି ଏବଂ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରୋସିସ୍‌ ଭଳି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ। ଦାନ୍ତକୁ ମଧ୍ୟ ଦୃଢ଼ ରଖେ ଦହି। ଏହା ଚର୍ମ ଏବଂ କେଶକୁ ବଢ଼ିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଥିବା ଲାକ୍‌ଟିକ୍‌ ଏସିଡ୍‌ ଯୋଗୁ କ୍ଷତ ସ୍ଥାନରେ ନୂଆ ଚର୍ମ ମଧ୍ୟ ଆପେ ସୃଷ୍ଟି ହୋଇଯାଏ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହି ସାମିଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ଠିକ୍‌ ଭାବେ ହଜମ ହୋଇଥାଏ।



| | | | | | | |
|---|---|---|---|---|---|---|
| ୨୩ | ୫୩/୧୦ | ୧୨ | ୦.୮୧୦ | ୦.୦୩୩ | ଧାନ ତିନି | ଉଦ୍ଧବ ଅମନାତ୍ୟ, ପି.: ବୁଟୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବରିଗୁମା ତରଫ ଅମ୍ବିଡ଼ିଗୁଡ଼ା |
| ୨୪ | ୫୩/୧୨ | ୨୮ | ୦.୭୪୦ | ୦.୩୯୮ | ଧାନ ଦୁଇ | ମନଧର ଅମନାତ୍ୟ, ପି.: ବୁଟୁ ଅମନାତ୍ୟ, ଜା: ଅମନାତ୍ୟ, ବା: ବରିଗୁମା ତରଫ ଅମ୍ବିଡ଼ିଗୁଡ଼ା |
| ୨୫ | ୫୩/୨୦ | ୧୬ | ୦.୧୨୦ | ୦.୦୦୨ | ଡଙ୍ଗର ଏକ | ଧନପତି ଅମନାତ୍ୟ, ପି.: ପିତବାସ ଅମନାତ୍ୟ, ଜା: ଅମନାତ୍ୟ, ବା: ବରିଗୁମା ତରଫ ଅମ୍ବିଡ଼ିଗୁଡ଼ା |
| ୨୬ | ୫୩/୨୨ | ୬୯ | ୧.୬୧୦ | ୦.୨୫୩ | ଧାନ ଏକ | ନକ୍ଷତ୍ରମଣି କଟିମ, ଆଲପିଏସ୍ କଟିମ, ଜା: ଖ୍ରୀଷ୍ଟିୟାନ, ବା: ବାରିଗୁମା |
| ୨୭ | | ୭୩ | ୨.୮୬୦ | ୨.୩୦୬ | ଧାନ ଦୁଇ | |
| ୨୮ | ୫୩/୨୩ | ୩୦/୧ | ୦.୪୫୦ | ୦.୦୧୫ | ଧାନ ଏକ | ଲବ ଅମନାତ୍ୟ, ପି.: ପିତବାସ ଅମନାତ୍ୟ, ଜା: ଅମନାତ୍ୟ, ବା: ବରିଗୁମା ତରଫ ଅମ୍ବିଡ଼ିଗୁଡ଼ା |
| ୨୯ | | ୨୪/୩ | ୦.୯୨୦ | ୦.୫୯୯ | ଧାନ ଦୁଇ | |
| ୩୦ | ୫୩/୨୫ | ୬୦ | ୧.୩୪୦ | ୧.୩୪୦ | ଧାନ ଦୁଇ | ନାଥ ଚଲାଣ, ପି.: ଅଙ୍ଗୁର ଚଲାଣ, ଜା: ଗଦବା, ବା: ନିଜଗାଁ |
| ୩୧ | ୫୩/୫୦ | ୬୦/୧୪୭ | ୧.୦୦୦ | | ଧାନ ଦୁଇ | ଈଶ୍ୱର ଅମନାତ୍ୟ, ପି.: ରବିଚନ୍ଦ୍ର ଅମନାତ୍ୟ, ଜା: ଅମନାତ୍ୟ, ବା: ଆମଡ଼ିଗୁଡ଼ା |
| ୩୨ | ୫୩/୨୭ | ୬୩ | ୧.୮୩୦ | ୧.୫୦୭ | ଧାନ ଦୁଇ | ନକ୍ଷତ୍ରମଣି କଟିମ, ଆଲପିଏସ୍ କଟିମ, ଜା: ଖ୍ରୀଷ୍ଟିୟାନ, ବା: ବାରିଗୁମା |
| ୩୩ | ୫୩/୬୮ | ୬୩/୧୬୪ | ୦.୨୦୦ | | ଡଙ୍ଗର ଦୁଇ | ନୀଳମାଧବ ବେହେରା, ପି.: ଶ୍ରୀବତ୍ସ ବେହେରା, ଜା: କରଣ, ବା: ବୋରିଗୁମ୍ମା |
| ୩୪ | ୫୩/୬୯ | ୬୩/୧୬୫ | ୧.୨୪୦ | | ଡଙ୍ଗର ଦୁଇ | ଲୋକନାଥ ପ୍ରସାଦ ବେହେରା, ନୀଳମାଧବ ବେହେରା, ପି.: ଶ୍ରୀବତ୍ସ ବେହେରା, ଜା: କରଣ, ବା: ବୋରିଗୁମ୍ମା |
| ୩୫ | ୫୩/୩୪ | ୧୦ | ୨.୧୩୦ | ୦.୩୯୩ | ଧାନ ଦୁଇ | ପିତବାସ ଅମନାତ୍ୟ, ପି.: ଅର୍ଜୁନ ଅମନାତ୍ୟ, ଜା: ଅମନାତ୍ୟ, ବା: ବରିଗୁମା ତରଫ ଅମ୍ବିଡ଼ିଗୁଡ଼ା |
| ୩୬ | ୫୩/୪ | ୧୦୧ | ୧.୬୨୦ | ୦.୩୦୭ | ଧାନ ତିନି | ମେଣ୍ଡା ଆମ୍ବନା, ମେଣ୍ଡା ସୁରିନାରାୟଣୀ, ଜା: ସେଗିଡ଼ି, ବା: ଦୁଲାଗୁଡ଼ା |
| ୩୭ | ୫୩/୪୧ | ୧୫ | ୦.୧୩୦ | ୦.୧୦୬ | ଡଙ୍ଗର ଏକ | ସୁମତି ଅମନାତ୍ୟ, ସ୍ୱା.: ପୁରୁଷୋତ୍ତି ଅମନାତ୍ୟ, ଜା: ଅମନାତ୍ୟ, ବା: ବରିଗୁମା ତରଫୁ ଅମ୍ବିଡ଼ିଗୁଡ଼ା |
| ୩୮ | ୫୩/୬୭ | ୯୯ | ୦.୭୫୦ | ୦.୭୫୦ | ଧାନ ତିନି | ଦୁର୍ଯ୍ୟୋଧନ ଭରତା, ପି.: କୁସନ ଭରତା, ଜା: ଭରତା, ବା: ଦୁଲାଗୁଡ଼ା |
| ୩୯ | ୫୩/୬୬ | ୯୯/୧୬୨ | ୦.୭୬୦ | | ଧାନ ତିନି | ଗୌରି କୁମାରୀ ଭତରା, ପି.: ଦୁର୍ଯ୍ୟୋଧନ ଭତରା, ଜା: ଭତରା, ବା: ଦୁଲାଗୁଡ଼ା |
| ୪୦ | | ୧୦୮ | | ୦.୬୬୦ | | NOT IN BHULEKH |
| ୪୧ | ୫୩/୪୭ | ୧୦୮/୧ | ୦.୯୦୦ | | ଧାନ ଏକ | ଲଳିତ ଅମନାତ୍ୟ, ସୁନାଧର ଅମନାତ୍ୟ, ପି.: ଉଦ୍ଧବ ଅମନାତ୍ୟ, ଈଶ୍ଚନ୍ଦ୍ର ଅମନାତ୍ୟ, ପି.: ନରସିଂହ ଅମନାତ୍ୟ, ଜା: ଅମନାତ୍ୟ, ବା: ଆମ୍ବଡ଼ାଗୁଡ଼ା |
| ୪୨ | ୧/କ | ୧୦୮/୨ | ୦.୭୮୦ | | ଧାନ ଏକ | ଭଗବାନ ଅମନାତ୍ୟ, ପି.: ବଳରାମ ଅମନାତ୍ୟ, ଜା: ଅମନାତ୍ୟ, ବା: ବରିଗୁମା ଅମ୍ବିଡ଼ିଗୁଡ଼ା |
| ୪୩ | ୫୩/୪୬ | ୧୦୮/ ୧/ ୧୪୪ | ୦.୯୦୦ | | ଧାନ ଏକ | ପଦ୍ମନ ଅମନାତ୍ୟ, ପି.: ଭୁଜବଳ ଅମନାତ୍ୟ, ଜା: ଅମନାତ୍ୟ, ବା: ଅମ୍ବଡ଼ାଗୁଡ଼ା |
| ୪୪ | ୫୩/୧୮ | ୭୪/୧ | ୨.୫୫୦ | ୦.୧୬୫ | ଡଙ୍ଗର ଦୁଇ | ପଫୁଲ୍ଲ କୁମାରୀ ରଥ, ସ୍ୱା.: ମଧୁସୁଦନ ରଥ, ବା: ବାରିଗୁମା |
| ୪୫ | | ୧୩ | | ୦.୬୫୦ | | NOT IN BHULEKH |
| ମୋଟ | | | | ୧୮.୦୬୦ | | |

OIPR-24380/14/0001/2324


## କାର୍ଯ୍ୟଦକ୍ଷତା ବୃଦ୍ଧି ଲାଗି

କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏକ ସରଳ ତଥା ସହଜ ଉପାୟ ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରେ ତେବେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। 'କାର୍ଯ୍ୟଦକ୍ଷତା ବୃଦ୍ଧି ଓ ପଢ଼ାପଢ଼ି' ବିଷୟ ଉପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପ୍ରତିଦିନ କିଛି ସମୟ ପଢ଼ିବା ଦ୍ୱାରା ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍‌ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରିବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ କିଛି ସମୟ ପଢୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଉଥିବାର ସେମାନେ ଜାଣିବାକୁ ପାଇଥିଲେ।

## ସ୍ୱାସ୍ଥ୍ୟ ସୂଚନା

➢ବ୍ରେକ୍‌ଫାଷ୍ଟ ଖାଦ୍ୟ ତାଲିକାରେ ତଟକା ଫଳମୂଳ, ଜୁସ୍‌ ସାମିଲ କରନ୍ତୁ। ନିୟମିତ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ।

➢ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

➢କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ହେଲେ ସେପରି କରନ୍ତୁ ନାହିଁ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍‌ ସମୟରେ ଖାଦ୍ୟ ଖାଆନ୍ତୁ।



➢ପ୍ରତିଦିନ କିଛି ସମୟ ଶିଡ଼ିରେ ଯିବା ଆସିବା କରନ୍ତୁ। କିନ୍ତୁ ଯଦି ଆପଣଙ୍କ ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି ତେବେ ଶିଡ଼ି କମ୍‌ ବ୍ୟବହାର କରନ୍ତୁ।

➢ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହାଦ୍ୱାରା ମାନସିକ ଶାନ୍ତି ମିଳିଥାଏ। ଏ ବିଷୟରେ ଭଲ ଭାବରେ ଜାଣିବାକୁ ଅଭିଜ୍ଞ ଯୋଗ ପ୍ରଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ।

➢ଶୋଇବାକୁ ଯିବା ପୂର୍ବରୁ ଗୋଡ଼କୁ ଭଲ ଭାବରେ ଧୁଅନ୍ତୁ। ରାତ୍ରିଭୋଜନ କରିବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ।

➢ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍‌ ଖାଇବେ ତାହା ସେତେ ଭଲ।

➢ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ଦେଶରେ ୫-ଜି ନେଟ୍‌ୱର୍କରେ ଜିଓର ଭାଗ ୮୫%’

ଭୁବନେଶ୍ୱର,୨୯।୧୦

ଦେଶରେ ୫-ଜିର ଶୁଭାରମ୍ଭର ଗୋଟିଏ ବର୍ଷ ମଧ୍ୟରେ ରିଲାଏନ୍ସ ଜିଓ ମାଧ୍ୟମରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ପହଞ୍ଚିପାରିଛି। ବର୍ଷକ ମଧ୍ୟରେ ସେକେଣ୍ଡ ପ୍ରତି ଗୋଟିଏ ହାରରେ ରିଲାଏନ୍ସ ଜିଓ ଦେଶରେ ପ୍ରାୟ ୧୦ ଲକ୍ଷ ୫-ଜି ସେଲ୍ ସ୍ଥାପନ କରିଛି। ଦେଶର ମୋଟ ୫-ଜି ନେଟ୍‌ୱର୍କର ୮୫ ପ୍ରତିଶତ ରିଲାଏନ୍ସ ଜିଓ ସ୍ଥାପନ କରିଛି । ଇଣ୍ଡିଆ ମୋବାଇଲ କଂଗ୍ରେସକୁ ସମ୍ବୋଧିତ କରି ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ ଏହି ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ବିଷୟରେ ଆଲୋଚନାକରି ଆକାଶ କହିଛନ୍ତି, ଭାରତକୁ ହାଇଟେକ୍ ମାଧ୍ୟମରେ ଆତ୍ମନିର୍ଭର କରିବା ପାଇଁ ରିଲାଏନ୍ସ ଜିଓ ପ୍ରୟାସ କରୁଛି। ଜିଓର ପ୍ରତିଶତ ୫-ଜି ନେଟ୍‌ୱର୍କ ନିଜସ୍ୱ ୫ଜି ଷ୍ଟାକ୍‌ରେ କାର୍ଯ୍ୟ କରୁଛି ଯାହାକୁ ସମ୍ପୂର୍ଣ୍ଣ ରୂପେ ଭାରତୀୟମାନେ ପ୍ରସ୍ତୁତ ଓ ବିକଶିତ କରିଛନ୍ତି। ୧୨ କୋଟିରୁ ଅଧିକ ୫-ଜି ଗ୍ରାହକଙ୍କ ସହ ବର୍ତ୍ତମାନ ୫-ଜି କ୍ଷେତ୍ରରେ ଭାରତ ବିଶ୍ୱର ଶ୍ରେଷ୍ଠ ୩ ଦେଶ ମଧ୍ୟରୁ ଅନ୍ୟତମ ହୋଇପାରିଛି। ବିଶ୍ୱର ସବୁଠୁ ଉଚ୍ଚ ଷ୍ଟାର୍ଟ୍ୟୁ ଅଫ୍ ୟୁନିଟି ବିଷୟରେ ଆଲୋଚନାକରି ଆକାଶ କହିଛନ୍ତି, ଔଦ୍ୟୋଗିକ ଶକ୍ତି ଜରିଆରେ ଆମେ ଏକ ଡିଜିଟାଲ ଷ୍ଟାଚ୍ୟୁ ଅଫ୍ ୟୁନିଟି ସ୍ଥାପନ କରିବୁ ବୋଲି ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଉଛୁ ।

ଯାହା ଭାରତକୁ ଔଦ୍ୟୋଗିକ ଓ ସଂଯୋଗର ଶକ୍ତିରେ ସବୁଠୁ ସମୃଦ୍ଧ, ବୈଷୟିକ ଦୃଷ୍ଟିରୁ ଉନ୍ନତ, ଅନ୍ତର୍ଭୁକ୍ତ ଓ ସାମଞ୍ଜସ୍ୟପୂର୍ଣ୍ଣ ରାଷ୍ଟ୍ରରେ ପରିଣତ କରିବା ସ୍ୱପ୍ନକୁ ସାକାର କରିବ । ଆଇଏମ୍‌ସିରେ ସମସ୍ତ ଯୁବ ଡିଜିଟାଲ ଉଦ୍ୟୋଗୀ, ଯୁବ ଡିଜିଟାଲ ନବସୃଜନକାରୀ ଓ ଯୁବ ଡିଜିଟାଲ ଷ୍ଟାର୍ଟଅପ୍‌ମାନଙ୍କ ତରଫରୁ ଭାରତର ଅମୃତ କାଳରେ ଏହି ସ୍ୱପ୍ନ ସାକାର କରିବା ଲାଗି ପ୍ରୟାସ କରିବେ ବୋଲି ସେ କହିଛନ୍ତି।

# ରେନ୍‌ବୋ ଚିଲ୍ଡ୍ରେନ୍ସ ହସ୍ପିଟାଲର ସଫଳତା



## ଏକ୍‌ମୋ ଚିକିତ୍ସା ବଞ୍ଚାଇଲା ୧୮ ମାସ ଶିଶୁର ଜୀବନ

ଭୁବନେଶ୍ୱର,୨୯।୧୦ (ଅନୁରାଧା ମହାରଣା)

ନିମୋନିଆ ଓ ଆକ୍ୟୁଟ୍ ରେସ୍ପିରେଟୋରି ଡିସ୍‌ଷ୍ଟ୍ରେସ୍ ସିଣ୍ଡ୍ରୋମ୍(ଏଆର୍‌ଡିଏସ୍)ରେ ପୀଡ଼ିତ ଜଣେ ୧୮ ମାସର ଶିଶୁର ଜୀବନ ବଞ୍ଚାଇ ହାଇଦ୍ରାବାଦସ୍ଥିତ ରେନ୍‌ବୋ ଚିଲ୍ଡ୍ରେନ୍ସ ହସ୍ପିଟାଲ ଏକ ନୂଆ ସଫଳତା ହାସଲ କରିଛି। ଗୋଆର ଏହି ଶିଶୁଟି ଗୁରୁତର ଥିବାବେଳେ ପ୍ରାୟ ସପ୍ତାହେ ଧରି ରେସ୍ପିରେଟୋରି ସପୋର୍ଟରେ ରହିଥିଲା। ଏକ୍‌ମୋ ଚିକିତ୍ସା ଶିଶୁର ଜୀବନ ବଞ୍ଚାଇବାର ଏକମାତ୍ର ମାଧ୍ୟମ ହୋଇଥିବାବେଳେ ହସ୍ପିଟାଲର ଡାକ୍ତର ଓ କର୍ମଚାରୀଙ୍କ ପ୍ରଚେଷ୍ଟାରେ ଶିଶୁଟି ନୂଆ ଜୀବନ ଫେରିପାଇଛି। ଇଣ୍ଟେନ୍‌ସିଭ୍ କେୟାର ସର୍ଭିସ୍‌ର ନିର୍ଦ୍ଦେଶକ ଡା. ଦିନେଶ କୁମାର ଚିରାଲାଙ୍କ କହିବାନୁସାରେ ଶିଶୁଟି ସମ୍ପର୍କରେ ସୂଚନା ପାଇବା ମାତ୍ରେ ହସ୍ପିଟାଲର ଶିଶୁ ବିଭାଗର ବିଶେଷଜ୍ଞ, ଏକ୍‌ମୋ ଚିକିତ୍ସାର ତାଲିମପ୍ରାପ୍ତ ପରଫ୍ୟୁଜୋନିଷ୍ଟ ଏବଂ ତାଲିମ ପ୍ରାପ୍ତ ନର୍ସଙ୍କ ସମେତ ବାୟୋମେଡିକାଲ ଏବଂ ଆଇସିଏଟିଟି ଟିମ୍ ଗୋଆ ହସ୍ପିଟାଲରେ ପହଞ୍ଚି ଏକ୍‌ମୋ ଚିକିତ୍ସା ଆରମ୍ଭ କରିବା ସହ ପିଲାଟିକୁ ରେନବୋ’ ଚିଲ୍ଡ୍ରେନ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ନ୍ୟୁନାଟୋଲୋଜିଷ୍ଟ ଡା. କପିଲ ବି ସଚାନେ ଓ ଡା. ସାଇରାମଙ୍କ ନେତୃତ୍ୱରେ ଶିଶୁଟିକୁ ସ୍ଥାନାନ୍ତରିତ କରାଯାଇଥିଲା। ପୂରା ଟିମ୍‌ର ୨୪ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ଫଳରେ ଶିଶୁଟି ଜୀବନ ଫେରିପାଇଥିବା ସେ କହିଛନ୍ତି। ଏକ୍‌ମୋ ଚିକିତ୍ସା ପ୍ରଦାନ ନେଇ ନିଷ୍ପତ୍ତି ନିଆଯିବାର ୪ ଘଣ୍ଟା ମଧ୍ୟରେ ପୂରା ଟିମ୍ ଗୋଆରେ ପହଞ୍ଚିବା ସହ ମାତ୍ର ୬ ଘଣ୍ଟା ମଧ୍ୟରେ ଏକ୍‌ମୋ ଚିକିତ୍ସା ଆରମ୍ଭ ହୋଇଯାଇଥିଲା। ତେବେ ଦେଶରେ ଏପରି ଚିକିତ୍ସା ପ୍ରଦାନରେ ଏହା ପ୍ରଥମ ଘଟଣା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏହି ସଫଳତାରେ ଡା. ଫରାନ୍ ଶେଖ୍, ଡା. ଅନୁପମା ୟେରା, ଡା. ରମେଶ କଞ୍ଚରଲ ପ୍ରମୁଖ ଆନନ୍ଦ ବ୍ୟକ୍ତ କରିଛନ୍ତି।

# କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ ବ୍ରେନ୍ ଷ୍ଟ୍ରୋକ୍ ଦିବସ ପାଳିତ



ଭୁବନେଶ୍ୱର,୨୯।୧୦

କେୟାର ହସ୍ପିଟାଲ ପକ୍ଷରୁ ବିଶ୍ୱ ବ୍ରେନ୍ ଷ୍ଟ୍ରୋକ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ପଦଯାତ୍ରା କରାଯାଇଥିଲା। ବ୍ରେନ୍ ଷ୍ଟ୍ରୋକର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ସାଧାରଣ ଲୋକଙ୍କୁ ବ୍ରେନ ଷ୍ଟ୍ରୋକ୍ ବିଷୟରେ ହସ୍ପିଟାଲର କର୍ମଚାରୀମାନେ ଲିଫ୍‌ଲେଟ ଓ ପ୍ଲାକାର୍ଡ ମାଧ୍ୟମରେ ସଚେତନ କରାଇଥିଲେ । ଏହି ଅବସରରେ ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ବ୍ରେନ୍ ଷ୍ଟ୍ରୋକ ଠାରୁ ବର୍ତ୍ତିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟପେୟ ଓ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବା ସହିତ ପ୍ରତିଦିନ ବ୍ୟାୟାମ କରିବା ପାଇଁ ପରାମର୍ଶ ଦେଇଥିଲେ। କେୟାର ଭୁବନେଶ୍ୱର ଶାଖା ଏସିଓଓ କ୍ରିଶଲେୟ ଆନନ୍ଦ ପ୍ରତିଦିନ ଚାଲିବା ଆମ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ସେ ସମ୍ପର୍କରେ କହିବା ସହିତ ସାଧାରଣ ଲୋକଙ୍କୁ ବିଭିନ୍ନ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ଆୟୋଜନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସେହିପରି ଡ.ଲୋକନାଥ ଦାଶ ବ୍ରେନ୍ ଷ୍ଟ୍ରୋକ ଚିକିତ୍ସା ପାଇଁ କେୟାର ହସ୍ପିଟାଲରେ ଉପଲବ୍ଧ ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ନାୟୁରୋଗ ବିଶେଷଜ୍ଞ ଡା. ଶୁଭ୍ରାଂଶୁ ଶେଖର ଜେନା, ଡା. ମିତାଲି କର, ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ସୁଶାନ୍ତ ଦାଶ, ଡା.ଦୀପକ ପରିଡ଼ା, ଡା. ଆତ୍ମରଞ୍ଜନ ଦାଶ , ଡ.ଲୋକନାଥ ଦାଶ (ଏଭିପି,ବିଡି)ଙ୍କ ସମେତ ଅନେକ ଜନସାଧାରଣ ସାମିଲ ହୋଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility•Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

BUSINESS
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଂଗ୍ରେସରେ ଯୋଗଦେଲେ ଜଳେଶ୍ୱରର ପୂର୍ବତନ ବିଧାୟକ ଦେବୀ ଚାନ୍ଦ

ଭୁବନେଶ୍ୱର, ୨୯।୧୦(ସୁନିତ୍ ମିଶ୍ର)

ଜଳେଶ୍ୱରର ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ଚାନ୍ଦ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଦଳରେ ଯୋଗ ଦେଇଛନ୍ତି। ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଓ ପ୍ରାକ୍ତନ୍ ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ପିସିସି ସଭାପତିଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଚାନ୍ଦ କଂଗ୍ରେସରେ ସାମିଲ ହୋଇଥିବା କହିଛନ୍ତି। ପିସିସି ସଭାପତି ଦଳର ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଚାନ୍ଦଙ୍କୁ ଦଳରେ ସାମିଲ କରିଛନ୍ତି। ସେହିପରି ଭାଜପା ନେତ୍ରୀ ତଥା ଜଳେଶ୍ୱର ପୌରପରିଷଦର ପ୍ରାକ୍ତନ୍ ଉପାଧ୍ୟକ୍ଷା ସୁମିତ୍ରା ଦାସ ମହାପାତ୍ର ଓ ପ୍ରାକ୍ତନ୍ ସମିତି ସଭ୍ୟ ମାନସ ଦାସ ମହାପାତ୍ର ମଧ୍ୟ କଂଗ୍ରେସରେ ଯୋଗ ଦେଇଛନ୍ତି। ଏମାନେ କଂଗ୍ରେସରେ ଯୋଗଦେବା ଫଳରେ ଜଳେଶ୍ୱର ତଥା ବାଲେଶ୍ୱର ନିର୍ବାଚନମଣ୍ଡଳୀରେ କଂଗ୍ରେସ ଆହୁରି ସୁଦୃଢ଼ ହୋଇପାରିବ ବୋଲି ପିସିସି ସଭାପତି କହିଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।



# ‘ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ବାର୍ତ୍ତା ଲୋକଙ୍କୁ ପ୍ରଭାବିତ କରୁଛି’



ଭୁବନେଶ୍ୱର, ୨୯।୧୦(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱରଠାରେ ଦଳର କାର୍ଯ୍ୟକର୍ତ୍ତାଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ର ୧୦୬ତମ ଅଧ୍ୟାୟ ଶୁଣିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଖଦି ବସ୍ତ୍ରର ଲୋକପ୍ରିୟତା, ପାର୍ବଣ ଋତୁରେ ଭୋକାଲ ଫର୍ ଲୋକାଲକୁ ପ୍ରାଥମିକତା, ଆତ୍ମନିର୍ଭର ଭାରତ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ସ୍ଥାପିତ ହେବାକୁ ଥିବା ଅମୃତ ବାଟିକା ତଥା ଅନେକ ସଚେତନ ଏବଂ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି। ଏହା ଲୋକଙ୍କୁ ସକାରାତ୍ମକ ଭାବେ ପ୍ରଭାବିତ କରୁଛି। ଏସୀୟ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ଉଲ୍ଲେଖନୀୟ ସଫଳତା, ଜନଜାତି ସଂଗ୍ରାମୀଙ୍କ ସମୃଦ୍ଧ ଇତିହାସ, ମହିଳା ସଶକ୍ତୀକରଣ, ୱେଷ୍ଟ ଟୁ ହେଲ୍‌ଥ ଏବଂ ସର୍ବୋପରି ସାଧାରଣ ନାଗରିକଙ୍କ ଅସାଧାରଣ କାହାଣୀ ଉପରେ ଚର୍ଚ୍ଚା ଦେଶବାସୀଙ୍କୁ ଅନୁପ୍ରାଣିତ କରିଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଏହି ପାର୍ବଣ ଋତୁରେ ଆମେ ସମସ୍ତେ ମେକ୍ ଇନ୍ ଇଣ୍ଡିଆ ଏବଂ ଭୋକାଲ ଫର୍ ଲୋକାଲକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ସମେତ ଦେଶବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି। ମାଇଁ ଭାରତ ସଙ୍ଗଠନ ଭାରତର ଯୁବକମାନଙ୍କ ରାଷ୍ଟ୍ର ନିର୍ମାଣର ବିଭିନ୍ନ କାର୍ଯ୍ୟକ୍ରମରେ ନିଜର ସକ୍ରିୟ ଭୂମିକା ତୁଲାଇବାର ବଡ଼ ସୁଯୋଗ ଦେଇଛି। ଏହା ବିକଶିତ ଭାରତ ନିର୍ମାଣରେ ଯୁବଶକ୍ତିଙ୍କୁ ଏକଜୁଟ କରିବାର ଅନନ୍ୟ ପ୍ରୟାସ। ଦେଶର ଯୁବବର୍ଗ ମାଇଁଭାରତ.ଜିଓଭି.ଇନ୍‌ରେ ପଞ୍ଜୀକରଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଡ଼ିହେବେ ବୋଲି ଧର୍ମେନ୍ଦ୍ର ଟୁଇଟ୍ କରିଛନ୍ତି।


# Classified Everyday 0674-2580101, 2549949


REAL ESTATE
SALE

Available plots 500/- sqft. 30ft road, Electricity, Backside SOG, Chandaka, Bhubaneswar-8917439982. D-75253

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – 9658562429. D-75239

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

Duplex sale adjacent Retang Medical, C.V. Raman, Tamando, Bhubaneswar@57,00,000/-, 9938368479. D-75248

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – 9437205314, 9937513595. D-75243

ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା’ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656




Newly open SPA positively health benefit with expert. Contact: 7749976301. D-1681

All types of professional body massage by professional therapy. Contact7077933109, 9556924059, 8658803018. D-1669

Newly open health benefits Spa special offer @999. Contact: 7749034655. D-75166

Full body massage by expert therapist positively health benefits. 7381172169. D-75165

Body spa / saloon by expert therapist, Puja Offer @999/-. 9938843929. D-75163

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ନମିତା ପଟ୍ଟନାୟକ
ସ୍ଥାନ: ମହତାବ ନଗର, କୁଦିଆରୀ, ଜଟଣୀ ଖୋର୍ଦ୍ଧା
ଯୋଗାଯୋଗ-୯୮୬୧୦୬୫୯୮୬
ଆବିର୍ଭାବ: ୦୨।୦୫।୧୯୪୨
ତିରୋଧାନ: ୨୨।୧୦।୨୦୨୧
କାଳର କରାଳ ଗତିରେ ତୁମେ ଆମ୍ଭମାନଙ୍କୁ ଚିରଦିନ ପାଇଁ ଛାଡି ଚାଲିଗଲା ଏହାରି ମଧ୍ୟରେ ଦୁଇ ବରଷ ବିତିଗଲାଣି। ସଶରୀରେ ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ମା’ ତଥାପି ଆପଣଙ୍କ ସ୍ନେହ, ଭଲପାଇବା, ନୀତି, ଆଦର୍ଶ ଓ ତ୍ୟାଗ ଆମମାନଙ୍କ ଜୀବନରେ ଚିର ସ୍ମରଣୀୟ ହୋଇ ରହିଛି ଏବଂ ରହିବ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ- ସତ୍ୟନାରାୟଣ ପଟ୍ଟନାୟକ, ବଡ଼ପୁଅ- ଭୁବନମୋହନ, ମଦନମୋହନ, ରାଧାମୋହନ, ବୋହୂ- ରୋଜି, ମୁନୁ, ମିଲି, ଝିଅ- ଜ୍ୟୋତି, ଜ୍ୱାଇଁ- ଦେବ, ନାତି- ଡ. ସିଦ୍ଧାର୍ଥ, ଡ. ପ୍ରୀତମ, ସାଇ, ନାତୁଣୀ- ଡ. ସୁଶ୍ରୀ ମାନସୀ, ମନୀଷା, ନାତୁଣୀ ବୋହୂ, ଅଣନାତୁଣୀ କସିଷ ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୧୬୮୫

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁପ୍ରଭା ନଳିନୀ ସାହୁ
ରାଜାବଜାର, ଜଟଣୀ
ଆବିର୍ଭାବ: ତା୩।୦୩।୧୯୫୬
ତିରୋଧାନ: ତା୨୦।୧୦।୨୦୨୩
ଆପଣଙ୍କ ଅନୁପସ୍ଥିତି ଆମ୍ଭେ ସଦାସର୍ବଦା ଅନୁଭବ କରୁଛୁ। ଆପଣଙ୍କ ପରିବାର ପ୍ରତି ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ଝିଅ, ବୋହୂ, ଜାମାତା, ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ
ଧ-୧୬୫୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ମିନାମଣୀ ସାହୁ
ଆବିର୍ଭାବ : ୦୩.୦୩.୧୯୫୪ | ତିରୋଧାନ : ୧୧.୧୦.୨୦୨୨
(ଡିଆଡ଼ିସାହି, ପୁରୀ)
ଚାହୁଁ ଚାହୁଁ ଏକ ବର୍ଷ ପୁରିଗଲା । କିନ୍ତୁ ଆମେ ତୋ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମର ସର୍ବଦା ମନେପଡ଼ୁଛି । ତୁ ଯେଉଁଠି ବି ଥାଆ, ଭଲରେ ଥାଆ । ତୋର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
-: ଶୋକସନ୍ତପ୍ତ ପରିବାର :-
ପୁଅ-ବିପ୍ଳବ କୁମାର ସାହୁ, ଦୀପକ କୁମାର ସାହୁ, ଝିଅ-କଳ୍ପନା ସାହୁ, ଜ୍ୱାଇଁ- ଡଃ ନରୋତ୍ତମ ସାହୁ, ବୋହୂ-ଶୁଭଲକ୍ଷ୍ମୀ ସାହୁ, ନାତି/ନାତୁଣୀ- କୁନାଲ, ପ୍ରିୟଙ୍କା, ହର୍ଷୀଲ, ପ୍ରିୟାଂଶୁ ।
ଧ-୭୪୫୯୫


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।








# ଶୀର୍ଷକୁ ଫେରିଲା ଭାରତ

## କ୍ରମାଗତ ଷଷ୍ଠ ବିଜୟ



ଜୋ ରୁଟ୍‌ଙ୍କ ଉଇକେଟ ନେବାପରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।

**ଲକ୍ଷ୍ନୌ, ୨୯।୧୦**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଟିମ୍ ଇଣ୍ଡିଆର ବିଜୟ ଧାରା ଅବ୍ୟାହତ ରହିଛି। ପୂର୍ବରୁ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡକୁ ହରାଇଥିବା ଭାରତ ରବିବାର ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ୧୦୦ ରନରେ ହରାଇ ଅପରାଜେୟ ରହିଛି। ଇକାନା କ୍ରିକେଟ ଷ୍ଟାଡିୟମର ବୋଲିଂ ଫ୍ରେଣ୍ଡଲୀ ପିଚ୍‌ରେ ଅଧିନାୟକ ରୋହିତ ଶର୍ମାଙ୍କ ସ୍ୱତନ୍ତ୍ର ଇନିଂସ ପରେ ବୋଲରଙ୍କ ମିଳିତ ସଫଳତା ବଳରେ ଭାରତ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିବାରେ ସକ୍ଷମ ହୋଇଛି। ଫଳରେ ୧୨ ପଏଣ୍ଟ ସହିତ ଘରୋଇ ଦଳ ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିବା ସହ ସେମିଫାଇନାଲର ନିକଟତର ହୋଇଛି। ଅନ୍ୟପକ୍ଷରେ ଇଂଲଣ୍ଡ ୬ ମ୍ୟାଚରୁ ୫ମ ପରାଜୟ ବରଣ କରିଛି। ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୨୨୯ ରନ କରିଥିଲା। ଜବାବରେ ଇଂଲଣ୍ଡ ୩୪.୫ ଓଭରରେ ୧୨୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ରୋହିତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଭାରତ। ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲ୍ ଯଦିଓ ସତର୍କତାର ସହ ଇନିଂସ ଆରମ୍ଭ କରି ୪ ଓଭରରେ ୨୬ ରନ ସଂଗ୍ରହ କରିଥିଲେ ତେବେ ମାତ୍ର ୧ ରନ ବ୍ୟବଧାନରେ ୨ଟି ଉଇକେଟର ପତନ ଘରୋଇ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ଶୁବମନ ଗିଲ୍ ୯ ରନରେ ଆଉଟ ହୋଇଥିବାବେଳେ ଫର୍ମରେ ଥିବା ବିରାଟ କୋହଲି ଖାତା ଖୋଲି ନ ପାରିବା ଦଳକୁ ଚିନ୍ତାରେ ପକାଇଥିଲା। ଗିଲ୍‌ଙ୍କୁ କ୍ଲିନ୍ ବୋଲ୍ଡ କରି କ୍ରିସ୍ ୱୋକ୍ସ ଭାରତକୁ ପ୍ରଥମ ଝଟ୍‌କା ଦେଇଥିବାବେଳେ କୋହଲିଙ୍କ ପ୍ରାଇଜ୍ ଉଇକେଟ ପାଇଥିଲେ ଡାଭିଡ ୱିଲି। କୋହଲି ଚଳିତ ବର୍ଷ ପ୍ରଥମଥରପାଇଁ ଡକ୍ (୦)ରେ ଆଉଟ ହୋଇଥିଲେ। ଶ୍ରେୟସ ଆୟାର ମଧ୍ୟ ମାତ୍ର ୪ ରନକରି ୱୋକ୍ସଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଫଳରେ ୪୦ ରନ ମଧ୍ୟରେ ଭାରତର ୩ଟି ଉଇକେଟ ପଡ଼ି ଯାଇଥିଲା। ରୋହିତ ଓ ଲୋକେଶ ରାହୁଲ ଚାପର ବଶବର୍ତ୍ତୀ ନ ହୋଇ ଇନିଂସ ସମ୍ଭାଳିଥିଲେ। ଇତିମଧ୍ୟରେ ରୋହିତ ବିଶ୍ୱକପରେ କ୍ୟାରିୟରର ୧୨ଶ ଅର୍ଦ୍ଧଶତକ ପୂରଣ କରିଥିଲେ। ବିଶ୍ୱକପରେ ସର୍ବାଧିକ ଅର୍ଦ୍ଧଶତକ ହାସଲ କ୍ଷେତ୍ରରେ ସେ ଭାରତର ବିରାଟ କୋହଲି, ବାଂଲାଦେଶର ଶାକିବ ଅଲ୍ ହାସନ ଓ ଶ୍ରୀଲଙ୍କାର କୁମାର ସଙ୍ଗକାରାଙ୍କ ସମକକ୍ଷ ହୋଇଥିଲେ। ୪ର୍ଥ ଉଇକେଟରେ ୧୧୧ ବଲ୍‌ରୁ ୯୧ ରନ ସଂଗ୍ରହ ପରେ ରାହୁଲଙ୍କୁ ଆଉଟ କରି ଇଂଲଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ ୱିଲି। ରାହୁଲ ୫୮ ବଲ୍‌ରୁ ୩୯ (୩ ଚୌକା) ରନ ସଂଗ୍ରହ କରିଥିଲେ। ସୂର୍ଯ୍ୟକୁମାରଙ୍କ ସହ ଇନିଂସକୁ ଆଗେଇ ନେଇ ରୋହିତ ଶତକର ନିକଟତର ହୋଇଥିଲେ। ତେବେ ସେ ତିନିଅଙ୍କ ସ୍ୱର୍ଣ୍ଣଠାରୁ ୧୩ ରନ ଦୂରରେ ଥିବାବେଳେ ଆଡିଲ ରଶିଦଙ୍କ ବଲ୍‌ରେ ଡିପ୍ ମିଡ୍ ଉଇକେଟରେ ଲିଆମ ଲିଭିଂଷ୍ଟୋନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୧୦୧ ବଲ୍‌ରୁ ୮୭ ରନ ସଂଗ୍ରହ କରିଥିବା ରୋହିତ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୩ ଛକା ମାରିଥିଲେ। ରବୀନ୍ଦ୍ର ଜାଡେଜା ୮ ଓ ଭାରତର ଶେଷ ଆଶା ସୂର୍ଯ୍ୟକୁମାର ଯାଦବ ୪୯ (୪୭ ବଲ, ୪ ଚୌକା, ୧ ଛକା) ରନକରି ଆଉଟ ହେବାରୁ ଭାରତର ବଡ଼ ସ୍କୋର ସମ୍ଭବ ହୋଇ ନ ଥିଲା। ଇଂଲଣ୍ଡ ପକ୍ଷରୁ ଡେଭିଡ ୱିଲି ୩ଟି, କ୍ରିସ୍ ୱୋକ୍ସ ଓ ଆଡିଲ ରଶିଦ ୨ଟି ଲେଖାଏ ଏବଂ ମାର୍କ ଉଡ୍ ଗୋଟିଏ ଉଇକେଟ ନେଇଥିଲେ।

୨୩୦ ରନ ବିଜୟ ଲକ୍ଷ୍ୟରେ ଇଂଲଣ୍ଡର ଆରମ୍ଭ ଭଲ ହୋଇଥିଲା। ଦୁଇ ଓପନର ୨୯ ବଲ୍‌ରୁ ୩୦ ରନ ସଂଗ୍ରହ କରିଥିଲେ। ତେବେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ଶାମି ଘାତକ ବୋଲିଂ କରି ୯ ରନ ବ୍ୟବଧାନରେ ୪ ଉଇକେଟ ନେଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦୁହେଁ କୌଣସି ଫିଲ୍ଡରଙ୍କ ସହାୟତା ମଧ୍ୟ ନେଇ ନ ଥିଲେ। ନିଜର ୩ୟ ଏବଂ ଇନିଂସର ୫ମ ଓଭରର ୫ମ ଓ ୬ଷ୍ଠ ବଲ୍‌ରେ ଯଥାକ୍ରମେ ଦାୱିଦ ମଲନ ଓ ଜୋ ରୁଟ୍‌ଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ ବୁମ୍‌ରା। ମଲନ ବୋଲ୍ଡ ଓ ରୁଟ୍ ଏଲବିଡବ୍ଲ୍ୟୁ ହୋଇଥିଲେ। ଶାମି ମଧ୍ୟ ପଛରେ ପଡ଼ି ନ ଥିଲେ। ସେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ଡକ୍ (୦) ଓ ସେଟ୍ ହୋଇ ଆସୁଥିବା ଜନି ବେୟାରଷ୍ଟୋ (୧୪ ରନ)ଙ୍କୁ କ୍ଲିନ୍ ବୋଲ୍ଡ କରି ଭାରତୀୟ ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। ଉଭୟ ବୁମ୍‌ରା ଓ ଶାମି ଗୋଟିଏ ଲେଖାଏ ମେଡେନ ମଧ୍ୟ ନେଇଥିଲେ। ଚାପର ବଶବର୍ତ୍ତୀ ହୋଇ ଯାଇଥିବା ଅଧିନାୟକ ଜୋଶ୍ ବଟଲର ମଧ୍ୟ ଫେଲ୍ ମାରିଥିଲେ। ସେ ୨୩ ବଲ୍‌ରୁ ମାତ୍ର ୧୦ ରନ କରିଥିବାବେଳେ କୁଲଦୀପ ଯାଦବଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଷ୍ଟ୍ରାଇକ୍ ରୋଟେଟ୍ କରି ନ ପାରିବା ଏବଂ ଅନେକ ଡଟ୍‌ବଲ୍ ଖେଳିବା ଇଂଲଣ୍ଡ ପାଇଁ ମହଙ୍ଗା ପଡ଼ିଥିଲା। ୨୪ତମ ଓଭରର ପ୍ରଥମ ବଲ୍‌ରେ ମୋଇନ୍ ଅଲୀ (୧୫)ଙ୍କୁ ଆଉଟ କରି ଶାମି ତୃତୀୟ ସଫଳତା ପାଇଥିଲେ। ଫଳରେ ଇଂଲଣ୍ଡ ସ୍କୋର ୮୧/୬ ହୋଇ ଯାଇଥିଲା। ପରାଜୟ ମୁହାଁ ହୋଇ ସାରିଥିବା ଇଂଲଣ୍ଡ ଇନିଂସକୁ ଆଗେଇ ନେବାକୁ ଲିଆମ ଲିଭିଂଷ୍ଟୋନ ଓ କ୍ରିସ୍ ୱୋକ୍ସ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ଲିଭିଂଷ୍ଟୋନ ସର୍ବାଧିକ ୨୭ ରନକରି କୁଲଦୀପଙ୍କ ଦ୍ୱିତୀୟ ଶିକାର ବନିଥିଲେ। କ୍ରିସ୍ ୱୋକ୍ସଙ୍କୁ ରବୀନ୍ଦ୍ର ଜାଡେଜା, ଆଡିଲ ରଶିଦଙ୍କୁ ଶାମି ଓ ମାର୍କ ଉଡ୍‌ଙ୍କୁ ବୁମ୍‌ରା ଆଉଟ କରି ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ। ଇଂଲଣ୍ଡ ଇନିଂସ ୩୪.୫ ଓଭରରେ ଶେଷ ହୋଇ ଯାଇଥିଲା। ଭାରତ ପକ୍ଷରୁ ଶାମି ସର୍ବାଧିକ ୪ଟି, ବୁମ୍‌ରା ୩ଟି, କୁଲଦୀପ ୨ଟି ଓ ଜାଡେଜା ଗୋଟିଏ ଉଇକେଟ ନେଇଥିଲେ।



ଭାରତ-ଇଂଲଣ୍ଡ ମ୍ୟାଚ ଅବସରରେ ଦର୍ଶକରେ ଭରପୂର ଲକ୍ଷ୍ନୌ ଷ୍ଟାଡିୟମ।

### ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-କ-ଲିଭିଙ୍ଗଷ୍ଟୋନ୍-ବୋ- ଆଦିଲ ରଶିଦ-୮୭
ଶୁବମନ ଗିଲ୍-ବୋ-କ୍ରିସ ଓକ୍ସ-୯
କୋହଲି-କ-ଷ୍ଟୋକ୍ସ-ବୋ-ୱିଲି-୦
ଶ୍ରେୟସ ଆୟର-କ-ମାର୍କ ଉଡ୍-ବୋ-ଓକ୍ସ-୪
କେ.ଏଲ୍. ରାହୁଲ-କ-ବେୟାରଷ୍ଟୋ-ବୋ-ୱିଲି-୩୯
ସୂର୍ଯ୍ୟକୁମାର-କ- ଓକ୍ସ-ବୋ-ୱିଲି-୪୯
ଜାଡେଜା-ଏଲବିଡବ୍ଲ୍ୟୁ-ଆଦିଲ ରଶିଦ-୮
ଶାମି-କ-ବଟଲର-ବୋ-ମାର୍କ ଉଡ୍-୧
ଯଶପ୍ରୀତ ବୁମ୍‌ରା-ରନ ଆଉଟ-୧୬
କୁଲଦୀପ ଯାଦବ- ନଟ ଆଉଟ-୯
ଅତିରିକ୍ତ-୭
**ମୋଟ:** (୫୦ ଓଭର/୯ଉଇକେଟ) ୨୨୯।
**ଉଇକେଟ ପତନ:** ୧/୨୬, ୨/୨୭, ୩/୪୦, ୪/୧୩୧, ୫/୧୬୪, ୬/୧୮୨, ୭/୧୮୩, ୮/୨୦୮, ୯/୨୨୯।
**ବୋଲିଂ (ଇଂଲଣ୍ଡ)**
ଡେଭିଡ୍ ୱିଲି ୧୦-୨-୪୫-୩
କ୍ରିସ୍ ଓକ୍ସ ୯-୧-୩୩-୨
ଆଦିଲ ରଶିଦ ୧୦-୦-୩୫-୨
ମାର୍କ ଉଡ୍ ୯-୧-୪୬-୧
ଲିଆମ ଲିଭିଂଷ୍ଟୋନ୍ ୪-୧-୨୯-୦
ମୋଇନ ଅଲି ୮-୦-୩୭-୦।

**ଇଂଲଣ୍ଡ ଇନିଂସ**
ଜନି ବେୟାରଷ୍ଟୋ-ବୋ-ଶାମି-୧୪
ଦାୱିଦ ମଲନ-ବୋ-ବୁମ୍‌ରା-୧୬
ଜୋ ରୁଟ୍-ଏଲବିଡବ୍ଲ୍ୟୁ-ବୁମ୍‌ରା-୦
ବେନ ଷ୍ଟୋକ୍ସ-ବୋ-ଶାମି-୦
ଜୋଶ ବଟଲର-ବୋ-କୁଲଦୀପ-୧୦
ମୋଇନ ଅଲି-କ-ରାହୁଲ-ବୋ-ଶାମି-୧୫
ଲିଆମ ଲିଭିଙ୍ଗଷ୍ଟୋନ୍-ଏଲବିଡବ୍ଲ୍ୟୁ-କୁଲଦୀପ-୨୭
କ୍ରିସ୍ ଓକ୍ସ-ଷ୍ଟମ୍ପ-ରାହୁଲ-ବୋ-ଜାଡେଜା-୧୦
ଡେଭିଡ୍ ୱିଲି-୧୬
ଆଦିଲ ରଶିଦ-ବୋ-ଶାମି-୧୩
ମାର୍କ ଉଡ୍-ବୋ-ବୁମ୍‌ରା-୦
ଅତିରିକ୍ତ:୮
**ମୋଟ:** (୩୪.୫ ଓଭର/ଅଲଆଉଟ) ୧୨୯।
**ଉଇକେଟ ପତନ:** ୧/୩୦, ୨/୩୦, ୩/୩୩, ୪/୩୯, ୫/୫୨, ୬/୮୧, ୭/୯୮, ୮/୯୮, ୯/୧୨୨,୧୦/୧୨୯।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୬.୫-୧-୩୨-୩
ମହମ୍ମଦ ସିରାଜ ୬-୦-୩୩-୦
ମହମ୍ମଦ ଶାମି ୭-୨-୨୨-୪
କୁଲଦୀପ ଯାଦବ ୮-୦-୨୪-୨
ରବୀନ୍ଦ୍ର ଜାଡେଜା ୭-୧-୧୬-୧

## କଳା ଆର୍ମବ୍ୟାଣ୍ଡ ପିନ୍ଧିଲେ ଭାରତୀୟ ଖେଳାଳି

**ଲକ୍ଷ୍ନୌ,୨୯।୧୦(ପି.ଟି.)**

ରବିବାର ଇଂଲଣ୍ଡ ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ଭାରତୀୟ କ୍ରିକେଟ ଦଳର ସମସ୍ତ ଖେଳାଳି କଳା ଆର୍ମବ୍ୟାଣ୍ଡ ପିନ୍ଧି ଖେଳିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ତଥା କିମ୍ବଦନ୍ତୀ ସ୍ପିନର ବିଶନ ସିଂ ବେଦୀଙ୍କ ଶ୍ରଦ୍ଧାଞ୍ଜଳିରେ ଭାରତୀୟ ଦଳର ଖେଳାଳିମାନେ କଳାବ୍ୟାଣ୍ଡ ପିନ୍ଧିଥିଲେ। ୨୩ ଅକ୍ଟୋବର ୨୦୨୩ରେ ବେଦୀଙ୍କ ପରଲୋକ ହୋଇଥିଲା। ସେ ବିଗତ ଦୁଇ ବର୍ଷ ଧରି ଅସୁସ୍ଥ ରହିଥିବା ବେଳେ ଏହା ମଧ୍ୟରେ ତାଙ୍କର ଏକ ଆଣ୍ଠୁ ସର୍ଜରୀ ମଧ୍ୟ ହୋଇଥିଲା।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୬ | ୬ | ୦ | ୧୨ | +୧.୪୦୫ |
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ନ୍ୟୁଜିଲାଣ୍ଡ | ୬ | ୪ | ୨ | ୮ | +୧.୨୩୨ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ଶ୍ରୀଲଙ୍କା | ୫ | ୨ | ୩ | ୪ | -୦.୨୦୫ |
| ପାକିସ୍ତାନ | ୬ | ୨ | ୪ | ୪ | -୦.୩୮୭ |
| ଆଫଗାନିସ୍ତାନ | ୫ | ୨ | ୩ | ୪ | -୦.୯୬୯ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୬ | ୧ | ୫ | ୨ | -୧.୩୩୮ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |

### ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା**

ସ୍ଥାନ: ପୁଣେ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ








ଉଇକେଟ ହାସଲପରେ ମହମ୍ମଦ ଶାମି (ଡାହାଣ)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

## ଶ୍ରୀଲଙ୍କା ପାଇଁ ସହଜ ହେବନି ଆଫଗାନ ଚ୍ୟାଲେଞ୍ଜ

**ପୁଣେ,୨୯।୧୦(ପି.ଟି.)**

ବିଶ୍ୱକପ୍‌ର ୧୯୯୬ ସଂସ୍କରଣ ଚାମ୍ପିୟନ ଶ୍ରୀଲଙ୍କା ଓ ଅଣ୍ଡର ଡଗ୍ ଆଫଗାନିସ୍ତାନ ସୋମବାର ପୁଣେରେ ପରସ୍ପର ମୁକାବିଲାରେ ଅବତୀର୍ଣ୍ଣ ହେବେ। ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ୍ ବିଜୟୀ ହୋଇଥିବା ବେଳେ ପୁଣେରେ ଯେ କୌଣସି ଗୋଟିଏ ଦଳର ଆଗକୁ ବଢ଼ିବାର ରାସ୍ତା କ୍ଷିଣ ହେବ। ଉଭୟ ଦଳ ବିଜୟୀ ହୋଇ ଆଗକୁ ବଢ଼ିବାକୁ ପ୍ରୟାସ କରିବେ। ତେବେ ମ୍ୟାଚ୍‌ଟି ଶ୍ରୀଲଙ୍କା ପାଇଁ ସହଜ ହେବ ନାହିଁ। ଆଫଗାନିସ୍ତାନ ଚଳିତ ବିଶ୍ୱକପରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ଓ ପାକିସ୍ତାନ ଭଳି ବଡ ଟିମ୍‌କୁ ପରାସ୍ତ କରି ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ରହିଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ଦଳ ଆହତ ସମସ୍ୟା ଦେଇ ଗତି କରୁଛି। କ୍ରମାଗତ ୩ ପରାଜୟ ପରେ ଗୋଟିଏ ମ୍ୟାଚ୍ ଜିତିଥିଲେ ମଧ୍ୟ ଦଳ ଆଫଗାନିସ୍ତାନକୁ ହାଲୁକା ଭାବରେ ନେବ ନାହିଁ। ଶୃଙ୍ଖଳିତ ବୋଲିଂ ଓ ଫିଲ୍ଡିଂ ପାଇଁ ଶ୍ରୀଲଙ୍କା ଏହାର ଶେଷ ମ୍ୟାଚ୍ ଜିତିଥିଲେ ମଧ୍ୟ ଷ୍ଟାର ଖେଳାଳି ଲାହିରୁ କୁମାରା ଆହତ ହୋଇ ଟିମ୍‌ରୁ ବାଦ ପଡିଛନ୍ତି। ଭେଟେରାନ୍ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସଙ୍କ ପ୍ରତ୍ୟାବର୍ତ୍ତନରେ ଶ୍ରୀଲଙ୍କାର ବୋଲିଂ ଓ ମଧ୍ୟକ୍ରମ ବ୍ୟାଟିଂ ଦୃଢ ହେବାରେ ଲାଗିଛି। ତେବେ ଲାହିରୁ କୁମାରଙ୍କ ଅନୁପସ୍ଥିତିରେ ଦିଲଶାନ ମଦୁଶନକା ଓ କସୁନ ରଜିଥାଙ୍କୁ ଭଲ ବୋଲିଂ କରିବାକୁ ହେବ। ଅନ୍ୟପକ୍ଷରେ ଆଫଗାନିସ୍ତାନ ମଧ୍ୟ ଚମତ୍କାର ଫର୍ମରେ ରହିଛି। ଇଂଲଣ୍ଡ ଓ ପାକିସ୍ତାନ ବିପକ୍ଷରେ ଦଳ ଯେଉଁଭଳି ବିଜୟ ହାସଲ କଲା ତାହା ସମସ୍ତଙ୍କୁ ଅବାକ୍ କରି ଦେଇଛି। ଓପନର ରେହମାନୁଲ୍ଲା ଗୁରବାଜ ୨୨୪ ରନ୍ ସ୍କୋର କରି ଆଫଗାନିସ୍ତାନର ଟପ୍ ସ୍କୋରର ରହିଛନ୍ତି। ଅନ୍ୟ ପକ୍ଷରେ ଇବ୍ରାହିମ୍ ଜାଦ୍ରାନ, ହସମତଉଲ୍ଲା ଶାହିଦି ଓ ରେହମତ ଶାହ ମଧ୍ୟ ସପୋର୍ଟିଂ ଭୂମିକା ବହନ କରିଛନ୍ତି।



ନେଟ୍ସ ସେସନରେ ଆଫଗାନିସ୍ତାନର ୨ ଖେଳାଳି ଅଭ୍ୟାସ କରୁଛନ୍ତି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩୦/୨୦୨୩ Bhubaneswar, Monday, October 30/ 2023


# ପ୍ରଣତିଙ୍କୁ ୨୩ ଲକ୍ଷ ଟଙ୍କା ଦେଇ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୧୦
(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ୪ ସ୍ୱର୍ଣ୍ଣ ସହ ମୋଟ ୫ ପଦକ ଜିତିଥିବା ଓଡ଼ିଶାର ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟ ପ୍ରଣତି ନାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ସେ ପ୍ରଣତିଙ୍କୁ ୨୩ ଲକ୍ଷ ଟଙ୍କାର ଆର୍ଥିକ

## ଜାତୀୟ କ୍ରୀଡ଼ାରେ ଜିତିଥିଲେ ୪ ସ୍ୱର୍ଣ୍ଣ, ୧ ରୌପ୍ୟ

ପୁରସ୍କାର ପ୍ରଦାନ କରିଛନ୍ତି। ମୁଖ୍ୟ କୋଚ୍ ଅଶୋକ ମିଶ୍ରଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଉଦୀୟମାନ ଜିମ୍ନାଷ୍ଟ ପ୍ରଣତି ଜାତୀୟ କ୍ରୀଡ଼ାରେ ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତିଥିଲେ। ଜାତୀୟ ସ୍ତରରେ ମହିଳା ଜିମ୍ନାଷ୍ଟିକ୍ସରେ ଚମକ ସୃଷ୍ଟି କରିଥିବା ପ୍ରଣତି ଅଲ୍ ରାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଅଭିଯାନ ଆରମ୍ଭ କରିଥିଲେ। ଏହାପରେ ଭଲ୍ଟ, ବିମ୍ ଓ ଅନ୍‌ଇଭେନ୍ ବାର୍‌ରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଫ୍ଲୋର ଏକ୍ସରସାଇଜ୍‌ରେ ସେ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇ



ଜିମ୍ନାଷ୍ଟ ପ୍ରଣତି ନାୟକଙ୍କୁ ୨୩ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ''ଜାତୀୟ କ୍ରୀଡ଼ାରେ ଅତି ଉତ୍କୃଷ୍ଟ ପ୍ରଦର୍ଶନ କରି ପ୍ରଣତି ଓଡ଼ିଶାକୁ ଗର୍ବିତ କରିଛନ୍ତି। ତାଙ୍କ ସଫଳତା ରାଜ୍ୟରେ ପ୍ରତିଭାର ବିକାଶ ହେଉଥିବା ପ୍ରମାଣିତ ହୋଇଛି'' ବୋଲି ମଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଓଡ଼ିଶା ଜିମ୍ନାଷ୍ଟିକ୍ସ ଦଳର ଉନ୍ନତ ପ୍ରଦର୍ଶନରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବା କୋଚ୍ ଅଶୋକ ମିଶ୍ରଙ୍କୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଆଗାମୀ ପ୍ରତିଯୋଗିତାଗୁଡ଼ିକ ପାଇଁ ପ୍ରସ୍ତୁତ ହେବାକୁ ପ୍ରଣତିଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଉପସ୍ଥିତ ଥିବା ୫-ଟି ଏବଂ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ମଧ୍ୟ ଜିମ୍ନାଷ୍ଟିକ୍ସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଏଏମ୍‌ଏନ୍‌ଏସ୍/ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟରର ଅନ୍ତେବାସୀ ପ୍ରଣତି ମୁଖ୍ୟ କୋଚ୍ ଅଶୋକ ମିଶ୍ରଙ୍କଠାରୁ ପ୍ରଶିକ୍ଷଣ ନେଇ କ୍ରମେ ଉନ୍ନତି ପ୍ରଦର୍ଶନ ଦେବାରେ ଲାଗିଛନ୍ତି। ତୃଣମୂଳ ସ୍ତରରୁ ଏଲିଟ ପର୍ଯ୍ୟନ୍ତ ଜିମ୍ନାଷ୍ଟିକ୍ସର ବିକାଶ ପାଇଁ ସମର୍ଥନ ଯୋଗାଇ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉଭୟ ପ୍ରଣତି ଓ ଅଶୋକ ମିଶ୍ର କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଡବ୍ଲ୍ୟୁଟିଏ ଏଲିଟ୍ ଟ୍ରଫି ଜିତିଲେ ହାଦାଦ ମାଇଆ

ଝୁହାଇ(ଚାଇନା),୨୯।୧୦(ଏପି)

ଅଷ୍ଟମ ସିଡ୍ ତଥା ବ୍ରାଜିଲର ବିଟ୍ରିଜ ହାଦାଦ ମାଇଆ ଫାଇନାଲରେ ୭ମ ସିଡ୍ ଚାଇନାର ଝେଙ୍ଗ୍ କ୍ୱିନୱେନଙ୍କୁ ୭-୬(୧୧), ୭-୬ (୪)ରେ ପରାସ୍ତ କରି ଏଠାରେ ଚାଲିଥିବା ଡବ୍ଲ୍ୟୁଟିଏ ଏଲିଟ ଟ୍ରଫି ଟେନିସ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କର ତୃତୀୟ କ୍ୟାରିୟର ଟୁର୍ ଟାଇଟଲ । ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ଜିତିବା ଲାଗି ସେ ୨ ଘଣ୍ଟା ୫୧ ମିନିଟ ସମୟ ନେଇଥିଲେ। ଏଥିସହ ସେ ଚାଇନିଜ ଖେଳାଳିଙ୍କ ୮ ମ୍ୟାଚ ବିଜୟ ଧାରାରେ ବ୍ରେକ୍ ଲଗାଇଛନ୍ତି। ୨୦୨୨ରେ ବର୍ମିଂହାମ ପରେ ତାଙ୍କର ଏହା ହେଉଛି ପ୍ରଥମ ଏବଂ ପ୍ରଥମ ହାର୍ଡକୋର୍ଟ ଟାଇଟଲ। ଝେଙ୍ଗ୍ ଚଳିତ ମାସରେ ଝେଙ୍ଗଝୋ ଓପନ ଜିତିଥିଲେ। ସେପ୍ଟେମ୍ବରରେ ଏସିଆନ ଗେମ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୱାଙ୍ଗ କ୍ୱିଆଙ୍ଗଙ୍କ ପରେ ସେ ଦ୍ୱିତୀୟ ଚାଇନିଜ ଖେଳାଳି ଭାବେ ଡବ୍ଲ୍ୟୁଟିଏ ଏଲିଟ୍ ଟ୍ରଫି ଫାଇନାଲରେ ପ୍ରବେଶ କରିଥିଲେ। କ୍ୱିଆଙ୍ଗ ୨୦୧୮ରେ ପୂର୍ବତନ ବିଶ୍ୱର ନମ୍ବର ୱାନ ଆଶଲେ ବାର୍ଟିଙ୍କଠାରୁ ହାରି ରନରଅପ୍ ହୋଇଥିଲେ। ସୂଚନାଯୋଗ୍ୟ, ୧୨ ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ମହିଳା ଟୁର୍‌ର ପ୍ରଥମ ପୋଷ୍ଟସିଜନ ଇଭେଣ୍ଟ। ଆସନ୍ତା ମାସରେ ମେକ୍ସିକୋର କାନ୍‌କୁନ୍‌ଠାରେ ହେବାକୁଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ୧୧ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଝୁ ଲିନ୍, ଯାହାଙ୍କୁ ଝେଙ୍ଗ୍ ସେମିଫାଇନାଲରେ ପରାସ୍ତ କରିଥିଲେ ସେ ଅନ୍ତିମ ଖେଳାଳି ଭାବେ ଜଣେ ୱାଇଲ୍ଡ ଖେଳାଳି ହିସାବରେ ଡବ୍ଲ୍ୟୁଟିଏ ଫାଇନାଲ୍ସ ଇଭେଣ୍ଟ ଖେଳିବେ।

# ଜନ୍ମ ପ୍ରମାଣପତ୍ର ଜାଲିଆତି: କ୍ରିକେଟରଙ୍କୁ ୨ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୨୯।୧୦ (ପି.ଟି.)

ଜମ୍ମୁ କଶ୍ମୀରର ଯୁବ କ୍ରିକେଟର ବଂଶଜ ଶର୍ମାଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦୁଇ ବର୍ଷ ବାସନ୍ଦ କରିଛି। ପୃଥକ ଜନ୍ମ ତାରିଖ ଥିବା ଏକାଧିକ ଜନ୍ମ ପ୍ରମାଣପତ୍ର ସେ ଦାଖଲ କରିଥିଲେ। ଶର୍ମାଙ୍କ ଜନ୍ମ ସ୍ଥାନ ହେଉଛି ଜମ୍ମୁ ଅନ୍ତର୍ଗତ ବିଶନା ଗ୍ରାମରେ। ବର୍ତ୍ତମାନ ସେ ବିହାର ଯାଇ ସେଠାରେ ରାଜ୍ୟ ଆସୋସିଏଶନ ଅଧୀନରେ ଖେଳୁଛନ୍ତି। ଜମ୍ମୁ କଶ୍ମୀର କ୍ରିକେଟ ଆସୋସିଏଶନ (ଜେକେସିଏ) ମୁଖ୍ୟ ବ୍ରିଗେଡିୟର ଅନିଲ ଗୁପ୍ତା କହିଛନ୍ତି, ବଂଶଜ ସେମାନଙ୍କ ଖେଳାଳି ନୁହେଁ, ବର୍ତ୍ତମାନ ସେ ବିହାର କ୍ରିକେଟ ଆସୋସିଏଶନ (ବିସିଏ) ଖେଳାଳି। ବଂଶଜ ୧୯ ବର୍ଷରୁ କମ୍ ଖେଳାଳି ଭାବେ ୨୦୨୦-୨୧ରେ ତାଙ୍କ ନାମ ପଞ୍ଜୀକୃତ କରିଥିଲେ। ସେ ଆଦୌ ଜମ୍ମୁ ଓ କଶ୍ମୀର ପାଇଁ ଖେଳି ନାହାନ୍ତି। ସେ ପୃଥକ ପୃଥକ ଜନ୍ମ ପ୍ରମାଣପତ୍ର ସହ ୨୩ ବର୍ଷରୁ କମ୍ ଖେଳାଳି ଭାବେ ବିହାର କ୍ରିକେଟ ଆସୋସିଏଶନରେ ତାଙ୍କ ନାମ ରେଜିଷ୍ଟ୍ରି କରିଛନ୍ତି। ବିସିସିଆଇ ଦ୍ୱାରା ଧରାପଡ଼ିବା ପରେ ତାଙ୍କୁ ବାସନ୍ଦ କରାଯାଇଛି। ଜମ୍ମୁ କଶ୍ମୀର କ୍ରିକେଟ ଆସୋସିଏଶନ କହିଛି, ବଂଶଜଙ୍କୁ ପିଛିଲା ଅକ୍ଟୋବର ୨୭ରୁ ଦୁଇ ବର୍ଷ ପାଇଁ ବାସନ୍ଦ କରାଯାଇଛି।

# ଭୁବନେଶ୍ୱରରେ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୯।୧୦ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୨୯ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ନଭେମ୍ବର ୭ରୁ ଆରମ୍ଭ ହେବାକୁ ଯାଉଛି। ଏହା ସ୍ଥାନୀୟ ଲକ୍ଷ୍ମୀସାଗରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆନ୍ତଃଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ରାଜ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ପୂର୍ବରୁ ଅନୁଷ୍ଠିତ ର୍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଏବଂ ରାଜ୍ୟ ପ୍ରତିଯୋଗିତାରେ ପ୍ରଦର୍ଶନକୁ ଭିତ୍ତିକରି ଆଗାମୀ ଦିନରେ ହେବାକୁଥିବା ବିଭିନ୍ନ ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ ଖେଳାଳି ମନୋନୟନ ହେବ। ଆନ୍ତଃଜିଲା ଓ ରାଜ୍ୟ ଚାମ୍ପିୟନଶିପ୍‌ରେ ୧୪ଟି ବିଭାଗରେ ପ୍ରତିଯୋଗିତା ହେବ। କେବଳ ପୁରୁଷ ଓ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ହେବ। ଏହା ବ୍ୟତୀତ ସିନିୟର ମହିଳା ଓ ପୁରୁଷ, ୧୯ ବର୍ଷରୁ କମ୍ ୟୁଥ୍ ବାଳିକା ଓ ବାଳକ, ୧୭ ବର୍ଷରୁ କମ୍ ଜୁନିୟର ବାଳିକା ଓ ବାଳକ, ୧୫ ବର୍ଷରୁ କମ୍ ସବ୍‌ଜୁନିୟର ବାଳିକା ଓ ବାଳକ, ୧୩ ବର୍ଷରୁ କମ୍ କ୍ୟାଡେଟ୍ ବାଳିକା ଓ ବାଳକ ଏବଂ ୧୧ ବର୍ଷରୁ କମ୍ ହୋପ୍ ବାଳିକା ଓ ବାଳକ ବିଭାଗରେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ନଭେମ୍ବର ୪ ତାରିଖ ହେଉଛି ଖେଳାଳି ନାମ ପଠାଇବାର ଶେଷ ତାରିଖ। ଓଡ଼ିଶାର ଯେ କୌଣସି ଜିଲା ଓ ଅନୁଷ୍ଠାନର ଖେଳାଳି ଏଥିରେ ଭାଗ ନେଇପାରିବେ ବୋଲି ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରକାଶ କରିଛନ୍ତି।








72198 21111 | BAJAJ FINANCE LTD - AF | BAJAJ SECURE - AMC • ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ 125 Neon ପ୍ରକାର ପାଇଁ ପ୍ରାରମ୍ଭିକ ମୂଲ୍ୟ ଓ ଡାଉନ୍ ପେମେଣ୍ଟ । ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ଡାଉନ୍ ପେମେଣ୍ଟ ବହିର୍ଭୂତ ଅଟେ ଏବଂ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ହେବା ଆଧାରିତ । ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

**Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela:** RM BAJAJ 90780 83803 • **Sundergarh** RM BAJAJ 9078083500 • **Bargarh CHANDAN BAJAJ 8895591155 • Bolangir** URBASI BAJAJ 7381052046 • **Bhawanipatna** KALINGA AUTO SERVICE 8763863692 • **Jharsuguda UTKAL BAJAJ 9337200356. Authorised Service Centre: Binika** 9437151684, **Dungripali** 9937006819, **Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh** 9937301752, **Padampur** 9437417977, **Gaisilet** 9937517018, **Barpali** 9861368656, **Junagarh** 9437092196, **Muniguda 9124600099, Padampur 9668826075 Rajkhariar 9437072917, Khariar Road** 9437188542, **Brajrajnagar 9937124444, Bamra** 9937108643, **Bagdhi** 7873430989,**Kuchinda 9437392099, Laikera 9658855530, Jamankira 9437393978 Deogarh** 9437020444, **Rajgangpur 8908908901, Bonaigarh 9078083800 Subdega** 7894408649 **Diptipur**- 7750039856, **Godbhaga** – 9937514987, **Saintala**-8114662939 / 9658030100, **Baliguda** 7008301945, **M Rampur 9337897005, Tusura 8908577144, Tarbha 7008133010, Lathor** 8018785694, **Kantamanjhi 7205911835, Narla 9337025341, Charbahal 7008814200.**



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ